

ଆସିବ
'ଫୋର୍ସ-୩'
▶ପୃଷ୍ଠା ୧୧ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-73 ◆SATURDAY ◆6 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୩ ◆ଶନିବାର ◆୬ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ପାର୍ବଣ ପୂର୍ବରୁ ଲକ୍ଷେ ଆଠ ହଜାର ଟପିଲା ସୁନା

■ ଭୁବନେଶ୍ୱର, ୫।୯ (ଏଜେନ୍ସି): ଦିନକୁ ଦିନ ଆକାଶଛୁଆଁ ହେବାରେ ଲାଗିଛି ସୁନା ଏବଂ ରୂପା ଦର। ଶୁକ୍ରବାର ଘରୋଇ ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ୧.୦୮ ଲକ୍ଷ ଟଙ୍କା ଉପରକୁ ଯାଇ ଏକ ନୂତନ ଶିଖରରେ ପହଞ୍ଚିଛି। ସେହିପରି ସୁନା ସହ ରୁପା ଦର ମଧ୍ୟ ଆଜି ସବୁ ରେକର୍ଡ ପାର୍ କରିଛି। ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୦୮,୦୦୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ଦର ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୯୮,୬୫୦ ଟଙ୍କା ହୋଇଛି। ତେବେ



**୨୨ କ୍ୟାରେଟ୍ ୯୮ ହଜାର ଉପରେ**

ରୁପା କିଲୋ ପିଛା ୧,୨୯,୨୦୦ ଟଙ୍କା ସ୍ତର ଟପି ନୂଆ ଇତିହାସ ରଚିଛି। ସେହିପରି ନୂଆଦିଲ୍ଲୀରେ ଆଜି ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପ୍ରତି ୧,୦୭,୭୬୦ ଟଙ୍କାର ନୂତନ ସ୍ତରରେ ପହଞ୍ଚିଛି। ତେବେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୯୮,୮୦୦ ଟଙ୍କା ହୋଇଛି। କେତେକ ବୈଶ୍ୱିକ କାରଣ ଯୋଗୁ ବିଶ୍ୱ ସମେତ ଘରୋଇ ବଜାରରେ ସୁନା ଦର ମହଙ୍ଗା ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ ଚଳିତବର୍ଷ ଘରୋଇ ବଜାରରେ ସୁନା ଦର ୩୦ ହଜାର ଏବଂ ରୁପା ୩୭ ହଜାର ଟଙ୍କା ବୃଦ୍ଧି ଘଟିଛି।

## ଭାରତରେ ଆପଲ୍‌ର ୭୫ ହଜାର କୋଟିର ବେପାର

■ ନୂଆଦିଲ୍ଲୀ, ୫।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଟାରିଫ୍ ଲଗାଇବାରେ ବ୍ୟସ୍ତ ଅନ୍ୟପଟେ ତାଙ୍କ ଦେଶର କମ୍ପାନୀ ଭାରତରୁ ମୋଟ ଅଙ୍କର ରାଜସ୍ୱ ଅସୁଲ କରିଚାଲିଛି। ଆଇଫୋନ୍ ନିର୍ମାତା ଆପଲ୍ ଭାରତରେ ତାର ବିକ୍ରିର ସମସ୍ତ ରେକର୍ଡ ଭାଙ୍ଗିଛି। କମ୍ପାନୀ ୨୦୨୪-୨୫ ଆର୍ଥିକବର୍ଷରେ ଭାରତରେ ପ୍ରାୟ ୯ ବିଲିୟନ୍ ଡଲାର୍ ଅର୍ଥାତ୍ ୭୫ ହଜାର କୋଟି ଟଙ୍କାର ସାମଗ୍ରୀ ବିକ୍ରି କରିଛି। ବ୍ଲୁମ୍‌ବର୍ଗଙ୍କ ରିପୋର୍ଟ ଅନୁଯାୟୀ, ଗତ ଆର୍ଥିକବର୍ଷରେ ଭାରତରେ କମ୍ପାନୀର ମୋଟ ବିକ୍ରି ପ୍ରାୟ ୯ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ଏକ ବର୍ଷ ପୂର୍ବ ତୁଳନାରେ ପ୍ରାୟ ୧୩% ଅଧିକ। ଏହି ବୃହତ୍ ବିକ୍ରିରେ ଆଇଫୋନ ସର୍ବାଧିକ ଯୋଗଦାନ ରଖିଛି। ଏହାଛଡା ମ୍ୟାକବୁକ କମ୍ପ୍ୟୁଟରର ଚାହିଦା ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି।

**ଦେଶର ବିଶାଳ ବଜାର ଉପରେ ଆମେରିକୀୟ କମ୍ପାନୀର ଆଖି**

ସବୁଠାରୁ କୌତୂହଳର ବିଷୟ ହେଉଛି ଯେ, ଭାରତରେ ଆପଲ୍‌ର ଏହି ରେକର୍ଡ ବିକ୍ରି ଅଭିବୃଦ୍ଧି ଏପରି ସମୟରେ ହୋଇଛି, ଯେତେବେଳେ ସାରା ବିଶ୍ୱରେ ମୋବାଇଲ ଫୋନ୍ ବିକ୍ରି ହ୍ରାସ ପାଉଛି। ଯଦିଓ ଭାରତ ଏବେ ବି ଆପଲର ମୋଟ ବ୍ୟବସାୟର ଏକ ଛୋଟ ଅଂଶ, କମ୍ପାନୀ ଏଠାରେ ବହୁତ ଅଧିକ ଅର୍ଥ ନିବେଶ କରୁଛି, କାରଣ ଆଶା ରହିଛି ଯେ ଆଗାମୀ ବର୍ଷଗୁଡ଼ିକରେ ଭାରତ ଏକ ବିଶାଳ ବଜାର ହେବ।

# ବର୍ଷା ପରେ ଚିନ୍ତା ବଢ଼ାଇଲା ପୂର୍ଣ୍ଣିମା

## ପାଣି ଟାଣୁନି ଜୁଆରିଆ ସମୁଦ୍ର; ଫୁଲୁଛି ରାଜ୍ୟର ପ୍ରମୁଖ ନଦୀ

■ ଭୁବନେଶ୍ୱର, ୫।୯ (ସମିସ): ଲଘୁଚାପ ଯୋଗୁଁ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକର ଉଭୟ ଉପର ଓ ତଳମୁଣ୍ଡରେ ପ୍ରବଳ ବର୍ଷା ହୋଇଛି। ତଳମୁଣ୍ଡରେ ବର୍ଷା ଯୋଗୁଁ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକ ଏବେ ଫୁଲି ରହିଛି। ଅନ୍ୟପଟେ ଉପରମୁଣ୍ଡରେ ହୋଇଥିବା ବର୍ଷା ପାଇଁ ରାଜ୍ୟର ବଡ଼ ବଡ଼ ଡ୍ୟାମ୍‌ଗୁଡ଼ିକୁ ମଧ୍ୟ ପ୍ରଚୁର ଜଳ ପ୍ରବେଶ କରୁଛି। ଡ୍ୟାମ୍‌ର ଜଳଧାରଣ କ୍ଷମତାକୁ ଦୃଷ୍ଟିରେ ରଖି ଏଠାରୁ ଜଳ ନିଷ୍କାସନ ଅପରିହାର୍ଯ୍ୟ ହୋଇପଡ଼ିଥିବା ବେଳେ ଏହା ରାଜ୍ୟବାସୀ ଓ ସରକାରଙ୍କ ପାଇଁ ଚିନ୍ତା ବଢ଼ାଇଛି। କାରଣ ବର୍ତ୍ତମାନ ନଦୀ ଓ ଡ୍ୟାମ୍‌ଗୁଡ଼ିକରେ ଜଳ ପୂର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ୭ ତାରିଖରେ ପୂର୍ଣ୍ଣିମା ଥିବାରୁ ସମୁଦ୍ର ଜୁଆରିଆ ରହୁଛି ଓ ନଦୀରୁ ବନ୍ୟା ଜଳ ନିଷ୍କାସନ ହେବାରେ ବାଧା ସୃଷ୍ଟି ହେଉଛି। ସମୁଦ୍ର ପାଣି ଟାଣୁ ନ ଥିବାରୁ ବନ୍ୟା ଜଳ ନଦୀକୂଳିଆ ଲୋକଙ୍କ ପାଇଁ ବିପଦ ବଢ଼ାଇବାର ଆଶଙ୍କା ସୃଷ୍ଟି ହୋଇଛି।

**୧୩ରେ ଆଉ ଏକ ଲଘୁଚାପ**

ଶୁକ୍ରବାର ବୈତରଣୀ ନଦୀ ବିପଦ ସଙ୍କେତ ତଳକୁ ଖସିଥିଲେ ମଧ୍ୟ ଏବେ ବି ଭଦ୍ରକ ଓ ଯାଜପୁର ଜିଲ୍ଲାର ଅନେକ ଅଞ୍ଚଳ ଜଳବନ୍ଦୀ ଅବସ୍ଥାରେ ରହିଛି। ଯାଜପୁର ଓ ଆରଡ଼ି ରାସ୍ତା ବିଚ୍ଛିନ୍ନ ହୋଇଥିବା ବେଳେ ଜଳକା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ▶ପୃଷ୍ଠା-୭

## ୨୪ ଗେଟ୍‌ରେ ହୀରାକୁଦରୁ ଜଳ ନିଷ୍କାସନ

■ ସମ୍ବଲପୁର, ୫।୯ (ସମିସ): ଉପରମୁଣ୍ଡରେ ବର୍ଷାର ପରିମାଣ ବଢ଼ିବାରୁ ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ଆଜି ଆଉ ୮ଟି ଗେଟ୍ ଖୋଲିଛନ୍ତି। ଗତକାଲି ସୁଦ୍ଧା ୧୬ଟି ଗେଟ୍ ଖୋଲାଥିବା ବେଳେ ଆଜି ୮ଟିକୁ ମିଶାଇ ମୋଟ ୨୪ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଚଳିତବର୍ଷ ପ୍ରଥମଥର ଏକାଥରକେ ଏତେସଂଖ୍ୟକ ଗେଟ୍ ଖୋଲାଯାଇଛି। ନଦୀବନ୍ଧର ବାମପଟରେ ୧୬ଟି ଓ ଡାହାଣ ପଟରେ ୮ଟି ▶ପୃଷ୍ଠା-୭



## ବର୍ଷକର ରେକର୍ଡ ଭାଙ୍ଗିଲା ବର୍ଷା: ଭାସୁଛି ବାଲେଶ୍ୱର
## ଗାଁରୁ ସହର ଜଳମଗ୍ନ



■ ବାଲେଶ୍ୱର, ୫।୯ (ସମିସ): ଚଳିତ ବର୍ଷ ଗତ ଚାରିଦିନର ଲଗାଣ ବର୍ଷାରେ ବର୍ଷା ରେକର୍ଡ ଭାଙ୍ଗିଛି। ଯାହାର ପ୍ରଭାବ ବାଲେଶ୍ୱରର ଗାଁ ଗଣ୍ଡାଠାରୁ ଆରମ୍ଭ କରି ବାଲେଶ୍ୱର ସହର ପର୍ଯ୍ୟନ୍ତ ଜଳମଗ୍ନ ହୋଇଛି। ଜିଲ୍ଲାବାସୀଙ୍କ ଦୁର୍ଦ୍ଦଶା ବଢ଼ିଥିବା ବେଳେ ଚାଷଜମିଠାରୁ ଆରମ୍ଭ କରି ରାସ୍ତାଘାଟ ଜଳରେ ବୁଡ଼ିରହିଛି।

**ଆଉ ଏକ ବନ୍ୟା ଆଶଙ୍କାରେ ଉତ୍ତର ବାଲେଶ୍ୱରବାସୀ**

ଏମିତି କି ଏହି ଲଗାଣ ବର୍ଷାରେ ନିର୍ମାଣାଧୀନ ଜାତୀୟ ରାଜପଥରେ ପାଣିର ଲହଡି ଖେଳିଛି। ୧୬ ନମ୍ବର ଜାତୀୟ ରାଜପଥର ସୋର ଠାରୁ ବାଲେଶ୍ୱରର ରାସ୍ତାରେ ▶ପୃଷ୍ଠା-୭

# ଆତଙ୍କୀ ଧମକ ପରେ ମୁମ୍ବାଇରେ ହାଇଆଲର୍ଟ

■ ମୁମ୍ବଇ, ୫।୯ (ଏଜେନ୍ସି): ଆତଙ୍କବାଦୀ ସଙ୍ଗଠନ ଲସ୍କର-ଏ-ଜେହାଦୀର ବିସ୍ଫୋରଣ ଧମକ ପରେ ହାଇ ଆଲର୍ଟରେ ମୁମ୍ବାଇ ପୁଲିସ । ଏହି ଧମକପୂର୍ଣ୍ଣ ବାର୍ତ୍ତା ମିଳିବା ପରେ ହିଁ ମୁମ୍ବାଇ ପୁଲିସ ସତର୍କ ହୋଇଛି ଓ କ୍ରାଇମ ବ୍ରାଞ୍ଚ ଟିମ୍ ବିଭିନ୍ନ ସ୍ଥାନରେ ଯାଞ୍ଚ ଆରମ୍ଭ କରିଛି। ଆଣ୍ଟି- ଟେରରିଜମ୍ ସ୍କାଡ୍ (ଏଟିଏସ୍) ଓ ଅନ୍ୟ ସୁରକ୍ଷା ଏଜେନ୍ସିଗୁଡିକୁ ପୁଲିସ ପକ୍ଷରୁ ସତର୍କ ରଖାଯାଇଛି ।

ଗୁରୁବାର ବିଳମ୍ବିତ ରାତିରେ ମୁମ୍ବଇ ପୁଲିସକୁ ହ୍ୱାଟ୍ସଆପ୍‌ରେ ଏକ ଧମକ ଆସିଥିଲା। ଲସ୍କର-ଏ-ଜେହାଦୀର ୧୪ ଜଣ ଆତଙ୍କବାଦୀ ମୁମ୍ବଇ ସହରରେ ଅନୁପ୍ରବେଶ କରିଛନ୍ତି ଓ ୩୪ ଗାଡ଼ିରେ ପ୍ରାୟ ୪୦୦ କେଜି ଆର୍‌ଡ଼ିଏକ୍ସ ଲଗାଇ ବିସ୍ଫୋରଣ ଯୋଜନା କରିଥିବା ଏହି ମେସେଜରେ ଉଲ୍ଲେଖ ରହିଛି। ଯାହାକୁ ନେଇ ସାରା ସହରରେ ଆତଙ୍କ ସୃଷ୍ଟି ହୋଇଛି । ଶନିବାର ଗଣେଶ ଉତ୍ସବର ଅନ୍ତିମ ତଥା ୧୦ମ ଦିନ ଓ ଅନନ୍ତ ଚତୁର୍ଦ୍ଦଶୀ। ଗଣେଶ ଭସାଣି ଉତ୍ସବରେ ଏହି ଦିନ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ସାମିଲ ହୋଇଥାଆନ୍ତି। ତେଣୁ ଆତଙ୍କବାଦୀମାନେ ଏହି ଦିନଟିକୁ ଟାର୍ଗେଟ କରିଥିବା କୁହାଯାଉଛି। ସୂଚନା ପାଇବା ପରେ ସାରା ସହର ଓ ମହାରାଷ୍ଟ୍ରର



**୪୦୦ କେଜି ଆର୍‌ଡିଏକ୍ସ ସହ ପଶିଛନ୍ତି ୧୪ ଆତଙ୍କୀ**

ଅନ୍ୟାନ୍ୟ ସ୍ଥାନରେ ସୁରକ୍ଷା ଓ ନିରାପତ୍ତାକୁ କଡ଼ାକଡ଼ି କରାଯାଇଛି । ବିଭିନ୍ନ ସ୍ଥାନରେ ସନ୍ଧାନୀ କୁକୁର ସହ ପୁଲିସ କମ୍ବିଂ ଅପରେସନ ଚଳାଇଛି। ତେବେ ଏହି ସମୟରେ କୌଣସି ପ୍ରକାର ଗୁଜବକୁ ବିଶ୍ୱାସ ନ କରିବାକୁ ପୁଲିସ ଲୋକମାନଙ୍କୁ ନିବେଦନ କରିଛି। ପୁଣି କୌଣସି ପ୍ରକାର ସନ୍ଦେହଜନକ ▶ପୃଷ୍ଠା-୭

# ବୁଢ଼ା ହେଉଛି 'ୟଙ୍ଗିସ୍ତାନ'

## ୧୦%ରେ ପହଞ୍ଚିଛି ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ସଂଖ୍ୟା

■ ନୂଆଦିଲ୍ଲୀ, ୫।୯ (ଏଜେନ୍ସି): ଏକଦା ୟଙ୍ଗ ଇଣ୍ଡିଆ ବା ୟଙ୍ଗିସ୍ତାନ ଭାବେ ପରିଚିତ ହେଉଥିବା ଭାରତ ଏବେ ବୁଢ଼ା ହେବାରେ ଲାଗିଛି। ଦେଶର ଜନସଂଖ୍ୟାର ହାରାହାରି ୧୦%ଙ୍କ ବୟସ ୬୦ ବର୍ଷ ଅତିକ୍ରମ କରିଛି। ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ (ଆରଜିଆଇ)ଙ୍କ ନମୁନା ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି ଏବଂ ଦେଶରେ ୧୪ ବର୍ଷରୁ କମ୍ ବୟସ୍କ ପିଲାଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବରେ ହ୍ରାସ ଘଟିଥିବା ରିପୋର୍ଟରେ କୁହାଯାଇଛି ।

ରିପୋର୍ଟ ଅନୁସାରେ ସମ୍ପ୍ରତି ପ୍ରତି ଦଶ ଜଣ ଭାରତୀୟଙ୍କ ମଧ୍ୟରୁ ପ୍ରାୟ ଜଣେ ଏବେ ୬୦ ବର୍ଷରୁ ଅଧିକ ବୟସର ଓ ୬.୪% ଲୋକଙ୍କ ବୟସ ୬୫ ବର୍ଷରୁ ଅଧିକ। ୨୦୧୧ ଜନଗଣନା ସମୟରେ ୬୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୮.୬% ରହିଥିବା ବେଳେ ଏବେ ତାହା ୯.୭% ଅତିକ୍ରମ କରିଛି। ଲୋକଙ୍କର ଜୀବନକାଳ ବୃଦ୍ଧି ଓ ପ୍ରଜନନ କ୍ଷମତା ହ୍ରାସ ଭାରତକୁ ଏକ ବୃଦ୍ଧ ଦେଶରେ ପରିଣତ କରିବ ବୋଲି ଏଥିରେ ଆଶଙ୍କା କରାଯାଇଛି।



ଜନସଂଖ୍ୟା ନିର୍ଦ୍ଦେଶକଙ୍କ ଏହି ରିପୋର୍ଟ ସମାଜ ତତ୍ତ୍ୱବିତ୍‌ମାନଙ୍କୁ ଚିନ୍ତିତ କରିଛି। ଦେଶ ନିକଟ ଭବିଷ୍ୟତରେ ବୟସ୍କ ଜନସଂଖ୍ୟାର ଚାପର ସମ୍ମୁଖୀନ ହେବ ଓ ବାର୍ଦ୍ଧକ୍ୟ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ପେନସନ ଓ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମର ଆବଶ୍ୟକତା ଅଧିକ ଅନୁଭବ ହେବ। ସମ୍ପ୍ରତି କେରଳରେ ବୟସ୍କ ନାଗରିକଙ୍କ ହାର ସାରା ଦେଶରେ ସର୍ବାଧିକ ୧୫.୧ ପ୍ରତିଶତ ରହିଛି। ଏହା ପଛକୁ ତାମିଲନାଡୁରେ ଏହା ୧୪ %, ହିମାଚଳରେ ୧୩.୨ % ଥିବା ସୂଚନା ମିଳିଛି।

**ବୟସ୍କଙ୍କ ସଂଖ୍ୟାରେ କେରଳ, ତାମିଲନାଡୁ ଆଗରେ**

**କମୁଛି ଯୁବାଙ୍କ ପ୍ରଜନନ କ୍ଷମତା**

ଏହାବ୍ୟତୀତ ପଞ୍ଜାବ ଓ ମହାରାଷ୍ଟ୍ରରେ ମଧ୍ୟ ବୟସ୍କ ନାଗରିକଙ୍କ ସଂଖ୍ୟା ଅନ୍ୟ ରାଜ୍ୟ ତୁଳନାରେ ଅଧିକ ରହିଛି। ଅନ୍ୟପକ୍ଷରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଆଦି ରାଜ୍ୟଗୁଡ଼ିକରେ ବୟସ୍କ ନାଗରିକଙ୍କ ସଂଖ୍ୟା ତୁଳନାତ୍ମକ ଭାବରେ ଅନ୍ୟ ରାଜ୍ୟଠାରୁ କମ୍ ଅର୍ଥାତ୍ ୭%ରୁ ୮% ମଧ୍ୟରେ ସୀମିତ ରହିଛି ।

ଉତ୍ତର ଭାରତରେ ଜନସଂଖ୍ୟା ଓ ନବଜାତ ଶିଶୁଙ୍କ ଜନ୍ମ ହାର ବୃଦ୍ଧି ଏକ ସ୍ଥିର ସ୍ଥିତି ସୃଷ୍ଟି କରିଥିବାବେଳେ ଦକ୍ଷିଣ ଓ ପଶ୍ଚିମ ଭାରତରେ ପ୍ରଜନନ ହାର ହ୍ରାସ ଅସ୍ଥିରତା ସୃଷ୍ଟି କରିଛି। ଅନ୍ୟପକ୍ଷରେ ସମ୍ପ୍ରତି ଭାରତୀୟ ପୁରୁଷମାନଙ୍କର ହାରାହାରି ଆୟୁ ବୃଦ୍ଧି ପାଇ ୬୮.୫ ବର୍ଷ ଓ ମହିଳାମାନଙ୍କ ହାରାହାରି ଆୟୁ ୭୨.୫ ବର୍ଷରେ ପହଞ୍ଚିଛି। କେରଳ ଓ ଦିଲ୍ଲୀ ଭଳି ରାଜ୍ୟଗୁଡ଼ିକରେ ଏହି ଆୟୁ ବର୍ଗ ଯଥାକ୍ରମେ ୭୮ ବର୍ଷ ଓ ୭୪ ବର୍ଷରେ ପହଞ୍ଚିଛି । ଏକପକ୍ଷରେ ହାରାହାରି ଆୟୁ ବୃଦ୍ଧି ଓ ବୟସ୍କଙ୍କ ଜୀବନକାଳ ବଢୁଥିବାବେଳେ କମ୍ ଶିଶୁ ଜନ୍ମ ଦେଶକୁ ବୟସ୍କ କରିଦେଉଛି।

ସେହିପରି ବୟସ୍କମାନଙ୍କ ସଂଖ୍ୟା ବୃଦ୍ଧି ଦେଶର ଅର୍ଥନୀତିକୁ ଅଧିକ ପ୍ରଭାବ ପକାଇବା ଆଶଙ୍କା କରୁଛନ୍ତି ସମାଜତତ୍ତ୍ୱବିତ୍। ବୃଦ୍ଧ ଲୋକଙ୍କ ପାଇଁ ଅଧିକ ଚିକିତ୍ସାର ଆବଶ୍ୟକତା ସହ ମଧୁମେହ, ହୃଦରୋଗ, ଆର୍ଥ୍ରାଇଟିସ୍ ପରି ଦୀର୍ଘକାଳୀନ ରୋଗର ମୁକାବିଲା, ପେନସନ ଓ ସାମାଜିକ ସୁରକ୍ଷା ଦେଶର ଆର୍ଥିକ ବ୍ୟବସ୍ଥାକୁ ଚାପଗ୍ରସ୍ତ କରିପାରେ ବୋଲି ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ଯୁବବର୍ଗ ରାଜ୍ୟ ତଥା ଦେଶର ଆର୍ଥିକ ଅଭିବୃଦ୍ଧିକୁ ▶ପୃଷ୍ଠା-୭

# ଗୁରୁ ଦିବସରେ ରାଜରାସ୍ତାରେ ଗୁରୁ




■ ଭୁବନେଶ୍ୱର, ୫।୯ (ସମିସ): ଗୁରୁ ଦିବସରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ଶିକ୍ଷକ। ଦୀର୍ଘ ଦିନରୁ ଏକାଧିକ ଦାବି କରୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନଥିବା ଅଭିଯୋଗ କରି କ୍ଷୋଭ ପ୍ରକାଶ କରିଛନ୍ତି। ବର୍ଷାରେ ଭିଜିଭିଜି ଆନ୍ଦୋଳନ କରିବା ସହ ରାତିରେ ବିଧାନସଭା ସମ୍ମୁଖରେ ଶୋଇଛନ୍ତି। ସାରା ଦେଶରେ ଆଜି ଗୁରୁଙ୍କୁ ପୂଜା କରାଯାଉଥିବା ବେଳେ ଓଡ଼ିଶାରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ସରକାରଙ୍କ ଏହା କି' ପ୍ରକାର ଉପହାର ବୋଲି ପ୍ରଶ୍ନ କରିଛନ୍ତି। ଖାଲି ସେତିକି ନୁହେଁ, ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଅନୁଦାନଯୋଗ୍ୟ ସ୍କୁଲ, କଲେଜକୁ ଅନୁଦାନ ପ୍ରଦାନ କରିବା ସହ ୨୦୦୪ରୁ ଅବସର ନେଇଥିବା ଏବଂ ନେଉଥିବା ଶିକ୍ଷକଙ୍କୁ ପେନସନ୍ ଓ ଅବସରକାଳୀନ ସୁବିଧା, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ଶିକ୍ଷକଙ୍କୁ ନ୍ୟାୟ ପ୍ରଦାନ କରିବା, ସମସ୍ତ ସ୍କୁଲ କଲେଜକୁ

**ମୁଖ୍ୟମନ୍ତ୍ରୀ ନିଜ ପ୍ରତିଶ୍ରୁତି ପାଳନ କରନ୍ତୁ**

**୨୫ ତାରିଖରେ ଜେଲ୍‌ଭରୋ ଆନ୍ଦୋଳନ**

ସରକାରୀକରଣ, ପୁରୁଣା ପେନସନ୍ ପ୍ରଦାନ, ଅବସର ବୟସସୀମା ୬୨ବର୍ଷକୁ ବୃଦ୍ଧି, ଗ୍ରେଡ୍ ପେ' ଅସଙ୍ଗତି ଦୂର କରିବା, ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ସହ ବରିଷ୍ଠତା ▶ପୃଷ୍ଠା-୭

# ନକଲି ସୁନା ଇଟା କାରବାର ରାକେଟ୍ ଠାବ; ୫ ଗିରଫ

■ ନୀଳଗିରି, ୫।୯ (ସମିସ): ବାଲେଶ୍ୱର ପୁଲିସ୍ ଏକ ନକଲି ସୁନାଇଟା କାରବାର ରାକେଟ୍‌ର ପର୍ଦ୍ଦାଫାସ କରିବା ସହ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ଟି ବାଇକ୍, ୪ଟି ମୋବାଇଲ ସହ ନଗଦ ୩ଲକ୍ଷ ୭୯ହଜାର ଟଙ୍କା ଜବତ କରାଯାଇଛି। ନୀଳଗିରି ଓ ବରହମ୍ପୁର ପୁଲିସ୍ ମିଳିତ ଚଢ଼ଉ କରି ଏହି ଅଭିଯୁକ୍ତମାନଙ୍କୁ ଧରିଛନ୍ତି। ସେମାନେ ହେଲେ, ନୀଳଗିରି ଥାନା ଅନ୍ତର୍ଗତ ବାଣପୁର ଗ୍ରାମର ବିଷ୍ଣୁ ମହାନ୍ତି, ଧୋବଶିଳା ଗ୍ରାମର ନଳିନୀ ମହାନ୍ତି, ସାରୁପାଳ ଗ୍ରାମର ଆଶିଷ ସ୍ୱାଇଁ, କେନ୍ଦ୍ରାପଡ଼ା ଅଞ୍ଚଳର ମୁନା। ବାଲେଶ୍ୱର ଚାନ୍ଦିପୁର ଅଞ୍ଚଳରୁ ଗିରଫ ଯୁବକଙ୍କ ନାମ ଜଣାପଡ଼ିନାହିଁ।

**ନକଲି ସୁନା ଇଟା ସହ ୨ ବାଇକ୍, ୪ ମୋବାଇଲ୍, ୩ ଲକ୍ଷ ଟଙ୍କା ଜବତ**

ସୂଚନାନୁଯାୟୀ, ବିଷ୍ଣୁ ଓ ତା'ର ସହଯୋଗୀ ପିତ୍ତଳ ଇଟା ତିଆରି କରି ସେଥିରେ ସୁନାପାଣି ଦେଉଥିଲେ। ତାହାକୁ ସୁନା ଇଟା ଦର୍ଶାଇ କମ୍ ଦାମରେ ଯୋଗାଇଦେବେ ବୋଲି କହି ଲୋକଙ୍କୁ ଚୂନ ମାରୁଥିଲେ। ଏହି କ୍ରମରେ ସେ ଗଞ୍ଜାମ ଜିଲ୍ଲାର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସେବକନଗର ଗ୍ରାମର କୃଷ୍ଣ ନାୟକଙ୍କୁ ଫସାଇଥିଲେ। ତାଙ୍କୁ କମ୍ ଦାମରେ ▶ପୃଷ୍ଠା-୭

## ପୁଲିସ ନିଷ୍କ୍ରିୟତା ପାଇଁ ଗଲା ଯୁବତୀଙ୍କ ଜୀବନ

# ମାରି ଫିଙ୍ଗିଦେଲା ପୁରୁଷ ବନ୍ଧୁ





**ତାପଙ୍ଗ ଖଣିରୁ ମିଳିଲା ଅପହୃତାଙ୍କ ଗଳିତ ଶବ**

**ଏଟିଏମ୍ କାର୍ଡରୁ ଟଙ୍କା ଉଠାଇନେଲା ପୁରୁଷ ବନ୍ଧୁ**

**୭ ମାସ ତଳେ ହୋଇଥିଲା ନିଖୋଜ ଅଭିଯୋଗ**

**ଗିରଫ ଯୁବକ ଦେଖାଇଲା ହତ୍ୟାକାଣ୍ଡର ଡେମୋ**

■ ଭୁବନେଶ୍ୱର/ଖୋର୍ଦ୍ଧା, ୫।୯ (ସମିସ): ପାତ୍ରପଡ଼ା ଅଞ୍ଚଳରୁ ନିଖୋଜ ଯୁବତୀଙ୍କ ମୃତଦେହ ୭ ମାସ ପରେ ଠାବ ହୋଇଛି। ତାପଙ୍ଗ କଳିଙ୍ଗ ମୁଣ୍ଡିଆରୁ ମୃତଦେହକୁ ଉଦ୍ଧାର କରିଛି ଭରତପୁର ଥାନା ପୁଲିସ। ମୃତ ଯୁବତୀ ହେଲେ ରଣପୁର ଥାନା ହରିପୁର ଗାଁର ନିରୂପମା ପରିଡ଼ା ଓରଫ୍ ମିତା (୨୨)। ତାଙ୍କୁ ହତ୍ୟା କରିଥିବା ମଝିଆଖଣ୍ଡ ଗାଁର ଦେବାଶିଷ ବିଷୋୟୀକୁ ଉଠାଇ ଆଣିଛି। ଦେବାଶିଷକୁ ନେଇ ଘଟଣାସ୍ଥଳରେ ସିନ୍ ରିକ୍ରିଏସନ୍ କରିଛି। ତେବେ ମିତା ୭ ମାସ ପୂର୍ବେ ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସର ନିଷ୍କ୍ରିୟତାର ଯୋଗୁଁ ଝିଅର ଜୀବନ ଗଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ହରିପୁରର ମିତା ଗତବର୍ଷ ▶ପୃଷ୍ଠା-୭




# କଟକ ସିଟି



## କଳାବତୀ କଳା ନିକେତନରେ ଗୁରୁ ଦିବସ

**କଟକ, ୫।୯(ସମିସ):** ଶୁକ୍ରବାର ଅପରାହ୍ନରେ କଳାବତୀ କଳା ନିକେତନ, ତାରିଣୀ ବିହାର, ବିଡାନାସୀ ସ୍ଥିତ କାର୍ଯ୍ୟାଳୟରେ ପବିତ୍ର ଗୁରୁ ଦିବସ ପାଳିତ ହୋଇଯାଇଛି। ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ବିଶ୍ୱନାଥ ମିଶ୍ରଙ୍କୁ ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀ ପୂଜନ କରିଥିଲେ। ତବଲା ଗୁରୁ ତ୍ରିନାଥ ଜେନା ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବା ଆବଶ୍ୟକ ବୋଲି କହିଥିଲେ। ଶୃତି ସୁହାନୀ ଦାସ, ନିରୋଜ ନଳିନୀ ଦାସ, ଅଭିଜ୍ଞାନ ମହାପାତ୍ର, ଶୁଭଶ୍ରୀ ସେନାପତି, ରଶ୍ମିପ୍ରଭା ସାହୁ, ସାଇ ଶୁଭମ୍ ମହାନ୍ତି ପ୍ରମୁଖ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସମ୍ପାଦକ ଦେବସ୍ମିତା ମିଶ୍ର ଧନ୍ୟବାଦ ଦେଇଥିଲେ।



## ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ଗୁରୁ ଦିବସ

**କଟକ, ୫।୯(ସମିସ):** ଶୁକ୍ରବାର ମାଛୁଆବଜାର ସ୍ଥିତ ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ଗୁରୁ ଦିବସ ଉତ୍ସବ ବିଦ୍ୟାଳୟର ସମ୍ପାଦକ ମନୋଜ କୁମାର ଦାସଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ସବିତାରାଣୀ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଉତ୍ସବରେ ଆଚାର୍ଯ୍ୟା ନମିତା କୁମାରୀ ବେହେରା, ଲୋପାମୀ ସାହୁ, ସୋନାଲିସା ବାରିକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ସଙ୍ଗୀତା ବେହେରା, ଜୟନ୍ତୀ ସାହୁ, ପ୍ରିୟଙ୍କା ସାହୁ, ରଶ୍ମିତା ସୂତାର ଓ ସେବିକା ଜୟନ୍ତୀ ସାହୁ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ।



**ପାର୍ବଣ ଆରମ୍ଭରୁ ଅଶାନ୍ତ ରୌପ୍ୟନଗରୀ**

## ଡି'ବ୍ରଦର୍ସ ଗ୍ୟାଙ୍ଗ୍ ମାଗିଲେଣି 'ଦାଦାବଟି'

**କଟକ, ୫।୯(ସମିସ)**

ପାର୍ବଣ ଆରମ୍ଭରୁ ରୌପ୍ୟନଗରୀରେ ଅଶାନ୍ତ ବାତାବରଣ ଦେଖା ଦେଇଛି। କମିଶନରେଟ୍ ପୁଲିସର ଦାଦାବଟି'କୁ ନା ସ୍ଲୋଗାନ ପ୍ରହସନରେ ପରିଣତ ହୋଇଛି। ଗତ ୨ ତାରିଖରେ ଗ୍ୟାଙ୍ଗଷ୍ଟର୍ ସକିଲ୍ ଆତ୍ମସମର୍ପଣ କରିବା ପରେ ପୁଲିସ ଶାନ୍ତିରେ ଆଇନଶୃଙ୍ଖଳା ପରିଚାଳନା କରିବ ବୋଲି ଅନୁମାନ କରୁଥିଲା। କିନ୍ତୁ ଡି-ବ୍ରଦର୍ସ ଗ୍ୟାଙ୍ଗ୍ର କେତେକ ସକ୍ରିୟ ସହଯୋଗୀ ଏବେ ଚାଉଳିଆଗଞ୍ଜ ଓ ବିଡ଼ାନାସୀ ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ କରୁଥିବା ନଜରକୁ ଆସିଲାଣି। ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଶିଖରପୁର ତଳସାହି ଅଞ୍ଚଳର ବିକାଶ କୁମାର ପରିଡ଼ା ଡ଼ି-ବ୍ରଦର୍ସ ଗ୍ୟାଙ୍ଗ୍ର ୨ଜଣ ସହଯୋଗୀଙ୍କ ନାଁରେ ଏତଲା ଦେଇଛନ୍ତି। ସେ ନିଜ ଏତଲାରେ ଦର୍ଶାଇଛନ୍ତି ଯେ ନୂଆ ମାଲଗୋଦାମରେ ତାଙ୍କ ଟ୍ରକ୍ ମାଲ୍ ଲୋଡ୍ କରୁଥିବା ସମୟରେ ଦୀପକ ପ୍ରଧାନ ଏବଂ ନାରାୟଣ ପ୍ରଧାନ ନାମକ୨ଜଣ ବ୍ୟକ୍ତି ସେଠାରେ ପହଞ୍ଚି ଦାଦାବଟି ମାଗିଥିଲେ। ସେମାନେ ଡି-ବ୍ରଦର୍ସଙ୍କ ପ୍ରମୁଖ ସହଯୋଗୀ ଶିବ ପ୍ରସାଦ ଗୋଛୀ ଏବଂ ଶିବାଶିଷ ଦାସ ନାଁ ନେଇ ଗାଳି ଗୁଲଜ କରିବା ସହିତ ଲକ୍ଷାଧିକ ଟଙ୍କା ଦାଦାବଟି ଦେବାକୁ ଜିଦି ଧରିଥିଲେ। ଅଭିଯୋଗକାରୀ ବିକାଶଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେବା ସହିତ ଧଳସାମନ୍ତ ଭ୍ରାତା(ଡି-ବ୍ରଦର୍ସ)ଙ୍କ ନିର୍ଦ୍ଦେଶରେ ଟଙ୍କା ମଗାଯାଉଛି, ଯଦି ଟଙ୍କା ନଦେଉ ତେବେ ପରିଣାମ ଭୟଙ୍କର ହେବ ବୋଲି ଅଭିଯୁକ୍ତ ଦୀପକ ଓ ନାରାୟଣ କହି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହାପରେ ବିକାଶ ଚାଉଳିଆଗଞ୍ଜ




ଥାନାରେ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏତଲାକୁ ପଞ୍ଜିକରଣ କରିବା ସହିତ ଘଟଣାର ଖୋଳତାଡ଼୍ କରୁଥିବା ସୂଚନା ଦେଇଛି।

ଦାଦାବଟିକୁ ନେଇ ସହରରେ ୨ଟି ଗ୍ୟାଙ୍ଗ୍ ପୁଲିସର ନିଦ ହଜାଇ ଦେଇଥିଲେ। ଡି' ବ୍ରଦର୍ସ ସାମ୍ରାଜ୍ୟ ନିଷ୍କ୍ରିୟ ହେବା ପରେ ଗ୍ୟାଙ୍ଗଷ୍ଟର୍ ସକିଲ୍ର ଆବିର୍ଭାବ ହୋଇଥିଲା। ତା' ନାମରେ ମୋଟ୍ ୨୯ଟି ସଂଗୀନ ଅପରାଧିକ ମାମଲା ରୁଜୁ ହୋଇଥିଲା। ତାକୁ ପୁଲିସ ଗିରଫ କରିଥିଲା ସତ କିନ୍ତୁ ଚୌଦ୍ୱାର ଜେଲ୍ରେ ସେ ଥିବା ବେଳେ ୨୦୧୯ ମସିହା ଡିସେମ୍ବର ୧୪ରେ ବକ୍ସିବଜାର ଆନନ୍ଦ ସ୍ପୋର୍ଟସ୍ ମାଲିକ ସୂରଜ୍ ଅଗ୍ରୱାଲଙ୍କୁ ୧୦ଲକ୍ଷ ଟଙ୍କା ଦାଦାବଟି ମାଗିଥିଲା। ଏହି

**ଚାଉଳିଆଗଞ୍ଜ ଥାନାରେ ଏତଲା; ଖୋଳତାଡ଼ ଆରମ୍ଭ**

**'ଦାଦାବଟିକୁ ନା' ସ୍ଲୋଗାନ୍ ପାଲଟିଛି ପ୍ରହସନ**

ମାମଲାରେ ପୁଲିସ ସକିଲ୍ର ବାପା, ଭାଇ ଓ ୨ ପ୍ରେମିକାଙ୍କ ସମେତ ମୋଟ୍ ୧୪ ଜଣଙ୍କୁ ଗିରଫ କରିଥିଲା। ଏହାପରେ ବାଉଁଶଗଳିର ଜଣେ ବ୍ୟବସାୟୀଙ୍କୁ ସକିଲ୍ ଜେଲ୍ ଭିତରେ ଥାଇ ଭିଡିଓ କଲ୍ରେ ୫ଲକ୍ଷ ଟଙ୍କା ଦାଦାବଟି ମାଗିଥିଲା। ଏହାପରେ ଆଉ ମୋଟା ଅଙ୍କର ଦାଦାବଟି ମାଗି କେହି ଗିରଫ ହୋଇ ନଥିଲେ। ନିକଟରେ ଡି-ବ୍ରଦର୍ସଙ୍କ ମୁଖ୍ୟ ସହଯୋଗୀ ଲିଟୁଆ, ପିଣ୍ଟା, ଚନ୍ଦନ ଓ ଅନ୍ୟମାନେ ଜାମିନରେ ଆସିଛନ୍ତି। ସହରରେ ଦାଦାବଟି ଓ ପତିଆରା ଜାହିର ପାଇଁ ସକିଲ ଡି-ବ୍ରଦର୍ସର ଏହି ସହଯୋଗୀଙ୍କ ସହିତ ହାତ ମିଶାଇଥିବା ପୁଲିସ ସ୍ପଷ୍ଟ ହୋଇଛି। ଏହା ମଧ୍ୟରେ ବାଉଁଶଗଳିର ତୌସିଫଙ୍କୁ ମୁଣ୍ଡ ଜାମିନ ରଖି ଟଙ୍କା ମାଗିବା ଘଟଣା ସାମ୍ନାକୁ ଆସିଥିଲା। ଏଭଳି ସ୍ଥିତିରେ ପୁଲିସ ତା' ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ନେଇପାରେ ବୋଲି ସକିଲ ଆଶଙ୍କା କରିଥିଲା। ଏବେ ପାର୍ବଣ ସମୟ ଥିବାରୁ ପୁଲିସ ଯେକୌଣସି ମୁହୂର୍ତ୍ତରେ ସକିଲ ପ୍ରତି କଠୋର ହେବ ବୋଲି ସେ ଜାଣି ପାରିଥିଲା। ଶେଷରେ ଅନ୍ୟଉପାୟ ନପାଇ ସକିଲ ଆତ୍ମସମର୍ପଣ କରିଥିଲା। ଏବେବି ସକିଲର କିଛି ପୁରୁଣା ସହଯୋଗୀ ପୁଲିସ ସ୍କାନରରେ ଅଛନ୍ତି। ଏହାରି ଭିତରେ ଡି-ବ୍ରଦର୍ସର ସହଯୋଗୀ ଜାମିନ୍ରେ ମୁକୁଳି ଟ୍ରକ୍ ମାଲିକ, ମାଲଗୋଦାମ ବ୍ୟବସାୟୀ ଏବଂ ସହରର କେତେକ ପ୍ରମୁଖ ବ୍ୟବସାୟୀଙ୍କୁ ଟାର୍ଗେଟ କରିଛନ୍ତି। ସେମାନଙ୍କୁ ଧଳସାମନ୍ତ ଭ୍ରାତାଙ୍କ ନାଁ ନେଇ ଟଙ୍କା ମାଗୁଥିବା ପୁଲିସ ଜାଣିଛି। କେବଳ ଚାଉଳିଆଗଞ୍ଜ ଥାନାରେ ନୁହେଁ ବରଂ ଏଭଳି ଅଭିଯୋଗ ମାଲଗୋଦାମ, ପୁରୀଘାଟ, ବିଡ଼ାନାସୀ ଥାନାରେ ହୋଇଥିବା ଜଣାପଡ଼ିଛି। ପୁଲିସ ଡି-ବ୍ରଦର୍ସର ସମସ୍ତ ସହଯୋଗୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛି ବୋଲି ପ୍ରକାଶ କରିଛି।

## ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ



**କଟକ, ୫।୯(ସମିସ):** ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ପାଳିତ ହୋଇଯାଇଛି। ଏହି ସମାରୋହରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାର ନିତ୍ୟାନନ୍ଦ ବାରିକ ଆଜିର ଏହି ସମାରୋହରେ ସଭାପତିତ୍ୱ କରିଥିଲେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ନିରଞ୍ଜନ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ, ସନ୍ତୋଷ ସେଠୀ, ଅଭିଜିତା ଭାସ୍କର ପ୍ରମୁଖ ସମାରୋହରେ ଯୋଗଦେଇ ଗୁରୁଦିବସ ପାଳନ, ଶିକ୍ଷା ପଦ୍ଧତି ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଦେବପ୍ରସାଦ ତ୍ରିପାଠୀ ଓ ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ଜିଲ୍ଲା ନୋଡାଲ ଅଧିକାରୀ ବିଭୂଦତ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ଓ ଆୟୋଜିତ ସଭାକୁ ପହଙ୍ଗା ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ସରିତା ଦାଶ ଓ କମଳାକାନ୍ତ ବିଦ୍ୟାପୀଠର ଶିକ୍ଷୟତ୍ରୀ ସୁମନ ପ୍ରତିହାରୀ ସଂଯୋଜନା କରିଥିଲେ। ଉକ୍ତ ଉତ୍ସବରେ ଜିଲ୍ଲାର ୫୩ ଜଣ କୃତୀ ଶିକ୍ଷକ ଓ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ରେଭେନ୍ସା କଲିଜିଏଟ ସ୍କୁଲର ଛାତ୍ରଛାତ୍ରୀ ଓ ସାଲେପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷାକର୍ମୀ ସୀମାଞ୍ଚଳ ସାହୁ ସହଯୋଗ କରିଥିଲେ।

**ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ; ୫୩ ଶିକ୍ଷକ ପୁରସ୍କୃତ**

## ମନ୍ଦିରରୁ ଚୋରି: କୁଖ୍ୟାତ ଚୋର ଗିରଫ

**କଟକ, ୫।୯(ସମିସ):** ମନ୍ଦିରରୁ ଚୋରି କରି ଫେରାର୍ ହୋଇଯାଇଥିବା କୁଖ୍ୟାତ ଚୋରକୁ ଆଜି ଦରଘାବଜାର ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ନିମସାହି ସାଗର ମଣ୍ଡପ ପାଖର ଟୁବୁଲା ସାମଲ(୨୮)। ତା' ପାଖରୁ ୪୪ ଖଣ୍ଡ ତମ୍ବା ପାଇପ, ୭ଟି ତମ୍ବାର ସାପ, ପିତ୍ତଳର ୯ଟା ସାପ, ଶିବ ଲିଙ୍ଗ, ତ୍ରିଶୁଳ, ୩ଟା ଦୀପ, ଢାଳ, ସାଇକେଲ ସହ ୫୫ଶହ ଟଙ୍କା ଜବତ କରାଯାଇଛି। ତାକୁ କୋର୍ଟ ଚାଲାଣ ପରେ ଚୌଦ୍ୱାର ଜେଲ ପଠାଇ ଦିଆଯାଇଛି। ଦରଘାବଜାର ଛକସ୍ଥିତ ସପିଙ୍ଗମଲ୍ରେ ଏକ ପ୍ରତିଷ୍ଠିତ ଖାଦ୍ୟ ବିକ୍ରୟ ସଂସ୍ଥା ରହିଛି। ସେଠାରେ କେନ୍ଦ୍ରାପଡ଼ାର ଜ୍ୟୋତିପ୍ରକାଶ ମିଶ୍ର ସିଫ୍ଟ ମ୍ୟାନେଜର ଭାବେ ଚାକିରି କରୁଛନ୍ତି। ଗତ ଅଗଷ୍ଟ ୩୧ ରାତି ପ୍ରାୟ ୧୧ଟାରେ ହଠାତ ସଂସ୍ଥାରେ ଲାଗିଥିବା ଏସି(ଶୀତତାପ ନିୟନ୍ତ୍ରିତ ଯନ୍ତ୍ର) ବନ୍ଦ ହୋଇଗଲା। ରାତି ପ୍ରାୟ ୩ଟାରେ ସମସ୍ତ କର୍ମଚାରୀ କାମ ଶେଷ କରି ସଂସ୍ଥା ବନ୍ଦ କରି ଘରକୁ ଫେରିଥିଲେ। ପରଦିନ ପୂର୍ବାହ୍ନରେ ସଂସ୍ଥା ଖୋଲାଯିବା ପରେ ଜଣାପଡ଼ିଲାଯେ ଉକ୍ତ ଏସିଟି ଠିକ ଭାବେ କାମ କରୁନାହିଁ। ମେକାନିକ ପହଞ୍ଚିବା ପରେ ଜଣାପଡ଼ିଲାଯେ ଉକ୍ତ ଏସିର ତମ୍ବାରେ ନିର୍ମିତ କୁଲିଂ କଏଲ ପାଇପଟିକୁ କେହି କାଟି ନେଇଛି। ସମାନ ଘଟଣା ପାର୍ଶ୍ୱରେ ଥିବା ଅନ୍ୟ ୨ଟି ପ୍ରତିଷ୍ଠାନରେ ଘଟିଥିଲା। ଗୋଟିଏ ରାତିରେ ପାଖାପାଖି ଥିବା ୩ଟି ବ୍ୟବସାୟିକ ପ୍ରତିଷ୍ଠାନ ଏସିର କୁଲିଂ ପାଇପଗୁଡିକୁ କାଟି ନିଆଯାଇଥିଲା। ଏନେଇ ଶ୍ରୀ ମିଶ୍ରଙ୍କ ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ତଦନ୍ତକ୍ରମେ ଅଭିଯୁକ୍ତ ଟୁବୁଲା ଚିହ୍ନଟ ହେବା ପରେ ଶୁକ୍ରବାର ଥାନା ଅଧିକାରୀ ରାକେଶ ବେହେରାଙ୍କ ନେତୃତ୍ୱରେ ଏକ ଟିମ ତାକୁ ଧରିବାରେ ସଫଳ ହୋଇଥିଲେ। ପଚରାଉଚରା ବେଳେ ଟୁବୁଲାର କାରନାମା ଶୁଣି ପୁଲିସ ଆଶ୍ଚର୍ଯ୍ୟ ହୋଇଯାଇଛି। ଟୁବୁଲା ଜଣେ ପେସାଦାର ଚୋର ହୋଇଥିବା ବେଳେ ଖାସକରି ମନ୍ଦିର ଓ ମଲକୁ ସେ ଟାର୍ଗେଟ କରୁଥିଲା। ସାଇକଲରେ ବୁଲି ରେକି କରିବା ପରେ ସୁଯୋଗ ଦେଖି ଚୋରି କରୁଥିଲା। ଏହିଭଳି ଭାବେ ସେ ଗତ ମାସରେ କାଜିବଜାରସ୍ଥିତ ଜଗନ୍ନାଥ ମନ୍ଦିରରେ କଳାକନା ବୁଲାଇଥିଲା। ବିଳମ୍ବିତ ରାତିରେ ମନ୍ଦିରରେ ପଶି

**ଘରୁ ବିପୁଳ ତମ୍ବା ଓ ପିତ୍ତଳ ସାମଗ୍ରୀ ଉଦ୍ଧାର**

ପିତ୍ତଳର ଦୁଇଟି ଦେବାଦେବୀଙ୍କ ମୁଖା, ଦୀପ ଓ କିଛି ଟଙ୍କା ଚୋରାଇଥିଲା। ପିତ୍ତଳ ସାମଗ୍ରୀଗୁଡିକୁ ମାତ୍ର ୧୫ ଶହ ଟଙ୍କାରେ ଜଣେ କବାଡିଆକୁ ବିକ୍ରି କରିଥିଲା। ଏହା ପରେ ଗତ ୩୧ ତାରିଖ ବିଳମ୍ବିତ ରାତିରେ ସେ ଦରଘାବଜାରସ୍ଥିତ ସପିଙ୍ଗ ମଲରେ ପଶି ୩ଟି ସଂସ୍ଥାର ଏସିରୁ ତମ୍ବା ପାଇପ କାଟି ନେଇଥିଲା। ଉକ୍ତ ପାଇପଗୁଡିକୁ କାଟି ୪୪ ଖଣ୍ଡ କରି ଘରେ ରଖିଥିଲା। ଏହାପରେ ଗଲା ୪ ତାରିଖ ବିଳମ୍ବିତ ରାତିରେ ସେ ଗଙ୍ଗାମନ୍ଦିର ଛକ ନିକଟରେ ଥିବା ଶିବ ମନ୍ଦିରରେ ପଶିଥିଲା। ମନ୍ଦିରରୁ ତମ୍ବାରେ ନିର୍ମିତ ୭୭ଟି ସାପ, ପିତ୍ତଳର ୯ଟା ସାପ, ଗୋଟିଏ ଶିବ ଲଙ୍ଗ, ଗୋଟିଏ ତ୍ରିଶୁଳ, ୩ଟା ଦୀପ, ଗୋଟିଏ ଢାଳ, ସାଇକେଲ ଓ ୫୫ ଶହ ଟଙ୍କା ଚୋରାଇ ଆଣିଥିଲା। ତେବେ ଏହି ଚୋରି ସାମଗ୍ରୀଗୁଡିକୁ ବିକ୍ରି କରିବା ପୂର୍ବରୁ ପୁଲିସ ତାକୁ ଗିରଫ କରିବାରେ ସଫଳ ହୋଇଛି। ତା' ନାଁରେ ପୁରୀଘାଟ, ଲାଲବାଗ, ଦରଘାବଜାର, ଚୌଦ୍ୱାର, କ୍ୟାଣ୍ଟନମେଣ୍ଟ ଓ ମଙ୍ଗଳାବାଗ ଥାନାରେ ୧୨ଟି ମାମଲା ରହିଛି।



## ଆଜିଠୁ ସ୍ୱୟଂସିଦ୍ଧା ପକ୍ଷରୁ ଦୁଇଦିନିଆ ପ୍ରଦର୍ଶନୀ

**କଟକ, ୫।୯(ସମିସ):** ୬ ଓ ୭ ତାରିଖରେ ଏକ ପ୍ରଦର୍ଶନୀ କଟକ କ୍ଲବ୍ ଆନେକ୍ସ-୧ରେ ହେବାକୁ ଯାଉଛି। ସ୍ୱୟଂସିଧା ତରଫରୁ ଟ୍ରେଯୋର ନାମରେ ଏହି ପ୍ରଦର୍ଶନୀରେ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ଶାଢ଼ି, ଡ୍ରେସ, କାଠ ଘଣା ତେଲ, ସୁସ୍ୱାଦୁ ପିଠା, ଖାଦ୍ୟ ସାମଗ୍ରୀ, ଅଳଙ୍କାର ଓ ବିଭିନ୍ନ ଘର ସଜା ସାମଗ୍ରୀ ଆଦିର ବିକ୍ରୟ କରାଯିବ। ଏଥିରେ ବହୁ ସଂଖ୍ୟାରେ ଯୋଗଦାନ କରିବାକୁ ଏହାର ଆୟୋଜକ ମୀନା କୁମାରୀ ସାହୁ ଅନୁରୋଧ କରିଛନ୍ତି।

## ପରିବେଶ ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ

**କଟକ, ୫।୯(ସମିସ):** ଜଗତପୁରସ୍ଥିତ ଲକ୍ଷ୍ମୀନାରାୟଣ ସାହୁ ସ୍ନାତକ ମହାବିଦ୍ୟାଳୟରେ ପରିବେଶ ସଚେତନତା ତଥା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ 'ପରିବେଶ ସୁରକ୍ଷା ଅଭିଯାନ' ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଭିଯାନର ସମ୍ପାଦକ ରଘୁନାଥ ପୃଷ୍ଟି, ଯୁଗ୍ମ ସମ୍ପାଦକ ଡ. ନାରାୟଣ ତ୍ରିପାଠୀ, କାର୍ଯ୍ୟନିର୍ବାହୀ ସଦସ୍ୟବୃନ୍ଦ ଡ. ସଚ୍ଚିଦାନନ୍ଦ ପ୍ରଧାନ, ଡ. ଜୀବନଜ୍ୟୋତି ଆଚାର୍ଯ୍ୟ ଓ ଅରୁଣ ଶଙ୍କର ଜେନା



ତଥା ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ଅଲେଖଚନ୍ଦ୍ର ମହାନ୍ତି ଆଲୋଚନା କରିଥିଲେ। ପରିବେଶ ସୁରକ୍ଷା ଅଭିଯାନର କୋଷାଧ୍ୟକ୍ଷା ନମିତା ମହାପାତ୍ର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶଜନିତ ଏକା ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ସୁନିତା ଷଡ଼ଙ୍ଗୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମହାବିଦ୍ୟାଳୟର ପରିସରରେ ଚାରାରୋପଣ କରାଯାଇଥିଲା।

## ସ୍କୁଲ ଛାତ୍ରଛାତ୍ରୀଙ୍କୁ ଆର୍‌ପିଏଫ୍‌ର ସଚେତନତା

**କଟକ, ୫।୯(ସମିସ):** ସୁରକ୍ଷିତ ରେଳଯାତ୍ରା ଉଦ୍ଦେଶ୍ୟରେ ଆରପିଏଫ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶିଖରପୁରସ୍ଥିତ କମଳାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଗୁରୁ ନାନକ ପବ୍ଲିକ ସ୍କୁଲରେ କଟକ ଆରପିଏଫ ପୋଷ୍ଟ ଅଧିକାରୀ ରାଜସିଂହ ମଲ୍ଲିକ ରେଳବାଇ ସମ୍ପତ୍ତିର ସୁରକ୍ଷା ଏବଂ ସୁରକ୍ଷିତ ରେଳଯାତ୍ରା ଉପରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ବଶେଷ କରି ରେଳ ଷ୍ଟେସନ ପରିସରରେ ସେଲ୍‌ଫି କିମ୍ବା ରିଲ୍ସ ଭିଡିଓ ନ କରିବା, ରେଳବାଇର କାର୍ଯ୍ୟାଳୟ ଏବଂ ସୁରକ୍ଷା ବ୍ୟବସ୍ଥାର ଫଟୋ ନ ଉଠାଇବା ସମ୍ପର୍କରେ ଅବଗତ କରାଯାଇଛି। ରେଳଯାତ୍ରା ସମୟରେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେଲା ମାତ୍ରେ ତୁରନ୍ତ ୧୩୯ ନମ୍ବରରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

## ରେଭେନ୍‌ସାରେ ଆଲୋଚନାଚକ୍ର

**କଟକ, ୫।୯(ସମିସ):** ଛାତ୍ରଛାତ୍ରୀ ଓ ରାଜନୀତି ପରସ୍ପରଠାରୁ ଅବିଚ୍ଛେଦ୍ୟ କି ? ଶୀର୍ଷକରେ ଗୋପବନ୍ଧୁ ବିଚାର ମଞ୍ଚ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟର ବରିଷ୍ଠ ଓକିଲ ଲକ୍ଷ୍ମୀଧର ପଙ୍ଗାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଗୋପବନ୍ଧୁ ବିଚାର ମଞ୍ଚ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଶାଖାର ଆବାହକ ସ୍ୱପ୍ନାରାଣୀ ପ୍ରଧାନ ସଭାପତିତ୍ୱ କରିଥିଲେ। ଏହି ଆଲୋଚନାରେ ରେଭେନ୍ସାର ବିଭିନ୍ନ ବିଭାଗରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ରିସର୍ଚ୍ଚ ସ୍କଲାର ଓ ଅଧ୍ୟାପକମାନେ ଯୋଗଦେଇଥିଲେ।

## ବଦଳିବେ ଏସ୍‌ସିବି ମେଡିକାଲ ଅଧୀକ୍ଷକ!

**କଟକ, ୫।୯(ସମିସ)**

ଏସ୍‌ସିବି ମେଡିକାଲର ଅଧୀକ୍ଷକ ବଦଳି ପାରନ୍ତି। ଏହାକୁ ନେଇ ମେଡିକାଲରେ ଚର୍ଚ୍ଚା ଜୋରଧରିଛି। ବରିଷ୍ଠ ଡାକ୍ତରମାନଙ୍କ ଭିତରେ ଅସନ୍ତୋଷ କୁହୁଳୁଥିବା ବେଳେ ସେମାନଙ୍କ ଅସହଯୋଗ ଯୋଗୁଁ ଅନେକ ବୈଠକ ସଫଳପୂର୍ବକ ଆୟୋଜନ ହୋଇପାରୁନାହିଁ। ବଡ଼ ମେଡିକାଲର ପ୍ରଶାସନିକ ସ୍ତରରେ ଗତ କିଛି ମାସ ହେବ ଏଭଳି ବିବାଦୀୟ ସ୍ଥିତି ଲାଗି ରହିଛି। ଅଧୀକ୍ଷକ(ଇନଚାର୍ଜ) ପଦରେ ଥିବା ପ୍ରଫେସର ଗୌତମ ଶତପଥୀଙ୍କ ପଦରେ ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ବିଭୂତି ଭୂଷଣ ନାୟକ ଅବସ୍ଥାପିତ ହୋଇପାରନ୍ତି ବୋଲି କୁହାଯାଉଛି। ତେବେ ଏ ବାବଦରେ ଏଯାବତ୍ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ପାଇନାହିଁ।

ଗତ ମେ ୧୪ ତାରିଖରେ ପ୍ରଫେସର ଡାକ୍ତର ଗୌତମ ଶତପଥୀ ଏସ୍‌ସିବି ମେଡିକାଲର ଅଧୀକ୍ଷକ(ଇନଚାର୍ଜ) ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ହେଲେ ବରିଷ୍ଠତା ଭିତ୍ତିରେ ଅଧୀକ୍ଷକ ପଦ ପୂରଣ ହୋଇନାହିଁ ବୋଲି ସେତେବେଳେ ଚର୍ଚ୍ଚା ଜୋର ଧରିଥିଲା। ଅନେକ ବରିଷ୍ଠ ଡାକ୍ତର ଏହାକୁ ନେଇ ଭିନ୍ନମତ ମଧ୍ୟ ରଖିଥିଲେ। ଇତି ମଧ୍ୟରେ




ବଡ ମେଡିକାଲର ବରିଷ୍ଠ ଡାକ୍ତରଙ୍କ ଭିତରେ ଅସନ୍ତୋଷ ବଢ଼ି ଚାଲିଥିବା କୁହାଯାଉଛି। ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ଯେଉଁ ବୈଠକ ଡକାଯାଉଛି ସେଥିରେ ବିଭିନ୍ନ ବିଭାଗର ବରିଷ୍ଠ ଡାକ୍ତର ଅଂଶଗ୍ରହଣ କରୁନାହାନ୍ତି। ସେମାନଙ୍କ ବଦଳରେ ବିଭାଗର ଅନ୍ୟ ଡାକ୍ତରଙ୍କୁ ବୈଠକକୁ ପଠାଯାଉଛି। ଗୋଟିଏ କି ଦୁଇଟି ନୁହେଁ, ପ୍ରାୟତଃ ନିୟମିତ ବୈଠକରେ ଏଭଳି ସ୍ଥିତି ଲାଗିରହିଛି। ଏହା ଭିତରେ ଅଧୀକ୍ଷକ ପ୍ରଫେସର ଶତପଥୀଙ୍କୁ ଦାୟିତ୍ୱରୁ ଅନ୍ତର କରାଯାଇ ପାରେ ବୋଲି ଆଲୋଚନା ହେଲାଣି। ତାଙ୍କ ସ୍ଥାନରେ ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ବିଭୂତି ଭୂଷଣ ନାୟକ ଦାୟିତ୍ୱ ନେଇପାରନ୍ତି। ପ୍ରକାଶଯୋଗ୍ୟ, ଗତବର୍ଷ ଅଗଷ୍ଟ ୩୧ରେ ଅଧୀକ୍ଷକ ପଦ ଫାଙ୍କା ହୋଇଥିଲା। ରାଜ୍ୟର ଜଣାଶୁଣା ନ୍ୟୁରୋସର୍ଜନ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର ଅବସର ନେବା ପରେ ୯ମାସ ଧରି ଏଠାରେ କାହାକୁ ନିଯୁକ୍ତି ମିଳି ନ ଥିଲା। ଅଧୀକ୍ଷକ ନିଯୁକ୍ତି ନେଇ କନ୍ଦଳ ଉପୁଜିଥିଲା। ଏସ୍‌ସିବି ମେଡିକାଲର ଅନେକ ବରିଷ୍ଠ ପ୍ରଫେସର ଏହି ମର୍ଯ୍ୟାଦାଜନକ

**ବଢ଼ି ଚାଲିଛି ବରିଷ୍ଠ ଡାକ୍ତରଙ୍କ ଭିତରେ ଅସନ୍ତୋଷ**

**ଅଧୀକ୍ଷକ ଦୌଡ଼ରେ ପ୍ଲାଷ୍ଟିକ୍ ସର୍ଜରୀ ପ୍ରଫେସରଙ୍କ ନାଁ**

ପଦରେ ଅବସ୍ଥାପିତ ହେବାକୁ ନେଇ ପ୍ରଶ୍ନ ଉଠାଇଥିଲେ। ପ୍ରଫେସର ଶତପଥୀ ଅଧୀକ୍ଷକ ଭାବେ ନିଯୁକ୍ତ ହେବେ ବୋଲି ଖବର ପ୍ରଚାର ହେବା ପରେ ସ୍ୱାସ୍ଥ୍ୟ ବିଭାଗକୁ ବଡ ମେଡିକାଲର ଏକାଧିକ ପ୍ରଫେସର ଚିଠି ମଧ୍ୟ ଲେଖିଥିଲେ।

## ରାସ୍ତାରୁ କଟା ଗୋଡ଼ ସହ ଯୁବକ ଉଦ୍ଧାର

**କଟକ, ୫।୯(ସମିସ):** ରାତି ପ୍ରାୟ ସାଢ଼େ ୧୧ଟାରେ ଲିଙ୍କରୋଡ ରିଲାଏନ୍ସ ଡିଜିଟାଲ ପାଖରେ ବାଇକ ସହ ଜଣେ ଯୁବକଙ୍କୁ ଗୁରୁତର ଭାବେ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି। ବାଦାମବାଡ଼ି ପୁଲିସ ଘଟଣାସ୍ଥଳରୁ ଉକ୍ତ ଯୁବକଙ୍କ ଆଣ୍ଠୁ ତଳକୁ କଟି ଯାଇଥିବା ଗୋଡ଼କୁ ମଧ୍ୟ ଯାଞ୍ଚ କଲା ପରେ ମେଡିକାଲକୁ ହସ୍ତାନ୍ତର କରିଛି। ଏହାସହ ଘଟଣାର ତଦନ୍ତ ଜାରି ରଖିଛି। ଯୁବକଙ୍କ ପରିଚୟ ମିଳିପାରିନାହିଁ। ସେ କୌଣସି ଦୁର୍ଘଟଣାର ଶିକାର ହୋଇଥିବା ଅନୁମାନ କରାଯାଉଥିବା ବେଳେ ସ୍ଥାନୀୟ ଲୋକେ, କିନ୍ତୁ ଭିନ୍ନ ଆଲୋଚନା କରୁଛନ୍ତି। ଆଣ୍ଠୁ ତଳକୁ ସମାନ୍ତରାଳ ଭାବେ ଗୋଡ଼ଟି କଟିଛି। କୌଣସି ଦୁର୍ଘଟଣାରେ ଏଭଳି ଢଙ୍ଗରେ ଗୋଡ଼ କଟିବ ନାହିଁ। ଅନ୍ୟପଟେ, ବାଇକ ସମ୍ମୁଖର ଅଳ୍ପ କିଛି ଅଂଶ ଭାଙ୍ଗିଛି। ଏଭଳି ସ୍ଥିତିରେ କେହି ଦୁର୍ବୃତ୍ତ ଉକ୍ତ ବାଇକ ଚାଳକଙ୍କୁ ଅକଟାଇ ଖଣ୍ଡାରେ ତାଙ୍କ ଗୋଡ଼କୁ ହାଣିଦେଇଥିବା ଲୋକେ କହୁଛନ୍ତି।

## ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା



କଟକ, ୫।୯(ସମିସ): ଓଡ଼ିଶା ଚିତ୍ରକଳା ଏକାଡେମୀ ଓ ଗଣେଶ ମହୋତ୍ସବ ଆନୁକୂଲ୍ୟରେ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ବାଲିଯାତ୍ରା ଉପରପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଗୁରୁଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଶିଳ୍ପୀମାନେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଚିତ୍ରାଙ୍କନ ତୁଳୀ ମାଧ୍ୟମରେ ଉଦଜୀବିତ କରିଥିଲେ। ଅଗଷ୍ଟରେ ଶିଶୁ ଶିଳ୍ପୀଙ୍କ ଚିତ୍ରାଙ୍କନ ଅନୁଷ୍ଠିତ ହୋଇଥିଲା। ଶିଳ୍ପୀ ଯଶସ୍ୱୀ ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦୀପକ ଦେଓ, ରାଣା ରାୟ, ନିହାର ମହାନ୍ତି, ପବିତ୍ର ଜେନା, ମନୋଜ ସାହୁ ଓ ଅନିତା ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶନିବାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

● ଡିଜେଠାରୁ ବଳିଯାଉଛି ବ୍ୟାଣ୍ଡପାର୍ଟି ସାଉଣ୍ଡ

# ମଲ୍ଟିପ୍ଲେଆର ଓ ଡିଜିଟାଲ ବକ୍ସ ଶବ୍ଦରେ ସବୁ କମ୍ପୁଛି



ତାଳଚେର,୫।୯ (ସମିସ): ଡିଜେସାଉଣ୍ଡ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଓ ବିଶେଷ କରି ହୃଦରୋଗୀଙ୍କ ପାଇଁ ଏହା ବିପଜ୍ଜନକ। ଡିଜେର ବିକଟାଳ ଶବ୍ଦରେ ଛାତି ଥରିବା ସହ ଘରଗୁଡ଼ିକ ମଧ୍ୟ ଦୋହଲିଥାଏ। ଏହା ଉପରେ ବିଶେଷଜ୍ଞମାନେ ବିଭିନ୍ନ ଟିପ୍ପଣୀ ଦେଉଥିବା ବେଳେ ତାଳଚେର ସହରାଞ୍ଚଳରେ ଅଧିକଂଶ ଦିନ ଯଥା- ବିବାହ, ବ୍ରତ, ଶୋଭାଯାତ୍ରା ଏମିତିକି କୌଣସି ଖେଳକୁଦରେ ବିଜୟୀ ହେଉଥିବା ଦଳଗୁଡ଼ିକ ଶୋଭାଯାତ୍ରା ନିମନ୍ତେ ଆଣୁଥିବା ବ୍ୟାଣ୍ଡପାର୍ଟିର ମଲ୍ଟିପ୍ଲେଆର ଓ ଡିଜିଟାଲ ଶବ୍ଦରେ ସବୁକିଛି କମ୍ପିଉଠୁଛି। ସେତିକି ନୁହେଁ ଏହି ଶବ୍ଦରେ ଘରର ପୁରୁଣା ପାଚେରିର ଛାଲ ମଧ୍ୟ ଉତୁରି ଯାଇଥିବା ଦେଖାଯାଇଛି। ଅପରପକ୍ଷେ ଏପରି ଘାଉଁ ଘାଉଁ ବିକଟାଳ ଶବ୍ଦରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବଡ଼ଲୋକ ପର୍ଯ୍ୟନ୍ତ ବ୍ୟାଣ୍ଡର ଆଖପାଖରେ ଠିଆହୋଇ ପାରନ୍ତି ନାହିଁ। ପାଖାପାଖି ହୋଇଗଲେ ଭାଇବ୍ରେସନ୍‌ରେ ଛାତିରୁ କଲିଜା ବାହାରିଗଲା ପରି ମନେହୁଏ। ତେବେ ଏହି ପ୍ରସଙ୍ଗକୁ ନେଇ ଚା' ଖଟିଠାରୁ ଆରମ୍ଭକରି ବିଭିନ୍ନ ମହଲରେ ପ୍ରାୟ ସମୟରେ ଚର୍ଚ୍ଚା ହେଉଛି। ପ୍ରଶାସନ ପକ୍ଷରୁ ମଲ୍ଟିପ୍ଲେଆର୍ ଓ ଡିଜିଟାଲ ସାଉଣ୍ଡ ପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

କଲେଜ ପଡ଼ିଆରେ ଗଣେଶ ମେଲଣ

# ବିବାଦ ଘେରରେ ତାଳଚେର ଉପଜିଲ୍ଲାପାଳ



ତାଳଚେର ସହର,୫।୯ (ଦୁର୍ଗା ପ୍ରସାଦ ସ୍ୱାଇଁ): ତାଳଚେରରେ ବେଶ୍ ଧୁମ୍‌ଧାମରେ ଚାଲିଛି ଗଣପର୍ବ ଗଣେଶ ପୂଜା। ପୂଜା ପାଇଁ ବେଶ୍ ଚଳଚଞ୍ଚଳ ତାଳଚେର ସହର। ଭଳିକି ଭଳି ତୋରଣ ସାଙ୍ଗକୁ ବିରାଟକାୟ ମେଢ଼ରେ ସଜେଇ ହୋଇଛନ୍ତି ପ୍ରଭୁ ଗଜାନନ। କିନ୍ତୁ ପୂଜା ଭିତରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ରହିଛି କିଛି ବ୍ୟତିକ୍ରମ। ଯାହାକୁ ନେଇ ମୁଣ୍ଡ ଟେକିଛି ବିବାଦ। ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ଧରାବତରଣ କରିଛନ୍ତି ପ୍ରଭୁ ଶ୍ରୀ ଗଜାନନ। ଯାହାକୁ ନେଇ ଚଳଚଞ୍ଚଳ ହୋଇଛି ତାଳଚେର ସହର। ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଉଛନ୍ତି ଗଜାନନ। ସୁଉଚ୍ଚ ତୋରଣ ସାଙ୍ଗକୁ ଆଲୋକମାଳାରେ ସଜେଇ ହୋଇଛି ତାଳଚେର ସହର। ପୂଜା ପାଇଁ ରାଜ୍ୟର କୋଣ ଅନୁକୋଣରୁ ଲକ୍ଷାଧିକ ଭକ୍ତଙ୍କ ସୁଅ ଏଠାକୁ ଛୁଟୁଛି। ଯାହାକୁ ନେଇ ବ୍ୟବସାୟୀମାନେ ମଧ୍ୟ ନିଜ ପସରା ନେଇ ତାଳଚେରରେ ପହଞ୍ଚିଛନ୍ତି। ଭଳିକି ଭଳି ଦୋଳି ସାଙ୍ଗକୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଏବଂ ବ୍ୟବହାର୍ଯ୍ୟ ସାମଗ୍ରୀର ଖୋଲିଛି ଦୋକାନ। ପୂର୍ବରୁ ପ୍ରଜାମଣ୍ଡଳ ଭବନ ପରିସରରେ ମୀନାବଜାର, ଦୋଳି ଆଦି ପଡୁଥିବା ବେଳେ ଚଳିତ ବର୍ଷ ପ୍ରଜାମଣ୍ଡଳ ଭବନ ପୁନଃନିର୍ମାଣ କାର୍ଯ୍ୟ ଚାଲିଛି। ତେଣୁ ତାଳଚେର ସ୍ୱୟଂଶାସିତ କଲେଜ୍ ପଡ଼ିଆ ପରିସରରେ ଏସବୁ ପଡ଼ିଛି। ଏହାକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ମୁତାବକ କଲେଜ ପରିସରରେ କୌଣସି ମୀନାବଜାର କିମ୍ବା ଦୋଳି ଆଦି ମେଲଣ ପଡ଼ିବା ସରକାରୀ ନିୟମ ବିରୁଦ୍ଧ। ପୁଣି କଲେଜ ପରିସରରେ କିଛିଦିନ ତଳେ ନୂତନ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯାଇଛି। ମେଲଣ ପଡ଼ିବା ଦ୍ୱାରା କେନ୍ଦ୍ରୀୟ ବିଦ୍ୟାଳୟ, କଲେଜ ଏବଂ କଲେଜରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଏହା ପ୍ରଭାବ ପଡୁଛି। କିନ୍ତୁ ଉପଖଣ୍ଡ ପ୍ରଶାସନ କିଭଳି ଏହାକୁ ଖାତିର ନ କରି କଲେଜ ପଡ଼ିଆରେ ମେଲଣ ପାଇଁ ଅନୁମତି ଦେଇଛି ତାକୁ ନେଇ ଉଠିଛି ପ୍ରଶ୍ନବାଚୀ। କଲେଜ ପଡ଼ିଆ କଲେଜ ଅଧୀନରେ ଥିବା ବେଳେ ଏଠି ହେଉଥିବା କାର୍ଯ୍ୟକ୍ରମର ନିଷ୍ପତ୍ତି ନିୟମ ଅନୁସାରେ ୟୁଜିସି (ୟୁନିଭରସିଟି ଗ୍ରାଣ୍ଟସ୍ କମିଶନ) ନେବାକଥା ଏବଂ ଏସବୁରୁ ମିଳୁଥିବା ଟଙ୍କା କଲେଜ ଉନ୍ନୟନ କାର୍ଯ୍ୟରେ ଲାଗିବା କଥା। କିନ୍ତୁ ଏଥିରେ ବ୍ୟତିକ୍ରମ ଘଟି ତାଳଚେର ପୌରପରିଷଦ କଲେଜ ପଡ଼ିଆରେ ମେଲଣ ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ। ବିଗତ ବର୍ଷଗୁଡ଼ିକରେ ୧୪ ଲକ୍ଷରୁ ଅଧିକ ଟଙ୍କାରେ ନିଲାମ ଯାଉଥିବା ବେଳେ ଚଳିତ ବର୍ଷ ଏହି ନିଲାମ ମାତ୍ର ୫୦ ହଜାର ୫୫୫ ଟଙ୍କାରେ ହୋଇଛି ଏବଂ ଏହି ଟଙ୍କା ପୌରପରିଷଦ ଖାତାକୁ ଯାଇଛି। ଏହି ନିଲାମ ଯାଜପୁର ଅଞ୍ଚଳର ବାସୁଦେବ ଏଣ୍ଟରପ୍ରାଇଜେସ ପାଇଛି। ତେବେ ପୂର୍ବରୁ ୧୪ ଲକ୍ଷରୁ ଅଧିକ ଟଙ୍କାରେ ନିଲାମ ଯାଉଥିବା ବେଳେ କାହିଁକି ଚଳିତ ବର୍ଷ ୫୦,୫୫୫ ଟଙ୍କାରେ ନିଲାମ ଦିଆଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷେ କେବଳ କାଗଜପତ୍ରରେ ୫୦,୫୫୫ ଟଙ୍କା ନିଲାମ ଆଦାୟ କରି ବାକି ଟଙ୍କା ବିନା କାଗଜପତ୍ରରେ ଆଦାୟ ହୋଇଥିବା ଚର୍ଚ୍ଚା ହେଉଛି। କଲେଜ ପଡ଼ିଆରେ କିଭଳି ମେଲଣ ପଡ଼ିଲା ଏବଂ କିଏ ଅନୁମତି ଦେଲା ପଚାରିବାରୁ, ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କ ନିର୍ଦ୍ଦେଶରେ କଲେଜ ପଡ଼ିଆରେ ମେଲଣ ପଡ଼ିଥିବା ପୌରନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା ପ୍ରତିକ୍ରିୟା ଦେଇଛନ୍ତି।

● ପୂଜା କମିଟି ସଭାପତି ଥିବାରୁ ସରକାରୀ ନିୟମକୁ କଲେ ବେଖାତିର
● ଚାପ ପକାଇ ଟେଣ୍ଡର ଡାକିବାକୁ ନିର୍ଦ୍ଦେଶ ଦେଇଥିବା କହିଲେ ପୌରନିର୍ବାହୀ ଅଧିକାରୀ

ସେହିଭଳି ତାଳଚେର କଲେଜ ପରିସରରେ ମହିଳା ହଷ୍ଟେଲ ଥିବା ବେଳେ ଏବଂ କଲେଜ ଆସିବା ବାଟରେ ମେଲଣ ପଡ଼ିଥିବାରୁ କଲେଜ ଛାତ୍ରୀଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ଉଠିଛି ବୋଲି କଲେଜ ଅଧ୍ୟକ୍ଷ ସୁବ୍ରତ କୁମାର ଦାସଙ୍କୁ ପଚାରିବାରୁ ପ୍ରଥମେ ସେ କହିଥିଲେ ଯେ ମେଲଣ ପଡ଼ିବାକୁ ସେ ପ୍ରଥମେ ବିରୋଧ କରିଥିଲେ। କିନ୍ତୁ କମିଟି ଏହାର ତଦାରଖ କରିବ କହି ପ୍ରତିଶ୍ରୁତି ଦେବା ପରେ ଅଧ୍ୟକ୍ଷ ମଧ୍ୟ ଏହାର ବିରୋଧ କରିବା ପରିବର୍ତ୍ତେ ସମ୍ମତି ପ୍ରଦାନ କରିଥିବା କହିଛନ୍ତି। ତେବେ କେନ୍ଦ୍ରୀୟ ଗଣେଶ ପୂଜା କମିଟିର ସଭାପତି ଖୋଦ୍ ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା ଥିବା ବେଳେ ତାଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରି ଏନେଇ ପ୍ରଶ୍ନ କରିବାରୁ ସେ କହିଲେ ଯେ ପୌର ପରିଷଦ ଯେହେତୁ ସରକାରୀ ସଂସ୍ଥା ତେଣୁ ସେ ଟେଣ୍ଡର ଡକାଇ ପାରିବେ। ତେବେ ମେଲଣର ମଉକା ନେଇ ବହୁ ଅସାମାଜିକଙ୍କ କଲେଜ ଭିତରେ ଅବାଧ ପ୍ରବେଶ ରହୁଛି ବୋଲି ପ୍ରଶ୍ନ କରିବାରୁ ସେ ଏହାକୁ ସ୍ୱୀକାର କରି ଏଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବରୁ ଏଫଏମ କଲେଜ ଘଟଣାକୁ ନେଇ ରାଜ୍ୟରେ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ଆଣିବା ନିଷେଧ ହୋଇଥିବା ବେଳେ କଲେଜ ପଡ଼ିଆରେ କିଭଳି ଏପରି ମେଲଣ ପଡ଼ିଛି ଯେଉଁଠି ପେଟ୍ରୋଲ, ଡିଜେଲ ଭଳି ବିଭିନ୍ନ ବିସ୍ଫୋରକ ସାମଗ୍ରୀର ଚଳପ୍ରଚଳ ହେଉଛି ତାହା ବଡ଼ ପ୍ରଶ୍ନବାଚୀ। କଲେଜ ଛାତ୍ରଛାତ୍ରୀମାନେ ମଧ୍ୟ କଲେଜ ସମୟରେ ପାଠପଢ଼ା ଛାଡ଼ି ଏଠି ବୁଲାବୁଲି କରୁଥିବା ଦେଖିବାକୁ ମିଳୁଛି। ତେବେ ଭବିଷ୍ୟତରେ କିଛି ଅଘଟଣ କଲେଜ ପଡ଼ିଆ ପରିସରରେ ନ ଘଟିବ ଏହି ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ରାଜ୍ୟ ସରକାର ଘଟଣାକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।

● ଜଙ୍ଗଲରୁ ଗଛକଟା ବେଳେ ବନ ବିଭାଗର ଚଢ଼ଉ

## ପଟା ସହ ୨ ବାଇକ ଜବତ

ବଇଣ୍ଡା,୫।୯ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ମଣ୍ଡାମ ଜଙ୍ଗଲରେ ଏକ ଶାଳଗଛ କଟାଯାଉଥିବା ବେଳେ ଖବର ପାଇ ଶୁକ୍ରବାର ହଣ୍ଡପା ବନ ବିଭାଗର ଏକ ଟିମ୍ ଚଢ଼ଉ କରିଛି।

୩ ବ୍ୟବସାୟୀ ଫେରାର

ତେବେ ବନ କର୍ମଚାରୀଙ୍କୁ ଦେଖି ୩ ଜଣ ବ୍ୟବସାୟୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ବନ ବିଭାଗ ଘଟଣାସ୍ଥଳରୁ ଦୁଇଟି ବାଇକ, କାଠପଟା ଓ କଟର ମେସିନ ଜବତ କରିଛି। ସୂଚନା ଅନୁଯାୟୀ, ୩ ଜଣ କାଠ ବ୍ୟବସାୟୀ କଟର ମେସିନ ସାହାଯ୍ୟରେ ଏକ ଶାଗୁଆନ ଗଛ କାଟି ପଟା ପ୍ରସ୍ତୁତ କରି ବାଇକ୍‌ରେ ରଖିଥିବା ବେଳେ ଏକ ବଡ଼ ଶାଳଗଛ କାଟୁଥିଲେ। ଖବର ପାଇ ହଣ୍ଡପା ଫରେଷ୍ଟର ଦୀପ୍ତିରଞ୍ଜନ ନାୟକ, ଫରେଷ୍ଟର ତ୍ରିନାଥ ନାୟକ, ଫରେଷ୍ଟର ଗାର୍ଡ ସଞ୍ଜୁକ୍ତା ବିଶ୍ୱାଳ, ସୁନୀଲ ବେହେରା, ଦିପୁନ ବେହେରା ପ୍ରମୁଖ ଏକ ଟିମ୍ ଚଢ଼ଉ କରିଥିଲେ।

# ଏନଟିପିସି ପକ୍ଷରୁ ସୁରକ୍ଷା ବୁଟ୍ କ୍ୟାମ୍ପ



ତାଳଚେର,୫।୯ (ସମିସ): ଏନ୍‌ଟିପିସି ତାଳଚେର ଥର୍ମାଲ ପକ୍ଷରୁ ହୃଦୟ ଏବଂ ମନ ସହ ନେତୃତ୍ୱ ନେବା, ମୂଲ୍ୟବୋଧ ଦ୍ୱାରା ପରିଚାଳିତ ସୁରକ୍ଷା ସଂସ୍କୃତି ବଜାୟ ରଖିବା ବିଷୟବସ୍ତୁ ଉପରେ ୨ଦିନିଆ ସୁରକ୍ଷା ନେତୃତ୍ୱ ବୁଟକ୍ୟାମ୍ପ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ କୌର-ଇଏଚସି ସଲ୍ୟୁସନ୍ ପ୍ରାଇଭେଟ୍ ଲିମିଟେଡ୍ ସହିତ ମିଳିତ ଭାବେ ଏବଂ ମାନବ ରୂପାନ୍ତରଣରେ ୪ ଦଶନ୍ଧିରୁ ଅଧିକ ଅଭିଜ୍ଞତା ସହ ପ୍ରସିଦ୍ଧ ବିଶେଷଜ୍ଞ ସୁଖଦୀପ୍ ମାଲଭାଇଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହି କ୍ୟାମ୍ପକୁ ବିଜୟ ଚାନ୍ଦ ଇଡି, ଏଚଓପି, ଡ. ଜେପି ରାଓ ଜିଏମ ପ୍ରୋଜେକ୍ଟ ଏବଂ ପ୍ରବୀର କୁମାର ଜିଏମଏମଇ/ସିସିଡି, ରୋହିତ କୁମାର ଏଜିଏମ ଏଚଆର୍ ଉଦଘାଟନ କରିଥିଲେ। ସମାବେଶକୁ ସମ୍ବୋଧିତ କରି ଚାନ୍ଦ କହିଥିଲେ ଯେ କୌଣସି ପ୍ରକଳ୍ପର ସଫଳତାରେ ନେତୃତ୍ୱ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରେ।

ହୃଦୟ ଏବଂ ମନ ସହ ନେତୃତ୍ୱ ନିଶ୍ଚିତ କରେ ସୁରକ୍ଷା ପ୍ରତି ଏକ ଅଟଳ ପ୍ରତିବଦ୍ଧତା ସହିତ ଲକ୍ଷ୍ୟ ହାସଲ କରିଥାଏ ବୋଲି ସେ କହିଥିଲେ। କ୍ୟାମ୍ପର ଅନନ୍ୟ ଆକର୍ଷଣ ଥିଲା ଦ୍ୱିତୀୟ ଦିନରେ ଅଂଶଗ୍ରହଣକାରୀଙ୍କ ପରିବାର ସଦସ୍ୟଙ୍କ ସମ୍ପୃକ୍ତି।

# ଓପି ଜିନ୍ଦଲ ସ୍କୁଲ୍‌ରେ ଗୁରୁଦିବସ ପାଳିତ

ଅନୁଗୋଳ,୫।୯ (ସମିସ): ଜିନ୍ଦଲନଗରସ୍ଥିତ ଓପି ଜିନ୍ଦଲ ସ୍କୁଲ୍ ପରିସରରେ ଗୁରୁଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଅନୁଗୁଳ ଜିନ୍ଦଲ ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ



(ପ୍ରକଳ୍ପ) ଦାମୋଦର ମିତ୍ତଲ, ସମ୍ମାନିତ ଅତିଥି ଭାବେ ଭାଇସ ପ୍ରେସିଡେଣ୍ଟ (ପ୍ରଶାସନ) କର୍ଣ୍ଣେଲ ସୁଦୀପ ମାଜୀ, ଜେନେରାଲ ମ୍ୟାନେଜର (ପ୍ରଶାସନ) କର୍ଣ୍ଣେଲ ମାନସ ଖାଡ଼ଙ୍ଗା, ଜିନ୍ଦଲ ମହିଳା ସମିତି ସଭାପତି ସୀମା ମଲହାନ ଓ ଉପସଭାପତି ଅନୀତା ମିତ୍ତଲ ଯୋଗଦେଇଥିଲେ। ଭାରତର ଦ୍ୱିତୀୟ ରାଷ୍ଟ୍ରପତି ତଥା ଆଦର୍ଶ ଶିକ୍ଷକ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ଅତିଥିମାନେ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ଡ. ଅରୁଣ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଜିନ୍ଦଲ ଫାଉଣ୍ଡେସନ ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ପୃଷ୍ଠପୋଷକତାରେ ଓପି ଜିନ୍ଦଲ ସ୍କୁଲ୍ ବିଶ୍ୱସ୍ତରୀୟ ତଥା ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ସର୍ବଦା ପ୍ରତିବଦ୍ଧ ରହିଆସିଛି।

# 'ଆଦି କର୍ମଯୋଗୀ ଅଭିଯାନ' କର୍ମଶାଳା

ଅନୁଗୋଳ,୫।୯ (ସମିସ): "ଧରତୀ ଆବ୍ୱା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନ "ଆଦି କର୍ମଯୋଗୀ ଅଭିଯାନ' କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ନିମନ୍ତେ ଅନୁଗୋଳ ଜିଲ୍ଲାରେ ୩ ଦିନିଆ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ ଉଦଘାଟନ କରିଥିଲେ। ଏହି ଅଭିଯାନ ଅଧୀନରେ ଅନୁଗୋଳ ଜିଲ୍ଲାର ୭ ବ୍ଲକର ୫୯ ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି କର୍ମଶାଳାରେ ଜନଜାତି ଗ୍ରାମଗୁଡ଼ିକର ସାମଗ୍ରିକ ବିକାଶ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷକଙ୍କ ଦ୍ୱାରା ବ୍ଲକସ୍ତରୀୟ ପ୍ରଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଏହା ଦ୍ୱାରା ପ୍ରଶିକ୍ଷକମାନେ ଦକ୍ଷତା ବିକାଶ ଏବଂ ଅଂଶଗ୍ରହଣ ମୂଳକ କାର୍ଯ୍ୟକଳପରେ ନିଜକୁ ନିୟୋଜିତ କରିବା ସହ ତୃଣମୂଳ ସ୍ତରରେ କାର୍ଯ୍ୟକ୍ରମକୁ ସଫଳ କରିବେ। ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର, ଅନୁଗୋଳ ସଭାଗୃହରେ ଆୟୋଜିତ ଏହି କର୍ମଶାଳାରେ ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ପାଲଲହଡ଼ା ବିଡିଓ ନିଶାନ ମିଶ୍ରଙ୍କ ସମେତ ବିଭିନ୍ନ ଅଧିକାରୀ ଯୋଗଦେଇଛନ୍ତି।

# ତାଳଚେରକୁ ଜିଲ୍ଲା ମାନ୍ୟତା ଦାବି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



ତାଳଚେର,୫।୯ (ସମିସ): ରାଜ୍ୟ ସରକାର ନୂଆ ଜିଲ୍ଲା ଗଠନ କରିବା ପାଇଁ ତତ୍ପରତା ଦେଖାଇଥିବାରୁ ତାଳଚେର ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତାଳଚେରକୁ ସ୍ୱତନ୍ତ୍ର ଜିଲ୍ଲା କରିବା ଦାବିରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଛି। ୧୯୯୨ରେ ଓଡ଼ିଶାରେ ୧୩ରୁ ୩୦ ଜିଲ୍ଲା ଗଠନ ସମୟରେ ତାଳଚେରକୁ ଜିଲ୍ଲା ଗଠନ ଦାବିରେ ତାଳଚେରବାସୀ ଆନ୍ଦୋଳନ କରିଥିଲେ। ପରବର୍ତ୍ତୀ ସମୟରେ ଜିଲ୍ଲା ଗଠନ ହେଲେ ତାଳଚେରକୁ ସ୍ୱତନ୍ତ୍ର ଜିଲ୍ଲା କରିବା ପାଇଁ ତାଳଚେରବାସୀଙ୍କୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ। ତାଳଚେରରେ ଦେଶର ସବୁଠାରୁ ଅଧିକ କୋଇଲା ଉତ୍ପାଦନ, ଦେଶର ସବୁଠାରୁ ଅଧିକ ବିଜୁଳି ଉତ୍ପାଦନ ଓ ବିଭିନ୍ନ କଳକାରଖାନା ଥିବାରୁ ଏଠାରେ ଲୋକଙ୍କ ବହୁବିଧ ସମସ୍ୟା ଲାଗି ରହିଛି। ଏହାକୁ ଦୃଷ୍ଟିରେ ରଖି ତାଳଚେରକୁ ଜିଲ୍ଲା କଲେ ସମସ୍ୟାଗୁଡ଼ିକର ସମାଧାନ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି। ତାଳଚେର, କଣିହାଁ, ପାଲଲହଡ଼ା, ପରଜଙ୍ଗ ଓ କଙ୍କଡ଼ାହାଡ଼ ବ୍ଲକକୁ ନେଇ ସ୍ୱତନ୍ତ୍ର ଜିଲ୍ଲା କରିବା ପାଇଁ ଦାବି କରାଯାଇଛି। ପୂର୍ବରୁ ଜିଲ୍ଲା ଦାବିରେ ୪୭୦ ଦିନ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓ ୩ ଥର ବିଧାନସଭା ସମ୍ମୁଖରେ ତାଳଚେରବାସୀ ଧାରଣା ଦେଇ ସାରିଛନ୍ତି। ପୂର୍ବରୁ ତାଳଚେର ଏକ ସ୍ୱତନ୍ତ୍ର ଗଡ଼ଜାତ ରାଜ୍ୟ ଥିବାବେଳେ ବର୍ତ୍ତମାନ ୧୪୮୦୭ ବର୍ଗ କିଲୋମିଟର ଅଞ୍ଚଳରେ ୫ ବ୍ଲକର ୧୦ ଲକ୍ଷ ଲୋକଙ୍କୁ ନେଇ ଜିଲ୍ଲା ଗଠନ ପାଇଁ ସରକାରଙ୍କୁ ଦାବି କରାଯାଇଛି।

ଜିଲ୍ଲା ଦାବିରେ ପୁନର୍ବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଚୈତନ୍ୟ ପ୍ରଧାନ, ବିଭୂତି ପଟ୍ଟନାୟକ, କେଶବ ଭୂତିଆ, ଅଭୟ ପାଣି, ସୁକାନ୍ତ ଦାସ, ପ୍ରଫୁଲ୍ଲ ନାଏକ, ବିଜୟ କୁମାର ମିଶ୍ର, ସଂଗ୍ରାମ କେଶରୀ କୁଅଁର, ସଞ୍ଜୀବ ନାଏକ, ଗଗନ ଦାସ, ହରିହର ଦାସ, ବିନୋଦ ଲାଲ୍ ପ୍ରମୁଖ ଉପସ୍ଥିତ ଥିଲେ।

# ତାଳଚେର ପ୍ରଜାମଣ୍ଡଳ ପୃଥିବୀ ଇତିହାସରେ ଅନନ୍ୟ

ଓଡ଼ିଶାର ୨୬ଟି ଗଡ଼ଜାତ ରାଜ୍ୟ ମଧ୍ୟରୁ ଅନେକାଂଶର ପ୍ରଜାମାନଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ ଥିଲା। ସେମାନଙ୍କ ଗୋଟିଏ ଗୋଡ଼ରେ ଥିଲା ରାଜତନ୍ତ୍ରର ବେଡ଼ି ଏବଂ ଅନ୍ୟଗୋଡ଼ରେ ଥିଲା ଇଂରେଜ ଶାସନର ବେଡ଼ି। ତେଣୁ ଗଡ଼ଜାତ ରାଜ୍ୟର ପ୍ରଜାମାନେ ଉଭୟ ଶାସକଙ୍କ କର ଭାର ଓ ଅମାନୁଷିକ ଅତ୍ୟାଚାରରେ ନିର୍ଯାତିତ ହୋଇଆସୁଥିଲେ। ଏଭଳି ଅତ୍ୟାଚାରିତ ଗଡ଼ଜାତ ମଧ୍ୟରୁ ତାଳଚେର ଥିଲା ଅନ୍ୟତମ।

ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ ଓ ପରାମର୍ଶକ୍ରମେ ଅନ୍ୟାନ୍ୟ ଗଡ଼ଜାତ ରାଜ୍ୟ ପରି ତାଳଚେରରେ ମଧ୍ୟ ପ୍ରଜାମଣ୍ଡଳ ଗଠନ କରାଯାଇ ଉଭୟ ରାଜତନ୍ତ୍ର ଓ ବ୍ରିଟିଶ ତନ୍ତ୍ର ବିରୋଧରେ ଅହିଂସା ଆନ୍ଦୋଳନ ଆରମ୍ଭ ହୋଇଥିଲା। ତାଳଚେରର ପ୍ରଜାମଣ୍ଡଳ ଆନ୍ଦୋଳନ ଭାରତ ବର୍ଷର ୫୬୨ଟି ଗଡ଼ଜାତ ରାଜ୍ୟର ପ୍ରଜାମଣ୍ଡଳଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନ ପୂର୍ବରୁ ୧୯୧୧ ମସିହାର ପଞ୍ଚଦେଶୀ ବ୍ରାହ୍ମଣ ବିଦ୍ରୋହ ଏବଂ ୧୯୨୨ ମସିହାର କ୍ଷତ୍ରିୟ ବିଦ୍ରୋହକୁ ତାଳଚେର ରାଜତନ୍ତ୍ର ଇଂରେଜ ସରକାରଙ୍କ ସହାୟତାରେ ଦମନ କରିଥିଲେ ହେଁ ପ୍ରଜାମଣ୍ଡଳ ବା କୃଷକ ବିଦ୍ରୋହକୁ ଉଭୟ ଶକ୍ତି ଦମନ କରିପାରି ନ ଥିଲେ।

ତାଳଚେର ରାଜତନ୍ତ୍ର ବିରୋଧରେ ୧୯୩୮ ସେପ୍ଟେମ୍ବର ୬ ତାରିଖ ଦିନ ତାଳଚେର ରାଜ୍ୟ ଓ କୋଶଳା ଗ୍ରାମର ପ୍ରାୟ ୬୦୦୦ ପ୍ରଜାଙ୍କ ଉପସ୍ଥିତିରେ ବିପ୍ଳବୀ ପବିତ୍ର ମୋହନ ପ୍ରଧାନଙ୍କ ନେତୃତ୍ୱରେ ତାଳଚେର ପ୍ରଜାମଣ୍ଡଳ ଗଠିତ ହୋଇଥିଲା। ସେପ୍ଟେମ୍ବର ୧୬ ତାରିଖ ଦିନ ସଭାପତି ପବିତ୍ର ମୋହନ ପ୍ରଧାନ କୋଶଳାଠାରେ ତାଳଚେରର ୪୦ ହଜାର ନରନାରୀଙ୍କୁ ନେଇ ଏକ ଶୋଭାଯାତ୍ରା ଓ ସଭା ଆୟୋଜନ କରିଥିଲେ। ଏ ପ୍ରକାର ସଭା ଓ ଶୋଭାଯାତ୍ରା ଦେଖି ତାଳଚେର ରାଜତନ୍ତ୍ର ଭୟଭୀତ ହୋଇ ଇଂରେଜ ସରକାରଙ୍କ ଶରଣାପନ୍ନ ହେଲେ। ବ୍ରିଟିଶ୍ ପଲିଟିକାଲ ଏଜେଣ୍ଟ ବେଜେଲ ଗେଟ୍‌ଙ୍କ ନିର୍ଦ୍ଦେଶକ୍ରମେ ବ୍ରିଟିଶ୍ ଫୌଜ ଓ ରାଜାଙ୍କ ସିପାହୀ ଗାଁ ଗଣ୍ଡାରେ ପ୍ରବେଶ କରି ଲୋକଙ୍କ ସମ୍ପତ୍ତି ଲୁଣ୍ଠନ ଓ ଗୃହଦାହ ପରି ଅମାନୁଷିକ କାର୍ଯ୍ୟ କରି ଲୋକଙ୍କୁ ଭୟଭୀତ କରାଇଲେ। ସିଙ୍ଗିଡ଼ା ଯୋଡ଼ବାଲିରେ ଫୌଜଙ୍କ ମଟରଗାଡ଼ି ଲରୀଟି ଅଟକିଯିବାରୁ ଚନ୍ଦ୍ରବିଲ ଗ୍ରାମର ଜନସାଧାରଣ ଲରୀକୁ ଯୋଡ଼ବାଲିରୁ ଠେଲି ପାର କରିବାକୁ ମନା କଲେ। ବ୍ରିଟିଶ୍ ଫୌଜଙ୍କ ଗୁଳିରେ ତଫସିଲଭୁକ୍ତ ଜାତି ଯୁବକ ବିକା ନାଏକ ସହିଦ ହେଲେ। ସେହି ଗ୍ରାମର ରଥ ବେହେରା, ବୈଷ୍ଣବ ବେହେରା ଓ ମାଗତା ମହାରଣା ପ୍ରମୁଖ ପାଞ୍ଚଜଣ ଫୌଜଙ୍କ ଗୁଳିରେ ଆହତ ହେଲେ।

ପବିତ୍ର ମୋହନ ପ୍ରଧାନ ତାଳଚେର ରାଜାଙ୍କ ବର୍ବରୋଚିତ କାର୍ଯ୍ୟ ବିଷୟରେ ଓଡ଼ିଶାର ପ୍ରଜାମଣ୍ଡଳର ଉପଦେଷ୍ଟା ହରେକୃଷ୍ଣ ମହତାବଙ୍କୁ ଅବଗତ କରାଇଲେ। ମହତାବ ଗାନ୍ଧିଜୀଙ୍କୁ ଏ ବିଷୟ ଅବଗତ କରାଇଥିଲେ। ଗାନ୍ଧିଜୀ ତାଙ୍କ ପରାମର୍ଶ ମହତାବ ଓ ଗିରିଜା ଭୂଷଣ ଦତ୍ତଙ୍କ ମାଧ୍ୟମରେ ପବିତ୍ର ମୋହନ ପ୍ରଧାନଙ୍କୁ ଜଣାଇଦେଲେ ଯେ 'ଯଦି ଅତ୍ୟାଚାରିତ ଜନଗଣ ତାଳଚେର ଛାଡ଼ି ନିକଟବର୍ତ୍ତୀ ରାଜ୍ୟଗୁଡ଼ିକରେ ଆଶ୍ରୟ ନେବେ ତେବେ ବିଶ୍ୱ ଦରବାରରେ ଇଂରେଜ ସରକାର ଓ ତାଳଚେର ରାଜତନ୍ତ୍ର ମୁହଁରେ କାଳିମା ବୋଳି ହୋଇଯିବ। ବିରୁ ଗ୍ରାମର ଲକ୍ଷ୍ମୀଧର ରାୟଚୌଧୁରୀ ମଧ୍ୟ ପବିତ୍ର ମୋହନ ପ୍ରଧାନଙ୍କୁ ଗାନ୍ଧିଜୀଙ୍କ ଉପଦେଶ କାର୍ଯ୍ୟକାରୀ କରାଇବା ପାଇଁ ପ୍ରବର୍ତ୍ତାଇଲେ।

ପବିତ୍ର ମୋହନ ପ୍ରଧାନ ତାଳଚେରବାସୀଙ୍କୁ ଆହ୍ୱାନ ଦେଲେ ଭିଟାମାଟିର ମୋହ ପଛରେ ପକାଇ ତାଳଚେର ଛାଡ଼ି ନିକଟବର୍ତ୍ତୀ ରାଜ୍ୟ ଅନୁଗୋଳରେ ଆଶ୍ରୟ ନେବା ପାଇଁ। ପବିତ୍ର ମୋହନ ପ୍ରଧାନଙ୍କ ଡାକରାରେ କି ସମ୍ମୋହନ ଥିଲା କେଜାଣି ତାଳଚେରବାସୀ ନିଆଁ ପାଣିକୁ ଡେଇଁବାକୁ ମଧ୍ୟ ପ୍ରସ୍ତୁତ ଥିଲେ। ତତ୍କାଳୀନ ୧୦୦୫ ବର୍ଗ କିମି ଆୟତନ ବିଶିଷ୍ଟ ତାଳଚେରରେ ବସବାସ କରୁଥିବା ପ୍ରାୟ ୮୬୦୦୦ ପ୍ରଜା ମଧ୍ୟରୁ ପ୍ରାୟ ୬୦ ହଜାର ପ୍ରଜା ଭିଟାମାଟି ମୋହକୁ ପଛରେ ପକାଇ ଅନୁଗୋଳକୁ ଯିବାକୁ ପ୍ରସ୍ତୁତ ହେଲେ। ସେମାନେ ଅନୁଗୋଳର କୋଶଳା, ସନ୍ତରାବନ୍ଧ, ପାଣିଓଳା, କମ୍ପସଲା, ଆମ୍ବପାଳ, ନତଡ଼ା, ବୁଢ଼ାପଙ୍କ, ଚାଙ୍ଗୁଡ଼ିଆ, ଗୋଳାଗାଡ଼ିଆ, ଭାଲୁଗାଡ଼ିଆ, ମୋହିନୀପାଳ ଆଦି ଗ୍ରାମରେ ପତ୍ର କୁଡ଼ିଆ କରି ରହିଲେ। ଅନୁଗୋଳର ପ୍ରଜାମାନେ ୧୯୩୮ ନଭେମ୍ବରରୁ ୧୯୩୯ ଜୁନ ପର୍ଯ୍ୟନ୍ତ ୨ଥର ଚାଷବାସ ଛାଡ଼ି ବିଭିନ୍ନ ଗ୍ରାମରେ ହିଜ କରିଥିଲେ। 'ହିଜ' ଶବ୍ଦଟି ଆରବିକ ଶବ୍ଦ ହିଜ୍ରାରୁ ଆନୀତ, ଯାହାର ଅର୍ଥ ଦେଶଛାଡ଼ି ପଳାୟନ।

ପୃଥିବୀ ଇତିହାସରେ ଏତେ ସଂଖ୍ୟକ ପ୍ରଜା କେବେ କେଉଁଠି ଅତ୍ୟାଚାରୀ ଶାସକ ବିରୋଧରେ ବିଦ୍ରୋହ କରି ହିଜ୍ରାତ କରିନାହାନ୍ତି। ଏହା କେବଳ ପବିତ୍ର ମୋହନ ପ୍ରଧାନଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁଁ ସମ୍ଭବ ହୋଇପାରିଥିଲା। ୧୯୩୯ ଜୁନ ୨୩ ତାରିଖ ଦିନ ତାଳଚେର ରାଜା ଅନୁଗୋଳର ବଅଁରପାଳ ଡାକବଙ୍ଗଳାଠାରେ ବ୍ରିଟିଶ୍ ପଲିଟିକାଲ ଏଜେଣ୍ଟଙ୍କ ଉପସ୍ଥିତିରେ ଘୋଷଣା କଲେ ଯେ ବେଠି ପ୍ରଥା, ଧର୍ମ ଅଦାଲତ ଓ ୫ ଅଣା ବାଜେ କରରୁ ୨ ଅଣା ଉଠିଗଲା। ଫଳରେ ପ୍ରଜାମାନେ ହିଜ୍ରାତ କ୍ୟାମ୍ପରୁ ଘରକୁ ପ୍ରତ୍ୟାବର୍ତ୍ତନ କଲେ।

୧୯୪୦ ମସିହା ନଭେମ୍ବର ୨୬ ତାରିଖ ବେଳକୁ ତାଳଚେର ରାଜା ପ୍ରଜାମଣ୍ଡଳର ପ୍ରାୟ ସମସ୍ତ ନେତାଙ୍କୁ ଭାରତ ରକ୍ଷା ଆଇନ ବଳରେ ବନ୍ଦୀ କରି ସାରିଥିଲେ। ୧୯୪୨ ମସିହା ମାର୍ଚ୍ଚ ୨୬ ତାରିଖ ଦିନ ବ୍ରିଟିଶ ରେସିଡେଣ୍ଟଙ୍କ ସହାୟତାରେ ପବିତ୍ରମୋହନଙ୍କ ନାମରେ ମିଥ୍ୟା ମକୋଦ୍ଦମା ରୁଜୁ କରି ତାଙ୍କୁ ଗିରଫ କରି ତାଳଚେର ଜେଲ୍‌ରେ ରଖିଲେ। ଭାରତଛାଡ଼ ଆନ୍ଦୋଳନରେ ସାମିଲ ହେବା ପାଇଁ ପବିତ୍ର ମୋହନ ପ୍ରଧାନ ସାଥୀ ବନ୍ଦୀମାନଙ୍କ ସହାୟତାରେ ପିରାମିଡ ଦ୍ୱାରା ୧୯୪୨ ଅଗଷ୍ଟ ୩୧ ତାରିଖ ତାଳଚେର ଜେଲ୍‌ରୁ ପଳାୟନ କଲେ। କିନ୍ତୁ ଲୋକଙ୍କ ନିକଟକୁ ଏକ ବାର୍ତ୍ତା ଆସିଲା ଯେ ତାଳଚେର ରାଜତନ୍ତ୍ର ପବିତ୍ର ମୋହନ ପ୍ରଧାନଙ୍କୁ ହତ୍ୟାକରି ପଳାୟନର ଆଖ୍ୟା ଦେଇଛି। ତେଣୁ ରକ୍ତମୁଖା ଜନତା ରାଜବାଟୀ ଧ୍ୱଂସ ଓ କାରାଗାର ଭାଙ୍ଗି ଅନ୍ୟ ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତ କରିବା ପାଇଁ ତାଳଚେରର ହାଟତୋଟା ଅଭିମୁଖେ ୧୯୪୨ ସେପ୍ଟେମ୍ବର ୬ ତାରିଖରେ ଯାତ୍ରା ଆରମ୍ଭ କଲେ।

୧୯୪୨ ସେପ୍ଟେମ୍ବର ୭ ତାରିଖ ତାଳଚେର ଇତିହାସରେ ଏକ କଳଙ୍କିତ ଅଧ୍ୟାୟ। ଇଂରେଜ ସରକାର ଆକାଶ ମାର୍ଗରୁ ମେସିନଗନ୍ ସାହାଯ୍ୟରେ ସମବେତ ଜନତାଙ୍କ ଉପରକୁ ଗୁଳି ବର୍ଷଣ କଲେ। ଶତାଧିକ ଆହତ ହେଲେ। ଡଅଁରା ଗ୍ରାମର ବାସୁଦେବ ସାହୁ, କୃତାର୍ଥ ପ୍ରଧାନ, ହାଣ୍ଡିଧୂଆଁର ଭଗବାନ ସାହୁ, ବ୍ରାହ୍ମଣବାହାଳର ଭଜନା ନାଏକ ପ୍ରମୁଖ ଏହି ଆକ୍ରମଣରେ ସହିଦ୍ ହେଲେ। ୫ଟି ସ୍ଥାନରେ ଇଂରେଜ ସରକାର ଭାରତ ବର୍ଷରେ ବିଦ୍ରୋହକୁ ଦମନ କରିବା ପାଇଁ ଆକାଶ ମାର୍ଗରୁ ଗୁଳି ବର୍ଷଣ କରିଥିଲେ। ସେଥିମଧ୍ୟରୁ ଚାରୋଟି ପଶ୍ଚିମ ବଙ୍ଗରେ ଓ ଅନ୍ୟଟି ତାଳଚେରର ହାଟତୋଟାରେ।

ପବିତ୍ର ମୋହନ ପ୍ରଧାନଙ୍କ ବଳିଷ୍ଠ ନେତୃତ୍ୱ ଓ ତାଳଚେରବାସୀଙ୍କ ଦେଶପ୍ରେମ ଯୋଗୁଁ ତାଳଚେର ପ୍ରଜାମଣ୍ଡଳ ପୃଥିବୀ ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ୧୯୩୮ ମସିହା ସେପ୍ଟେମ୍ବର ୬ ତାରିଖରେ ଗଠିତ ପ୍ରଜାମଣ୍ଡଳର ଅବିଶ୍ରାନ୍ତ କାର୍ଯ୍ୟ ଯୋଗୁଁ ଖୁବ୍ କମ୍ ସମୟ ମଧ୍ୟରେ ଅର୍ଥାତ ୧୯୪୮ ଜାନୁଆରୀ ୧ ତାରିଖ ଦିନ ତାଳଚେର ଗଡ଼ଜାତ ରାଜ୍ୟ ମିଶ୍ରଣ ପ୍ରକ୍ରିୟାରେ ସାମିଲ ହୋଇ ସ୍ୱାଧୀନ ଭାରତର ଅଂଶ ହୋଇପାରିଲା।

ସିଦ୍ଧି ପ୍ରସାଦ ସାହୁ
-ପିଏମ୍‌ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
କଣିହାଁ, ଅନୁଗୋଳ (ମୋ-୯୬୯୨୯୫୫୦୧୬)

# ‘ମଣିଷ ଗଠନ ପାଇଁ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’




ବରଗଡ଼, ୫।୯ (ସମିସ)

ବରଗଡ଼ ବିଜ୍ଞାନ କେନ୍ଦ୍ର, ଟୁକୁର୍ଲାଠାରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏଡିଏମ ମଧୁଛନ୍ଦା ସାହୁ ଯୋଗଦେଇଥିଲେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ରଜନୀକାନ୍ତ ଦାଶ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିନୟ ପ୍ରକାଶ ସଏ, ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ସାହୁ, ପାଇକମାଲ ବ୍ଲକ ଶିକ୍ଷା ଅଧିକାରୀ ଅଜନ ସୁନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରୁ ମନୋନୀତ ହୋଇଥିବା ଶିକ୍ଷକମାନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ମଧ୍ୟରେ ଉଚ୍ଚ ବିଦ୍ୟାଳୟରୁ ୧୧ ଜଣ, ପ୍ରାଥମିକ ବିଦ୍ୟାଳୟସ୍ତରରୁ ୧୦ ଜଣ ଓ ଦୁଇ ଜଣ ସିଆରସିସିଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ବିଜ୍ଞାନ ନିରୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମାପିତ ହୋଇଥିବା ବେଳେ ପି.ଏସ୍.ଏସ୍ ସଂଯୋଜକ ପ୍ରିୟବ୍ରତ ସାହୁ, ବିଜ୍ଞାନ କେନ୍ଦ୍ରର ପରିଚାଳକ ଗୋପୀନାଥ ସାହୁଙ୍କ ସମେତ ବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶିକ୍ଷକ ଗୋବିନ୍ଦ ସେଠ୍ ମଞ୍ଚ ପରିଚାଳନା କରିଥିଲେ।

## ମିଳିତ ପ୍ରାଥମିକ ଶିକ୍ଷକ ସଂଘ

ବିଜେପୁର, ୫।୯ (ସମିସ): ଉଚ୍ଚ ଶିକ୍ଷିତ କିମ୍ବା ଉଚ୍ଚ ପଦ ପଦବୀରେ ଅବସ୍ଥାପିତ କରାଇବା ବଡ କଥା ନୁହେଁ ବରଂ ସାମ୍ପ୍ରତିକ ପରିସ୍ଥିତିରେ ସୁମଣିଷଟିଏ ତିଆରି କରିବା ବହୁତ୍ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ। ଏ ଦିଗରେ ଗୁରୁଙ୍କ ଭୂମିକାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ ବୋଲି ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବ୍ଲକସ୍ତରୀୟ ଗୁରୁ ଦିବସ ସମାରୋହରେ ମତପ୍ରକାଶ ପାଇଛି। ସ୍ଥାନୀୟ ଶିକ୍ଷକ ଭବନରେ ଆୟୋଜିତ ଏହି ସମାରୋହକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଲ୍ଲଭ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସଭାପତି ସନ୍ତୋଷ ବାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିନିକାର ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ସାହୁ ସମ୍ମାନୀୟ ଅତିଥି, ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରାକ୍ତନ ଶିକ୍ଷକ ପ୍ରଶିକ୍ଷକ ରମେଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ସୌଦାମିନୀ ମାଝୀ, ଜୟନ୍ତୀ



ସାହୁ, ହରିନାରାୟଣ ମେହେର, ମୋହନ ସାହୁ, ଅମୂଲ୍ୟ ପଧାନ, ଜଗବନ୍ଧୁ ମେହେର, ଭାସ୍କର ସାହୁ, ପୁରନ୍ଦର ମହାନନ୍ଦ ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମାନପତ୍ର, ଉପଢୌକୋନ, ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଅକ୍ଷୟ ସାହୁ ଗୁରୁ ବନ୍ଦନା ପରିବେଷଣ କରିଥିଲେ। ସମ୍ପାଦକ ସୌମ୍ୟରଞ୍ଜନ ପଧାନ ବାର୍ଷିକ ବିବରଣୀ, ଶଶିଭୂଷଣ ସାହୁ ଉଦ୍ଦେଶ୍ୟ ଜ୍ଞାପନ, ବିଜୟ ରଞ୍ଜନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପଦ୍ମନାଭ ଦାଶ ସଙ୍ଗୀତରେ ତଥା ଶିକ୍ଷକ ରାମପ୍ରସାଦ ବାଗ କବିତା ମାଧ୍ୟମରେ ଗୁରୁଙ୍କୁ ଭକ୍ତିପୂତ ଅର୍ଘ୍ୟ ଜଣାଇଥିଲେ। ଶିକ୍ଷକ ଅମୀୟ ପ୍ରସାଦ ଭୋଇ ସଭାକୁ ସଂଯୋଜନା କରିଥିଲେ। ଶେଷରେ ଶିକ୍ଷକ ରାଜେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ଗୁରୁଦିବସ ପାଳନର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଅତାବିରା: ଅତାବିରା ପ୍ରାଥମିକ ଶିକ୍ଷା ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ସରସ୍ୱତୀ ମଣ୍ଡପ ଅତାବିରାଠାରେ ବ୍ଲକସ୍ତରୀୟ ଗୁରୁଦିବସ ପାଳନର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଅତାବିରା ସମନ୍ୱିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରଶ୍ମିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବରଗଡ଼ ସରୋଜ ଭୁଏ, ମୁଖ୍ୟବକ୍ତା ରୂପେ ଟାଇମ୍ସ ଅଫ୍ ଇଣ୍ଡିଆ ଇଂରାଜୀ ପତ୍ରିକାର ବରିଷ୍ଠ ସାମ୍ବାଦିକ ଅଶୋକ ପ୍ରଧାନ, ସମ୍ମାନିତ ଅତିଥି ରୂପେ ଭେଡେନ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଚ୍ଛିନ୍ଦ୍ର ମଲ୍ଲିକ, ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାର, ଅତାବିରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ, ଅବସରପ୍ରାପ୍ତ



ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ କୁମାର ଦାସ ମଞ୍ଚାସୀନ ଥିଲେ। ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ସଂଘର ସହ ସମ୍ପାଦକ ଲୋକନାଥ ମହାନନ୍ଦ। ବାର୍ଷିକ ବିବରଣୀ ପଠନ କରିଥିଲେ ଉପ ସଭାପତି ସୁଜାତା ପଧାନୀ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ମନୋରଞ୍ଜନ ମିଶ୍ର। ସହଯୋଗ କରିଥିଲେ ସନ୍ତୋଷ କର, ନୃପ ଭୋଇ, ନନ୍ଦିଘୋଷ ଭୁଏ, ଅବସର ପ୍ରାପ୍ତ ଶିକ୍ଷକ ସଂଘର ସଭାପତି ନିଶିକାନ୍ତ ପଣ୍ଡା, ସମ୍ପାଦକ ପଞ୍ଚାନନ ନାଥ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ରୂପେ ଓଡ଼ିଶା ସରକାରଙ୍କ ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇଥିଲେ। ବିଭିନ୍ନ ପ୍ରକାର ଶିକ୍ଷକଙ୍କୁ ଗୋଟିଏ ପ୍ରକାର ଶିକ୍ଷକ କରି ଗୋଟିଏ କ୍ୟାଡ଼ର ଭୁକ୍ତ କରି ସମାନ କାମକୁ ସମାନ ଦରମା କରିବା ପାଇଁ ଓଡ଼ିଶା ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ କହିଥିଲେ। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭାରତୀୟ ଜନତା ଦଳର ବରିଷ୍ଠ ନେତା ସୁରେଶ୍ୱର ଶତପଥୀ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବରଗଡ଼ର ଅଧକ୍ଷ ରଜନୀକାନ୍ତ ଦାଶ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାର ଯୋଗଦେଇଥିଲେ। ସଂଘର ସହ ସମ୍ପାଦକ ଲୋକନାଥ ମହାନନ୍ଦ ପଚାଶ ବର୍ଷ ଜୟଯାତ୍ରାର ସ୍ୱର୍ଣ୍ଣୀମ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଗତବର୍ଷ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗୀତା, ମାନପତ୍ର, ଉପଢୌକୋନ ଏବଂ ପୁଷ୍ପ ମାଳ ଦେଇ ସମ୍ମାନିତ କରାଯାଇଥିଲା। ପୂର୍ବ ବର୍ଷ ମାନଙ୍କରେ ଅବସର ଗ୍ରହଣ କରିଥିବା ତିନିଶହ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଫୁଲ ଚନ୍ଦନ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ସୁବର୍ଣ୍ଣ ଜୟନ୍ତୀ ସ୍ମାରକୀ ପତ୍ରିକା ଉନ୍ମୋଚିତ ହୋଇଥିଲା। ଶିକ୍ଷୟିତ୍ରୀ ରଶ୍ମିରାଣୀ ନନ୍ଦଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ଭଉଣୀମାନେ ସ୍ୱାଗତ ତଥା ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ସୁଧାଂଶୁ ଶେଖର ମିଶ୍ର। ସହଯୋଗ କରିଥିଲେ ଅର୍ଜୁନ ଚନ୍ଦ୍ର ପରିଡ଼ା, ଭବାନୀ ଶଙ୍କର ପ୍ରଧାନ, ପିଙ୍କୁ ସାହୁ, ସୁଶାନ୍ତ ତ୍ରିପାଠୀ, ସୁଦାମ ଭୋଇ ଏବଂ ଝରଣା ସେଠ୍।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର

ପଦ୍ମପୁର: ପଦ୍ମପୁର ଶାନ୍ତିନଗର ଅଦିତି ବିହାର ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଗୁରୁଦିବସ ପାଳିତ ହୋଇଯାଇଛି। ସଭାପତି ପ୍ରୀତିରଞ୍ଜନ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଶିକ୍ଷାକେନ୍ଦ୍ରର ପୂର୍ବତନ ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୌକିଲାଲ ସାହୁ, ପୂର୍ବତନ



ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ରାଧାବଲ୍ଲଭ ପାଣିଗ୍ରାହୀଙ୍କୁ ଅଧକ୍ଷା ଆହ୍ଲାଦିନୀ ଦଲାଇ ଓ ପ୍ରଶାସକ ଭରତ ଚନ୍ଦ୍ର ସାହୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁପୂଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ଶେଷରେ ସମ୍ପାଦକ ଆଦିତ୍ୟ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିସିବି ବ୍ୟାଙ୍କ୍

ପଦ୍ମପୁର: ଡିସିବି ବ୍ୟାଙ୍କ ପଦ୍ମପୁର ଶାଖା ତରଫରୁ ଗୁରୁଦିବସ ଅବସରରେ ବରିଷ୍ଠ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବ୍ୟାଙ୍କର ଶାଖା ପ୍ରବନ୍ଧକ ଏମ୍ ରାଜେଶ ଓ ଅନ୍ୟ ଷ୍ଟାଫ୍‌ମାନେ ଉପସ୍ଥିତ ବରିଷ୍ଠ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ପିଲାଙ୍କ ଭବିଷ୍ୟ ଗଢ଼ିବାରେ ଶିକ୍ଷକମାନଙ୍କର ଅବଦାନ, ପରିଣତ ଶିକ୍ଷା ପ୍ରଣାଳୀ ବିଷୟରେ ଚର୍ଚ୍ଚା କରିଥିଲେ। ବ୍ୟାଙ୍କ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ରହିଥିବା ସୁବିଧା ବିଷୟରେ ଅବଗତ କରାଯାଇଥିଲା।

## କ୍ରୀଷ୍ଟା ବିକାଶ ଶିକ୍ଷାନୁଷ୍ଠାନ

ବରଗଡ଼: ବରଗଡ଼ ବରାହଗୁଡ଼ାସ୍ଥିତ କ୍ରୀଷ୍ଟା ବିକାଶ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ ପାଳିତ ହୋଇଯାଇଛି। ବିକାଶ ଆବାସିକ ବିଦ୍ୟାଳୟର ସିନିୟର ସେକେଣ୍ଡେରୀ ଅଧକ୍ଷ ଚିତରଞ୍ଜନ ପତି ଚଳିତ ବର୍ଷ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ସର୍ବଭାରତୀୟ ସ୍ତରରେ ହୋଇଥିବା ଜେଇଇ, ନିଟ୍, ସିୟୁଇଟି ପରୀକ୍ଷାର ସଫଳତା ଉପରେ ଆଲୋକପାତ କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ




ନାରାୟଣ ରଥ ଦେଶ ପ୍ରଗତିରେ ଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷ ଶିଶିର ପ୍ରସାଦ ରାଉଳ ବିକାଶ ଶିକ୍ଷାନୁଷ୍ଠାନର ଶିକ୍ଷକମାନଙ୍କର କଠିନ ପରିଶ୍ରମ, କର୍ତବ୍ୟନିଷ୍ଠା, ସାଧୁତା ଯୋଗୁଁ ଆଜି ବିକାଶ ଶିକ୍ଷାନୁଷ୍ଠାନ ଭାରତର ତିନୋଟି ରାଜ୍ୟରେ ତା’ର ଶାଖା ପରିବର୍ଦ୍ଧିତ ହୋଇପାରିଛି ବୋଲି କହିଥିଲେ। ଏଡ୍‌ମିନିଷ୍ଟ୍ରେଟିଭ୍ ଅଫିସର୍ ଏସ୍. କାନ୍ତା ରାଓଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଉପାଧକ୍ଷ (ଏକାଡେମିକ୍ସ) ଡ. ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଉପାଧକ୍ଷ (ସିବିଏସ୍‌ଇ ଏଫେୟାସ୍‌ର୍) ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ପାଇକମାଲ: ପାଇକମାଲ ବ୍ଲକର ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଧକ୍ଷ ଗଙ୍ଗାଧର ରଣାଙ୍କ ସଭାପତିତ୍ୱରେ ଗୁରୁଦିବସ ପାଳିତ ହୋଇଯାଇଛି। ଉପାଧକ୍ଷ ମଳୟ ହଂସ ସଭା ପରିଚାଳନା କରିଥିଲେ। ହରିପ୍ରିୟା ସାହୁ, ଭିଏସନନ୍ଦ ବରିହା, ଟିକେଶ୍ୱରୀ ବିଶ୍ୱାଳ, ତପସ୍ୱିନୀ ଭୋଇ, ଜଗନ୍ନାଥ



ରଣା, କରୁଣାକର ପ୍ରଧାନ, ବବିତା ପ୍ରଧାନଙ୍କ ସମେତ ସମସ୍ତ ଅପା ଭାଇ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ମାଣ୍ଡୋସଲ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ପୋର୍ଟା ମିନତୀ ଟେଟେଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ଡନସନା, ମୁଖ୍ୟବକ୍ତା ଭାବରେ ଆମେରିକାରେ ଗବେଷଣାରତ ତଥା ବିଦ୍ୟାଳୟର ପୁରାତନ ଛାତ୍ର ଭୁବନାନନ୍ଦ ସାହୁ ମଞ୍ଚାସୀନ ଅତିଥି ଭାବରେ ଉପସ୍ଥିତ ଥିଲେ। ନୀଳମଣି ବରିହା ଧନ୍ୟବାଦ ଦେଇଥିଲେ। ସେହିପରି ଜାମସେଠ ପଞ୍ଚାୟତ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଗୋପାଳ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ, ଜାମସେଠ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାଗ୍ୟବତୀ ରଣାଙ୍କ ସଭାପତିତ୍ୱରେ, ଭେରୁଆମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଲିଙ୍ଗେଶ୍ୱର ମୁଟୁକିଆଙ୍କ ସଭାପତିତ୍ୱରେ, ଡୁମ୍ବେରବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ହୃଷିକେଶ ବାଗଙ୍କ ସଭାପତିତ୍ୱରେ, ଛେଚଗାଁ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରାଜ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଗୁରୁଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସିଆରସିସି ଚିତ୍ର ବିଶ୍ୱାଳ ଯୋଗ ଦେଇଥିଲେ। ଶିକ୍ଷକ ସୁବୋଧ ପୁରୋହିତ, ଲିଙ୍ଗରାଜ ସାହୁ ଓ ନାରାୟଣ ସାହୁ ମଞ୍ଚାସୀନ ଥିଲେ। ଛାତ୍ରୀ ଗିତାଞ୍ଜଳୀ ନାୟକ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। (୧୧)

## ‘ଶିକ୍ଷାର୍ଥୀ ଓ ଗୁରୁଙ୍କ ମଧ୍ୟରେ ବନ୍ଧୁତାପୂର୍ଣ୍ଣ ସମ୍ପର୍କ ରହିବା ଉଚିତ’

ଭଟଲି: ଗୁରୁ ସର୍ବଦା ନମସ୍ୟ। ତାଙ୍କ ସ୍ଥାନ ସ୍ୱତନ୍ତ୍ର ଓ ସର୍ବାଗ୍ରେ। ତେଣୁ ପିଲାଙ୍କ ପାଠପଢ଼ାରେ ଗୁରୁମାନେ ସମୟ ଦେଇ ଉତ୍ତମ ଶିକ୍ଷାର୍ଥୀ ଗଠନରେ ସହାୟକ ହେଲେ ଦୁନିଆ ଆଗେଇବ। ସେଥିପାଇଁ ଉଭୟ ଶିକ୍ଷାର୍ଥୀ ଓ ଗୁରୁମାନଙ୍କ ମଧ୍ୟରେ ଏକ ବନ୍ଧୁତା ପୂର୍ଣ୍ଣ ସମ୍ପର୍କ ରହିବା ଉଚିତ ବୋଲି ବରଗଡ଼ ଜିଲ୍ଲା ଭଟଲି ସତୀହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବ୍ଲକସ୍ତରୀୟ ଗୁରୁ ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି। ବ୍ଲକ




ପ୍ରାଥମିକ ଶିକ୍ଷକ ଫୋରମ୍ ଆନୁକୂଲ୍ୟରେ ଅନୁଷ୍ଠିତ ତଥା ସଭାପତି ଯୋଗେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଭଟଲି ବିଡିଓ ପ୍ରମୋଦ ଚନ୍ଦ୍ର ମେହେର, ତହସିଲଦାର ରାମକୃଷ୍ଣ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଜୟଶ୍ରୀ ମହାନ୍ତି, ଅସର୍ପି ବନଛୋର, ପ୍ରମୋଦିନି ତାଣ୍ଡି, ଅନୀମା ପୂଜାରୀ, ଜୟନ୍ତୀ ପାତ୍ର, ଶିକ୍ଷକ ଜିବର୍ଦ୍ଧନ ଭୁଏ, ପରେଶ ଭୋଇ, ନିରଞ୍ଜନ ପ୍ରଧାନ, ସୁବୋଧ ଚନ୍ଦ୍ର ସାହୁ, ଅଭୟ ସାହୁ, ନିଲାକାର ଭୁଏ ପ୍ରମୁଖ ୧୧ ଜଣଙ୍କୁ ଫୁଲ ଚନ୍ଦନ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯିବା ସହ ଗୁରୁ ପୂଜନ କରାଯାଇଥିଲା। ପରେ ଶିକ୍ଷୟିତ୍ରୀ ନଳିନୀ କୁଅଁର ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ସ୍ୱରଚିତ କବିତା ପାଠ କରିଥିଲେ। କୈଳାସ ଚନ୍ଦ୍ର ଦାଶଙ୍କ ସଂଯୋଜନାରେ ସ୍ଥାନୀୟ ଶାନ୍ତି ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଶେଷରେ ଶିକ୍ଷକ ଗଜରାଜ ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁରୁଙ୍କ ଚିତ୍ର ଆଙ୍କି ଉପହାର ଦେଲେ ଛାତ୍ରଛାତ୍ରୀ

ବରଗଡ଼: ସ୍ଥାନୀୟ ରାଣା ପ୍ରତାପ ସ୍କୁଲଠାରେ ଗୁରୁଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଶିକ୍ଷକ ଡ. ଡୋଳାମଣି ଶତପଥି ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୀନା ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସୃଜନ ଶୀଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ନିଜ ନିଜ ପ୍ରିୟ ଗୁରୁ ଗୁରୁ ମା’ମାନଙ୍କ ଚିତ୍ର ଆଙ୍କି ଗୁରୁମାନଙ୍କୁ ଉପହାର ଦେଇଥିଲେ। ଯାହା ଗୁରୁ ଓ ଶିଷ୍ୟମାନଙ୍କ ପାଇଁ ସ୍ମରଣୀୟ ମୁହୂର୍ତ୍ତରେ ପରିଣତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, କବିତା ପାଠ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ, ନିଳିମା ପ୍ରଧାନ, ଜ୍ୟୋତି ବେହେରା, ମିତା ସାହୁ, ଗୀତା ଜାଲ, ସୁନୀତା ମିଶ୍ର, ସୀମା ଭୋଇ, ତପସ୍ୱିନୀ ତ୍ରିପାଠୀ, ଭାରତୀ ସେଟ୍, ବବିତା ନାଏକ, ନନ୍ଦିତା ସାହୁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଗୁରୁ ପୂଜନ ପରେ ସୀମା ସାହୁ ଗୁରୁବନ୍ଦନା ଗାନ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଛାତ୍ରଛାତ୍ରୀଙ୍କ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଥିଲେ।



## ଝିଲିମିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ବରଗଡ଼: ଶୁକ୍ରବାର ବରଗଡ଼ ଜିଲ୍ଲା ଅତାବିରା ଥାନା ଅନ୍ତର୍ଗତ ଝିଲିମିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ‘ଗୁରୁ ଦିବସ’ ପାଳିତ ହୋଇଯାଇଛି। ଏହି ଅବସରରେ କାଳିଚରଣ ହୋତା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମୁକୁନ୍ଦ ମହାରଣା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ହିମାଦ୍ରି ନାଗ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ଶିଶୁମାନେ ଗୁରୁ ପୂଜନ କରିଥିଲେ। କାର୍ଯ୍ୟକ୍ରମକୁ କୁନ୍ତୀ ପ୍ରଧାନ ପରିଚାଳନା କରିଥିଲେ। ପରିଶେଷରେ ସୁଶ୍ରୀ ରଶ୍ମିତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସୋହେଲା ପବ୍ଲିକ ସ୍କୁଲ

ସୋହେଲା: ସୋହେଲା ପବ୍ଲିକ ସ୍କୁଲରେ ଗୁରୁ ଦିବସ ପାଳିତ ହୋଇଛି। ବିଦ୍ୟାଳୟ ଅଧକ୍ଷ ଲକ୍ଷ୍ମୀକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷକ ସଞ୍ଜୟ ସେନାପତି, ଶିକ୍ଷାବିତ୍ ଶାନ୍ତନୁ ଗୁରୁ, ଭାଇସ ପ୍ରିନ୍ସିପାଲ ବିରେନ୍ଦ୍ର ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟରେ ୧୦ ବର୍ଷରୁ ଅଧିକ




ଶିକ୍ଷକତା କରିଥିବା ଶିକ୍ଷକ ଶେଷଦେବ ସାହୁ, ଶିକ୍ଷୟିତ୍ରୀ ରେଣୁକା ଭୋଇ, ଶିକ୍ଷୟିତ୍ରୀ ମେହଜବିନ ମେମନ୍ ଓ ପ୍ରିନ୍ସିପାଲ୍ ଲକ୍ଷ୍ମୀକାନ୍ତ ସାହୁଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ସଭାପତି ଅନିଲ ପଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉପଢୌକୋନ, ପୁଷ୍ପଗୁଚ୍ଛ ଓ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ସମ୍ପାଦକ ଅଧାପକ ପ୍ରେମଚାନ୍ଦ ଦୁଆନ, ଲିଲାମୟ ବେହେରା ଓ ରିନୁ ତିୱାରୀ ଉପସ୍ଥିତ ଥିଲେ।

## ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ

ଦହିତା: ସ୍ଥାନୀୟ ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ କ୍ଷୀରସିନ୍ଧୁ ସୁନାଙ୍କ ସଭାପତିତ୍ୱରେ ଗୁରୁଦିବସ ପାଳିତ ହୋଇଛି। ଏଥିରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଉପେନ୍ଦ୍ର ପଟେଲ ଯୋଗଦେଇଥିଲେ। ଅତିଥି ଉପେନ୍ଦ୍ର ପଟେଲ ଏକଲବ୍ୟ ଉପାଖ୍ୟାନରୁ ନେଇ ପୁରାଣ ଅନୁସାରେ ଗୁରୁ ପରଂପରା ଓ ଆଜିର ଛାତ୍ରଛାତ୍ରୀ କିପରି ବିପଥଗାମୀ ନହେବେ ସେ ଉପରେ ବାର୍ତ୍ତା ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ କ୍ଷୀରୋଦ୍ର ନାଥ ସାହୁ ଗୁରୁଦିବସ



ତାତ୍ପର୍ଯ୍ୟ ଉପରେ କହିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବିନୋଦ ବିହାରୀ ପ୍ରଧାନଙ୍କ ରଚିତ ଗୁରୁ ବନ୍ଦନା ଗାନ କରାଯାଇଥିଲା। ଲିଜୁତା ଛତ୍ରିଆ ‘ଗୁରୁ ନିମକୁ ଅମୃତ କରିପାରେ’ ଗୁରୁବନ୍ଦନା ଗାଇଥିଲେ। ଛାତ୍ରଛାତ୍ରୀମାନେ ଗୁରୁମାନଙ୍କ ପଦ ବନ୍ଦନା କରିଥିଲେ। ଗଣିତ ଶିକ୍ଷକ ଦୀପକ ସିଂ ବରିହା ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଶିକ୍ଷକ ପୁରନ୍ଦର ଭୋଇ, କିଶୋର କୁମ୍ଭାର, ତ୍ରିଲୋକେଶ ବରିହା, ତୁଷାର ରଞ୍ଜନ ପାଣିଗ୍ରାହୀ, ସୋନାଲିକା ଶବର, ରେବତୀ ବିଶି, ଭାନୁମତୀ କଲାହାରୀ, ପୂଜା ସାହୁ, ମନୀଷା ବେଶ୍ରା ଓ ପୂରନ୍ ବାଗ ସହଯୋଗ କରିଥିଲେ।

## ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

ପଦ୍ମପୁର: ସ୍ଥାନୀୟ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଗୁରୁଦିବସ ପାଳିତ ହୋଇଛି। ମାନସ ରଞ୍ଜନ ଶତପଥୀ ସଭା ପରିଚାଳନା



କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ରବୀନା ପଧାନ ଉଦ୍ଦେଧଶ୍ୟ ଜ୍ଞାପନ କରିଥିଲେ। ଜ୍ୟୋତ୍ସ୍ନା ରାଣୀ ସାହୁ, ପୂଜାରାଣୀ ନାୟକ, ମନୀଷା ଭୋଇ, ବୃନ୍ଦାବତୀ ସାହୁ, ପ୍ରଭାତୀ ପଟ୍ଟନାୟକ ଗୁରୁ ଶିଷ୍ୟ ପରମ୍ପରାର ମହାନତା ଆଲୋକପାତ କରିଥିଲେ। ମମତା ମିଶ୍ର ଗୀତ ମାଧ୍ୟମରେ ଗୁରୁଙ୍କ ଗୁଣଗାନ କରିଥିଲେ। ଶିକ୍ଷୟିତ୍ରୀ ଖୁସବୁ ବରିହା ଧନ୍ୟବାଦ ଜ୍ଞାପନ କରିଥିଲେ। ସଂଯୁକ୍ତା ଭୋଇ, ଜ୍ୟୋତି ରେଖା ମହାନନ୍ଦ, ଅମନ୍ କୁମାର ପଣ୍ଡା, ନିଳୀମା ରାଣୀ ମହାନ୍ତି, ସୁଷମା ଦାଶ, ଦୁଷ୍ମନ୍ତ ଛତର, ପ୍ରଭାସିନୀ ସାହୁ ସହଯୋଗ କରିଥିଲେ।

## ପୁରେନା ପଞ୍ଚାୟତ ଉଚ୍ଚବିଦ୍ୟାଳୟ

ପଦ୍ମପୁର: ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପୁରେନା ପରିସରରେ ଗୁରୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ଇଂରାଜୀ ଶିକ୍ଷକ ଟିକେଲାଲ ସାହୁ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ। ପରିଚାଳନା କମିଟିର ସଦସ୍ୟ ରଣଜିତ ବୁଡେକ୍, ଅତିଥି ଶିକ୍ଷକ ଅକ୍ଷୟ କୁମାର ବେହେରା, ଶିକ୍ଷୟିତ୍ରୀ ଚଞ୍ଚଳା ସାହୁ, ଯତୀନ୍ଦ୍ର ଦୀପ ପ୍ରମୁଖ ଗୁରୁ ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଖେଳଶିକ୍ଷକ ବୁଲୁ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସୁରେଶ ପଟେଲ ସହଯୋଗ କରିଥିଲେ।

## ରେଡିଏନ୍ସ ଶିକ୍ଷାନୁଷ୍ଠାନ

ବିଜେପୁର : ବରଗଡ଼ ଜିଲ୍ଲା ବିଜେପୁର ସ୍ଥିତ ରେଡିଏନ୍ସ ଶିକ୍ଷାନୁଷ୍ଠାନ ଠାରେ ପ୍ରାଚୀନ ପରମ୍ପରା ଅନୁସାରେ ଗୁରୁଦିବସ ପାଳିତ ହୋଇଯାଇଛି। ସର୍ବପଲ୍ଲୀ ରାଧାକ୍ରିଷ୍ଣନ, କବି ଗଙ୍ଗାଧର ମେହେର ଓ ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତଃ ଠାକୁର



ଚରଣ ମେହେରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସମସ୍ତ ଗୁରୁ ମାନଙ୍କର ପାଦଧୌତ ସହ ଉତ୍ତରୀୟ ଦେଇ ଭକ୍ତିପୂତ ଭାବରେ ପୂଜାର୍ଚ୍ଚନା କରିଥିଲେ। ଗୁରୁ ବନ୍ଦନା କରିଥିଲେ। ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ଅଜିତ କୁମାର ମେହେର, ଅଧକ୍ଷ ପ୍ରଫେସର ଘନଶ୍ୟାମ ମେହେର, ଏକାଡେମିକ ଡାଇରେକ୍ଟର ଗୋବିନ୍ଦ ମେହେର, ଏଡମିଷ୍ଟେଟିଭ ଡାଇରେକ୍ଟର ନେତ୍ରମଣୀ ମେହେର, ପ୍ରଫେସର ରେବନ୍ତ କୁମାର ମେହେର, ସ୍କୁଲ ଅଧକ୍ଷା ମୋହିନୀ ମେହେର, ଉପାଧକ୍ଷ ସଞ୍ଜୟ ବାରିକ, ପ୍ରଫୁଲ୍ଲ ପ୍ରଧାନ, ଉପଦେଷ୍ଟା ରାଜେଶ୍ରୀ ମେହେରଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପୁଣି କୂଳ ଲଙ୍ଘିଲା ବୈତରଣୀ ▸ ନଦୀ-ପଥ-କ୍ଷେତ ଏକାକାର



**ଆଖଣ୍ଡଳମଣି-କୁଆଖିଆ ଜାତୀୟ ରାଜପଥରେ ୨ ଫୁଟର ପାଣି**

**୧୫ଟି ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ; ଯାତାୟାତ ବାଧାପ୍ରାପ୍ତ**

ଭଦ୍ରକ/ଆରଡି, ୫ା୯ (ସମିସ)

ଗତ ୪ ଦିନ ହେବ ବୈତରଣୀ ନଦୀର ଉପର ମୁଣ୍ଡରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବନ୍ୟାପାଣି ବୃଦ୍ଧି ପାଇବା ପରେ ତଳମୁଣ୍ଡରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏପରିକି ଆରଡି ନିକଟ ବୋଡକଠାରେ ବୈତରଣୀ ନଦୀ କୂଳ ଲଙ୍ଘିବାରୁ ଆଖଣ୍ଡଳମଣି-କୁଆଖିଆ ୨୦ନଂ. ଜାତୀୟ ରାଜପଥ ଉପରେ ୨ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ନଦୀ-ପଥ-କ୍ଷେତ ଏକାକାରା ହୋଇଯାଇଛି। ଯାତାୟତ ଠପ୍ ହୋଇଯାଇଥିବାରୁ ଉଭୟ ପାର୍ଶ୍ୱରେ ଗାଡି ଅଟକି ରହିଛି। ବିଶେଷକରି ଆଗକୁ ପୂର୍ଣ୍ଣିମା ତିଥି ଥିବାରୁ ଧାମରାଠାରେ ସମୁଦ୍ର ଅଶାନ୍ତ ହୋଇପଡ଼ିବା ସହ ଉଚ୍ଚ ଜୁଆର ଢେଉ ଆସୁଥିବାରୁ ବନ୍ୟାପାଣି ନିଷ୍କାସନରେ ବାଧକ ସାଜିଛି। ଫଳରେ ବନ୍ୟାପାଣି ଗାଁଦାଣ୍ଡ ଓ ଘରେ ପଶିଥିବାରୁ ବିପନ୍ନଙ୍କ ଅବସ୍ଥା ଦୁର୍ବିସହ ହୋଇପଡ଼ିଛି। ଲଗାଣବର୍ଷା ଯୋଗୁଁ ୪ଟି ପଞ୍ଚାୟତର ଶହଶହ ଏକର ଚାଷଜମି ଜଳମଗ୍ନ ହୋଇରହିଛି। ଗୃହପାଳିତ ପଶୁ ଗାଁଦାଣ୍ଡ ଓ ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି। ଏପରିକି ଅନେକ ସ୍ଥାନରେ ନଦୀବନ୍ଧ ଦୁର୍ବଳ ରହିଥିବାରୁ ନଦୀକୂଳିଆ ଲୋକ ପାଳିକରି ଜଗି ରହୁଛନ୍ତି। ଏଥିସହ ମୁଆ ଘୋଷରାରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଗାଁ ସହ ସନ୍ତରା, ସିଙ୍ଗିପୁର, ବାତୋଳ, ସାନଫଙ୍କି, ପାଳଟପୁର, ବାଙ୍କମୁଆ ଆଦି ୧୫ଟି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇରହିଛି।



## ଏନ୍‌ଆରଆଇ ବିଦ୍ୟାଳୟରେ ଗୁରୁଦିବସ

# 'ଗୁରୁପୂଜନ ପରମ୍ପରା ଭାରତୀୟ ସଂସ୍କୃତିର ଆଧାର'



**ଭଦ୍ରକ, ୫ା୯ (ସମିସ):** ଭଦ୍ରକ ସହରର ଆରଡ଼ିଛକ ସ୍ଥିତ ଏନଆରଆଇ ଅନ୍ତର୍ଜାତୀୟ ବିଦ୍ୟାଳୟ ପରିସରରେ ଶୁକ୍ରବାର ଗୁରୁପୂଜନ କାର୍ଯ୍ୟକ୍ରମ ଅଧ୍ୟକ୍ଷ ବିବେକାନନ୍ଦ ସେନାପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ରମେଶ ଚନ୍ଦ୍ର ଦାଶ ଏଥିରେ ମୁଖ୍ୟ ଅତିଥି ରୂପେଯୋଗଦେଇ 'ଗୁରୁପୂଜନ ପରମ୍ପରା ଭାରତୀୟ ସଂସ୍କୃତିର ଆଧାର ଓ ଗୁରୁ ଶିଷ୍ୟର ତୃତୀୟ ନୟନ ଉନ୍ମୋଚନ କରେ' ବୋଲି କହିଥିଲେ। ସଭାରେ ବିଦ୍ୟାଳୟର ମୁଖ୍ୟ ନରେନ୍ଦ୍ର ପ୍ରସାଦ ସାହୁ, ମୁଖ୍ୟା କମଳା ସାହୁ, ନିର୍ଦ୍ଦେଶକ ଗୌରାଙ୍ଗ ଚରଣ ନାଥ, ଲକ୍ଷ୍ମୀଧର ନାୟକ, ସୁଶାନ୍ତ କୁମାର ପାଣି ପ୍ରମୁଖ ଯୋଗଦେଇ ଗୁରୁ ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ଅଭିଭାବକ ଉପସ୍ଥିତ ଥିଲେ।

# ଦୁର୍ଦ୍ଦାନ୍ତ ମଦମାଫିଆ କୋର୍ଟ ଚାଲାଣ

**ଧାମନଗର/ବାରିକପୁର, ୫ା୯ (ସମିସ):** ଅବକାରୀ ବିଭାଗ ଏକ ବଡ଼ ସଫଳତା ହାସଲ କରିଛି। ସୂଚନା ଆଧାରରେ ଚମ୍ପଟ ମାରିଥିବା ଜଣେ ଦୁର୍ଦ୍ଦାନ୍ତ ମଦ ମାଫିଆକୁ ଅବକାରୀ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ ଯେ, ଭଦ୍ରକ ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ



ଗତ ୨୩ ତାରିଖରେ ଅବକାରୀ ବିଭାଗର ଜିଲ୍ଲା ଭ୍ରାମ୍ୟମାଣ ଶାଖା ଦ୍ୱାରା ୩୦୦ ଲିଟର ଚୋରା ଦେଶୀମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଧାମନଗର ଥାନା ଅନ୍ତର୍ଗତ ତାଳସିଠା ଗ୍ରାମର ହରିଆ ମୁଣ୍ଡାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା; କିନ୍ତୁ ସେହି କେସରେ ସମ୍ପୃକ୍ତ ଥିବା ବାରିକପୁର ନିକଟସ୍ଥ ତୋଡଙ୍ଗ ଗ୍ରାମର ଅନ୍ୟ ଏକ ବ୍ୟକ୍ତି ବିମଳ ପୁଣ୍ଟିଆ ଓରଫ୍ ଟିକି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପରେ ଜିଲ୍ଲା ଭ୍ରାମ୍ୟମାଣ ସ୍କ୍ୱାଡ ଏବଂ ଧାମନଗର ଅବକାରୀ ଦ୍ୱାରା ମିଳିତ ଭାବେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ବୁଧବାର ବିଳମ୍ବିତ ରାତିରେ ଦୁର୍ଦ୍ଦାନ୍ତ ମଦମାଫିଆକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ଡିଇଓଙ୍କୁ ଜିଲ୍ଲାପାଳଙ୍କ କାରଣ ଦର୍ଶାଅ ନୋଟିସ୍

**ଭଦ୍ରକ/ବାସୁଦେବପୁର, ୫ା୯ (ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ କିସ୍ମତ କୃଷ୍ଣପୁର ପଞ୍ଚାୟତ ବହୁମାଘେରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଛାତ ଖସିବାରୁ ୩ ଜଣ ଛାତ୍ରୀ ଆହତ ଘଟଣାରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଜିଲ୍ଲା ଶିକ୍ଷାଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହିତ ଏହି ଘଟଣା କିପରି ଘଟିଲା ସେ ନେଇ ବୈଷୟିକ ତ୍ରୁଟି ସମ୍ପର୍କରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ଏହି ଘଟଣାକୁ ନେଇ ଜିଲ୍ଲାବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ୪ ଛାତ୍ରୀ ରାଜ୍ୟସ୍ତରୀୟ କ୍ରୀଡ଼ା ପାଇଁ ମନୋନୀତ

**ବନ୍ତ/ଆଗରପଡ଼ା, ୫ା୯ (ସମିସ):** ଆଗରପଡ଼ା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ୪ ଜଣ ଛାତ୍ରୀ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଏହି ସ୍କୁଲର ସପ୍ତମଶ୍ରେଣୀ ଛାତ୍ରୀ ଚିମି ମୁର୍ମୁ ଚେସ, ଅଷ୍ଟମ ଶ୍ରେଣୀ ଛାତ୍ରୀ କାନିଜ ଖାତୁନ ସିଙ୍ଗଲ ବ୍ୟାଡ଼ମିଣ୍ଟନ, ନବମ ଶ୍ରେଣୀ ଛାତ୍ରୀ ନିଶିପ୍ରଭା ମହାପାତ୍ର ଓ ମନସ୍ମିତା ରାଉତ ମନୋନୀତ ହୋଇଛନ୍ତି। କ୍ରୀଡ଼ା ଶିକ୍ଷୟିତ୍ରୀ ବିଦ୍ୟୁତଲତା ଦାସଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ଏହି କ୍ରୀଡ଼ା ଅଭ୍ୟାସ କରିଥିଲେ। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି, ବରିଷ୍ଠ ଶିକ୍ଷକ ଅଜିତ ରାଉଳ, ପରିଚାଳନା କମିଟି ସଭାନେତ୍ରୀ ବର୍ଷାରାଣୀ ମଲ୍ଲିକ, ସଭ୍ୟ ଅକ୍ଷୟ ସିଂହ, ସହକାରୀ ଶିକ୍ଷକ ଭୀମସେନ ପାଳ, ବନଜିନୀ ନାୟକ, ଭାଗ୍ୟଶ୍ରୀ ପଣ୍ଡା ପ୍ରମୁଖ ଏହି ୪ଜଣ ଛାତ୍ରୀଙ୍କ ସଫଳତା କାମନା କରିଥିଲେ।

# ୩ ଶିକ୍ଷକଙ୍କୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'

ଭଦ୍ରକ, ୫ା୯ (ସମିସ): ଭଦ୍ରକ ବ୍ଲକ ଅଧିନ ଚଣ୍ଡୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ର ହିନ୍ଦୀ ଶିକ୍ଷୟିତ୍ରୀ ଅନୁଶ୍ରୀ ଦାସ, ଗଣିତ ଶିକ୍ଷକ ଡମ୍ବରୁଧର ସାମଲ, ଇଂରାଜୀ ଶିକ୍ଷୟିତ୍ରୀ ଦେବକୀ ମହାନ୍ତି ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନ ପରାମର୍ଶକ୍ରମେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ତରଫରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କରିଛନ୍ତି। ପ୍ରକାଶ ଥାଉ କି ଶିକ୍ଷକ-ଶିକ୍ଷୟିତ୍ରୀମାନେ ଓଡ଼ିଆ ବ୍ୟାକରଣ କୁ କବିତା ମାଧ୍ୟମରେ ଶିକ୍ଷାଦାନ, ପରିବେଶ ଅନୁକୂଳ ବିଭିନ୍ନ ଉତ୍ସବ ଓ ପୂଜା କରିବା, ବିଦ୍ୟାଳୟ ରେ ଭାଷା ବଗିଚା ସୃଷ୍ଟି କରିବା, ଘର ଘର ବୁଲି ଅଧା ପାଠ ପଢ଼ି ଛାଡିଥିବା ପିଲା ମାନଙ୍କୁ ବିଦ୍ୟାଳୟ ମୁହାଁ କରାଇବା ଭଳି ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ କରି ବେଶ ପ୍ରଶଂସିତ ହୋଇଥିଲା। ଆଜି ଭଦ୍ରକ ଜିଲ୍ଲା ସ୍କୁଲ ଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଏହି ୩ଜଣ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ମାନ ଜନକ ପୁରସ୍କାର ପ୍ରଦାନ କରାଯାଇଛି। ଏହି ସଫଳତା ଲାଗି ପ୍ରଧାନ ଶିକ୍ଷ୍ୟକ, ସମସ୍ତ ସହକାରୀ ଶିକ୍ଷକ-ଶିକ୍ଷୟତ୍ରୀ ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।



# କଳାବ୍ୟାଜ ପିନ୍ଧି ଗୁରୁ ଦିବସ ପାଳିଲେ ଅଧାପକ, ଅଧାପିକା




**ଭଦ୍ରକ, ୫ା୯ (ସମିସ):** ଓଡ଼ିଶା ରାଜ୍ୟ ବେସରକାରୀ ଅଧାପକ ଓ ଅଧାପିକା ସଂଘ ଆଜି ଗୁରୁ ଦିବସକୁ କଳା ଦିବସ ରୂପେ ପାଳନ କରିଛନ୍ତି। ସମସ୍ତ ଅଧାପକ ଏବଂ ଅଧାପିକା କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଛନ୍ତି। ସୂଚନା ମୁତାବକ ନିଜର ଦାବି ପୂରଣ ପାଇଁ ଦୀର୍ଘ ୧୯ ଦିନ ହେବ ସାରା ରାଜ୍ୟ ପରି ଭଦ୍ରକ ଜିଲ୍ଲା ଚାନ୍ଦବାଲି କଲେଜରେ ଧାରଣାରେ ବସିରହିଛନ୍ତି ବେସରକାରୀ ଅଧାପକ ଓ ଅଧାପିକାଙ୍କ ସମେତ କର୍ମଚାରୀ। ଆଜି ଗୁରୁ ଦିବସରେ ସେମାନଙ୍କ ସହ ସାରା ଜିଲ୍ଲାର ଅଧାପକ/ ଅଧାପିକା ଯୋଗଦେଇ ଗୁରୁ ଦିବସକୁ କଳା ଦିବସ ରୂପେ ପାଳନ କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଗତ ୨୦୦୮ରୁ ୨୦୧୮ ମସିହାରେ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧାପକ ଅଧାପିକା ଓ କର୍ମଚାରୀଙ୍କୁ ଯେ ପର୍ଯ୍ୟନ୍ତ ଅନୁଦାନଭୁକ୍ତ କରା ନ ଯାଇଛି ସେ ଯାଏ ଏଭଳି ପ୍ରତିବାଦ ଜାରି ରହିବ ବୋଲି ସଂଘର କର୍ମକର୍ତ୍ତା କହିଛନ୍ତି। ସୂଚନାଯୋଗ୍ୟ ଯେ ଅଧାପକ, ଅଧାପିକା ଓ କର୍ମଚାରୀ ଗତ ଅଗଷ୍ଟ ୧୮ ତାରିଖରୁ ନିଜ ନିଜ କାର୍ଯ୍ୟ ବନ୍ଦ କରି ମହାବିଦ୍ୟାଳୟ ପରିସରରେ ଧାରଣାରେ ବସି ରହିଛନ୍ତି। ଫଳରେ ପିଲାମାନଙ୍କର ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ଏଥି ସହିତ ମହାବିଦ୍ୟାଳୟର କର୍ମଚାରୀ ଧାରଣାରେ ବସି ରହିବା ଫଳରେ ଅଫିସ କାମ ମଧ ଠପ ହୋଇଯାଇଛି। ଆଜିର ଏହି କଳା ଦିବସ ପାଳନରେ ଅଧାପକ ସତ୍ୟପ୍ରକାଶ ବେହେରା ଓ ଅଧାପକ କମଳାକାନ୍ତ ଓଝା ପ୍ରମୁଖ ନେତୃତ୍ୱ ନେଇଥିଲେ।

# ପ୍ରଫେଟ ମହମ୍ମଦଙ୍କ ଜନ୍ମ ଦିବସ ପାଳନ



**ଧାମନଗର, ୫ା୯ (ସମିସ):** ଧାମନଗର ଏନଏସି ଅନ୍ତର୍ଗତ ୮ ନମ୍ବର ୱାର୍ଡର ଜଗତି କଦମରସୁଲ ଠାରେ ପ୍ରଫେଟ ମହମ୍ମଦଙ୍କ ୧୫୦୦ତମ ଜନ୍ମ ଦିବସ ମହାଆଡମ୍ବରରେ ପାଳିତ ହୋଇଛି। ଏହି ଅବସରରେ ଶୁକ୍ରବାର ଭୋରୁ ଜଗତି କଦମରସୁଲ କମିଟି ସଭାପତି ତଥା ଦର୍ଘା ସରିଫ୍ ମତ୍ୱଲ୍ଲୀ ମୌଲାନା ମହମ୍ମଦ ହମ୍ମାଦ୍ ହବିବ ଯୋଗ ଦେଇ ମହମ୍ମଦଙ୍କ ପାଦଚିହ୍ନ ସହ ବ୍ୟବହାର କରିଥିବା ତବ୍ରୁକାତ ଗୁଡିକୁ ଗୋଲାପ ଜଳ ଓ ଚନ୍ଦନରେ ଗୌସଲ (ସାନ୍ନ) କରିଥିଲେ। ମୌଲବି, ମୌଲାନାଙ୍କ ଦ୍ୱାରା କୋରାନ ଖାନି, ଫାତେହା ପରେ ବିଭିନ୍ନ ଆଖପାଖ ଅଞ୍ଚଳ ଓ ସାହି ବସ୍ତିରୁ ଭକ୍ତ ଓ ଶ୍ରଦ୍ଧାଳୁ ଚାଦର ଚଢାଇ ପୁଷ୍ପମାଲ୍ୟ ଅର୍ପଣ ସହ ଦର୍ଶନ କରିଥିଲେ। ପରେ ବିଭିନ୍ନ ପ୍ରକାର ତବ୍ରୁକାତର ସର୍ବସାଧାରଣରେ ଦର୍ଶନ ଆରମ୍ଭ ହୋଇଥିବା ବେଳେ (ଲଙ୍ଗର) ଭୋଗ ବଣ୍ଟନ କରାଯାଇଥିଲା। ଏହି ଅବସରରେ ପଡୋଶୀ ଜିଲ୍ଲା ଯାଜପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର ଆଦି ବିଭିନ୍ନ ଅଞ୍ଚଳରୁ ହଜାର ହଜାର ବାବାଙ୍କ ଭକ୍ତ ଓ ଶ୍ରଦ୍ଧାଳୁ ଜଗତି କଦମରସୁଲରେ ପହଞ୍ଚି ଚାଦର ଚଢାଇ ଦର୍ଶନ କରିଥିବା ମତ୍ୱଲ୍ଲୀ ମୌଲାନା ମହମ୍ମଦ ହମ୍ମାଦ୍ ହବିବ ସୂଚନା ଦେଇଛନ୍ତି। ଜନ୍ମ ଦିନ ଓ ଉକ୍ତ ପର୍ବ ଉପଲକ୍ଷେ ବିଭିନ୍ନ ଦଳର ରାଜନେତା ଜଗତି ଜଗତି କଦମରସୁଲଠାରେ ପହଞ୍ଚିଦର୍ଶନ ସହ ଆଶୀର୍ବାଦ ଭିକ୍ଷା କରିଛନ୍ତି। କମିଟି ସମ୍ପାଦକ ସେକ ସୈଫୁଦ୍ଦିନ (ସୁନିଲ), ମହମ୍ମଦ ଅରହମ ହବିବ, ସେକ ମୁସରଫ, ସେକ ତାରିକ୍ ଅନୱର (ମାମା) ଓ ଅନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନାୟକାଣୀଡିହିକୁ ବ୍ଲକ୍ ଘୋଷଣା ଦାବି ଜୋର୍ ଧରିଲା

# ଆନ୍ଦୋଳନ ପାଇଁ ଜନପ୍ରତିନିଧି ସଜବାଜ

ଭଦ୍ରକ, ୫ା୯ (ସମିସ)

ଦୀର୍ଘ ୪୦ ବର୍ଷ ପରେ ରାଜ୍ୟ ସରକାର ବିଭିନ୍ନ ବ୍ଲକର ଲୋକ ସଂଖ୍ୟାକୁ ଭିତ୍ତିକରି ନୂଆ ବ୍ଲକ ଗଠନ କରିବାକୁ ମନବଳାଇଛନ୍ତି। ଗତ ୧୯୮୪ ମସିହାରେ ଶେଷ ଥର ପାଇଁ ରାଜ୍ୟରେ ନୂଆ ବ୍ଲକ ଗଠନ ହୋଇଥିଲା। ସେହିଦିନଠାରୁ ଆଉ କୌଣସି ସରକାର ନୂତନ ବ୍ଲକ ଗଠନ ପାଇଁ ମନବଳାଇ ନାହାନ୍ତି। ରାଜ୍ୟରେ ପଞ୍ଚାୟତ ପୁନର୍ଗଠନ ସାଙ୍ଗକୁ ନୂତନ ବ୍ଲକ ଗଠନ ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଥିବା ପଞ୍ଚାୟତିରାଜ ମନ୍ତ୍ରୀ କହିବା ପରେ କେତେକ ଅଞ୍ଚଳରେ ତତ୍ପରତା ପ୍ରକାଶ ପାଇଛି। ଏହି ପ୍ରକ୍ରିୟାରେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ନାୟକାଣୀଡ଼ିହି ଏକ ନୂତନ ବ୍ଲକ ଗଠନ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଏହି ଦାବିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆରମ୍ଭ ହେଲାଣି କସରତ। ଲୋକସଂଖ୍ୟା ଦୃଷ୍ଟିରୁ ବାସୁଦେବପୁର ବ୍ଲକ ରାଜ୍ୟର ୨ୟ ସର୍ବ ବୃହତ। ଏବେ ଏହି ବ୍ଲକରେ ୩୬ଟି ବଡ଼ ବଡ଼ ପଞ୍ଚାୟତ ରହିଛି। ପୁନର୍ଗଠନ ପରେ ସଂଖ୍ୟା ୪୦ରୁ ଊର୍ଦ୍ଧ୍ୱ ହେବ। ଏହି ବ୍ଲକରେ ବ୍ରାହ୍ମଣୀଗାଁ, ଲକ୍ଷ୍ମୀଦାସପୁର ଭଳି ଆଦି ବଡ଼ ବଡ଼ ପଞ୍ଚାୟତକୁ ଲୋକଙ୍କ ସୁବିଧା ପାଇଁ ବିଭାଜିତ କରାଯିବ। ଏହାର ଲୋକସଂଖ୍ୟା ୨୦୧୧ ଜନ ଗଣନା ଅନୁଯାୟୀ ୨ ଲକ୍ଷ ୨୦ ହଜାର ଥିବାବେଳେ ଏବେ ଏହା ପାଖାପାଖି ୩ ଲକ୍ଷ ଛୁଇଁଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ବାସୁଦେବପୁର ବ୍ଲକର ସବୁଠାରୁ ଅନୁନ୍ନତ ଅଞ୍ଚଳ (ଭେଡା ଅଞ୍ଚଳ) ହେଉଛି ନାୟକାଣୀଡ଼ିହି। ନାୟକାଣୀଡ଼ିହି ଓ ଏହାର ଆଖପାଖ ଅଞ୍ଚଳଗୁଡିକ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଦୃଷ୍ଟିରୁ ଆଜି ବି ବହୁ ପଛରେ। ଏହି ଭେଡା ଅଞ୍ଚଳରେ ପାଣି ମୁନ୍ଦାଏ ମିଳୁନାହିଁ। ଫଳରେ ଲୋକେ ଲୁଣି ଓ ଲୌହ ଯୁକ୍ତ ପାଣି ପିଇ ସଂକ୍ରମକ ରୋଗର ଶିକାର ହେଉଛନ୍ତି। କେବଳ ସେତିକି ନୁହଁ, ଚାଷ ଉପରେ ନିର୍ଭରଶୀଳ ଏହି ଅଞ୍ଚଳରେ ସ୍ୱାଧୀନତାର ପରେବି ଚାଷ ଜମିକୁ ଜଳସେଚନ ସୁବିଧା ହୋଇପାରିନାହିଁ। ଅଞ୍ଚଳର ଗୋପାଳକଙ୍କ ଠାରୁ ଦୈନିକ ହଜାର ହଜାର ଲିଟର ଦୁଗ୍ଧ ଉତ୍ପାଦନ ହେଉଥିଲେ ମଧ୍ୟ ଆଜି ଯାଏ ଗୋପାଳକ ଓ ଗୃହପାଳିତ ପଶୁ ପାଇଁ ଥିବା ସରକାରୀ ସୁବିଧା ସୁଯୋଗ ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି। ବାସୁଦେବପୁର ବ୍ଲକଠାରୁ ନାୟକାଣୀଡ଼ିହିକୁ ପାଖାପାଖି ୨୫ କିମି ଦୂର ହୋଇଥିବାରୁ ଲୋକେ କାମ ପାଇଁ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ଆର୍ôଥକ ଦୁର୍ବଳ ହେବା ସହ ନୟାନ୍ତ ହୋଇପଡୁଛନ୍ତି। ଏହିସବୁ ଦୃଷ୍ଟିରୁ ବାସୁଦେବପୁର ବ୍ଲକର ଭେଡା ଅଞ୍ଚଳ ବୋଲି କୁହାଯାଉଛି। କିଛି ପଞ୍ଚାୟତକୁ ନେଇ ଏକ ନୂତନ ବ୍ଲକ ଗଠନ ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ପୂର୍ବରୁ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ଚାନ୍ଦବାଲି ବ୍ଲକର ଧାମରା, କରଞ୍ଜମାଳ, ପଞ୍ଚୁଟିକ୍ରି, କଇଥଖୋଲା, ଦୋସୀଙ୍ଗା, କରଣପଲ୍ଲୀ, ଜାଗୁଲା, ବାଂଶଡା ଏବଂ ବାସୁଦେବପୁର ବ୍ଲକର ନାୟକାଣୀଡ଼ିହି, କରଞ୍ଜଆଡ଼ିଆ, ଆନ୍ଦୋଳା, ଗୋବିନ୍ଦପୁର, ବାଲିମୁଣ୍ଡା, ଗୋପବନ୍ଧୁ ନଗର, ବିନୋବାଭାବେ ନଗର, ବିଦେଇପୁର, ବିରସ, ରାଜଘରପୋଖାରୀ, ବାଲିମେଦ, ଜଗନ୍ନାଥପ୍ରସାଦ, ଲକ୍ଷ୍ମୀଦାସପୁର, ସାନ କୃଷ୍ଣପୁର ଓ କିସ୍ମତ କୃଷ୍ଣପୁର ପଞ୍ଚାୟତକୁ ନେଇ ନୂଆ ବ୍ଲକ ଗଠନ ହୋଇପାରିବ ବୋଲି ବିଚାର କରି ବ୍ଲକ ପୁନର୍ଗଠନ କମିଟି ପାଖରେ ନାୟକାଣୀଡ଼ିହି ବଜାରରେ ଥିବା ଡାକବଙ୍ଗଳାରେ ଏକ ଜନଶୁଣାଣି ପାଇଁ ସମୟ ନିର୍ଦ୍ଧାରଣ ହୋଇଥିଲା। କିନ୍ତୁ ୧୯୯୫ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି କାରଣରୁ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା। ବର୍ତ୍ତମାନର ସରକାର ବ୍ଲକ ପୁନର୍ଗଠନ ପାଇଁ ସଂକେତ ଦେବା ପରେ ଭେଡା ଅଞ୍ଚଳବାସୀ ନୂତନ ବ୍ଲକ ଗଠନ ଦାବି ପୂରଣ ନେଇ ଆଶାବାଦୀ। ତେଣୁ ଦଳମତ ନିର୍ବିଶେଷରେ ବିଭିନ୍ନ ସରପଞ୍ଚ ଓ ସମିତି ସଭ୍ୟମାନେ ଏହି ଆନ୍ଦୋଳନକୁ ଏକ ପୂର୍ଣ୍ଣାଙ୍ଗ ରୂପ ଦେବାକୁ ଅଣ୍ଟା ଭିଡିଲେଣି।

### ସେମାନେ ଯାହା କୁହନ୍ତି:



ଭେଡା ଅଞ୍ଚଳବାସୀଙ୍କୁ ସେମାନଙ୍କ ମୌଳିକ ସୁବିଧାରୁ ସର୍ବଦା ବଞ୍ଚିତ କରିବା ସହ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରଖାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଆର୍ôଥକ ବିକାଶ କ୍ଷେତ୍ରରେ ଏହି ଅଞ୍ଚଳ ବହୁ ପଛରେ ରହିଛି। ଏଠାରେ ଅନେକ ସରକାରୀ ଯୋଜନା ଓ ଅନୁଦାନ ବାଟବଣା ହୋଇ ବିକାଶ ମାଟି କାମୁଡ଼ି ପଡ଼ିଚି। ଯେଉଁଥିପାଇଁ ଏଠାକାର ଲୋକେ ସ୍ୱଚ୍ଛ ପାଣି ମୁନ୍ଦାଏ ପିଇବା ପାଇଁ ସଂଘର୍ଷ କରୁଛନ୍ତି। ସାମାନ୍ୟ ଥଣ୍ଡା, ଜ୍ୱର ଓ କାଶ ହେଲେ ଧାମରା ଅଞ୍ଚଳରୁ ଲୋକେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦୌଡୁଛନ୍ତି। ତେଣୁ ନୂତନ ବ୍ଲକ ଗଠନ ହେବା ଅତ୍ୟନ୍ତ ଜରୁରୀ।

**-କୃଷ୍ଣ କୁମାର ପରିଡ଼ା, ସାମାଜିକ କର୍ମୀ**



ନୂତନ ବ୍ଲକ ଗଠନ ପାଇଁ ଆମେ ଦୀର୍ଘ ୩୨ ବର୍ଷ ହେଲା ସରକାରଙ୍କ ପାଖରେ ଦାବି କରି ଆସୁଛୁ। ବାସୁଦେବପୁର ଓ ଚାନ୍ଦବାଲି ବ୍ଲକର ସମୁଦ୍ର ଉପକୂଳିଆ ଓ ମନ୍ତେଇ ନଦୀ କୂଳିଆର କିଛି ଅଞ୍ଚଳକୁ ନେଇ ନାୟକାଣୀଡ଼ିହିଠାରେ ବ୍ଲକ କାର୍ଯ୍ୟାଳୟ ସ୍ଥାପନ ପାଇଁ ସରକାରଙ୍କ ପକ୍ଷରୁ ଗଠନ ହୋଇଥିବା କମିଟିକୁ ପ୍ରସ୍ତାବ ଦେଇଥିଲୁ। ଏଥିରେ ସମସ୍ତ ଅଞ୍ଚଳର ଅଧିବାସୀ, ଲୋକପ୍ରତିନିଧି ଓ ସ୍ଥାନୀୟ ରାଜନେତା ମଧ୍ୟ ସାମିଲ ହୋଇ ନୂଆ ବ୍ଲକ ଗଠନ ପାଇଁ ଅଣ୍ଟା ଭିଡ଼ିଥିଲେ। ଆଜି ପୁଣି ସେଇ ସମୟ ଆସିଛି ଆମେ ସମସ୍ତେ ମିଶି ସେଇ ପୁରୁଣା ଦାବିକୁ ଦୋହରାଉଛୁ।

**-ବିଚିତ୍ରାନନ୍ଦ ପରିଡ଼ା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ, ବରିଷ୍ଠ ବିଜେଡ଼ି ନେତା**



ଦୀର୍ଘ ଦିନ ଧରି ଏହି ଅଞ୍ଚଳରେ ବର୍ଦ୍ଧିତ ଜନସଂଖ୍ୟା ତଥା ଆନୁଷଙ୍ଗିକ ବିକାଶ ଦିଗରେ ବହୁ ପଛରେ ରହିଛି। ବାସୁଦେବପୁର ଏକ ବଡ଼ ବ୍ଲକ ହୋଇଥିବାରୁ ଏହି ଭେଡା ଅଞ୍ଚଳକୁ ନେଇ ଏକ ନୂତନ ବ୍ଲକ ଗଠନ କରିବାକୁ ଦୀର୍ଘ ଦିନର ଦାବି ରହିଛି। ନାୟକାଣୀଡ଼ିହିଠାରେ ବ୍ଲକ କାର୍ଯ୍ୟାଳୟ ସ୍ଥାପନ ନିମନ୍ତେ ଉପଯୁକ୍ତ ଭିତ୍ତିଭୂମି ସହ ଆବଶ୍ୟକୀୟ ସମସ୍ତ ସୁବିଧା ସୁଯୋଗ ରହିଛି। ତେଣୁ ସରକାର ଏଠାରେ ନୂତନ ବ୍ଲକ କାର୍ଯ୍ୟାଳୟ ସ୍ଥାପନ କଲେ ବିକାଶ ଲୋକଙ୍କ ନିକଟରେ ପହଞ୍ଚିବ ବୋଲି ଏହି ଲୋକଙ୍କ ବିଶ୍ୱାସ ରହିଛି।

**-ବିମ୍ବାଧର ଯେନା, ବିଜେପି ନେତା**



ନାୟକାଣୀଡ଼ିହିଠାରେ ଏକ ନୂତନ ବ୍ଲକ ପ୍ରତିଷ୍ଠା ପାଇଁ ଅଞ୍ଚଳବାସୀ ୧୯୯୩ ମସିହାରୁ ଦାବି କରି ଆସୁଛନ୍ତି। ନୂଆ ବ୍ଲକ ଗଠନ ପ୍ରସ୍ତାବକୁ ନେଇ ମଧ୍ୟ ରାଜ୍ୟର ନୂତନ ସରକାରଙ୍କ ପାଖରେ ପ୍ରସ୍ତାବ ଉପସ୍ଥାପିତ କରାଯାଇଛି। ନାୟକାଣୀଡ଼ିହି ଏବଂ ଅଞ୍ଚଳର ଲୋକପ୍ରତିନିଧି, ରାଜନେତାଙ୍କ ସମେତ ଅଞ୍ଚଳବାସୀ ଏହି ପ୍ରସ୍ତାବକୁ ସମର୍ଥନ କରୁଛନ୍ତି।

**-ଗଦାଧର ଦାଶ, ବରିଷ୍ଠ ଶିକ୍ଷାବିତ୍**

# 'ଶ୍ରେଷ୍ଠ ଜୀବ ମନୁଷ୍ୟଙ୍କୁ ଅଧିକ ଶ୍ରେଷ୍ଠ କରନ୍ତି ଗୁରୁ'



ଝାରସୁଗୁଡ଼ା,୫।୯(ସମିସ): ଝାରସୁଗୁଡ଼ା ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର -୨୦୨୪ ସମାରୋହ ପାଳିତ ହୋଇଯାଇଛି। ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇଥିଲେ। ଝାରସୁଗୁଡ଼ା ଜିଲ୍ଲା ରାଜ୍ୟରେ ସର୍ବଶ୍ରେଷ୍ଠ ଶିକ୍ଷା ଜିଲ୍ଲା ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର - ୨୦୨୪ରେ ପୁରସ୍କୃତ ହୋଇଛି। ଯାହା ସମଗ୍ର ଝାରସୁଗୁଡ଼ା ଜିଲ୍ଲାର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ କଠିନ ପରିଶ୍ରମର ଫଳଶ୍ରୁତି ବୋଲି ବିଧାୟକ ଓ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚୌହ୍ୱାନ କହିଥିଲେ। ଆସନ୍ତା ଶିକ୍ଷାବର୍ଷରୁ ପାଞ୍ଚଜଣ ଚୟନିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏକ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ବିଧାୟକ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସା ଓ ରବୀନ୍ଦ୍ର ମାଝୀ, ଝାରସୁଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ କୁମାର ପଟେଲ, ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗ, କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ ଓ କିର୍ମିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନାରାୟଣ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ସମାରୋହରେ ପ୍ରାଥମିକ ସ୍ତରରେ ଦେବେଶ ଉର୍ମା, ଗିରିଧାରୀ ପଟେଲ, ରିଙ୍କି ମହାନ୍ତ, ପରମେଶ୍ୱର ପଟେଲ, ସୁଲୋଚନା ପଟେଲ ଏବଂ ମାଧ୍ୟମିକସ୍ତରରେ ପ୍ରଥମ ଭାଷାରେ ପ୍ରତିଭା ମହାପାତ୍ର, ଦ୍ୱିତୀୟ ଭାଷାରେ କୁଶ ସା, ତୃତୀୟ ଭାଷାରେ ତନ୍ମୟ ପଟ୍ଟନାୟକ, ଗଣିତରେ ପୂର୍ଣ୍ଣଚନ୍ଦ୍ର ସାହୁ, ବିଜ୍ଞାନରେ ଜିତେନ୍ଦ୍ର କଂସାରି, ସାମାଜିକ ବିଜ୍ଞାନରେ ଅଜିତ ଭୋଇ, ଶାରୀରିକ ଶିକ୍ଷାରେ ଜିତେନ୍ଦ୍ର ନାଥ ମହନ୍ତ ଓ ତାଳପଡିଆ ସିଆରସିସି ଯଜ୍ଞମଣି ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଦେବଗଡ଼:** ଦେବଗଡ଼ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ ପାଳନ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ



ଶିକ୍ଷା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମ୍ବର୍ଦ୍ଧନା ଉତ୍ସବ ସଭାପତି ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥିଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ବର୍ତ୍ତମାନ ବିଦ୍ୟାଳୟସ୍ତରରେ ଗୁରୁ ଶିଷ୍ୟ ପରମ୍ପରା ଦିନକୁ ଦିନ କମିବାରେ ଲାଗିଛି, ଯାହା ଫଳରେ ତାହା ଛାତ୍ରଛାତ୍ରୀମାନଙ୍କ ଶିକ୍ଷା କ୍ଷେତ୍ରକୁ ପ୍ରଭାବିତ କରିଛି। ଆଗାମୀ ଦିନରେ ଏଥିପ୍ରତି ସୁଧାର ଆଣିବା ସହ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଗଢ଼ିତୋଳିବାରେ ସହାୟକ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରତିକ କୁମାର ଭୋଜ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ପ୍ରମୁଖ ମଞ୍ଚାସିନ ଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଟା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲାର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନିମନ୍ତେ ମନୋନୀତ ହୋଇଥିବା ୭ ଜଣ ବିଷୟଭିତ୍ତିକ ମାଧ୍ୟମିକ ଶିକ୍ଷକ ଯଥା ପ୍ରଥମ ଭାଷା ଓଡ଼ିଆରେ ଦେବଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନମିତା ମାଝୀ, ଇଂରାଜୀରେ ନାଉଲିପଡା ଉଚ୍ଚ ବିଦ୍ୟାଳୟର ନିର୍ମଳ ରଣା, ତୃତୀୟ ଭାଷା ହିନ୍ଦୀରେ ଦେବଗଡ଼ ଟାଉନ ଉଚ୍ଚ ବିଦ୍ୟାଳୟର ସଦାନନ୍ଦ ମହାନ୍ତ, ଗଣିତରେ ଧୋବାଲିପଥର ଉଚ୍ଚ ବିଦ୍ୟାଳୟର ପ୍ରଦୀପ କୁମାର ବିଶ୍ୱାଳ, ବିଜ୍ଞାନରେ ତାରଙ୍ଗ ଉଚ୍ଚ ବିଦ୍ୟାଳୟର ସଞ୍ଜୟ କୁମାର ପ୍ରଧାନ , ସାମାଜିକ ବିଜ୍ଞାନରେ ନାଉଲିପଡା ଉଚ୍ଚ ବିଦ୍ୟାଳୟ ପ୍ରଶାନ୍ତ କୁମାର ସାହୁ , ଶାରୀରିକ ଶିକ୍ଷାରେ ଦେବଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ରଞ୍ଜିତା ମିଶ୍ର, ୩ ଜଣ ପ୍ରାଥମିକ ଶିକ୍ଷକ ତିଳେଇବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାଦମ୍ବିନୀ ମିଶ୍ର , ବସାଲଇ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଭାସ୍କର ବିଶ୍ୱାଳ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଉଁଳିର ଉଦୟନାଥ ବେହେରା ଓ ଜଣେ ଆଞ୍ଚଳିକ ସାଧନ ସଂଯୋଜକ ଟାଇଁସର ଭେନସ କୁମାର ପ୍ରଧାନଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ପରିଚାଳନା କରିଥିବା ବେଳେ ଙ୍ଗରା ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ମାଧବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଝସକେତନ ସାହୁ, ଗୌରଚରଣ ସାହୁ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳି ଲାକ୍ରା, ତିଳେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ପୌରାଞ୍ଚଳ ସିଆର୍‌ସିସି ଚୂଡ଼ାମଣି ସାହୁଙ୍କ ସମେତ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

**ଇବଥର୍ମାଲ:** ଲଖନପୁର ବ୍ଲକ ପଞ୍ଚଗାଁ ମହିମାପୁରମ ବୈଷ୍ଣବ ବାବା ଏଜୁକେସନ୍, ସେସିଆଲ ସର୍ଭିସ୍ ଓ ରିସର୍ଚ୍ଚ ଟ୍ରଷ୍ଟ ପକ୍ଷରୁ ବନ୍ଧବାହାଲ ସ୍ଥିତ ଲଖନପୁର କୋଇଲା କ୍ଷେତ୍ର ଇନ୍ଦ୍ରଧନୁ କ୍ଲବ ପରିସରରେ ଲଖନପୁର ବ୍ଲକ୍‌ସ୍ତରୀୟ ଗୁରୁଦିବସ ପାଳିତ ହୋଇ ଯାଇଛି। ଟ୍ରଷ୍ଟ ସଭାପତି ତଥା ଲଖନପୁର ବ୍ଲକ ପ୍ରଥମ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ସନତ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଲଖନପୁର କୋଇଲା କ୍ଷେତ୍ର ଜିଏମ୍ ମାଇନିଂ ସତ୍ୟ ଭୂଷଣ ବାରିକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମହିମା ଜୁନିୟର କଲେଜ ଅଧ୍ୟକ୍ଷ ପ୍ରଫୁଲ୍ଲ ସା, ଜିଲ୍ଲାପରିଷଦ ଜୋନ୍-୩ ସଭ୍ୟା ପୁଷ୍ପଲତା ସେଟ୍, ନାଗରିକ ପରିଷଦ ସଭାପତି ପିତାମ୍ବର ମିଶ୍ର, ସମାଜସେବୀ ତଥା ଯୁବନେତା ବିଶ୍ୱଜିତ ଭାଙ୍ଗି, ବନ୍ଧବାହାଲ ସରପଞ୍ଚ ଭାରତୀ ବେହେରା, ସମିତି ସଭ୍ୟା ପଦ୍ମିନୀ ସିଂ, ଗଙ୍ଗାଧର ସାହିତ୍ୟ ବକ୍ତା ସୁରେଶ ପ୍ରଧାନ, ଡିଏଭି ଅଧ୍ୟକ୍ଷ ପ୍ରଦୀପ କୁମାର ହୋତା, ସମାଜସେବୀ ବିରଞ୍ଚି ସାହୁ ପ୍ରମୁଖ ଯୋଗଦେଇଥିଲେ। ମନୋଜ ପାଢ଼ୀ ହାଇସ୍କୁଲ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ସମାଜ ସଂସ୍କାରକ; ଶ୍ରେଷ୍ଠ ଜୀବ ମଣିଷକୁ ଗୁରୁ ହିଁ ଆହୁରି ଶ୍ରେଷ୍ଠତ୍ୱ ପ୍ରଦାନ କରୁଥିବାରୁ ସେ ସବୁବେଳେ ସର୍ବାଗ୍ରେ ବୋଲି ମତ ରଖିଥିଲେ। ଏହି ଅବସରରେ ଶିକ୍ଷା ବ୍ଲକ୍ ଅନ୍ତର୍ଗତ ପତ୍ରାପାଲି ପିଏମ୍ ଶିକ୍ଷକ ଇନ୍ଦ୍ରଜିତ କିଶାନ,



ପଞ୍ଚଗାଁ ପିଏସ୍ ଶିକ୍ଷୟିତ୍ରୀ ସାବିତ୍ରୀ ବାଗ୍, କୁମ୍ଭାରବନ୍ଧ ପିଏସ୍ ଶିକ୍ଷକ ଚନ୍ଦ୍ର ଶେଖର ଛଞ୍ଚାଣ, ମାଉଲିବେର୍ଣ୍ଣା ୟୁପିଏସ୍ ଶିକ୍ଷକ ଉମାକାନ୍ତ ନେଟି, ବାଉଁସେନପାଲି ୟୁପିଏସ୍ ଶିକ୍ଷକ ଶିବ କାଲୋ, ସିଂହେଇପାଲି ୟୁପିଏସ୍ ଶିକ୍ଷକ ଶିବାନନ୍ଦ ଭୋଇ, ପିଏମ୍‌ଶ୍ରୀ ଗାଲ୍‌ର୍ ହାଇସ୍କୁଲ ଶିକ୍ଷକ କୁଶ ସା, ଭିଖମପାଲି ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବେହେରା, ମନୋଜ ପାଢ଼ୀ ହାଇସ୍କୁଲ ପ୍ରଧାନ ଶିକ୍ଷକ କେଶବ ମାଁଙ୍କୁ ଶ୍ରେଷ୍ଠ ଶିକ୍ଷକ ଭାବେ ମାନପତ୍ର, ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ବ୍ଲକରେ ସେପ୍ଟେମ୍ବର ୨୦୨୪ରୁ ଅଗଷ୍ଟ ୨୦୨୫ ଭିତରେ ଅବସର ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉପଢ଼ୌକୋନ ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷକ ମୃତ୍ୟୁଞ୍ଜୟ ବିଶ୍ୱାଳ ମଞ୍ଚ ସଞ୍ଚାଳନ କରିଥିବା ବେଳେ ବନ୍ଧବାହାଲ କ୍ଲଷ୍ଟର ଓ ସରଣ୍ଡାମାଳ କ୍ଲଷ୍ଟର ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ଝାରସୁଗୁଡା:** ଶୁକ୍ରବାର ପଞ୍ଚପଡ଼ା ଶିଶୁ ବିକାଶ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ଏହି ଦିବସ ପାଳନ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମ୍ପାଦକ ଦିଗାମ୍ବର ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଗୁରୁଦିବସରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟା ମମତା ସିଂହ ସ୍ୱାଗତ ଅଭିଭାଷଣରେ ସମସ୍ତ ଶିଶୁଙ୍କ ମଙ୍ଗଳ କାମନା କରିଥିଲେ। ବରିଷ୍ଠ ଆଚାର୍ଯ୍ୟା ମନ୍ଦାକିନୀ ମାକର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଚନ୍ଦ୍ରିକା କିସାନ, ରଞ୍ଜିତା ନାଏକ, ଝରଣା ସାହୁ, ବୀଣା ପାଣି ପ୍ରଧାନ, ମୈଥିଲି ସାହୁ, କୁସୁମ ନଈ ଓ ଅମୟ କୁମାର ନାଏକ ଆଦି ଗୁରୁମା /ଗୁରୁଜୀ ମଞ୍ଚରେ ପୂଜିତ ହୋଇଥିଲେ। ପରିଶେଷରେ ପରିଚାଳନା



କମିଟିର କୋଷାଧ୍ୟକ୍ଷା ପ୍ରିୟଙ୍କା ସାହୁ ସମସ୍ତ ଗୁରୁଜୀଗୁରୁମାଙ୍କୁ ବିଦ୍ୟାଳୟରୁ କିଛି ଉପହାର ପ୍ରଦାନ କରିଥିଲେ।

**କୋଲାବିରା:** କୋଲାବିରା ବ୍ଲକ୍‌ର ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଗୁରୁଦିବସ ପାଳନ କାର୍ଯ୍ୟକ୍ରମରେ ସଂସଦର ସଭାପତି ଶାଭା ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ବୀରେନ୍ଦ୍ର କୁମାର ମହାପାତ୍ର ଉପସ୍ଥିତ ଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ଦେବାଶିଷ ସିଂହ ଠାକୁର, ଲଳିନ୍ଦ୍ର ଗୋଖରା, ତୁଳାରାମ ସେନାପତି, ଆଇନଜୀବୀ ପ୍ରକାଶ ଚନ୍ଦ୍ର ହୋତା, ଅଶୋକ କୁମାର ବେହେରା, ଭିଷ୍ମଦେବ ପଟେଲ ପ୍ରମୁଖ ଯୋଗଦେଇଥିଲେ।

**ବନ୍ଧବାହାଲ/ଝାରସୁଗୁଡ଼ା:** ବନ୍ଧବାହାଲ ଡିଏଭି ପବ୍ଲିକ୍ ସ୍କୁଲରେ ''ଗୁରୁ ଦିବସ' ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କଠାରୁ ଅଶୀର୍ବାଦ ଗ୍ରହଣ କରିଥିଲେ। ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁବନ୍ଦନା, ରାଧାକ୍ରୀଷ୍ଣନ୍‌ଙ୍କ ସ୍ମୃତିଚାରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷ ଶ୍ରୀଯୁକ୍ତ ହୋତା ଡଃ. ସର୍ବପଲ୍ଲୀ ରାଧାକ୍ରୀଷ୍ଣନ୍‌ଙ୍କ ପଦାଙ୍କ ଅନୁସରଣ ପୂର୍ବକ ନିଜକୁ ଚରିତ୍ରବାନ୍ କରି ଗଢ଼ି ତୋଳିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

**ଝାରସୁଗୁଡା:** ପ୍ରସନ୍ନ ପଣ୍ଡା ସ୍ମୃତି କମିଟି ପକ୍ଷରୁ ଝାରସୁଗୁଡ଼ା ବ୍ରଜରାଜନଗରରେ ଜିଲ୍ଲାସ୍ତରୀୟ ଗୁରୁଦିବସ ସମାରୋହ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବାବେଳେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଗୁରୁ ବିନା ଜ୍ଞାନ ସମ୍ଭବ ନୁହେଁ, ଜଣେ ମଣିଷ ସୁ ମଣିଷ, ସୁନାଗରିକ ହେବା ପଛରେ ଗୁରୁଙ୍କ ଅବାଦନ, ଅକ୍ଲାନ୍ତ ପରିଶ୍ରମ ଏବଂ ଆଶୀର୍ବାଦ ରହିଥାଏ, ଗୁରୁମାନେ ଚିର ବନ୍ଦନୀୟ, ତାଙ୍କ ମାର୍ଗଦର୍ଶନରେ ଆମ ସମସ୍ତେ ସୁମଣିଷ ସୁନାଗରିକ ହୋଇ ଦେଶ



ବିଦେଶରେ ଆମର ପରିଚୟ ସୃଷ୍ଟି କରିବା ସହ ଭାରତ ବର୍ଷକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ନିଜର ଯୋଗଦାନ ଦେବାକୁ ସୁରେଶ ପୂଜାରୀ ଆହ୍ୱାନ ଦେଇଥିଲେ।

**ଝାରସୁଗୁଡ଼ା:** ଡିଏଭି ପବ୍ଲିକ ସ୍କୁଲ ପରିସରରେ ଗୁରୁ ଦିବସ ପାଳିତ ହୋଇଛି। ଡିଏଭିର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ ତଥା ବରିଷ୍ଠ ଆଇନଜ୍ଞ ତାପସ ରାୟ ଚୌଧୁରୀ ଓ ସହଧର୍ମିଣୀ ରେଖାରାୟ ଚୌଧୁରୀ, ଅଧ୍ୟକ୍ଷ ଶ୍ରୀ ଦେବତା ଓ ସହଧର୍ମିଣୀ ସୀମା ଦେବତା ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ପ୍ରମୋଦ କୁମାର ନାଥ, ନମିତା ପାଣ୍ଡେ, ମଧୁସ୍ମିତା ପଲେଇ, ଡ. ମଞ୍ଜୁଶ୍ରୀ ବେଦୁଲା ଗୁରୁ ଦିବସ ସନ୍ଦର୍ଭରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶ୍ୱରଞ୍ଜନ ପାଢ଼ୀ, ରଶ୍ମିରେଖା ଶର୍ମା, ଆଲୋକ ପଣ୍ଡିତ, ସତ୍ୟ ନାରାୟଣ ଜେନା କବିତା ପାଠ ଓ ରାହାସ ବିହାରୀ ଦାଶ, ଦେବାଶିଷ ଶ୍ୟାମଲ, ବିଜୟକୃଷ୍ଣ ଛତ୍ରିଆ, ବିଷ୍ଣୁପ୍ରିୟା ସାହୁ, ନୀଳିମା ପଟେଲ ସଙ୍ଗୀତ ପରିବେଷଣ କରିଥିଲେ। ଇପ୍‌ସିତା ରଣା, ମୋନିକା ଶ୍ରୀବାସ୍ତବ ଓ ସବିତା ଧଳ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଲାଗି ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ କରାଇଥିଲେ। ଅଞ୍ଜଳି ବାଲ ସୁବ୍ରମନ୍ୟନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉତ୍ସବରେ ଅତିଥିମାନଙ୍କଦ୍ୱାରା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉପହାର ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ତିନିଦିନ ଧରି ଚାଲିଥିବା ଗୁରୁ ଦିବସ ପାଳନର ପ୍ରଥମ ଦିବସରେ ଛାତ୍ରଛାତ୍ରୀମାନେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପୂଜନ, ଦ୍ୱିତୀୟ ଦିବସରେ ଘରେ ଘରେ ପିତୃମାତୃ ପୂଜନ ଓ ତୃତୀୟ ଦିବସରେ ପ୍ରକୃତି ପୂଜନ କରିଥିଲେ।

**ରିଆମାଳ:** ରିଆମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବରିଷ୍ଠ ଆଚାର୍ଯ୍ୟ ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା ଓ ଆଚାର୍ଯ୍ୟ ରାଜେନ୍ ବେହେରାଙ୍କ ତତ୍ତ୍ୱାବଧାନରେ ଗୁରୁ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଠଣ ସୁନ୍ଦର ସାହୁ ଏବଂ ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର କୋଷାଧ୍ୟକ୍ଷ କୁମର ମଣି ପ୍ରଧାନ ଯୋଗଦେଇଥିଲେ। ଆଚାର୍ଯ୍ୟ ପ୍ରତାପ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ହେମନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ଦ୍ୱାରା ଗୁରୁ ପୂଜନ ପର୍ବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ତଥା ସେବକ ସେବିକା ମାନଙ୍କୁ ସମ୍ପାଦକ ଉପଢୌକୋନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପ୍ରାଚୀର ପତ୍ରିକା ''ଶାରଦା'ର ଉନ୍ମୋଚନ କରାଯାଇଥିଲା।

## ସଙ୍ଘବଦ୍ଧ ଭାବେ ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣା; ୬ ଗିରଫ



ଦେବଗଡ଼,୫।୯(ସମିସ): ରିଆମାଳ ଥାନା କଂସର ଫାଣ୍ଡି ଅନ୍ତର୍ଗତ କେନ୍ଦେଇଝୁରି ଗ୍ରାମରେ ଗତ ବୁଧବାର ଅପରାହ୍ନରେ ଗୋ ହତ୍ୟା ସନ୍ଦେହରେ କେତେକ ଯୁବକଙ୍କ ସଙ୍ଘବଦ୍ଧ ଆକ୍ରମଣରେ ନିକଟସ୍ଥ କାଉଁସିଢ଼ୀପ ଗ୍ରାମର କିଶୋର ଚମାର (୪୨)ଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଆଜି ରିଆମାଳ ଥାନା ପୁଲିସ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ କେନ୍ଦେଇଜୁରୀ ଗ୍ରାମର ପ୍ରଭାତ କୁମାର ସାହୁ, ଘନଶ୍ୟାମ ପ୍ରଧାନ, ଗଜାନନ କଲେଟ୍, କୁମରମଣି କାଲୋ, ସୁରେଶ କିଶାନ୍ ଓ ମହେନ୍ଦ୍ରପୁର ଗ୍ରାମର ଦୀପକ କୁମାର ବେହେରା ବୋଲି ଜଣାପଡିଛି। ମିଳିଥିବା ସୂଚନାନୁଯାୟୀ, ଗତ ବୁଧବାର ଅପରାହ୍ନରେ କାଉଁସିଢ଼ୀପ ଗ୍ରାମର କିଶୋର କେନ୍ଦେଇଝୁରି ଗ୍ରାମରେ ଥିବା ନିଜ ସମ୍ପର୍କୀୟଙ୍କୁ ଦେଇଥିବା ଏକ ଗୋରୁର ମୃତ୍ୟୁ ଘଟିଥିଲା। ଗୋରୁକୁ ହତ୍ୟା କରିଥିବା ସନ୍ଦେହ କରି କେନ୍ଦେଇଯୁରି ଗ୍ରାମର ୩୦ରୁ ୪୦ ଜଣ ଯୁବକ କିଶୋରଙ୍କ ନିକଟରେ ପହଞ୍ଚି ଯୁକ୍ତିତର୍କ କରିବା ସହ କିଶୋରଙ୍କ ବାଇକକୁ ଜାଳି ଦେଇଥିଲେ। ପରେ କିଶୋରଙ୍କୁ ସଙ୍ଘବଦ୍ଧ ଭାବେ ଠେଙ୍ଗାରେ ପିଟି ପିଟି ଗାଁ ଦାଣ୍ଡକୁ ଆଣିଥିଲେ। ଘଟଣା ସ୍ଥଳରେ କିଶୋରଙ୍କ ମୃତ୍ୟୁ ଘଟିଥିଲା। ପରେ ଅଭିଯୁକ୍ତ ଯୁବକମାନେ ଫେରାର ହୋଇଯାଇଥିଲେ। ମୃତ କିଶୋରଙ୍କ ପତ୍ନୀ ମାନସୀ ଚମାର ସନ୍ଧ୍ୟାରେ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ରିଆମାଳ ଥାନା ପୁଲିସ ହତ୍ୟା ସମେତ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିଥିଲା। ଘଟଣାରେ ସ୍ଥାନୀୟ ଅଞ୍ଚଳର ୬ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିଲା। ଗତକାଲି ସାଇଣ୍ଟିଫିକ ଟିମ୍ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଆଜି ଉକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଗଞ୍ଜେଇ ଜବତ; ଜଣେ ଗିରଫ

ଝାରସୁଗୁଡ଼ା,୫।୯(ସମିସ): ଝାରସୁଗୁଡ଼ା ଜିଲ୍ଲା ଓରିଏଣ୍ଟ ଥାନା ଅଞ୍ଚଳର ଜବାହାରନଗରରେ ଚୋରା ଗଞ୍ଜେଇ ବିକ୍ରି ବେଳେ ପୁଲିସ ଚଢ଼ଉ କରିଛି। ଗତକାଲି ଏହି ଗଞ୍ଜେଇ ଚୋରା ଚାଲାଣ ହେଉଥିବାନେଇ ପୁଲିସ ସୂଚନା ପାଇ ଚଢ଼ଉ କରି ୭୧୬ ଗ୍ରାମ ଚୋରା ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ କାଳିନଗରର ଗୁଡୁ ହରିଜନ। ଗୁଡୁକୁ ପୁଲିସ ଗିରଫ କରି କେସ ନମ୍ବର ୧୫୭ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଆଜି କୋର୍ଟ ଚାଲାଣ କରିଥିବା ବ୍ରଜରାଜନଗର ଏସ୍‌ଡିପିଓ ସୂଚନା ଦେଇଛନ୍ତି।

## ସୁରେଶଙ୍କୁ ପ୍ରଶନ୍ନ ପଣ୍ଡା କୃତୀ ଶିକ୍ଷକ ସମ୍ମାନ

କୋଲାବିରା,୫।୯(ସମିସ): ଆଜି ଗୁରୁଦିବସ ଅବସରରେ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ରବୀନ୍ଦ୍ର ଭବନଠାରେ ଜିଲ୍ଲାସ୍ତରୀୟ ଗୁରୁଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇଥିଲେ। ପ୍ରଶନ୍ନ ପଣ୍ଡା ସ୍ମୃତି ସମିତି



ତରଫରୁ ଜିଲ୍ଲାର ସମସ୍ତ ବ୍ଲକର କୃତି ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ କୋଲାବିରା ବ୍ଲକ୍‌ର ସାମାସିଂହା ସ୍ଥିତ ଗ୍ରାମ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁରେଶ ଚନ୍ଦ୍ର ସାହୁଙ୍କୁ ମଧ୍ୟ କୃତି ଶିକ୍ଷକ ଭାବରେ ପ୍ରଶନ୍ନ ପଣ୍ଡା କୃତି ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ



ଝାରସୁଗୁଡ଼ା,୫।୯(ସମିସ): ଶୁକ୍ରବାର ଭାସ୍କର ପ୍ରାଥମିକ ବିଦ୍ୟାଳୟ ପରିସରରେ ଝାରସୁଗୁଡ଼ା ବ୍ଲକ ଶିକ୍ଷା ଅଧିକାରୀ ଅନୀଲ ପଟେଲଙ୍କ ତତ୍ତ୍ୱାବଧାନରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ସହାୟକ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟସ୍ତରରେ ଥିବା ୨୧ ପ୍ରକାର ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ୪ ଜଣ ଡାକ୍ତରଙ୍କ ଉପସ୍ଥିତିରେ ପରୀକ୍ଷା କରାଯାଇ ସେମାନଙ୍କ ମଧ୍ୟରୁ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ସିବି ଚେୟାର, ଦୁଇ ଓ ତିନି ଚକିଆ ହ୍ୱିଲ ଚେୟାର, ଶ୍ରବଣ ଯନ୍ତ୍ର, କିଟ୍‌ବ୍ୟାଗ ଆଦି ଉପକରଣ ପ୍ରଦାନ କରାଯାଇଥିଲା। ଉକ୍ତ ଶିବିରରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ ମୁଖ୍ୟଅତିଥି ଭାବରେ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ସମସ୍ତ ଉପକରଣ ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଝାରସୁଗୁଡ଼ା ଜିଲ୍ଲା ସହ ସଂଯୋଜିକା ସସ୍ମିତା ନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ମଞ୍ଚରେ ମୁଖ୍ୟ ଅତିଥିଙ୍କ ସମେତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ ଓ ପଞ୍ଚପଡା ସିଆରସିସି ସୁରଜ ପଟେଲ ଉପସ୍ଥିତ ଥିଲେ। ଶିକ୍ଷକ ଅଶୋକ ପଟ୍ଟନାୟକଙ୍କ ସମେତ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଏଥିରେ ସହଯୋଗ କରିଥିଲେ।

## ୨ ଲକ୍ଷ ୧୧ ହଜାର ୧୧ ଟଙ୍କାରେ ଲଡୁ ନିଲାମ




ଦେବଗଡ଼,୫।୯(ସମିସ): ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ ଦେବଗଡ଼ ସାର୍ବଜନୀନ ଗଣେଷ ମେଳାର ଭଷାଣି ପୂର୍ବ ସନ୍ଧ୍ୟା ଅର୍ଥାତ୍ ଗୁରୁବାର ଦିନ ଶ୍ରୀ ଗଣେଷଙ୍କ ଲଡୁ ନିଲାମ ହୋଇଯାଇଛି। ୧୦ ଦିନ ବ୍ୟାପି ଆୟୋଜିତ ଏହି ମେଳାର ଲଡୁ ନିଲାମ ପର୍ବ ସାଂସ୍କୃତିକ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୬୫ ହଜାର ଟଙ୍କାରୁ ଲଡୁ ନିଲାମ ଡାକ ଆରମ୍ଭ ହୋଇ ୨ ଲକ୍ଷ ୧୧ ହଜାର ଟଙ୍କାରେ ସମାପ୍ତ ହୋଇଥିଲା। ଚଳିତ ବର୍ଷ ଦେବଗଡ଼ ସାର୍ବଜନୀନ ଗଣେଷ ମେଳାର ୭୭ ବର୍ଷ ପୂର୍ତ୍ତି ଉପଲକ୍ଷେ ୭୭ କିଲୋଗ୍ରାମ ଓଜନର ଶୁଦ୍ଧ ଲଡୁ ପ୍ରସ୍ତୁତ କରାଯାଇ ଶ୍ରୀ ଗଣେଷଙ୍କ ସମ୍ମୁଖରେ ରଖାଯାଇ ନିତ୍ୟ ପୂଜାର୍ଚ୍ଚନା ପରେ ଆଜି ଏହି ଲଡୁକୁ ନିଲାମ କରାଯାଇଥିଲା। କମିଟି ସଭାପତି ରାଜକିଶୋର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଲଡୁ ନିଲାମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣି ଓ ସରପଞ୍ଚ ସଙ୍ଘ ସଭାପତି ସତ୍ୟନାରାୟଣ ପାଣି ଯୋଗଦେଇଥିଲେ। ଏହି ଅବସରରେ ମଞ୍ଚାସିନ ଅତିଥିଙ୍କ ଦ୍ୱାରା ଜିଲ୍ଲାରେ ଶିକ୍ଷା, କ୍ରୀଡ଼ା, ସମାଜସେବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ କମିଟି ସଭାପତି ରାଜକିଶୋର ଦାଶ ପ୍ରଭୁ ଶ୍ରୀ ଗଣେଷଙ୍କ ଲଡୁକୁ ନିଜ ଦୁଇମାସର ନାତି ଶୁଭ ପାଣିଙ୍କ ଉଦ୍ଦେଶ୍ୟରେ ନିଲାମରେ ସର୍ବାଧିକ ୨ ଲକ୍ଷ ୧୧ ହଜାର ଟଙ୍କା ଡାକ ଦେଇଥିବା ରାଜ୍ୟ ସରପଞ୍ଚ ସଙ୍ଘ ସଭାପତି ସତ୍ୟନାରାୟଣ ପାଣି ଓ ତାଙ୍କ ଧର୍ମପତ୍ନୀ ବାରକୋଟ ଜୋନ୍-୩ ଜିଲ୍ଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣିଙ୍କୁ ପ୍ରଦାନ କରିଥିଲେ।

## ଏନ୍‌ଆଇ ସିଷ୍ଟମ କାର୍ଯ୍ୟ ପାଇଁ ୭ରେ ବନ୍ଦ ରହିବ ରେଳ ଫାଟକ



ଝାରସୁଗୁଡା/କିର୍ମିରା,୫।୯(ସମିସ): ଦକ୍ଷିଣ ପୂର୍ବ ହାଓଡ଼ା-ବମ୍ବେ ମୁଖ୍ୟ ରେଳପଥ ଝାରସୁଗୁଡା ଓ ଧୁତରା ମଝିରେ ଥିବା ବାଲିଯୋରୀ ନିକଟରେ ନନ୍ ଇଣ୍ଟରଲକିଙ୍ଗ ତଥା ଏନ୍‌ଆଇ କାର୍ଯ୍ୟ ସହ ମରାମତି କାର୍ଯ୍ୟ ପାଇଁ ବାଲିଯୋରୀ ରେଲ୍‌ୱେ ଫାଟକ ୨୫୬ଟି ଅସ୍ଥାୟୀ ରୂପେ ସକାଳ ୯ ଟାରୁ ଅପରାହ୍ନ ୪ ପର୍ଯ୍ୟନ୍ତ ସଂପୂର୍ଣ୍ଣ ବନ୍ଦ ରହିବ। ରେଳ ବିଭାଗୀୟ ଚିଠି ନଂ.ଡିସିଇ/ କନ /ରାଉରକେଲା / ଆରଓବି/୨୫୬/ଏସ୍‌ପିଏଲ୍ ଜରିଆରେ ଡେପୁଟି ଚିଫ୍ ଇଞ୍ଜିନିୟର ରାଉରକେଲା (କନଷ୍ଟ୍ରକସନ) ବୋମବୋମ ପାଣ୍ଡେ ସୂଚନା ଦେଇଛନ୍ତି। ଯାହା ଫଳରେ ନିକଟରେ ଦୈନନ୍ଦନ ଯାତାୟାତ କରୁଥିବା ବେଦାନ୍ତ, ଭୂଷଣ, ଅଲଟ୍ରାଟେକ ସିମେଣ୍ଟ, ସ୍ୱଞ୍ଜ ଆଇରନ୍, କେମିକାଲ୍ ରସାୟନ, ଅପାର ଗ୍ରୁପ୍ ବିଦ୍ୟୁତ ତାର କାରଖାନା ସହ ସ୍କୁଲ କଲେଜ, ଚିକିତ୍ସା, ସରକାରୀ ବେସରକାରୀ କାର୍ଯ୍ୟରତ କର୍ମଚାରୀ, ପେଟପାଟଣା ପାଇଁ ଯାତାୟାତ କରୁଥିବା କୁଲିମଜୁରିଆ ଯେପରି ପ୍ରଭାବିତ ନ ହୁଅନ୍ତି, ସେଥିପାଇଁ ପୂର୍ବସୂଚନା ରୂପେ ସୂଚିତ କରାଯାଇଛି।

# ସବୁଠି ଗୁରୁଙ୍କୁ ସମ୍ମାନ, ପୂଜାର୍ଚ୍ଚନା

## ଜିଲ୍ଲାସ୍ତରୀୟ ଗୁରୁ ଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ୪୪ ଶିକ୍ଷକ, ଶିକ୍ଷୟିତ୍ରୀ ପୁରସ୍କୃତ





ବଲାଙ୍ଗିର,୫।୯ (ସମିସ): ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଅଧିକାରୀ ପ୍ରଦୀପ ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିନିଧି ରାଜେନ୍ଦ୍ର ବିଜୟ ସାହୁ, ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ବିଧୂଭୂଷଣ ତ୍ରିପାଠୀ, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା, ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ, ସ୍ଥାନୀୟ ଡିଆଇଇଟି ଅଧ୍ୟକ୍ଷ ଜ୍ୟୋତିପ୍ରକାଶ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲାରୁ ମନୋନୀତ ହୋଇଥିବା ୪୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ହେଲେ ମାଧ୍ୟମିକ ଶିକ୍ଷା ବର୍ଗରେ ଭାଗ୍ୟବାନ ବାଗ, ଶକ୍ତିବାଇ ପଣ୍ଡା, ଶନିଶ୍ଚର ଭୋଇ, ଧୃବ ଚରଣ ସାହୁ, ବିକାଶ ରଞ୍ଜନ ସାହୁ, ପିତାମ୍ବର ପଧାନ, ମିନାକ୍ଷୀ ରାଣୀ ମିଶ୍ର, ଅଶୁତୋଷ ପୂଝାରୀ, ଭକ୍ତ ଚରଣ ନାଏକ, ଉମାକାନ୍ତ ପଟେଲ, ଅମର ସାହୁ, ଅମିତ ବାଗ, ଶରତ ଚନ୍ଦ୍ର ମେହେର, ମାନସ ରଞ୍ଜନ ପଧାନ, ଶର୍ମିଷ୍ଠାରାଣୀ ହୋତା, ନୃସିଂହ ଶିକା, ଦିଲ୍ଲୀପ ଧଳ, ଜଗଦୀଶ ଚନ୍ଦ୍ର ମିଶ୍ର, ଅମ୍ବୁଜ ପଟେଲ, ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ଜ୍ୟୋତିଷ ମେହେର, ରମାଇ ରଞ୍ଜନ ସା, ରାମ ନାରାୟଣ ଦାସ, ଅନାକର ସାହୁ, ପୁରନ୍ଦର ସେଠ, ସସ୍ମିତା ଗଡତ୍ୟା, ସନ୍ତୋହ ମେହେର, ସଞ୍ଜିବ ସାହୁ। ସେହିପରି ଏଲିମେଣ୍ଟାରୀ ଶିକ୍ଷା ବର୍ଗରେ ଦେବକାନ୍ତ ମେହେର, ନିରୁପମା ତ୍ରିପାଠୀ, ସୁଶୀଲ ମହଲା, ଫଣିନ୍ଦ୍ର ମୋହନ ଥନାପତି, ଅମରକାନ୍ତ ବେହେରା, ମୁକେଶ ବାରିକ, ଛନ୍ଦଧ୍ୱଜ ମେହେର, ଭାସ୍କର ଭୋଇ, ସଂଯୁକ୍ତା ପାଢୀ, ଗୌରୀ ମହାକୁର, ପ୍ରକାଶ ପ୍ରଧାନ, ବଳଦେବ ପାଢୀ, ଅନୁସୟା ପଧାନ। ସିଆରସିସି ରଞ୍ଜିତ ମିଶ୍ର, ଶାଳିନୀ ଶତପଥୀ ଓ ଚିନ୍ତାମଣୀ ପାଢୀଙ୍କୁ ମଧ୍ୟ ଏହି ପୁରସ୍କାର ପ୍ରଦାନ କରାଯାଇଛି।

### ● ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ

ବଲାଙ୍ଗିର,୫।୯ (ସମିସ): ଦି ନ୍ୟୁ ଲାଇଫ୍ ଏସେମ୍ବ୍ଲି ହଲ୍, ମିଶନ କମ୍ପାଉଣ୍ଡଠାରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁ ଦିବଦ ପାଳିତ ହୋଇଛି। ବଲାଙ୍ଗିର ଜିଲ୍ଲା ସଂଘର ସାଧାରଣ ସଭାପତି ତୁଷାର କର୍ମୀଙ୍କ ଆହ୍ୱାନକ୍ରମେ ଶାନ୍ତିଲତା ସାହୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗ, ଉପଦେଷ୍ଟା ଆ.ର୍ଯ୍ୟ ସୁଚିତ୍ର ସୁନା, ଆନନ୍ଦ ଯୋଷୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲୀପ ଯୋଷୀ, ଶ୍ୟାମ ସୁନ୍ଦର ଦାଶ, ସଚ୍ଚିଦାନନ୍ଦ ହନୁମାନ, ଦିଲୀପ ବୈଦାର, ସନ୍ତୋଷ ସାହୁ, ବବୃ ବାହନ ଭୋଇ, ନୂଆପଡାରୁ ସନ୍ତୋଷ ପାଢୀ, ଦେବଗଡରୁ ଘନଶ୍ୟାମ ସାହୁ, ସମ୍ବଲପୁରରୁ ଭୁବନେଶ୍ୱର ଦ୍ୱିବେଦୀ, ବଉଦରୁ ଶିଶିର ଖଟୁଆ, ସୁବର୍ଣ୍ଣପୁରରୁ ଦିଗାମ୍ବର ବିଶି, ନବରଙ୍ଗପୁରରୁ ନିରୁପମା ସ୍ୱାଇଁ, ପ୍ରମୋଦା ଦାସ, କଳାହାଣ୍ଡିରୁ ପ୍ରଦୀପ ସାହୁ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ। ଶିକ୍ଷକ ଓମ୍‌ପ୍ରକାଶ ସାହୁ, ଅନ୍ନପୂର୍ଣ୍ଣା ନନ୍ଦ, ମନମୋହନ ଲିମା, ଅବସରପ୍ରାପ୍ତ ଶିକ୍ଷକ ଆଦିତ୍ୟ ଦାନୀ, ବିପିନ ବୁଡେକ, ଅଜିତ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ● ଖପ୍ରାଖୋଲ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ

ଖପ୍ରାଖୋଲ,୫।୯ (ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଛି। ୱାର୍ଡେନ୍ ଅନିତା ମହାପାତ୍ର, ଶିକ୍ଷୟିତ୍ରୀ ରୀତା ବେହେରା, ରୀତା ସାହୁ, ଆଟେଣ୍ଡେଣ୍ଟ ଲିଲିଜା ବନଛୋର, ନୀଳ ମାଧବ ସାହୁ, ଶ୍ରଦ୍ଧାଞ୍ଜଳି ରାଉତ, ରାଜକୁମାରୀ ବରିହା, ଗୀତା ବାଗ ପ୍ରମୁଖ ଉପସ୍ଥିତ ଥିଲେ।

### ● ରାଜବୈଦ୍ୟ ଚିନ୍ତାମଣି ବେହେରା ସ୍ମୃତି ପରିଷଦ

ବେଲପଡା,୫।୯ (ସମିସ): ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ରାଜବୈଦ୍ୟ ଚିନ୍ତାମଣି ବେହେରା ସ୍ମୃତି ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ଗୁରୁ ପୂଜନ ଓ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିକ୍ଷକରତ୍ନ ତ୍ରିବିକ୍ରମ ମହାଖୁଡ଼ ଉଦ୍‌ଘାଟନ କରିଥିଲେ। ଏଥିରେ ବେଲପଡା



ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ରାଜନାରାୟଣ ମେହେର, ବାଗ୍ମୀ ରାଜମଣୀ ସାହୁ, ଡକ୍ଟର ଗୋବର୍ଦ୍ଧନ ନାୟକ, ପ୍ରାଧାପକ ଦୁର୍ବଳତା ଘିଭେଲା, ଡକ୍ଟର ଝସକେତନ ଗୁରୁ, ଡକ୍ଟର ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପଣ୍ଡିତ ମୋହନ ଦାସ ଠାକୁର, ବନମାଳୀ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସଦାସିବ ମେହେର, ନିରଞ୍ଜନ ବେହେରା, ଗୋବର୍ଦ୍ଧନ ନାୟକ, କୁଞ୍ଜମଣୀ ମେହେର, ଚାଣକ୍ୟ ସାହୁ, ନବୀନ ମେହେର, ସୁରେଶ ଚନ୍ଦ୍ର ମେହେର ଓ ରାଜମଣୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର ସଭାପତିତ୍ୱ କରିଥିଲେ। ନବକିଶୋର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅମ୍ବରିଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ● କଣ୍ଟାବାଞ୍ଜି ନୋଡାଲ ସ୍କୁଲ

କଣ୍ଟାବାଞ୍ଜି,୫।୯ (ସମିସ): କଣ୍ଟାବାଞ୍ଜି ନୋଡାଲ ସ୍କୁଲ୍‌ରେ ଗୁରୁଦିବସ ଓ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଘନଶ୍ୟାମ ଗହିର ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାପାତ୍ର, ରମେଶ ସାହୁ, ଶିକ୍ଷୟିତ୍ରୀ ସୁନନ୍ଦା ପୁରୋହିତ, ଦୀପାଞ୍ଜଳି ଭୋଇ, ପୂଜା ଜାଲ, ମୁକ୍ତା ବେଜ, କାନ୍ତିଲତା ବର୍ଗେ ପ୍ରମୁଖ ଉପସ୍ଥିତ ଥିଲେ।



### ● ଗୁଞ୍ଜିତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୁରିବାହାଲ ଗୋପବନ୍ଧୁ ଯୁବକ ସଂଘ



ମୁରିବାହାଲ, ୫।୯ (ସମିସ): ତେନ୍ତୁଳୀଖୁଣ୍ଟି ପଞ୍ଚାୟତ ଗୁଞ୍ଜିତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି, ଶିକ୍ଷକ ଶିକ୍ଷୟିତ୍ରୀ ସଫଳା ମିଶ୍ର, ଜୟମାଳିନୀ ପଟ୍ଟନାୟକ, ସରୋଜିନୀ ମିଶ୍ର, ପ୍ରିୟଦର୍ଶିନୀ ସ୍ୱାଇଁ, ନୀଳମଣି ଦୀପଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସେହିପରି ମୁରିବାହାଲ ଗୋପବନ୍ଧୁ ଯୁବକ ସଂଘରେ ମଧ୍ୟ ଗୁରୁ ଦିବସ ପାଳନ କରାଯାଇଛି। ଅଜିତ ତରିଆ, ବରିଷ୍ଠ ଶିକ୍ଷାବିତ୍ ଜିତେନ୍ଦ୍ରୀୟ ଭୋଇ, ଅକ୍ଷୟ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। କେଦାର ବଡ଼ଜେନା, ଅବିନାଶ ଭୋଇ, ରୁପେଶ ଷାଣ୍ଡ, ଅନ୍ତରାମ ପଧାନ, ତ୍ରିଲୋଚନ ବାଗ, ଯୁଧିଷ୍ଠୀର ବଘାର, ନିରାକାର ବଘାର ପ୍ରମୁଖ ଉପସ୍ଥିତ ଥିଲେ।




ରୋଟାରି ଏଲିଟର ଉଡାନ (୫୨୨)
ବଲାଙ୍ଗିର,୫।୯ (ସମିସ): ସ୍ଥାନୀୟ ପିପି ଏକାଡେମୀରେ ରୋଟାରି ଏଲିଟର ଉଡାନ ତରଫରୁ ଗୁରୁ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ସରକାରୀ ମହିଳା ମହାବିଦ୍ୟାଳୟର ସଂସ୍କୃତ ବିଭାଗର ଅଧାପକ ଡ. ସଦାଶିବ ମଲ୍ଲିକ ଯୋଗ ଦେଇଥିଲେ। ଉଡାନର ବରିଷ୍ଠ ଶିକ୍ଷକ ନବୀନ ନାୟକ, ଦିଗାମ୍ବର ତ୍ରିପାଠୀ, ପୀତବାସ ପଣ୍ଡା, ବୃଷକେତୁ ସାହୁ, ଗୋପଭୂଷଣ ନାଥ, ସିନୁ ସୁନ୍ଦର ପାଢ଼ୀ, ବିକାଶ ସାହୁ, ନୂତନ ନାୟକ, ଜୟନ୍ତ ମେହେର, ଅଭୟ ମିଶ୍ର, ଗନ୍ଧର୍ବ ପାତ୍ର, ସୁବାସ ଚନ୍ଦ୍ର ପଣ୍ଡା ପ୍ରମୁଖଙ୍କୁ ଫୁଲ ଚନ୍ଦନ ଦେଇ ସମ୍ମାନିତ କରାଯାଇଥିଲା। ଛାତ୍ରୀ ଦମୟନ୍ତୀ ଖୁଆସ, ସ୍ୱସ୍ତିକା କୁମାର, ଶ୍ରିୟଙ୍କା ସୁନା, ଝଲସି କୁମ୍ଭାର, ମାନସିରାଣୀ ଦାଶ, ସ୍ମୃତିପ୍ରିୟା ସାହୁ, ତୃପ୍ତି ତମନ୍ନା ସାହୁ ଓ ମନୀଷା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଧର୍ମେନ୍ଦ୍ର ନନ୍ଦଚାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଭାପତି ଦର୍ଶନ ଭମର ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁରୁଦିବସକୁ କଳାଦିବସ ଭାବେ ପାଳିଲେ ଗୁରୁ

ବଙ୍ଗୋମୁଣ୍ଡା,୫।୯ (ସମିସ): ସ୍ଥାନୀୟ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁ ଦିବସକୁ କଳା ଦିବସ ଭାବେ ପାଳନ କରାଯାଇଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ସ୍ନାତକ ମହାବିଦ୍ୟାଳୟର ୨୦୦୮ ରୁ ୨୦୧୮ ମସିହା ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା କର୍ମଚାରୀ ସରକାରୀ ଅନୁଦାନରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବଦରେ ସେମାନେ ଗୁରୁ ଦିବସକୁ କଳା ଦିବସ ଭାବେ ପାଳନ କରିଛନ୍ତି। ଲକ୍ଷ୍ମଣ ବାରିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। କଣ୍ଟାବାଞ୍ଜି, ବଙ୍ଗୋମୁଣ୍ଡା, ମୁରିବାହାଲ, ତୁରେକେଲା, ସିନ୍ଧେକେଲା, ଭାଲୁମୁଣ୍ଡାଠାରେ ୪୪ କର୍ମଚାରୀ ଧାରଣାରେ ବସିଥିଲେ। ଦୀର୍ଘଦିନ ଧରି ସରକାରଙ୍କ ନିକଟରେ ଏହି କର୍ମଚାରୀ ଅନୁଦାନ ପରିସରଭୁକ୍ତ ହେବାପାଇଁ ଦାବି କରିଆସୁଥିଲେ ସୁଦ୍ଧା ସରକାର ଏମାନଙ୍କ ଦାବି ଗ୍ରହଣ କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି।



## ପ୍ରଫେଟ ମହମ୍ମଦଙ୍କ ଜନ୍ମଦିନ ଉପଲକ୍ଷେ ଶୋଭାଯାତ୍ରା




ଟିଟିଲାଗଡ଼,୫।୯ (ସମିସ): ମୁସଲିମ ସମ୍ପ୍ରଦାୟର ଧର୍ମ ଗୁରୁ ପ୍ରଫେଟ ମହମ୍ମଦଙ୍କ ୧୫ଶହ ତମ ଜୟନ୍ତୀ ପାଳିତ ହୋଇଛି। ଏହି ଜୟନ୍ତୀ ପାଳନ ଅବସରରେ ସକାଳୁ ସମସ୍ତ ମୁସଲିମ ସମ୍ପ୍ରଦାୟର ଭାଇମାନେ ପ୍ରଥମେ ମସଜିଦକୁ ଆସି ନମାଜ ପାଠ କରିଥିଲେ। ପରେ ସେଠାରୁ ଏକ ବିରାଟ ଶାନ୍ତି ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରୀ ଦଳକୁ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଶୁଭେଚ୍ଛା ଜଣାଇଥିଲେ। ଏହି ଶୋଭାଯାତ୍ରାରେ ମୁସଲିମ ସମ୍ପ୍ରଦାୟର ବରିଷ୍ଠ ସଦସ୍ୟ ତଥା ସହରର ବରିଷ୍ଠ ଆଇନଜୀବୀ ହାଜି ମହମ୍ମଦ ମୁସ୍ତାକ ଖାଁ, ଶେଖ୍ ପିରୁ, ସେଖ ସଫିକ, ଆତା ଉଲାହ ଖାଁ, ରଫିକ ଉଲ୍ଲା ଖାଁ, ରିୟାଜ ମହମ୍ମଦ, ଇଞ୍ଜିନିୟର ମହମ୍ମଦ ଆବାସ ଖାଁ, ହିଫ ଜୁଲ ରେହେମାନ, ଜାଫର ଖାଁ, ଘୁଫ୍ରାନ ବେଜ, ଅଜମଲ ଖାଁ, ଫାରୁଖ ଖାଁ, ନଜିର ମହମ୍ମଦ, ଇଞ୍ଜିନିୟର ମହମ୍ମଦ ମୁକ୍ତାର ଖାଁ, ଅସ୍ୱାକ ଖାଁ, ମହମ୍ମଦ ଅଜମତ ଖାଁ, ଖ୍ୱାଜ ମହମ୍ମଦ, ଖଲିଦ ଖାଁ, ଶୋହେଲ ଖାଁ, ମହମ୍ମଦ ମୋସିନ ଖାଁ, ମହମ୍ମଦ ତୋଷିଫ ଖାଁ, ଇମ୍ରାନ ଖାଁ, କମରୁଦ୍ଦିନ ଅଲି ଅହମଦ, ଏହେମଦ ମେମନଙ୍କ ସମେତ ପ୍ରାୟ ୧୫୦୦ରୁ ଅଧିକ ଲୋକ ସାମିଲ ହୋଇଥିଲେ।

## ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ



ସଇଁନ୍ତଲା, ୫।୯ (ସମିସ): ସଇଁନ୍ତଲାରେ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେ ମାଟି ପୂଜା ପରେ ସଂଗ୍ରହ କରି ମଣ୍ଡପକୁ ଅଣାଯାଇଥିଲା। ପରେ ପୂଜା ମଣ୍ଡପ ସମ୍ମୁଖରେ ପୂଜାର୍ଚ୍ଚନା ପରେ ମଣ୍ଡପ ସମ୍ମୁଖରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ମୁଖ୍ୟ ପୂଜକ କିରଣ ମିଶ୍ର ଓ ନବଘନ ଷଡଙ୍ଗୀ ପୂଜାର୍ଚ୍ଚନା କରିଥିଲେ। ପୂଜା କମିଟି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ସମ୍ପାଦକ ତଥା ଆଇନଜୀବୀ ସୁବୋଧ ମିଶ୍ର, ଝସ ମନହିରା, ଶେଷଦେବ ଯାନୀ, ଭୀମସେନ ସ୍ୱାଇଁ, ନିମାଇଁ ସ୍ୱାଇଁ, ବିନୟ ଭୋଇ, ଦୁର୍ଗେଶ ସାହୁ, ପ୍ରଶାନ୍ତ ପୃସେଠ, ଲଲାଟ ପୃସେଠ, ସମ୍ପଦ ମହାକୁର, କିଷାନ ପଟ୍ଟନାୟକ, ଅମିତ ରଥ, ପବନ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହେଇଥିଲେ।

## ବିଶ୍ୱାମ୍ ଚେତନା ପରିଷଦର ରକ୍ତଦାନ ଶିବିର



ବଲାଙ୍ଗିର, ୫।୯ (ସମିସ): ଖୁଜେନପାଲି ବିଶ୍ୱାମ୍ ଚେତନା ପରିଷଦ ଆନୁକୂଲ୍ୟରେ ଆନନ୍ଦ ନିକେତନ ବିଦ୍ୟା ମନ୍ଦିରରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପୂଜ୍ୟପାଦ ସଦ ଗୁରୁଦେବ ପରମହଂସ ସ୍ୱାମୀ ଶ୍ରୀ ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀଜୀ ମହାରାଜଙ୍କ ୭୦ତମ ଜନ୍ମ ଦିବସ ଉପଲକ୍ଷେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଅତିଥି ଭାବେ ଯୋଗଦେଇ ଏହି ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ପୂଜ୍ୟ ସ୍ୱାମୀ ସତ୍ୟଦେବାନନ୍ଦ ସରସ୍ୱତୀଜୀ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ପୂଜ୍ୟ ସ୍ୱାମୀ ସତ୍ୟପ୍ରେମାନନ୍ଦ ସରସ୍ୱତୀଜୀ, ଡ. ପ୍ରକାଶ ଦାସ, ଗୋପାଳଜୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସୁଶାନ୍ତ ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ତରୁଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ବିତ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକ କଳାକାର ଇନ୍ଦ୍ର ଧରୁଆଙ୍କ ପରଲୋକ



ବଲାଙ୍ଗିର,୫।୯ (ସମିସ): ବଲାଙ୍ଗିର ଜିଲ୍ଲା ଚନ୍ଦନଭାଟୀ ପଞ୍ଚାୟତ ସାଲେପାଲି ଗ୍ରାମର ଲୋକ କଳାକାର ଇନ୍ଦ୍ର ଧରୁଆଙ୍କ ଶୁକ୍ରବାର ୪୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। କିଛିଦିନ ହେବ ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ସେ ଚିକିତ୍ସିତ ହେଉଥିଲେ। ଗାଁକୁ ମରଶରୀର ଆସିବାପରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା।

## ଯୋଗୀସର୍ଡା ଶୈବପୀଠରୁ ମୂର୍ତ୍ତି ଚୋରି

ଲୋଇସିଂହା,୫।୯ (ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଧୀନ ପ୍ରସିଦ୍ଧ ଶୈବପୀଠ ଯୋଗୀସର୍ଡା ମନ୍ଦିରରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ମନ୍ଦିରରେ ଥିବା ବହୁ ପୁରୁଣା ତଥା ମୂଲ୍ୟବାନ ଧାତୁରେ ତିଆରି ହୋଇଥିବା ଶିବ ଓ ପାର୍ବତୀଙ୍କ ମୂର୍ତ୍ତି ଚୋରି ହୋଇଥିବା ଲୋଇସିଂହା ଥାନାରେ ଅଭିଯୋଗ ହୋଇଛି। ଗୁରୁବାର ରାତିରେ ଏହି ଚୋରି ହୋଇଛି। ଅଭିଯୋଗ ପାଇବା ପରେ ଥାନା ଅଧିକାରୀ ଯାଜ୍ଞସେନୀ ନାୟକ ମନ୍ଦିରକୁ ଯାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## କାର୍‌ରୁ ୩୦ କେଜି ଗଞ୍ଜେଇ ଜବତ

ଦେଓଗାଁ,୫।୯ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଧୀନ ନାଇକେନସିରା ଛକରେ ଶୁକ୍ରବାର ସକାଳେ ଏକ କାରରୁ ୩୦କେଜି ଗଞ୍ଜେଇ ଜବତ ହୋଇଛି। ଏଥିରେ ସଂପୃକ୍ତ ୨ଜଣଙ୍କୁ ପୁଲିସ ଗିରଫ କରଚି। ଅଭିଯୁକ୍ତ ଦ୍ୱୟ ହେଲେ ଅଭିଯୁକ୍ତ ଛତିଶଗଡ ରାଜ୍ୟ କୋର୍ବା ଜିଲ୍ଲା କାନବା ଗାଁର ପ୍ରବୀଣ ମହାପାତ୍ର(୨୭) ଓ ବିଳାସପୁର ଜିଲ୍ଲା ତଖଟପୁର ଗାଁର ପରମେଶ୍ୱର ଦାଶ। ଥାନା ଅଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି ଯେ, କାରଟି ଗଞ୍ଜେଇ ନେଇ ତୁଷୁରାପଟରୁ ଛତିଶଗଡ ଅଭିମୁଖେ ଯାଉଥିଲା। ଦେଓଗାଁ ପୁଲିସ ଖବର ପାଇ ନାଇକେନସିରା ଛକରେ ଜଗି ରହିଥିଲା। ଯାଞ୍ଚବେଳେ ଗଞ୍ଜେଇ ମିଳିଥିଲା। ଏହାସହ କାରରେ ୨ଟି ନମ୍ବର (ଓଡି୦୩ବିୱାଇ୭୬୮୯ ଏବଂ ସିଜି୧୨ବିଆର୦୨୫୩) ଲାଗିଥିଲା।



# ତୃଣମୂଳରୁ ସଙ୍ଗଠନ ସଙ୍ଗଠିତ କରିବ କଂଗ୍ରେସ

ବଲାଙ୍ଗିର,୫।୯ (ସମିସ)

ବଲାଙ୍ଗିର ସାମ୍ବାଦିକ ଭବନରେ କଂଗ୍ରେସ ପକ୍ଷରୁ ସଙ୍ଗଠନ ସୃଜନୀ ସଂପର୍କିତ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ସଙ୍ଗଠନକୁ ତୃଣମୂଳ ସ୍ତରରୁ ସଙ୍ଗଠିତ କରିବା ପାଇଁ ଦଳ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ଅଭିଯାନର ରୂପରେଖ ଉପରେ ପର୍ଯ୍ୟବେକ୍ଷକମାନେ ସ୍ପଷ୍ଟ କରିଥିଲେ। ଜିଲ୍ଲା କଂଗ୍ରେସ ଷ୍ଟିଅରିଂ କମିଟି ସଂଯୋଜକ ଅନିଲ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ପର୍ଯବେକ୍ଷକ ସିଡି ମୟପ୍ପନ ଜିଲ୍ଲା କଂଗ୍ରେସ ସଭାପତି ମନୋନୟନ ପାଇଁ କଂଗ୍ରେସ




ପକ୍ଷରୁ ନିଆଯାଇଥିବା ଅଭିନବ କାର୍ଯ୍ୟକ୍ରମ ବିଷୟରେ ପ୍ରକାଶ କରିଥିଲେ। ପର୍ଯ୍ୟବେକ୍ଷକ ଟିମ୍ ବଲାଙ୍ଗିରର ସମସ୍ତ ନିର୍ବାଚନମଣ୍ଡଳୀ, ବ୍ଲକ୍ ବୁଲି କଂଗ୍ରେସ କର୍ମୀ ତଥା ବିଭିନ୍ନ ବର୍ଗର ଲୋକଙ୍କ ଭେଟି ଜିଲ୍ଲା କଂଗ୍ରେସ ସଭାପତି ପଦବୀ ପାଇଁ ଆଲୋଚନା କରିବେ। ଏହି ଅଭିଯାନ ପ୍ରଥମେ ଗୁଜୁରାଟରେ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ କଂଗ୍ରେସ ଅଧ୍ୟକ୍ଷ ମଲିକାର୍ଜୁନ ଖଡଗେ ଓ କେନ୍ଦ୍ର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ଓଡିଶାରେ ମଧ୍ୟ କରାଯାଉଥିବା ସେ ପ୍ରକାଶ କରିଥିଲେ। ପ୍ରଥମେ ଜିଲ୍ଲା କଂଗ୍ରେସ ସଭାପତି ଓ ପରେ ବ୍ଲକ ଓ ଅନ୍ୟ କମିଟି ସଭାପତି ମଧ୍ୟ ଚୟନ କରାଯିବ। ଏହି ସାମ୍ବାଦିକ ସମ୍ମଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପିସିସି ପର୍ଯ୍ୟବେକ୍ଷକ ନିମାଇଁ ସରକାର, ଅମିତା ବିଶ୍ୱାଳ, ସମରେନ୍ଦ୍ର ମିଶ୍ର, ମନୋଜ ମିଶ୍ର, ରାଜ୍ୟ ମୁଖପାତ୍ର ଅଭିଷେକ ମହାନନ୍ଦ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ। ସ୍ଥାନୀୟ ବରିଷ୍ଠ ନେତାମାନଙ୍କ ସହଯୋଗ ଓ ପରାମର୍ଶକ୍ରମେ କଂଗ୍ରେସ ଦଳକୁ ପୁଣି ଥରେ ଜିଲ୍ଲାରେ ସଙ୍ଗଠିତ କରାଯିବ ବୋଲି ପୂର୍ବତନ ମନ୍ତ୍ରୀ ଶରତ ରାଉତ କହିଥିଲେ।

# ଆଦି କର୍ମଯୋଗୀ ଅଭିଯାନର ପ୍ରଶିକ୍ଷଣ କର୍ମଶାଳା

ବଲାଙ୍ଗିର,୫।୯ (ସମିସ): ବଲାଙ୍ଗିର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରରେ ଜିଲ୍ଲା ପ୍ରଶାସନ ଦ୍ୱାରା 'ଆଦି କର୍ମଯୋଗୀ ଅଭିଯାନ'ର ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଆରମ୍ଭ ହୋଇଛି। ଏହ ୩ ଦିନିଆ କର୍ମଶାଳାକୁ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଉଦ୍‌ଘାଟନ କରିଥିଲେ। ଜିଲ୍ଲାର ୨୫୮ଟି ଜନଜାତି ବହୁଳ ଗ୍ରାମ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ୭ଟି ପ୍ରମୁଖ ବିଭାଗ ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଗଣଶିକ୍ଷା, ମହିଳା ଓ ଶିଶୁବିକାଶ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ୭୬ଜଣ ଅଧିକାରୀ ବା ଆଦି କର୍ମଯୋଗୀ ଶିବିରରେ ପ୍ରଶିକ୍ଷଣ ନେଉଛନ୍ତି। ଗ୍ରାମୀଣ ଜନଭାଗି ଦ୍ୱାରା ଜନଜାତି ବହୁଳ ଗ୍ରାମଗୁଡିକରେ




ଏହି ଯୋଜନା ମାଧ୍ୟମରେ ସମୂହ ବିକାଶ କରାଯିବ। ବଲାଙ୍ଗିର ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ତୁରେକେଲା ବିଡିଓ ପୂର୍ଣ୍ଣଚନ୍ଦ୍ର ପଟେଲ, ଗୁଡଭେଲା ଅତିରିକ୍ତ ବିଡିଓ ରାମଦତ୍ତ ଭୋଇ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଆନନ୍ଦ ମିଶ୍ର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦାମୋଦର ବିଶ୍ୱାଳ, ପାନୀୟ ଜଳ ବିଭାଗର ସହକାରୀ ଯନ୍ତ୍ରୀ ଖଗେନ୍ଦ୍ର ବାରିକ, ସମାଜିକ କଲ୍ୟାଣ ଅଧିକାରୀ ଏସ୍. ଗୀତା ପ୍ରମୁଖ ତାଲିମ ପ୍ରଦାନ କରୁଛନ୍ତି। ଜିଲ୍ଲା ମଙ୍ଗଳ କାର୍ଯ୍ରାଳୟର ସମସ୍ତ କର୍ମଚାରୀ ସହଯୋଗ କରୁଛନ୍ତି। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରାଳୟ ଓ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



# ମନ୍ତ୍ରୀ ଆସିବା ଆଗରୁ ମାଟି ପଡ଼ିଲା

ଭୁବନେଶ୍ୱର, ୫।୯ (ସମିସ)

ମାତ୍ର ୧୪ କିଲୋମିଟର ବିଶିଷ୍ଟ ସୁନ୍ଦରପଦା-ଜଟଣୀ ରାସ୍ତାର ଦୀର୍ଘଦିନ ଧରି ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁଥିଲେ ବି ଏଯାବତ୍ ଶେଷ ହୋଇପାରୁନି। କାମ କରୁଥିବା ଠିକା ସଂସ୍ଥା ଦିନେ କାମ କଲେ, ୮ ଦିନ ବନ୍ଦ ରଖୁଛି। ଫଳରେ ଅର୍ଦ୍ଧ ନିର୍ମିତ ଏହି ରାସ୍ତାରେ ଲୋକମାନେ ଯାତାୟାତ

**କାଦୁଅ ପଚପଚ ରାସ୍ତାର ସମୀକ୍ଷା କଲେ ମନ୍ତ୍ରୀ**

**ଦୀର୍ଘବର୍ଷ ହେଲା ସରୁନି ରାସ୍ତା କାମ**

**ମନ୍ତ୍ରୀଙ୍କ ଆଗରେ ଅସନ୍ତୋଷ ଝାଡ଼ିଲେ ଲୋକେ**

**ନଭେମ୍ବର ଶେଷ ସୁଦ୍ଧା କାମ ସାରିବାକୁ ନିର୍ଦ୍ଦେଶ**





କଲାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଠାଏ ଠାଏ ରାସ୍ତାକୁ ପ୍ରଶସ୍ତ କରି ପିଚୁ ପକାଯାଇଥିଲେ ହେଁ ବଜାର ଓ ଜନଗହଳିପୂର୍ଣ୍ଣ ଅଞ୍ଚଳଗୁଡ଼ିକ ଏବେ ବି କାମ ହୋଇନି। ଫଳରେ ସାମାନ୍ୟ ବର୍ଷା ହେଲେ ପାଣି କାଦୁଅରେ ଲୋକମାନେ ଘାଣ୍ଟି ହେଉଛନ୍ତି। ଆଜି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ରାସ୍ତାର ସମୀକ୍ଷା କରିବାକୁ ଅହରାହ୍ଣରେ ଯାଇଥିଲେ। ଏହା ପୂର୍ବରୁ ସରକାରୀ ଅଧିକାରୀମାନେ ମନ୍ତ୍ରୀଙ୍କ ଦୃଷ୍ଟିରୁ ଖାଲଖମା ଲୁଚାଇବା ପାଇଁ ରାସ୍ତାରେ ତରବରିଆ ଭାବେ ମୋରମ୍ ଓ ମାଟି ପକାଇ ଦେଇଥିଲେ। ମାତ୍ର ମନ୍ତ୍ରୀ ଆସିବାବେଳକୁ ଗାଡ଼ି ମଟର ଚଳାଚଳ କରି ମୋରମ୍ କାଦୁଅରେ ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା।

ରାସ୍ତାର ଏଭଳି ଅବସ୍ଥାକୁ ନେଇ ସ୍ଥାନୀୟ ଲୋକମାନେ ମନ୍ତ୍ରୀଙ୍କ ଆଗରେ ଫେରାଦ ହୋଇଥିଲେ। କେବେ ରାସ୍ତା କାମ ଶେଷ ହେବ, ସେନେଇ କଣ୍ଟ ଧାର୍ଯ୍ୟ କରିବାକୁ କହିଥିଲେ। ନଭେମ୍ବର ଶେଷ ସୁଦ୍ଧା ରାସ୍ତା କାମ ଶେଷ କରିବା ପାଇଁ ମନ୍ତ୍ରୀ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା କାରଣରୁ ଲୋକମାନେ ଭୋଗୁଥିବା ସମସ୍ୟା ବିଷୟରେ ସ୍ଥାନୀୟ ଲୋକ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ରାସ୍ତା ଉପରେ ଜଟଣୀ ଓ ପିପିଲି ନିର୍ବାଚନ ମଣ୍ଡଳୀର ହଜାର ହଜାର ଲୋକ ପ୍ରତିଦିନ ଯାତାୟାତ କରୁଛନ୍ତି। ୨୦୧୨ ମସିହାରେ ଏହି ରାସ୍ତାର ନବୀକରଣ ପାଇଁ ପ୍ରସ୍ତାବ ଆସିଥିଲା। ମାତ୍ର ବିଭିନ୍ନ କାରଣ ପାଇଁ ରାସ୍ତାର ଉନ୍ନତିକରଣ ହୋଇପାରୁ ନ ଥିଲା। କିଛି ବର୍ଷ ଭିତରେ ଏହି ଅଞ୍ଚଳରେ ନୂଆ ନୂଆ ଜନବସତି ଗଢ଼ି ଉଠିଛି। ନୂଆ ଆବାସିକ କଲୋନି ସାଙ୍ଗକୁ ଜାଭିୟର୍ ବିଶ୍ୱବିଦ୍ୟାଳୟ ଭଳି ବଡ଼ବଡ଼ ଶିକ୍ଷାନୁଷ୍ଠାନ ଗଢ଼ିଉଠିଚି। ନୂଆ ନୂଆ ଜନବସତି ଗଢ଼ିଉଠିଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନ, ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ଗୋଦାମ ଭଳି ବ୍ୟବସାୟିକ ସଂସ୍ଥା ମଧ୍ୟ ବଢ଼ିଗଲାଣି। ଫଳରେ ଏହି ରାସ୍ତା ଏବେ ରାଜଧାନୀର ଏକ ଅନ୍ୟତମ ଜନଗହଳିପୂର୍ଣ୍ଣ ରାସ୍ତାରେ ପରିଣତ ହୋଇଛି। ୨୦୦୯ ମସିହାରୁ ଏହାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଦିନକୁ ଦିନ ସେହି ଅଞ୍ଚଳରେ ଜନବସତି ବଢ଼ିବାରୁ ରାସ୍ତାରେ ଟ୍ରାଫିକ୍ ବଢ଼ିଲା। ଟ୍ରାଫିକ୍ ଜାମ୍ ଏକ ନିତିଦିନିଆ ସମସ୍ୟା ହୋଇ ଉଭା ହୋଇଛି। ତେଣୁ ଏସବୁ ସମସ୍ୟା ଉପରେ ସ୍ଥାନୀୟ ଲୋକମାନେ ମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ।

ଏହି ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ଚାରି ଲେନ କରିବା ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ନିର୍ମାଣାଧୀନ ରାସ୍ତା ପ୍ରଶସ୍ତୀକରଣ ସମୟରେ ଆସୁଥିବା ସମସ୍ୟା ଯେପରିକି ଡ୍ରେନଏଜ, ସ୍ୱେରେଜ, ଇଲେକ୍ଟ୍ରିଫିକେସନ୍ ୟୁଟିଲିଟି ଆଦିର କାମ ଶୀଘ୍ର ଶେଷ କରିବା ନେଇ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନଙ୍କ ସହିତ ମନ୍ତ୍ରୀ ଆଲୋଚନା କରିଥିଲେ। ଏହାସହ ୨୦୨୫ ନଭେମ୍ବର ଶେଷ ସୁଦ୍ଧା ପୂରା ରାସ୍ତାର ନିର୍ମାଣ ଶେଷ କରିବା ପାଇଁ ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ଜଟଣୀ ବିଧାୟକ ସୁରେଶ ରାଉତରାୟ, ମୁଖ୍ୟ ଯନ୍ତ୍ରୀ ରାସ୍ତା-୨ ଧାନଚାନ୍ଦ ନାୟକ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମନୋଜ ମହାନନ୍ଦ, ଅଧକ୍ଷଣ ଯନ୍ତ୍ରୀ ସଚିନ ସାହୁଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଓ ଠିକା ସଂସ୍ଥାର କାର୍ଯ୍ୟନିର୍ବାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳିକା ଅସଦାଚରଣ; ହୋମଗାର୍ଡ ଗିରଫ

ଭୁବନେଶ୍ୱର/ବାଲିଅନ୍ତା, ୫।୯ (ସମିସ): ନାବାଳିକା ଅସଦାଚରଣ ମାମଲାରେ ଲକ୍ଷ୍ମୀସାଗର ଥାନା ହୋମଗାର୍ଡଙ୍କୁ ଗିରଫ କରିଛି ବାଲିଅନ୍ତା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଅଲାରପୁରର ରାଜକିଶୋର ସେଠୀ (୩୨)।



ପୁଲିସ ସୂଚନା ଅନୁସାରେ, ଗତ ବୁଧବାର ପୂର୍ବାହ୍ନରେ ନାବାଳିକା ପୀଡିତା ତଥା ରାଜକିଶୋରର ସମ୍ପର୍କୀୟ ଭଉଣୀ କଲେଜ ଯାଉଥିଲେ। ସେ ଖମଙ୍ଗ ଛକ ନିକଟରେ ପାଇଥିବା ବେଳେ ରାଜକିଶୋର ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିଲା। ତାଙ୍କ ମଥାରେ ସିନ୍ଦୁର ଲଗାଇ ବିବାହ କରିବାକୁ ଜିଦ୍ କରିଥିଲେ। କଥା ନ ମାନିଲେ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇଥିଲେ। ଆକ୍ରମଣ କରିବାକୁ ଉଦ୍ୟମ କରିବା ସହ ଅସଦାଚରଣ କରିଥିଲେ। ଏନେଇ ନାବାଳିକା ଜଣକ ବାଲିଅନ୍ତା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତ ସମୟରେ ନାବାଳିକା ପୀଡିତାଙ୍କ ଠାରୁ ଏକ ଚିଠି ଓ କିଛି ଫଟୋଗ୍ରାଫ୍ ଜବତ କରି ପ୍ରାଥମିକ ପ୍ରମାଣ ଜବତ କରିଥିଲା। ଜବତ କରାଯାଇଥିଲା। ନାବାଳିକା ପୀଡିତା ଜଣଙ୍କ ହୋମଗାର୍ଡ ରାଜକିଶୋରର ସମ୍ପର୍କୀୟ ଓ ପରିବାରର ବାରମ୍ବାର ଆପତ୍ତି ସତ୍ତ୍ୱେ ତାଙ୍କୁ ବାରମ୍ବାର ଅନୁସରଣ କରି ଧମକ ଦେଉଥିଲେ। ଗତକାଲି ସନ୍ଧ୍ୟାରେ ରାଜକିଶୋରକୁ ଗିରଫ କରିବା ପରେ ଆଜି କୋର୍ଟ ଚାଲାଣ କରିଛି ପୁଲିସ।

# ‘ପ୍ରହାର’ ଜାଲରେ ଆଉ ୭ ନିଶା ବେପାରୀ

ଭୁବନେଶ୍ୱର, ୫।୯ (ସମିସ): ଅପରେସନ ‘ପ୍ରହାର’କୁ ଜୋରଦାର କରିଛି କମିସନରେଟ ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ହାଟ ଡେଲାଙ୍ଗର କାଳିଆ ଓରଫ୍ ପ୍ରମୋଦ ପୃଷ୍ଟି (୪୫), ନାଗେଶ୍ୱର ଟାଙ୍ଗୀର ଆନନ୍ଦ ସାହୁ (୨୧), ୟୁନିଟ୍ ୩ର ସୁମିତ ଦାଶ ଓରଫ୍ ରାହୁଲ (୨୦), କପିଳେଶ୍ୱରର ସୁକାନ୍ତ ମାଲିଆ (୩୯), ବାବୁଲା ମାଲିଆ (୩୪), ସାଲିଆ ସାହିର ଗୋବିନ୍ଦ ଚନ୍ଦ୍ର ପାତ୍ର (୫୫) ଓ ସୁବୁଦ୍ଧିପୁରର ପବିତ୍ର ପୃଷ୍ଟି ଓରଫ୍ ବାପି (୪୫)।

ପୁଲିସ ସୂଚନା ଅନୁସାରେ, ପାନ ଦୋକାନରେ ଗଞ୍ଜେଇ ବିକ୍ରି ହେଉଥିବା ବେଳେ କ୍ୟାପିଟାଲ ଥାନା ପୁଲିସ ଚଢ଼ଉ କରିଥିଲା। ଆମ ବସଷ୍ଟାଣ୍ଡ ନିକଟସ୍ଥ ଦୋକାନରୁ ୧ କିଲୋ ୮୦୦ ଗଞ୍ଜେଇ ଜବତ କରି କାଳିଆକୁ ଗିରଫ କରିଥିଲା। ଆନନ୍ଦ ଓ ସୁମିତ ରାଧାବଲ୍ଲଭ ମଠ ନିକଟରେ ଚୋରା ଗଞ୍ଜେଇ ଧରି ଛିଡ଼ା ହୋଇଥିବା ବେଳେ ଶ୍ରୀ ଲିଙ୍ଗରାଜ ଥାନା ପୁଲିସ ଉଭୟଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ୩୨୦୦ ଗ୍ରାମ ଗଞ୍ଜେଇ, ୨୩୦୦ ଟଙ୍କା ଓ ଏକ ମୋବାଇଲ୍ ଫୋନ୍ ଜବତ କରିଥିଲା। ସେମାନେ କପିଳେଶ୍ୱରର ପାନ ଦୋକାନୀ ସୁକାନ୍ତ ଓ ବାବୁଲାକୁ ଗଞ୍ଜେଇ ଯୋଗାଣ କରୁଥିବା କହିବା ପରେ ପୁଲିସ ଦୁଇ ଦୋକାନୀଙ୍କୁ ଗିରଫ କରିଥିଲା।

ସେହିପରି ସାଲିଆ ସାହି ଅଞ୍ଚଳର ଏକ ଦୋକାନରେ ଗଞ୍ଜେଇ ବିକ୍ରି ହେଉଥିବା ଖବରପାଇ ମୈତ୍ରୀ ବିହାର ଥାନା ପୁଲିସ ଚଢ଼ଉ କରିଥିଲା। ଶ୍ରୀରାମ ନଗର ସ୍ଥିତ ଗ୍ରୋସରୀ ଦୋକାନରୁ ଗୋବିନ୍ଦକୁ ଗିରଫ କରିବା ସହ ୪ କିଲୋ ୭ଶହ ଗଞ୍ଜେଇ, ୨୧୦୦ ଟଙ୍କା ଓ ମୋବାଇଲ ଫୋନ ଜବତ କରିଥିଲା। ଶୁକ୍ରବାର ଦ୍ୱିପହରରେ



ପବିତ୍ର ତମାଣ୍ଡୋ ବାଲୁଙ୍କେଶ୍ୱର ମନ୍ଦିର ନିକଟସ୍ଥ ମେଳଣ ପଡ଼ିଆରେ ବ୍ରାଉନସୁଗର ଧରି ଛିଡ଼ା ହୋଇଥିଲା। ଖବରପାଇ ତମାଣ୍ଡୋ ଥାନା ପୁଲିସ ତାକୁ ଗିରଫ କରିବା ସହ ୧୦ ଗ୍ରାମ ବ୍ରାଉନସୁଗର, ୮୧ ହଜାର ଟଙ୍କା ଓ ମୋବାଇଲ ଫୋନ ଜବତ କରିଥିଲା।

# ଯୋରରେ ଭାସିଯାଇ ନାବାଳକ ମୃତ

ଭୁବନେଶ୍ୱର, ୫।୯ (ସମିସ): ଦାରୁଠେଙ୍ଗ ନଈ ଯୋରରେ ଗାଧୋଉଥିବା ବେଳେ ପାଣିରେ ଭାସିଯାଇ ନାବାଳକ ପ୍ରାଣ ହରାଇଛନ୍ତି। ମୃତକ ହେଉଛନ୍ତି ଡମଣା ଗ୍ରାମର ପ୍ରକାଶ ସେଠୀ (୧୩)। ସୂଚନା ଅନୁସାରେ, ଶୁକ୍ରବାର ସକାଳେ ପ୍ରକାଶ ଓ ତାଙ୍କ ସାଙ୍ଗମାନେ ଦାରୁଠେଙ୍ଗ ନଈ ଯୋରକୁ ଗାଧୋଇବାକୁ ଯାଇଥିଲେ। ଲଗାଣ ବର୍ଷା ଯୋଗୁଁ ଜୋରରେ ଅଧିକ ପାଣି ପ୍ରବାହିତ ହେଉଥିବା ବେଳେ ସ୍ରୋତ ପ୍ରଖର ଥିଲା। ସମସ୍ତେ ମିଶି ଗାଧୋଉଥିବା ସମୟରେ ପ୍ରକାଶ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଭାସି ଯାଇଥିବା ଅନ୍ୟ ସାଙ୍ଗମାନେ ପହଁରି ପହଁରି ପଳାଇ ଆସିଥିଲେ ମଧ୍ୟ ପ୍ରକାଶ ଆସି ପାରିନଥିଲେ। ସାଙ୍ଗମାନଙ୍କ ପାଟି ଶୁଣି ସେହି ରାସ୍ତାରେ ଯାଉଥିବା କିଛି ଲୋକ ଯୋର ନିକଟକୁ ଦୌଡ଼ି ଆସିଥିଲେ। ଖବରପାଇ ଚନ୍ଦ୍ରଶେଖରପୁର ଦମକଳ ବାହିନୀ ଓ ଚନ୍ଦକା ଥାନାକୁ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। ପ୍ରାୟ ଏକ ଘଣ୍ଟା ପରେ ଏକ ବୁଦା ନିକଟରୁ ପ୍ରକାଶକୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

**ଜବରଦଖଲ ଉଚ୍ଛେଦ କ୍ଷେତ୍ରରେ ବିଡିଏ କାର୍ଯ୍ୟାନୁଷ୍ଠାନ**

# ଛୋଟଙ୍କ ଉପରେ ଦାଉ; ବଡ଼ଙ୍କ ପାଇଁ ହାତ ଯାଉନି

ଭୁବନେଶ୍ୱର, ୫।୯ (ସମିସ)

ଭୁବନେଶ୍ୱରରେ ଅବୈଧ ନିର୍ମାଣ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି ବିଡିଏ। ଏଥିପାଇଁ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଉଚ୍ଛେଦକାରୀ ଟିମ୍ ଯାଇ ଜବରଦଖଲ ଉଚ୍ଛେଦ କରୁଛନ୍ତି। ଯାହାକୁ ରାଜଧାନୀବାସୀ ସ୍ୱାଗତ କରୁଥିବା ବେଳେ ବଡ଼ ଜବରଦଖଲକାରୀଙ୍କ ଆଡ଼କୁ ବିଡିଏର ହାତ ପାଉନି। ଫଳରେ ଏବେ ବି ରାଜଧାନୀର ପ୍ରମୁଖ ଅଞ୍ଚଳରେ ଶତାଧିକ ଏକର ମୂଲ୍ୟବାନ ସରକାରୀ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି।

ବିଡିଏ ଅଧୀନରେ ୪୯୧ଟି ଅବୈଧ ନିର୍ମାଣ ମାମଲା ରୁଜୁ ହୋଇଛି, ଯେଉଁଥିରୁ ୧୯୧ଟି ଅବୈଧ ଅପାର୍ଟମେଣ୍ଟ ଓ ନିର୍ମାଣକୁ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି। ଏହା ସହିତ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ୨୦୨୪ରେ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ୧୯୧ଟି ଅବୈଧ ନିର୍ମାଣ ଭାଙ୍ଗିଛି। ନିକଟରେ ବିଡିଏ ପାଣ୍ଡାରା, ଚନ୍ଦ୍ରଶେଖରପୁର, କଳ୍ପନା ଛକ, ଆଇଗିଣିଆ, ନୟାପଲ୍ଲୀ ଆଦି ଅଞ୍ଚଳରେ ଅବୈଧ ନିର୍ମାଣ ଓ ଅଧିକୃତ ଜବରଦଖଲ ହଟାଇବା ପାଇଁ ଉଚ୍ଛେଦ ଅଭିଯାନ କରିଥିଲା।

**ବିଏମସି ଅଞ୍ଚଳରେ ୧, ୪୪୪ ଅବୈଧ ନିର୍ମାଣ ମାମଲା ରୁଜୁ**



ତେବେ, ଅବୈଧ ନିର୍ମାଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ, ବିଡିଏ ଓ ବିଏମସି ବଡ ନିର୍ମାଣକାରୀ ଓ ଅପାର୍ଟମେଣ୍ଟ ମାଲିକଙ୍କ ବିରୋଧରେ କଡା ପଦକ୍ଷେପ ଗ୍ରହଣରେ ନୀରବ ରହୁଛି। ସେମାନଙ୍କ ଉପରେ ହାତ ମାରିବାକୁ ଭୟ କରୁଛନ୍ତି। ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ତଥ୍ୟ ଅନୁଯାୟୀ, ଭୁବନେଶ୍ୱରରେ ୬୮୯ଟି ଅବୈଧ ଅପାର୍ଟମେଣ୍ଟ ଓ ୧୧, ୮୦୬ଟି ଘର ଅନୁମୋଦନ ବିନା ନିର୍ମିତ ହୋଇଛି, ଯାହା ନଗର ଯୋଜନା ଓ ଆର୍ଥିକ କ୍ଷତିର କାରଣ ହୋଇଛି। ଏହି ଅବୈଧ ନିର୍ମାଣ ମଧ୍ୟରେ ୩୫% ଅନଧିକୃତ ଜମି ବ୍ୟବହାର, ୨୮% ଯୋଜନା ଉଲ୍ଲଂଘନ, ୨୨% ଅଗ୍ନି ନିରାପତ୍ତା ସାର୍ଟିଫିକେଟର ଅଭାବ ଏବଂ ୧୫% ପରିବେଶ ମଞ୍ଜୁରୀ ଉଲ୍ଲଂଘନ ସାମିଲ ରହିଛି। ବିଏମସି ଅଞ୍ଚଳରେ ୧, ୪୪୪ଟି ଅବୈଧ ନିର୍ମାଣ ମାମଲା ରୁଜୁ ହୋଇଛି, ଯେଉଁଥିରୁ ୪୫୧ଟି ମାମଲାର ସମାଧାନ ହୋଇଥିବା ବେଳେ ୯୯୩ ଟି ମାମଲା ବିଚାରାଧୀନ ରହିଛି। ବିଡିଏ'ର ୨୩୭ଟି ମାମଲା ମଧ୍ୟ କୋର୍ଟରେ ବିଚାରାଧୀନ ଥିବାରୁ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନେକ କ୍ଷେତ୍ରରେ ଜବରଦଖଲକାରୀ ବିଡିଏ ବିରୋଧରେ ଅଦାଲତରେ ମାମଲା ରୁଜୁ କରିଥିବା ବେଳେ ବିଡିଏର ଆନ୍ତରିକତା ଅଭାବରୁ ସେଗୁଡ଼ିକର ସମାଧାନର ବାଟ ବାହାରିପାରୁ ନାହିଁ। ଫଳରେ ଏବେ ବି ଅନେକ ସରକାରୀ ଜମି ଏଭଳି ଭାବେ ଦଖଲରେ ରହିଛି।

ଏହି ଅଭିଯାନ ନଗରର ଅନୁମୋଦିତ ରାସ୍ତା କଡରେ ଦୋକାନ ଉଠିଲା ବେଳେ ତତ୍ପର ବିଡିଏ ବଡ ନିର୍ମାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲା ବେଳେ କ'ଣ ପାଇଁ ନୀରବ ସେ ନେଇ ଏବେ ପ୍ରଶ୍ନ ଉଠିଛି। ଏପରିକି ଶ୍ୟାମପୁରରେ ୬୮ ଏକର ଜମି ଜବରଦଖଲକୁ ରୋକି ପାରୁନାହିଁ। ଓରେରା ବିଶେଷଜ୍ଞ ଏନେଇ ବିଡିଏ ଭିସି ଥିରୁମାଲା ନାୟକଙ୍କୁ ସିଧାସଳଖ ଅନୁରୋଧ କରିଛନ୍ତି ଯେ ଅବୈଧ, ଅନଧିକୃତ କୋଠା, ଅପାର୍ଟମେଣ୍ଟ ନିର୍ମାଣ କରିଥିବା ବଡ଼ ନିର୍ମାଣକାରୀଙ୍କ ବିରୋଧରେ ସମାନ କାର୍ଯ୍ୟାନୁଷ୍ଠାନ ବିଚାର କରନ୍ତୁ।

# ନାବାଳକକୁ ଅପହରଣ ଅଭିଯୋଗ

ଭୁବନେଶ୍ୱର, ୫।୯(ସମିସ): ରାଜଧାନୀରେ ଗୋଟିଏ ପରେ ଗୋଟିଏ ଅପହରଣ ଓ ନିଖୋଜ ଘଟଣା ପରେ ଆଉ ଏକ ନିଖୋଜ ଘଟଣା ଏବେ ପଦାକୁ ଆସିଛି। ଚନ୍ଦ୍ରଶେଖରପୁର ସାଇଅରବିନ୍ଦ ନଗର ଅଞ୍ଚଳରେ ରହୁଥିବା ଜଣେ ୧୬ ବର୍ଷର ଛାତ୍ର ଅମୃ ମୁଖିୟାକୁ ଅପହରଣ କରାଯାଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ଚନ୍ଦ୍ରଶେଖରପୁର ଥାନା ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ଅମୃ ଗୁରୁବାର ଅପରାହ୍ଣ ୫ଟା ସମୟରେ କରାଟେ କ୍ଲାସ୍ ଯାଇ ଆଉ ଘରକୁ ଫେରିନାହାନ୍ତି। ପରିବାର ଲୋକ ସମ୍ପର୍କୀୟ ଏବଂ କ୍ଲାସ୍‌ରେ ପଚରାଉଚରା କରିଥିଲେ ମଧ୍ୟ ତାହାର ପତ୍ତା ନ ପାଇବାରୁ ଥାନାରେ ଜଣାଇଥିଲେ। ତାଙ୍କୁ କେହି ବାଟରୁ ଅପହରଣ କରିଥିବା ନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଛନ୍ତି ଅମୃଙ୍କ ମାଆ। ଏନେଇ ପୁଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ପୁଲିସ ସିସିଟିଭି ଯାଞ୍ଚ କରିବା ପରେ ଅମୃ ପଟିଆ ଆଡ଼କୁ ଯାଉଥିବାରୁ ଦେଖିବାକୁ ମିଳିଛି। ସେଠାରୁ ତାଙ୍କୁ କେହି ଅପହରଣ କରି ନେଇଥିବା ପରିବାର ଲୋକେ କହିଛନ୍ତି।



# ଆମ ବସ୍‌ରେ ଯୁବତୀଙ୍କୁ ଦୁର୍ବ୍ୟବହାର

ଭୁବନେଶ୍ୱର, ୫।୯(ସମିସ): ଆମ ବସ୍‌ରେ ଦୁଇ ଜଣ ଯୁବତୀଙ୍କୁ କଳ୍ପନାଛକରେ ଦୁର୍ବ୍ୟବହାର କରାଯାଇଥିବା ନେଇ ବରଗଡ଼ ଥାନାରେ ଅଭିଯୋଗ ହୋଇଛି। ଏପରିକି ରାସ୍ତା ମଝିରେ ଯାତ୍ରୀ ଏବଂ ସାଧାରଣ ଲୋକ ବସ୍‌କୁ ଅଟକାଇ ହୋ ହାଲ୍ଲା କରିଥିଲେ। ଯେଉଁଥି ପାଇଁ କିଛି ସମୟ କଳ୍ପନା ଛକରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାହାଫଳରେ ଛକରେ ଏକାଧିକ ଗାଡି ମଟର ଅଟକି ରହିଥିଲେ। ଖବର ପାଇ ପୁଲିସ ପହଞ୍ଚି ଦୁଇ ଯୁବତୀଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ଥାନାରେ ଦୁଇ ଯୁବତୀ ଅଭିଯୋଗ କରିବା ପରେ ପୁଲିସ ଆମ ବସ୍‌ର କର୍ମଚାରୀଙ୍କୁ ପଚରାଉଚରା କରୁଛି।

ସୂଚନାଯୋଗ୍ୟ, ଦୁଇ ଜଣ ଯୁବତୀ ବରମୁଣ୍ଡା ବସ୍ ଷ୍ଟାଣ୍ଡରୁ ଆମ ବସ୍‌ରେ କଳ୍ପନା ଛକ ଯାଇଥିଲେ। ହେଲେ ତାଙ୍କ ପାଖରେ କ୍ୟାସ୍ ନଥିବାରୁ ସେମାନେ ଅନ୍‌ଲାଇନ୍‌ରେ ପେମେଣ୍ଟ କରିବେ ବୋଲି କହିଥିଲେ। କିନ୍ତୁ ବସ୍ କଣ୍ଡକ୍ଟର ମନା କରିଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟତୁଣ୍ଡ ହୋଇଥିଲା।

**ଠକେଇ ପାଇଁ ‘ସରକାରୀ ଚାକିରି’ ଥୋପ**

# ବୁଲୁଛି ମାଳମାଳ ନକଲି ନିଯୁକ୍ତିପତ୍ର

ଭୁବନେଶ୍ୱର, ୫।୯(ସମିସ)

ରାଜଧାନୀରେ ସରକାରୀ ଚାକିରି ଆଳରେ ବଢୁଛି ଠକେଇ। ଏହି ଠକେଇର ଶିକାର ହେଉଛନ୍ତି ବେକାର ଯୁବଗୋଷ୍ଠୀ। ସେମାନେ ସରକାରୀ ଚାକିରି ଲୋଭରେ ପଡ଼ି ଲକ୍ଷାଧିକ ଟଙ୍କା ଠକଙ୍କ ହାତକୁ ଦେଉଛନ୍ତି। ଠକ ଏହି ଟଙ୍କା ନେଇ ଫେରାର ହୋଇଯାଉଛନ୍ତି। ହେଲେ ଠକେଇର ଶିକାର ଯୁବକ, ଯୁବତୀ ଠକଙ୍କ ଚାଲ ବୁଝି ପାରୁନାହାନ୍ତି। ଠକ ସେମାନଙ୍କ ଠାରୁ ଟଙ୍କା ନେଇ ଜାଲ ନିଯୁକ୍ତପତ୍ର ଦେଉଛନ୍ତି। ଏହି ନିଯୁକ୍ତିପତ୍ର ନେଇ ଯୁବକ, ଯୁବତୀ ଉକ୍ତ ସରକାରୀ ଅଫିସ୍‌କୁ ଚାକିରିକୁ ଯୋଗ ଦେବାକୁ ଯିବା ପରେ ଏଭଳି ଠକେଇର ଶିକାର ହୋଇଥିବା ଜାଣିବାକୁ ପାଉଛନ୍ତି। ହେଲେ ସେତେବେଳକୁ ଠକ ଟଙ୍କା ନେଇ ଫେରାର ହୋଇଯାଉଛନ୍ତି। ପୁଲିସ କେବଳ ମାମଲା ରୁଜୁ କରି ବସି ପଡୁଛନ୍ତି। ଗତ ବର୍ଷ କମିସନରେଟ ପୁଲିସ ସହରାଞ୍ଚଳର ବିଭିନ୍ନ ଥାନାରେ ୭୯୧ଟି ଠକେଇ ମାମଲା ରୁଜୁ ହୋଇଛି। ଏଥିସହିତ ୧୮୧ଜଣ ଠକଙ୍କୁ ଗିରଫ କରିଛି କମିସନରେଟ ପୁଲିସ। ସେଥିମଧ୍ୟରୁ ୧୭୭ଜଣ ପୁରୁଷ ଥିବା ବେଳେ ୪ଜଣ ମହିଳା ରହିଛନ୍ତି। ତେବେ ୭୯୧ ମାମଲା ମଧ୍ୟରୁ ଚାକିରି ଠକେଇ ଜନିତ ମାମଲା ୫ଶହ ଉପରେ ରହିଛି। ତେଣୁ ଦେଖିବାକୁ ଗଲେ ଚାକିରି ଆଳରେ ଠକେଇ ବଢ଼ିବାରେ ଲାଗିଛି। ପୁଲିସ ଏବେ ଏହି ଠକେଇକୁ ରୋକିବା ଏକ ପ୍ରକାର ଚ୍ୟାଲେଞ୍ଜ ହୋଇଛି।

ପ୍ରତିବର୍ଷ ସରକାରୀ ଚାକିରି ପାଇଁ ଶତାଧିକ ପିଲା ପ୍ରତିଯୋଗିତାମୂଳକ ପରୀକ୍ଷା ଦେଉଛନ୍ତି। ଯେଉଁମାନେ ଫେଲ୍ ହେଉଛନ୍ତି ସେମାନଙ୍କୁ ଏହି ଠକମାନେ ଟାର୍ଗେଟ କରୁଛନ୍ତି। ସେମାନେ ଫେଲ ହୋଇଥିବା ପିଲାଙ୍କ ତଥ୍ୟ ବିଭିନ୍ନ ସୂତ୍ରରୁ ସଂଗ୍ରହ କରୁଛନ୍ତି। ସେମାନଙ୍କୁ ଫୋନ୍ କରି ଚାକିରି ଦେବାକୁ ଠକ ପ୍ରତିଶ୍ରୁତି ଦେଉଛନ୍ତି। ପରେ ତାଙ୍କୁ ବାୟୋଡାଟା ସହ ଟଙ୍କା ଆଣିବାକୁ କହୁଛନ୍ତି। ବିଚରା ଚାକିରି ଆଶାରେ ଯୁବକ ଧାର ଉଦ୍ଧାର କରି ଟଙ୍କା ଆଣି ଠକଙ୍କୁ ଦେଉଛନ୍ତି। ଠକ ଏହି ଟଙ୍କା ନେବା ପରେ ପୁଣି ବିଭିନ୍ନ ବାହାନାରେ ତାଙ୍କୁ ଟଙ୍କା ଲୁଟୁଛନ୍ତି।

**■ ଠକେଇର ଶିକାର ହେଉଛନ୍ତି ଶିକ୍ଷିତ ବେକାରୀ**
**■ ରେଲୱେ, ବ୍ୟାଙ୍କ, ପୋଷ୍ଟାଲ ଚାକିରି ଆଳରେ ଅଧିକ ଠକେଇ**
**■ ପରୀକ୍ଷାରେ ଫେଲ୍ ପିଲାଙ୍କୁ କରୁଛନ୍ତି ଟାର୍ଗେଟ**

ସବୁଠୁ ଅଧିକ ଠକେଇ ହେଉଛି ରେଲୱେ, ବ୍ୟାଙ୍କ୍ ଏବଂ ପ୍ରୋ।ଲ ଚାକିରି ଆଳରେ ଠକେଇ। ଠକ ଏହି ଅଫିସ୍‌କୁ ଅଧିକ ମାତ୍ରାରେ ଟାର୍ଗେଟ କରୁଛନ୍ତି। ଠକ ପ୍ରଥମେ ନିଜର ଅଫିସ୍ କରି ସେଠାରେ ପିଲାଙ୍କର ସାକ୍ଷାତକାର ନେଉଛନ୍ତି। ଏହାପରେ ସେମାନଙ୍କୁ ନକଲି ନିଯୁକ୍ତିପତ୍ର ଦେଇ ଲକ୍ଷାଧିକ ଟଙ୍କା ନେଇ ଯାଉଛନ୍ତି। ଏହି ଅଫିସ୍‌ରେ ଚାକିରି କରିବାକୁ ଅଧିକାଂଶ ପିଲାଙ୍କର ଆଶା ରହିଥାଏ। ତେଣୁ ଠକ ଏହି ସବୁ ଅଫିସ୍‌ରେ ଚାକିରିର ଲୋଭ ଦେଖାଇ ଠକେଇ କରିବାରେ ସହଜ ହେଉଛି।

ଟଙ୍କା ନେଇ କୌଣସି ସରକାରୀ ଅଫିସ୍‌ରେ ଚାକିରି ହେବ ନାହିଁ ବୋଲି ସରକାରୀ ଏବଂ ପୁଲିସ ପକ୍ଷରୁ ବାରମ୍ବାର ଜନସାଧାରଣଙ୍କୁ କୁହାଯାଉଛି। ଯେଉଁମାନେ ସରକାରୀ ଅଫିସ୍‌ରେ ଚାକିରି ଦେବାକୁ କହି ଟଙ୍କା ମାଗୁଛନ୍ତି ସେମାନଙ୍କୁ ଟଙ୍କା ନଦେଇ ପୁଲିସରେ ଜଣାଇବାକୁ କୁହାଯାଇଛି। କିନ୍ତୁ ଲୋକେ ସଚେତନ ହେଉନାହନ୍ତି। ସେମାନେ ସରକାରୀ ଚାକିରି ପାଇଁ ଗଳା ବାଟ ଖୋଜି ଠକେଇର ଶିକାର ହେଉଛନ୍ତି। ଅନ୍ୟପକ୍ଷରେ ପୁଲିସ ପକ୍ଷରୁ ମଧ୍ୟ ଏନେଇ ଲୋକଙ୍କୁ ସଚେତନ କରାଯାଉନାହିଁ।

ରାଜଧାନୀରେ ଚାକିରି ଆଳରେ ହେଉଥିବା ଠକେଇର ମୂଳ ମଞ୍ଜି ବିଭିନ୍ନ କନ୍‌ସଲ୍‌ଟାନ୍ସି ସଂସ୍ଥାରୁ ଆରମ୍ଭ ହୋଇଥାଏ। କାରଣ ଏହି କନ୍‌ସଲଟାନ୍ସି ସଂସ୍ଥା କୌଣସି ପଞ୍ଜିକରଣ ନକରି ରାତିଆ ରାତି ଛତୁ ଫୁଟିଲା ପରି ଗଢିଉଠୁଛି। ସେମାନେ ସରକାରୀ ଅଫିସ୍‌ରେ ଚାକିରି କରାଇ ଦେବାକୁ କହି ଟଙ୍କା ଲୁଟୁଛନ୍ତି। ସେମାନେ ପିଲାଙ୍କ ଠାରୁ ଟଙ୍କା ନେଇ ଚାକିରି ନଦେଇ ଦିନ ଗଡ଼ାଉଛନ୍ତି। ପରେ ଏକାଧିକ ପିଲାଙ୍କୁ ଠାରୁ ଟଙ୍କା ସଂଗ୍ରହ କରିବା ପରେ ଅଫିସ୍ ରାତିଆରାତି ବନ୍ଦ କରି ଫେରାର ହୋଇଯାଉଛନ୍ତି।

ସରକାରୀ ଚାକିରି ଆଳରେ ହେଉଥିବା ଠକେଇ ପଛରେ ସରକାରୀ ଅଫିସର ତଳିଆ କର୍ମଚାରୀଙ୍କ ହାତ ରହିଛି। କନ୍‌ସଲଟାନ୍ସି ସଂସ୍ଥା ପିଲା ଯୋଗାଡ଼ କରି ସରକାରୀ ଅଫିସର ତଳିଆ କର୍ମଚାରୀଙ୍କୁ ଭେଟାଇ ଦେଇଥାନ୍ତି। ଫଳରେ ଅଫିସ୍‌ର ବଡ଼ ବାବୁଙ୍କ ସହ ଭଲ ସମ୍ପର୍କ ରହିଥିବା କହି ତଳିଆ କର୍ମଚାରୀ ଟଙ୍କା ନେଇଥାନ୍ତି। ଟଙ୍କା ନେବା ପରେ ସେ ଉକ୍ତ ଅଫିସର ବଡ଼ବାବୁଙ୍କୁ ଦେଇଥାନ୍ତି। ଫଳରେ ସମସ୍ତେ ମିଶି ଠକେଇ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରି ଲକ୍ଷାଧିକ ଟଙ୍କା ଠକି ନେଇଥାନ୍ତି। ବିଗତ ଦିନରେ ରାଜଧାନୀରେ ଠକେଇ ମାମଲାରେ ଗିରଫ ହୋଇଛନ୍ତି ସେଥିରୁ ୧୫ ପ୍ରତିଶତ ସରକାରୀ ଅଫିସର କର୍ମଚାରୀ ଅଛନ୍ତି।

## ବ୍ରହ୍ମପୁର ମହାତ୍ମାଗାନ୍ଧୀ ଷ୍ଟାଡିୟମ୍‌ରେ ଗୁରୁଦିବସ



ବ୍ରହ୍ମପୁର,୫।୯ (ସମିସ): ଭାରତର ସର୍ବପ୍ରଥମ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପବିତ୍ର ଜନ୍ମତିଥିରେ ତଥା ଗୁରୁଦିବସ ଅବସରରେ ବକ୍ସିଂ ଖେଳାଳି ଓ ଅନ୍ୟ ଖେଳାଳିମାନେ ମିଶି ଗୁରୁଦିବସ ପାଳନ କରିଛନ୍ତି। ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଜିଲ୍ଲା ବକ୍ସିଂ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଜିଲ୍ଲା ବକ୍ସିଂ ସଂଘ ସମ୍ପାଦକ ତଥା ରାଜ୍ୟ ବକ୍ସିଂ ସଂଘର ଉପସଭାପତି ପ୍ରଭାକର ରାଓ, ପୂର୍ବତନ ଅବସରପ୍ରାପ୍ତ କ୍ରୀଡ଼ା ଅଧିକାରୀ ଅକ୍ଷୟ ପଟ୍ଟନାୟକ, ଷ୍ଟାଡିୟମ କ୍ରିଡା ଛାତ୍ରାବାସ ଅଧିକାରୀ ସଞ୍ଜୀବ ସାହୁ, ଷ୍ଟାଡିୟମ୍ ଇନଚାର୍ଜ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ବାସ୍କେଟବଲ କୋଚ୍ କାଜଲ୍ ସାହୁ, ବକ୍ସିଂ କୋଚ୍ ତଥା ରାଜ୍ୟ ବକ୍ସିଂ ରେଫେରୀ ଶିବରାମ ପାତ୍ର, ସ୍ଥାନୀୟ ବକ୍ସିଂ କୋଚ୍ ତଥା ଆନ୍ତର୍ଜାତୀୟ ବକ୍ସିଂ ରେଫେରୀ ଶିଶିର କୁମାର ପାଣିଗ୍ରାହୀଙ୍କୁ ଗଞ୍ଜାମ ବକ୍ସିଂ କ୍ଲବର ସମସ୍ତ କର୍ମକର୍ତ୍ତା ଓ ଷ୍ଟାଡିୟମରେ ବକ୍ସିଂ ଅଭ୍ୟାସ କରୁଥିବା ସମସ୍ତ ବକ୍ସର ଉପସ୍ଥିତ ରହି ଗୁରୁମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ପୂଜାର୍ଚ୍ଚନା କରି ଆଶୀର୍ବାଦ ଗ୍ରହଣ କରିଥିଲେ।

### ସ୍ୱାୟତ୍ତଶାସନ ଦିବସରେ ସଫେଇ କର୍ମଚାରୀଙ୍କୁ ଅପମାନିତ ଘଟଣା

# ତେଜୁଛି ଅସନ୍ତୋଷ; ଆନ୍ଦୋଳନ ଚେତାବନୀ

- ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଘଟଣାକୁ ନେଇ ଜିଲ୍ଲାବ୍ୟାପୀ ଅସନ୍ତୋଷ
- ଜାତୀୟ ମାନବାଧିକାର କମିଶନ ଏବଂ ଏସ୍‌ସି ଆଣ୍ଡ ଏସ୍‌ଟି ଆୟୋଗଙ୍କ ହସ୍ତକ୍ଷେପ ଦାବି

ବ୍ରହ୍ମପୁର,୫।୯ (ସମିସ)

ଅଗଷ୍ଟ ୩୧ରେ ରାଜ୍ୟବ୍ୟାପୀ ପାଳିତ ହୋଇଥିଲା ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ। ଏହି ଅବସରରେ ସରକାରୀ ଅର୍ଥରେ ସମସ୍ତ ମହାନଗର ନିଗମ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ ସଫେଇ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଭୋଜନ ବ୍ୟବସ୍ଥା ବା ବଡ଼ଖାନାର ବନ୍ଦୋବସ୍ତ ହୋଇଥିଲା। ତେବେ ଏଥିରେ ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ବ୍ୟତିକ୍ରମ ହୋଇଥିବା ଅଭିଯୋଗ ହୋଇଥିଲା। ଏନ୍‌ଏସିର ସ୍ୱଚ୍ଛତା ଓ ପରିମଳ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ସଫେଇ କର୍ମଚାରୀଙ୍କୁ ଏଭଳି ସରକାରୀ କାର୍ଯ୍ୟକ୍ରମରୁ ଉଦ୍ଦେଶ୍ୟମୂଳକ ଭାବେ ଦୂରେଇ ରଖାଯାଇଥିବା ଅଭିଯୋଗ ହୋଇଛି। କେବଳ ଅନ୍ତର ରଖାଯାଇନଥିଲା ବରଂ ସେମାନଙ୍କୁ ଜାତିଆଣ ଆକ୍ଷେପ କରାଯାଇଥିବା ଅଭିଯୋଗ ହୋଇଛି। ଦିନ ତମାମ ସଫେଇ କର୍ମଚାରୀମାନେ ସମଗ୍ର ଗୋପାଳପୁରର ସଫେଇ ଦାୟିତ୍ୱ ନେଇ ସୁଚାରୁ ରୂପେ ସମ୍ପାଦନ କରିଥିଲେ। ଏନଏସି ପକ୍ଷରୁ ଆୟୋଜିତ ଉତ୍ସବରେ ସ୍ଥାନୀୟ ବିଧାୟକ ତଥା ଖଣିମନ୍ତ୍ରୀ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସମେତ ଅନ୍ୟ ନିମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ତେବେ ଉତ୍ସବ ପରେ ଆୟୋଜିତ ବଡ଼ଖାନାରୁ ସଫେଇ କର୍ମଚାରୀଙ୍କୁ ଦୂରେଇ ରଖାଯାଇଥିଲା। ଯାହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଘଟଣାକୁ ବ୍ରହ୍ମପୁର ମହାନଗର ନିଗମ ମେହେନ୍ତର ସଫେଇ କର୍ମଚାରୀ ସଂଘ ତୀବ୍ର ନିନ୍ଦା କରିବା ସହ ଏହାର ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ ଦାବି କରିଛନ୍ତି କାର୍ଯ୍ୟକାରୀ ସଭାପତି ଅନିଲ କୁମାର ନାୟକ। କାର୍ଯ୍ୟାନୁଷ୍ଠାନ ନହେଲେ ସଂଘ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ସମଗ୍ର ଗଞ୍ଜାମ ଜିଲ୍ଲାର ବିଭିନ୍ନ ପୌରସଂସ୍ଥା ଓ ଏନ୍‌ଏସିରେ ଆନ୍ଦୋଳନକୁ ବ୍ୟାପକ କରି ସଫେଇ କାର୍ଯ୍ୟକୁ ଠପ୍ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଘଟଣାରେ ରାଜ୍ୟ ସରକାର, ମାନବାଧିକାର ଆୟୋଗ, ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ ସେ ଦାବି କରିଛନ୍ତି। ସେହିଭଳି ଘଟଣାକୁ ନିନ୍ଦା କରିବା ସହ ଏଥିରେ ଜାତୀୟ ମାନବାଧିକାର କମିଶନ, ଜାତୀୟ ଅନୁସୂଚିତ ଜାତି କମିଶନ ଏବଂ ଓଡିଶା ରାଜ୍ୟପାଳଙ୍କୁ ଚିଠି ଲେଖି ସେମାନଙ୍କର ହସ୍ତକ୍ଷେପ ଲୋଡିଛନ୍ତି ଗଞ୍ଜାମ ଜିଲ୍ଲା ୫୩ନମ୍ବର ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏନ. ଡମ୍ବୁରୁ ରେଡ୍ଡୀ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ 'ଗୁରୁଦିବସ' ଦିବସ







ବ୍ରହ୍ମପୁର,୫।୯ (ସମିସ): ବିଶିଷ୍ଟ ଶିକ୍ଷାବିତ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମତିଥି ଅର୍ଥାତ୍ ସେପ୍ଟେମ୍ବର ୫ତାରିଖକୁ ଦେଶବ୍ୟାପୀ 'ଗୁରୁଦିବସ' ଭାବେ ପାଳନ କରାଯାଉଛି। ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ସ୍ନେହ ଓ ଭକ୍ତିଭାବର ସମ୍ପର୍କ ଯୁଗ ଯୁଗରୁ ରହିଆସିଛି। ଶିକ୍ଷକମାନଙ୍କ ନିଷ୍ଠା, କଠିନ ପରିଶ୍ରମ ଓ ନିସ୍ୱାର୍ଥପର ସେବାକୁ ସମ୍ମାନ ଜଣାଇ ଏହି ଦିବସ ଉତ୍ସର୍ଗ କରାଯାଇଛି। ଉକ୍ତ ଦିନରେ ସହରର ସରକାରୀ ଓ ବେସରକାରୀ ସମସ୍ତ ଶିକ୍ଷାନୁଷ୍ଠାନରେ ଗୁରୁଦିବସ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ସହରର ଆମ୍ବପୁଆ ସ୍ଥିତ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ପରିଚାଳିତ ଦୃଷ୍ଟିବାଧିତ ବିଦ୍ୟାଳୟରେ ମଧ୍ୟ ଏହି ଦିବସକୁ ପ୍ରାଥମ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ବେଶ ଆନନ୍ଦର ସହ ପାଳନ କରିଥିଲେ। ସେହିଭଳି ସହରର ବିଭିନ୍ନ ସରକାରୀ ବିଦ୍ୟାଳୟରେ ମଧ୍ୟ ଅନୁରୁପ ଭାବେ ପୂର୍ବତନ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ଜନ୍ମତିଥିକୁ ପାଳନ କରି ସ୍ମୃତି ଚାରଣ କରିଥିଲେ। ଏହା ସହ ବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷକଙ୍କୁ ଛାତ୍ରାଛାତ୍ରୀ ଗୁରୁ ପୂଜନ କରିଥିଲେ।

## ଡାକ୍ତର ସଂଗ୍ରାମ ସାବତଙ୍କ ପରଲୋକ



ବ୍ରହ୍ମପୁର,୫।୯ (ସମିସ): ଜଣାଶୁଣା ଓ ଅଭିଜ୍ଞ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସଂଗ୍ରାମ ସାବତ (୪୪)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ଶୁକ୍ରବାର ସକାଳେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ନିଜେ ଗାଡ଼ି ଡ୍ରାଇଭ୍ କରି ପତ୍ନୀ ଡା. ସୁଚେତା ପଣ୍ଡାଙ୍କ ସହ ଏମକେସିଜି ମେଡିକାଲର ପହଞ୍ଚିଥିଲେ। କାର୍ଡିଓଲୋଜି ଡାକ୍ତରଙ୍କ ସହ ଅନେକ ବିଭାଗ ଡାକ୍ତର ଆସି ତାଙ୍କୁ ଚିକିତ୍ସା କରିଥିଲେ ହେଁ ବଞ୍ଚାଇ ପାରିନଥିଲେ। ତାଙ୍କ ଆକସ୍ମିକ ବିୟୋଗରେ ସମଗ୍ର ବ୍ରହ୍ମପୁର ସହର ସମେତ ହସ୍ପିଟାଲ ପରିସରରେ ଓ କର୍ମଚାରୀଙ୍କ ମଧ୍ୟରେ ଶୋକରଛାୟା ଖେଳିଯାଇଛି। ସ୍ୱର୍ଗତ ଡା. ସାବତଙ୍କ ଘର ସ୍ଥାନୀୟ ଗୋଷାଣିନୂଆଗାଁରେ ହୋଇଥିବା ବେଳେ ତାଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି। ସେ ୨୦୧୯ରୁ ୨୦୨୩ମସିହା ପର୍ଯ୍ୟନ୍ତ ଏମକେସିଜି ମେଡ଼ିକାଲର ଅସ୍ଥିଶଲ୍ୟ ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ। ପରେ ଚାକିରି ଛାଡି ନିଜର ନର୍ସିଂହୋମ କରିଥିଲେ। ମୃତ୍ୟୁ ଖବର ପାଇ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥୀ, ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ଡା. ସୁଧୀର ମହାପାତ୍ର, ଡା. ନିହାର ସାହୁ, ଡା. ଜଗଦୀପ ନାୟକ, ଡା. ସମ୍ବିତ ପଣ୍ଡା, ଡା. ଉମା ପାଢ଼ି, ଡା. ଜଗନ୍ନାଥ ସୁବୁଦ୍ଧି, ଡା. ରାମ ସାହୁ, ଡା. ବିକ୍ରମ ମହାପାତ୍ର, ଡା. ସତ୍ୟସ୍ୱରୂପ ପଟ୍ଟନାୟକ, ଅସ୍ଥିଶଲ୍ୟ ବିଭାଗ କର୍ମଚାରୀ ସୁନୀଲ କୁମାର ପଟ୍ଟନାୟକ ଓ ବହୁ ଘରୋଇ ନର୍ସିଂହୋମ ମାଲିକ ଏମକେସିଜି ମେଡ଼ିକାଲରେ ପହଞ୍ଚି ତାଙ୍କର ଶେଷଦର୍ଶନ କରିଥିଲେ। ରାତିରେ ପରିବାର ସଦସ୍ୟ ପହଞ୍ଚିବା ପରେ ବାସଭବନକୁ ମରଶରୀର ନେଇ ଶେଷକୃତ୍ୟ କରାଯାଇଛି। ଅନ୍ୟପକ୍ଷରେ ଡାକ୍ତର ସାବତଙ୍କ ବିୟୋଗରେ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ସମ୍ମିଳନୀ କକ୍ଷରେ ମେଡ଼ିକାଲର ଅସ୍ଥିଶଲ୍ୟ ବିଭାଗ ଏବଂ ବ୍ରହ୍ମପୁର ଅର୍ଥୋପେଡିକ କ୍ଲବ୍ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଥିଲା। ସେହିପରି ଅସ୍ଥିଶଲ୍ୟ ବିଭାଗରେ ଆୟୋଜିତ ଗୁରୁଦିବସ କାର୍ଯ୍ୟକ୍ରମରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ଶୀତଳାପଲ୍ଲୀ ଗ୍ରାମ ସଭାପତିଙ୍କୁ ଆକ୍ରମଣ ମାମଲା; ୨ଗିରଫ

ବ୍ରହ୍ମପୁର,୫।୯ (ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଶୀତଳାପଲ୍ଲୀରେ ଗ୍ରାମର ସଭାପତି ବିଶୁ ସେଠୀକୁ ମରଣାନ୍ତକ ଆକ୍ରମଣ ମାମଲାରେ ପୁଲିସ ବାପା ଓ ପୁଅଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଜୁ ଦାସ (୪୫) ଓ ଶିବ ଦାସ (୨୦)। ଗୁରୁବାର ରାତି ପ୍ରାୟ ସାଢେ ୯ଟାରେ ଶୀତଳାପଲ୍ଲୀ ଗ୍ରାମର ସଭାପତି ବିଶୁ ସେଠୀ ଗାଁରେ ଚାଲିଥିବା ରାମାୟଣ ଦେଖିବାକୁ ଯାଉଥିବା ବେଳେ ସେହି ଗ୍ରାମର ରାଜୁ ଦାସ ଓ ଶିବ ଦାସଙ୍କୁ ଦାସ ସାହିରେ ଷ୍ଟ୍ରିଟ ଲାଇଟ ଜଳୁନଥିବା ନେଇ ପଚାରିଥିଲେ। ପରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଶିବ ଉତ୍‌କ୍ଷିପ୍ତ ହୋଇ ଘରୁ ଏକ ଧାରୁଆ ଅସ୍ତ୍ର ଆଣି ବିଶୁଙ୍କୁ ଆକ୍ରମଣ କରିଥିଲା। ଏନେଇ ବିଶୁଙ୍କ ପୁଅ କାହ୍ନୁ ଚରଣ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ଆକ୍ରମଣରେ ବ୍ୟବହୃତ ଅସ୍ତ୍ର ଜବତ ସହ ଦୁଇ ଅଭିଯୁକ୍ତ ବାପା ଓ ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଯୁବକଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

ବ୍ରହ୍ମପୁର,୫।୯ (ସମିସ): ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ ଅଭିଯୋଗରେ ବଡ଼ବଜାର ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ମାର୍ଥାସାହିର ମେଘରାଜ ବେହେରା(୩୨)। ସୂଚନାଯୋଗ୍ୟ ଯେ, ଶଗଡ଼ିଆ ମାର୍ଥାସାହି ନିବାସୀ ଶ୍ରୀଧର ବେହେରା (୨୩) ଗତ ୩୧ତାରିଖ ରାତିରେ ସାହିରେ ଚାଲିଥିବା ଗଣେଶ ପୂଜା ମେଢ଼ ନିକଟସ୍ଥ ଶୌଚାଳୟକୁ ଯିବାବେଳେ ତାଙ୍କୁ ମେଘରାଜ, ବଣ୍ଟି ଓ ଅନ୍ୟ ଦୁଇଜଣ ସଂଘବଦ୍ଧ ଭାବେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ଶ୍ରୀଧର ଆହତ ହୋଇଥିଲେ। ପରେ ଘଟଣାକୁ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ମେଘରାଜଙ୍କୁ ଗିରଫ କରିଛି।

## ୪ର୍ଥ 'ଟିଚର୍ସ କପ୍' ହ୍ୟାଣ୍ଡବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବ୍ରହ୍ମପୁର,୫।୯ (ସମିସ): ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଗୁରୁଦିବସ ଅବସରରେ ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଂଘ ପକ୍ଷରୁ ୪ର୍ଥ ଟିଚର୍ସ କପ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଅର୍ବାନ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ପ୍ରଦୀପ କୁମାର ଶତପଥୀ, ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ନିରୀକ୍ଷକ ଭାଗିରଥି ସ୍ୱାଇଁ, ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ଜେ. କାମେଶ୍ୱର ରାଓ, ଜିଲ୍ଲା ହ୍ୟାଣ୍ଡବଲ ସଂଘର କାର୍ଯ୍ୟକାରୀ ସଭାପତି ତଥା ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳା, ଡା. ଦେବଯାନୀ ଦେଓ, ଜିଲ୍ଲା ହ୍ୟାଣ୍ଡବଲ ସଂଘର ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, ଆନ୍ତର୍ଜାତୀୟ କୋଚ ପ୍ରଶାନ୍ତ କୁମାର ରଥ, ସାଙ୍ଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, କୋଷାଧକ୍ଷ ଡ଼ା ମୋନଜ କୁମାର ପାତ୍ର ଓ ରାଜେଶ କୁମାର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରତିଯୋଗିତାରେ ୪ଟି ବାଳିକା ଓ ୬ଟି ପୁରୁଷ ଏହି ଭଳି ମୋଟ ୧୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ଶନିବାର ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବ ବୋଲି ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି। ଦୀର୍ଘ ୪ବର୍ଷ ଧରି କ୍ରମାଗତ ଭାବେ ଗୁରୁଦିବସ ଅବସରରେ ଗଞ୍ଜାମ ଜିଲ୍ଲାର ବରିଷ୍ଠ ହ୍ୟାଣ୍ଡବଲ ଖେଳାଳିମାନଙ୍କ ଦ୍ୱାରା ଏଭଳି ଟୁର୍ଣ୍ଣାମେଣ୍ଟର ଆୟୋଜନ କରଯାଉଛି।




## ଗାନ୍ଧୀନଗର ଦୁର୍ଗାପୂଜା କମିଟି ପକ୍ଷରୁ ଶୁଭଖୁଣ୍ଟି ସ୍ଥାପନ

ବ୍ରହ୍ମପୁର,୫।୯ (ସମିସ): ସ୍ଥାନୀୟ ଗାନ୍ଧୀନଗର ଦୁର୍ଗାପୂଜା କମିଟି ପକ୍ଷରୁ ଶୁକ୍ରବାର ଚଳିତ ବର୍ଷ ଦୁର୍ଗାପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏହି ଅବସରରେ କମିଟିର ସଭାପତି ତଥା ବ୍ରହ୍ମପୁର ପ୍ରେସ କ୍ଲବର ଉପ ସଭାପତି ଅଭୟ କୁମାର ପାଢ଼ୀ, ବୃନ୍ଦାବନ ବେହେରା, ରଜନୀ ପାଢ଼ୀ, ମନୋଜ ପାଢ଼ୀ, ଭଗବାନ ବିଶ୍ୱାଳ, ଉମାକାନ୍ତ ପାଢ଼ୀ, ସରୋଜ କୁମାର ପଣ୍ଡା, ରବୀନ୍ଦ୍ର କୁମାର ପଟ୍ଟନାୟକ, ପ୍ରଦୀପ ସେନାପତି, ଅରୁଣ ଚୌଧୁରୀ, ଶିବ ମହାରଣା, ପ୍ରେମାନନ୍ଦ ସାହୁ, ଶେଷଦେବ ପାଣିଗ୍ରାହୀ, ବାବୁ ବିଷୋୟୀ ଓ ବଳରାମ ନାଇଡୁ ପ୍ରମୁଖ ଉପସ୍ଥିତ ଥିଲେ।

## ଠକେଇ ମାମଲାରେ ଅଭିଯୁକ୍ତ ଭୁବନେଶ୍ୱରରୁ ଗିରଫ

ବ୍ରହ୍ମପୁର,୫।୯ (ସମିସ): ଠକେଇ ମାମଲାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତକୁ ଭୁବନେଶ୍ୱରରୁ ଗିରଫ କରିଛି ବ୍ରହ୍ମପୁର ସଦର ଥାନା ପୁଲିସ। ଗିରଫ ଅଭିଯୁକ୍ତ ଜଣକ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଚନ୍ଦ୍ରପ୍ରଭା ସାହି ଦ୍ୱିତୀୟ ଗଳିର ପରେଶ ରଞ୍ଜନ ସାହୁ (୪୬)। ସୂଚନାଯୋଗ୍ୟ ଯେ, କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ଗ୍ରାମ ନିବାସୀ ଭି.ଭାସ୍କର ରାଓ (୪୯) ଚୋଲାମଣ୍ଡଳମ ଫାଇନାନ୍ସରୁ ଋଣ ନେଇ ଏକ କାର କିଣିଥିଲେ। ପରେଶ ରଞ୍ଜନ ସାହୁ ଏବଂ ସଂଗ୍ରାମ ତ୍ରିପାଠୀ ଉଭୟ ମିଶି ଭାସ୍କରର ଗାଡିକୁ ଏସଟି ଏଣ୍ଟରପ୍ରାଇଜେସ୍ କମ୍ପାନୀରେ ଲଗାଇବାକୁ ପ୍ରତିଶ୍ରୁତି ଦେଇ ଭଡ଼ାରେ ନେଇଥିଲେ। ପ୍ରତି ମାସରେ ତାଙ୍କୁ ୪୮ ହଜାର ୫୦୦ଟଙ୍କା ମିଳିବ ବୋଲି କହିଥିଲେ। ବିଶ୍ୱାସରେ ଗତ ୨୦୨୪ ଫେବୃୟାରୀ ୯ରେ ଭାସ୍କର ତାଙ୍କ କାର୍‌କୁ କୁକୁଡାଖଣ୍ଡିରେ ସଂଗ୍ରାମ ତ୍ରିପାଠୀଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଚୁକ୍ତି ପ୍ରକାରେ ଭଡ଼ା ଦେଇ ନଥିଲେ କିମ୍ବା ତାଙ୍କ ଗାଡ଼ି ମଧ୍ୟ ଫେରାଇ ନଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତମାନେ ତାମିଲନାଡୁର ହୋସୁରର ଆର. ହରିଚରଣଙ୍କ ନିକଟରେ ଗାଡ଼ିଟିକୁ ବନ୍ଧକ ରଖିଥିବା ଜଣାପଡିବା ପରେ ଭାସ୍କର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାଲକାନଗିରିର ନାୟକଗୁଡାର ବିକ୍ରମ କେଶରୀ ପାତ୍ର ସଦର ଥାନାରେ ଶ୍ରୀରାମନଗର ତୃତୀୟ ଲାଇନ ନିବାସୀ ରମେଶ ସାହୁ ଉପରୋକ୍ତ ଅଭିଯୁକ୍ତଙ୍କ ନାମରେ ସମାନ ଅଭିଯୋଗ କରିଥିବା ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ପୂର୍ବରୁ ନୟାଗଡ ଜିଲ୍ଲାର ସ୍ୱାଭିମାନ ପ୍ରଧାନଙ୍କ ଠାରୁ ଏଭଳି ଠକେଇ କରିବା ଅଭିଯୋଗରେ ପୂର୍ବରୁ କୁକୁଡ଼ାଖଣ୍ଡିର ସଂଗ୍ରାମ ତ୍ରିପାଠୀ ଗିରଫ ହୋଇଥିଲେ।



## ୩୭କେଜି ଗଞ୍ଜେଇ ଜବତ; ୪ଗିରଫ



ବ୍ରହ୍ମପୁର,୫।୯ (ସମିସ): ଅବକାରୀ ସଦର ରେଞ୍ଜ ଏସ୍‌ପି ପ୍ରବୀଣ କୁମାରଙ୍କ ନିର୍ଦ୍ଦେଶରେ ବ୍ରହ୍ମପୁର ସହର ରେଳଷ୍ଟେସନ, ଗୋପାଳପୁର ଜଂକସନ ଆଦି ପୃଥକ ତିନୋଟି ସ୍ଥାନରୁ ୩୭କେଜି ୧୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ତିନୋଟି ମାମଲାରେ ଏକ ବାଇକ ଜବତ ସହ ୪ଜଣଙ୍କୁ ପୁଲିସ ଗିରଫ କରିଛି। ବ୍ରହ୍ମପୁର ରେଳଷ୍ଟେସନରୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଇନ୍ସପେକ୍ଟର ଅର୍ଜୁନ ମଲିକଙ୍କ ନେତୃତ୍ୱରେ ୩ଟି ଟିମ୍ ଗଠନ କରାଯାଇଥିଲା। ଗୋଟିଏ ଟିମ୍ ରେଳଷ୍ଟେସନ, ଅନ୍ୟ ଏକ ଟିମ ଗୋପାଳପୁର ଜଂକସନ ଓ ଆମ୍ବ ମାର୍କେଟ ଛକରେ ଯାନବାହନ ଯାଞ୍ଚ କରିଥିଲେ। ଶୁକ୍ରବାର ଭୋର ୫ଟାରେ ରେଳଷ୍ଟେସନ ନିକଟରେ ଜଣେ ଯୁବକଙ୍କ ବ୍ୟାଗ ଯାଞ୍ଚ ବେଳେ ୮କେଜି ଗଞ୍ଜେଇ ମିଳିଥିଲା। ଅଭିଯୁକ୍ତ ଜଣକ ହିଂଜିଳିକାଟୁ କଉଡ଼ିଆ ଗ୍ରାମର ସୀମାଞ୍ଚଳ ବେହେରା (୪୫)। ତାଙ୍କରି ବୟାନ ଆଧାରରେ ଅନ୍ୟ ଏକ ଟିମ ଗୋପାଳପୁର ଜଂକସନରୁ ଅଜୟ ପ୍ରଧାନ(୪୦)ଙ୍କୁ କାବୁ କରି ତାଙ୍କ ନିକଟରୁ ୮କେଜି ୧୦୦ଗ୍ରାମ ଓ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରୁ ୨ଜଣ ଯୁବକଙ୍କୁ ମଧ୍ୟ କାବୁ କରାଯାଇଥିଲା। ଉଭୟେ ଏକ ବାଇକରେ ଗଞ୍ଜେଇ ଚାଲାଣ କରୁଥିବା ଜଣାପଡିଥିଲା। ଅବକାରୀ ଟିମ ସେମାନେ ଧରିଥିବା ଏକ ଟ୍ରଲି ବ୍ୟାଗରୁ ୨୧କେଜି ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ମହାରାଷ୍ଟ୍ର ଜଲନା ଜିଲ୍ଲା ମନ୍ଥ ଥାନା ଅନ୍ତର୍ଗତ ଉସବାଦର ରାମ ଧୋତ୍ରେ (୨୪) ଓ ସୋଲାପୁର ଜିଲ୍ଲା ସଲସେ ଗ୍ରାମର ଅକ୍ଷୟ ଅଶୋକ ରୋକଡେ (୨୪) ବୋଲି ଜଣାପଡିଛି। ଗିରଫ ୪ ଅଭିଯୁକ୍ତଙ୍କୁ ଶୁକ୍ରବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଚଢ଼ଉରେ ଏସ୍‌ଆଇ ସଂଗୀତା ମହାପାତ୍ର, ସସ୍ମିତା ମଲିକ, ଏଏସ୍‌ଆଇ ସନ୍ତୋଷ କୁମାର ପାଢୀ, ଅଜୟ କୁମାର ସାହୁ, ସନ୍ତୋଷ ତ୍ରିପାଠୀ, ଜଗନ୍ନାଥ ପାଢ଼ୀ କନଷ୍ଟେବଲ ମନୋରଞ୍ଜନ ମହାପାତ୍ର, ସରୋଜ କୁମାର ପରିଡା ଓ ଅଜୟ କୁମାର ପ୍ରଧାନ ପ୍ରମୁଖ ସାମିଲ ଥିଲେ।

### ଜିଲ୍ଲା ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗର ଗଣନା

# ବଢୁଛି ଛେଳି, ମେଣ୍ଢା ଓ କୁକୁଡ଼ା; କମୁଛି ଗାଈ ସଂଖ୍ୟା

**କ୍ଷତି ସହୁଛନ୍ତି ଚାଷୀ, ଗ୍ରାମାଞ୍ଚଳରେ ଦ୍ରୁତଗତିରେ ହ୍ରାସପାଉଛି ଗୋପାଳନ**

ବ୍ରହ୍ମପୁର,୫।୯ (ସମିସ)

ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ ପକ୍ଷରୁ ପ୍ରତି ୫ବର୍ଷରେ ଥରେ ପଶୁପକ୍ଷୀ ଗଣନାରେ କରାଯଇଥାଏ। ପୂର୍ବରୁ ୨୦୨୦ମସିହାରେ ବିଭାଗ ପକ୍ଷରୁ ଗଣନା କରାଯାଇଥିଲା। ପୂର୍ବ ଗଣନା ଓ ଚଳିତ ବର୍ଷ ହୋଇଥିବା ପଶୁପକ୍ଷୀ ଗଣନାରେ ମିଳିଥିବା ତଥ୍ୟରେ ବହୁ ପରିବର୍ତ୍ତନ ଥିବା ଜଣାପଡିଛି। ବିଭାଗ ପକ୍ଷରୁ ଚଳିତ ବର୍ଷ ଅନୁଷ୍ଠିତ ଗଣନାରେ ଗୃହପାଳିତ ପଶୁ ତଥା ବିଭିନ୍ନ ପ୍ରଜାତିର ଗାଈଙ୍କ ସଂଖ୍ୟା ବହୁ ମାତ୍ରରେ ହ୍ରାସ ପାଇଛି। କିଛି ବର୍ଷ ପୂର୍ବେ ଗ୍ରାମାଞ୍ଚଳରେ ଅଧିକାଂଶ ଗୋପାଳକ ଥିବାବେଳେ ସେମାନଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ କମିବାରେ ଲାଗିଛି। ଫଳରେ ଗ୍ରାମାଞ୍ଚଳରେ ଦ୍ରୁତଗତିରେ ଗୋପାଳନ ହ୍ରାସ ପାଉଥିବା ନଜରକୁ ଆସିଛି। ସେହିପରି ବ୍ୟବସାୟ କରି ଲାଭବାନ ହେଉଥିବାରୁ ଛେଳି, ମେଣ୍ଢା ଓ କୁକୁଡ଼ାଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ସୂଚନା ମୁତାବକ ଗତ ୨୦୨୦ମସିହାରେ ଗଞ୍ଜାମ ଜିଲ୍ଲା ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ ପକ୍ଷରୁ ହୋଇଥିବା ପଶୁପକ୍ଷୀ ଗଣନାରେ ବିଭିନ୍ନ ପ୍ରଜାତିର ଗୋରୁଗାଈ ସଂଖ୍ୟା ୪ଲକ୍ଷ ୪୫ହଜର ୯୧୩ଟି ରହିଥିଲା। ତେବେ ଚଳିତ ବର୍ଷ ବିଭାଗ ପକ୍ଷରୁ ହୋଇଥିବା ଗଣନାରେ ଏହି ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଥିବା ଜଣାପଡିଛି। ୨୦୨୫ମସିହାରେ ହୋଇଥିବା ଗଣନାରେ ୩ଲକ୍ଷ ୫ହଜାର ୯୧୫ଟି ଗୋରୁଗାଈ ଥିବା ଜଣାପଡ଼ିଛି। ଅତଏବ ଗତ ୫ବର୍ଷ ମଧ୍ୟରେ ୧ଲକ୍ଷ ୩୯ହଜାର ୯୯୮ଟି ଗୋରୁଗାଈଙ୍କ ସଂଖ୍ୟା ହ୍ରାସ ପାଇଛି। ସେହିପରି ଗଞ୍ଜାମ ଜିଲ୍ଲାରେ ୨୦୨୦ମସିହାରେ ମଇଁଷିଙ୍କ ସଂଖ୍ୟା ୪୬ହଜାର ୭୭୫ଟି ରହିଥିବା ବେଳେ ୨୦୨୫ମସିହାରେ ଏହି ସଂଖ୍ୟା ସାମାନ୍ୟ ବୃଦ୍ଧି ପାଇ ୪୭ହଜାର ୯୪୨ ରହିଛି। ସେହିପରି ପୂର୍ବଗଣନା ଅପେକ୍ଷା ଚଳିତ ବର୍ଷ ମେଣ୍ଢାଙ୍କ ସଂଖ୍ୟ ବୃଦ୍ଧି ପାଇଛି। ୨୦୨୦ମସିହାରେ ମେଣ୍ଢାଙ୍କ ସଂଖ୍ୟା ୧ଲକ୍ଷ ୬୫ହଜାର ୬୧୪ଟି ରହିଥିବା ବେଳେ ୨୦୨୫ମସିହାରେ ମେଣ୍ଢାଙ୍କ ସଂଖ୍ୟା ୨ଲକ୍ଷ ୩୧ହଜାର ୨୯୪କୁ ହୋଇଛି। ସେହିପରି ଛେଳିଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ୨୦୨୦ମସିହାରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରେ ଛେଳି ସଂଖ୍ୟା ୨ଲକ୍ଷ ୩୫ହଜାର ୩୩୬ଟି ଥିବାବେଳେ ୨୦୨୫ରେ ଏହା ବୃଦ୍ଧି ପାଇ ୩ଲକ୍ଷ ୫ହଜାର ୮୧୮ ହୋଇଛି। ପୂର୍ବ ଗଣନା ଅପକ୍ଷା ଚଳିତ ବର୍ଷ ଘୁଷୁରୀଙ୍କ ସଂଖ୍ୟା କମିଛି। ୨୦୨୦ମସିହାରେ ଜିଲ୍ଲାରେ ଘୁଷୁରୀଙ୍କ ସଂଖ୍ୟା ୩ହଜାର ୭୮୪ଟି ଥିବାବେଳେ ୨୦୨୫ରେ ତାହା ୨୨୨୦କୁ ହ୍ରାସ ପାଇଛି। ତେବେ ଜିଲ୍ଲା ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ ପକ୍ଷରୁ ଚଳିତ ବର୍ଷ ହୋଇଥିବା ଗଣନାରେ କୁକୁଡ଼ା ଓ ବତକଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ୨୦୨୦ମସିହାରେ ଗଞ୍ଜାମ ଜିଲ୍ଲାରେ କୁକୁଡ଼ା ଓ ବତକଙ୍କ ସଂଖ୍ୟା ୨୯ଲକ୍ଷ ୩୯ହଜାର ୨୪ଟି ରହିଥିଲା। ଯାହା ଚଳିତ ବର୍ଷ ଗଣନାରେ ବୃଦ୍ଧି ପାଇ ୭୭ଲକ୍ଷ ୪୫ହଜାର ୬୯୩ରେ ପହଞ୍ଚିଛି। ଗତ ୫ବର୍ଷ ମଧ୍ୟରେ ଗଞ୍ଜାମ ଜିଲ୍ଲାରେ କୁକୁଡ଼ା ଓ ବତକଙ୍କ ସଂଖ୍ୟା ୪୮ଲକ୍ଷ ୬ହଜାର ୬୬୯ଟି ବୃଦ୍ଧି ପାଇଛି। ସେହିପରି ପୂର୍ବ ବର୍ଷ ଜିଲ୍ଲାରେ ବୁଲା କୁକୁରଙ୍କ ସଂଖ୍ୟା ୪୭ହଜାର ୧୪୬ଟି ଥିବା ବେଳେ ଚଳିତ ବର୍ଷ କୌଣସି କାରଣରୁ ବୁଲା କୁକୁରଙ୍କ ଗଣନା ହୋଇନଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଶ୍ରୀକ୍ଷେତ୍ର ସିଟି

୫/୯/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୩୨,୬୭୨/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍





## ମହାପ୍ରଭୁଙ୍କ ବଳି ବାମନ ବେଶ



ପୁରୀ,୫।୯ (ସମିସ): ଭାଦ୍ରବ ଶୁକ୍ଳ ପକ୍ଷ ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଛି ମହାପ୍ରଭୁଙ୍କ ବଳି ବାମନ ବେଶ। ଗୁରୁବାର ବାମନ ଜନ୍ମ ନୀତି ସମ୍ପନ୍ନ ହେବା ପରେ ଶୁକ୍ରବାର ରତ୍ନସିଂହାସନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବଳିବାମନ ବେଶ ହୋଇଛି। ଦ୍ୱିପ୍ରହର ଧୂପ ବଢ଼ିବା ପରେ ଏହି ବେଶ କରାଯାଇଥିଲା। ଶ୍ରୀଜଗନ୍ନାଥ ବାମନ ବେଶ, ଦେବୀ ସୁଭଦ୍ରା ସାଧାରଣ ବେଶ ଏବଂ ଶ୍ରୀବଳଭଦ୍ର ହାତରେ ଧନୁଶର ଧରି ରାଜ ବେଶରେ ସଜ୍ଜିତ ହୋଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀଭୂଜ, ଶ୍ରୀପୟର ଓ ସ୍ୱର୍ଣ୍ଣ କିରୀଟରେ ଆଭୂଷିତ ହୋଇଥିଲେ। ବାମ ହସ୍ତରେ ଛତା ଏବଂ ଡାହଣ ହସ୍ତରେ କୁଶବଟୁ ଓ ଗଡୁ ଧାରଣ କରି ବାମନରୂପୀ ନୈଷ୍ଠିକ ବ୍ରାହ୍ମଣ ବେଶରେ ସଜ୍ଜିତ ହୋଇଥିଲେ। ଏହି ବେଶ ସଂକ୍ରାନ୍ତରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ସ୍ୱୟଂ ବିଷ୍ଣୁ। ଭଗବାନ ବିଷ୍ଣୁଙ୍କ ପଞ୍ଚମ ଅବତାର ହେଉଛି ବାମନ ଅବତାର। ସତ୍ୟଯୁଗରେ ମହାପ୍ରଭୁ ଏହି ଅବତାରରେ ବଳି ରାଜାଙ୍କୁ ପାତାଳଗାମୀ କରିଥିଲେ। ଭଗବାନ ବିଷ୍ଣୁ ହେଉଛନ୍ତି ସ୍ୱୟଂ ବାମନ। ଶ୍ରୀଜଗନ୍ନାଥ ରଥରେ ଥିବାବେଳେ ବାମନ ଭାବେ ତାଙ୍କୁ ବର୍ଣ୍ଣନା କରି କୁହାଯାଇଛି ‘ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ’। ଏହି ବେଶରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବାମନ ରୂପ ଧାରଣ କରୁଥିବାବେଳେ ଶ୍ରୀବଳଭଦ୍ର ଭଗବାନ ବଳି ରାଜା ରୂପେ ବିଭୂଷିତ ହୋଇଥାନ୍ତି ବୋଲି ଡ. ଦାଶ କହିଛନ୍ତି।

### ମ୍ୟୁଜିକାଲ ଫାଉଣ୍ଟେନ କଥା ଭୁଲିଗଲେ

# ପାଣିରେ ପଡ଼ିଲା ସାଢ଼େ ୭ କୋଟି ଟଙ୍କା

ପୁରୀ,୫।୯ (ସମିସ): ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ହେଲେ ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦରକାର। ପର୍ଯ୍ୟଟକଙ୍କୁ ଅତ୍ୟାବଶ୍ୟକ ସୁବିଧା ଯୋଗାଇ ଦିଆଯିବା ଆବଶ୍ୟକ। ହେଲେ ପୁରୀରେ ଭକ୍ତ, ପର୍ଯ୍ୟଟକଙ୍କ ପାଇଁ ଉଦ୍ଦିଷ୍ଟ ଏକାଧିକ ପର୍ଯ୍ୟଟନ ପ୍ରକଳ୍ପ ଅବହେଳିତ ହୋଇପଡ଼ିଛି। ସେଥିମଧ୍ୟରୁ ପବିତ୍ର ନରେନ୍ଦ୍ର ପୁଷ୍କରିଣୀର ମ୍ୟୁଜିକାଲ ଫାଉଣ୍ଟେନ (ସାଙ୍ଗୀତିକ ଜଳ ଫୁଆରା) ଅନ୍ୟତମ। ପ୍ରାୟ ୮ ବର୍ଷ ହେବ ମୁହଁ ମାଡିପଡ଼ିଛି ଏହି ସାଢ଼େ ୭ କୋଟି ଟଙ୍କାର ପ୍ରକଳ୍ପ। ଏହାକୁ କିପରି କାର୍ଯ୍ୟକ୍ଷମ କରାଯିବ ସେ ନେଇ ନା ଶ୍ରୀମନ୍ଦିର ପ୍ରଶାସନ ନା ପର୍ଯ୍ୟଟନ ବିଭାଗ କେହି ବି ମୁଣ୍ଡ ଖେଳାଉ ନାହାନ୍ତି। ଏହି ପ୍ରକଳ୍ପ କଥା ଏକପ୍ରକାର ସେମାନେ ଭୁଲିଗଲେଣି।

ରଙ୍ଗୀନ ଜଳ ଫୁଆରାରେ ଝଲସିବ ନରେନ୍ଦ୍ର ପୁଷ୍କରଣୀ। ଶ୍ରୀଜଗନ୍ନାଥଙ୍କ ଭଜନର ତାଳେ ତାଳେ ନାଚିଉଠିବ ପୁଷ୍କରଣୀର ନୀଳ ଜଳରାଶି। ନରେନ୍ଦ୍ର କୂଳରେ ବସି ଭାବ ଭକ୍ତିରେ ହଜିଯିବେ ଭକ୍ତ। ମହାପ୍ରଭୁଙ୍କ ପାଖରେ କିଛି ମୁହୂର୍ତ୍ତ ନିଜକୁ ସମର୍ପି ଦେବେ। ଭକ୍ତ, ପର୍ଯ୍ୟଟକଙ୍କ ମନରେ ଏମିତି ଭାବନା ଆଣିବା ପାଇଁ ନରେନ୍ଦ୍ରରେ ମ୍ୟୁଜିକାଲ ଫାଉଣ୍ଟେନର ପରିକଳ୍ପନା କରାଯାଇଥିଲା। ହେଲେ ଉଦ୍‌ଘାଟନର ଅଳ୍ପ କିଛିମାସ ପରେ ବନ୍ଦପଡ଼ିଛି ଏହି ପ୍ରକଳ୍ପ। ନା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁଛି ନା ଭକ୍ତଙ୍କୁ ଶ୍ରୀଜଗନ୍ନାଥ ଭଜନ ଜଣାଣରେ ତଲ୍ଲୀନ କରିଦେଉଛି ଏହି ଫାଉଣ୍ଟେନ। ଶ୍ରୀକ୍ଷେତ୍ରର ଏହି ଦିଶାହୀନ ପ୍ରକଳ୍ପ କେବେ କାର୍ଯ୍ୟକ୍ଷମ ହେବ ତାକୁ ନେଇ ସମସ୍ତେ ଦ୍ୱନ୍ଦ୍ୱରେ।

୨୦୧୭ ଏପ୍ରିଲ ୧୫ ତାରିଖ ସନ୍ଧ୍ୟା। ରଙ୍ଗୀନ ଜଳ ଫୁଆରାରେ ଝଲସିଥିଲା ନରେନ୍ଦ୍ର ପୁଷ୍କରିଣୀ। ଶ୍ରୀଜଗନ୍ନାଥ ଭଜନ ତାଳେ ତାଳେ ଦୋଳାୟିତ ଜଳ ଫୁଆରାର ଦୃଶ୍ୟ ଥିଲା ବେଶ୍ ଆକର୍ଷଣୀୟ। ମ୍ୟୁଜିକାଲ ଫାଉଣ୍ଟେନର ପରୀକ୍ଷାମୂଳକ ପ୍ରଦର୍ଶନ ଅବସରରେ ଏମିତି ଦୃଶ୍ୟ ଦେଖିବାକୁ ମିଳିଥିଲା ନରେନ୍ଦ୍ରରେ। ସେଦିନ ୫ଟି ଭଜନ ଯଥା ପତିତ ଜନକୁ ଉଦ୍ଧାରିବା ପାଇଁ..., ଆହେ ଚକାଡୋଳା..., ଆସ ଆସ ମୋର ସରଗ ତାରା..., ବାୟା ମନ ଚାଲ ଏଥର..., ରାଧା ଗୋବିନ୍ଦ ଭଜ... ତାଳେ ତାଳେ ଏହି ଜଳ ଫୁଆରା ଝଲସି ଉଠିଥିଲା। ଏହି ପରୀକ୍ଷାମୂଳକ ପ୍ରଦର୍ଶନ ସଫଳତାର ସହ ଶେଷ ହୋଇଥିବାବେଳେ ଖୁବ୍‌ଶୀଘ୍ର ଲେଜର ଶୋ’ ସହ ଏହା ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ ହେବ ବୋଲି ଅତିଥିମାନେ କହିଥିଲେ। ପ୍ରାୟ ମାସକ ଭିତରେ ଏହି ସାଙ୍ଗିତୀକ ଜଳଫୁଆରା ଆରମ୍ଭ ହେଲା। ହେଲେ ଅଳ୍ପ କିଛି ମାସ ପରେ ଏହା ଅଚଳ ହୋଇଗଲା। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଦର୍ଶକମାନେ ଯେଉଁଠାରେ ବସି ଦେଖୁଥିଲେ ତା’ର ଶେଡ୍, ଚେୟାର ଆଦି ଭାଙ୍ଗିରୁଜି ଗଲା ପରେ ଏହାକୁ ସମ୍ପୂର୍ଣ୍ଣ ଭାବେ ହଟାଇ ଦିଆଯାଇଛି।

ସୂଚନାଯୋଗ୍ୟ, ୨୦୧୩ ମସିହାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ନରେନ୍ଦ୍ର ପୁଷ୍କରିଣୀରେ ୭ କୋଟି ୭୦ ଲକ୍ଷ ୮୪ ହଜାର ଟଙ୍କା ବ୍ୟୟରେ ମ୍ୟୁଜିକାଲ ଫାଉଣ୍ଟେନ ଏବଂ ଲେଜର ଶୋ’ ପ୍ରଦର୍ଶନ ପାଇଁ ନିଷ୍ପତ୍ତି ନିଆଯାଇ ଇଡ୍‌କୋକୁ ଦାୟିତ୍ୱ ଦିଆଯାଇଥିଲା। ୨୦୧୫ ନବକଳେବର ପୂର୍ବରୁ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ କଲିକତାର ପ୍ରିମିୟମ୍ ୱାର୍ଲ୍ଡ ନାମକ ଏକ ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଲେଜର ଶୋ’ରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ନୀଳମାଧବ ଆଲେଖ୍ୟ ପ୍ରଦର୍ଶନ ପାଇଁ ନିଷ୍ପତ୍ତି ହୋଇଥିଲା। ୨୦୧୭ ଆରମ୍ଭରେ ଇଡ୍‌କୋ ଉକ୍ତ ପ୍ରକଳ୍ପର ପରୀକ୍ଷାମୂଳକ ପ୍ରଦର୍ଶନ କଲାବେଳେ ଅନେକ ତ୍ରୁଟି ବିଚ୍ୟୁତି ଜଣାପଡ଼ିଥିଲା। ଶ୍ରୀଜଗନ୍ନାଥ ଆବିର୍ଭାବ କଥାବସ୍ତୁକୁ ନେଇ ଚଳଚ୍ଚିତ୍ରର ସ୍କ୍ରିପ୍ଟ ପ୍ରସ୍ତୁତ ହୋଇଥିଲା। କିନ୍ତୁ ପରୀକ୍ଷାମୂଳକ ପ୍ରଦର୍ଶନ ବେଳେ ଲଳିତା ପ୍ୟାଣ୍ଟ ଶାର୍ଟ ପିନ୍ଧିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ତେଣୁ ପୁନର୍ବାର ତାହାକୁ ସଂଶୋଧନ କରି ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହାର ସଂଶୋଧନ ନିମନ୍ତେ ଜଣେ ପ୍ରତିଷ୍ଠିତ ଚଳଚ୍ଚିତ୍ର ନିର୍ଦ୍ଦେଶକଙ୍କୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ସେହିବର୍ଷ ଏପ୍ରିଲରେ ହୋଇଥିବା ପରୀକ୍ଷାମୂଳକ ପ୍ରଦର୍ଶନ ସମୟକୁ ଏହା ସମ୍ପୂର୍ଣ୍ଣ ହୋଇ ନ ଥିଲା। ତେଣୁ ପ୍ରଥମେ ମ୍ୟୁଜିକାଲ ଫାଉଣ୍ଟେନର ପରୀକ୍ଷାମୂଳକ ପ୍ରଦର୍ଶନ କରାଯାଇଥିଲା। ଇଡ୍‌କୋ ୭ ବର୍ଷ ଏହାର ରକ୍ଷଣାବେକ୍ଷଣ କରିବ ବୋଲି ଚୁକ୍ତି ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ମ୍ୟୁଜିକାଲ ଫାଉଣ୍ଟେନ କାର୍ଯ୍ୟକ୍ଷମ ହେଲା। କିନ୍ତୁ କିଛିମାସ ପରେ ଏହା ଅଚଳ ହୋଇପଡିଥିଲା।

### ● ଗୁରୁ ଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ

## ‘ଜାତି ଓ ଦେଶ ଗଠନର କର୍ଣ୍ଣଧାର ଶିକ୍ଷକ’

ପୁରୀ,୫।୯ (ସମିସ): ପବିତ୍ର ଗୁରୁ ଦିବସ ଅବସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା ପୁରୀଙ୍କ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ତଥା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ସଦ୍‌ଭାବନା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଯୋଗଦେଇ ଗୁରୁ ଓ ଗୁରୁ ଦିବସର ମହତ୍ତ୍ୱ ବିଷୟରେ ମତ ରଖିଥିଲେ। ଏଥିସହ ଶିକ୍ଷକମାନଙ୍କୁ ଜାତି ଓ ଦେଶ ଗଠନର କର୍ଣ୍ଣଧାର ରୂପେ ଅଭିହିତ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀମାନଙ୍କ ଜୀବନ ଗଠନ ଓ ମାର୍ଗଦର୍ଶନରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଥାନ୍ତି। ଏଥିସହ ସେମାନଙ୍କୁ ଯୋଗ୍ୟ ନାଗରିକ ରୂପେ ସମାଜରେ ଦଣ୍ଡାୟମାନ କରାଇଥାନ୍ତି। ଦେଶ ତଥା ଜାତିକୁ ଏକ ମହନୀୟ ମାର୍ଗରେ ଅଗ୍ରସର କରାଇବା ପାଇଁ ସର୍ବଦା ସହାୟକ ହୋଇଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହି ମହାର୍ଘ କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ମାଧମିକସ୍ତରୀୟ ୨୧ ଜଣ, ପ୍ରାଥମିକସ୍ତରୀୟ ୧୧ ଓଜସ୍ୱୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ଜଣେ ଦକ୍ଷ ସିଆର୍‌ସିସି ସମୁଦାୟ ୩୩ ଜଣଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ ଓ ଦ୍ୱିତୀକାନ୍ତ ପ୍ରଧାନ, ଜିଲ୍ଲା ଶିକ୍ଷକ ଶିକ୍ଷାନୁଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଦେବସ୍ମିତା ମହାପାତ୍ର, ପ୍ରଶିକ୍ଷକ ଅମିୟ ରଞ୍ଜନ ପରିଡ଼ା ଓ ପୁରୀ ଶିକ୍ଷା ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀକୁମାର ଆଚାର୍ଯ୍ୟ କୃତୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ସିଆର୍‌ସିସିମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ଶିକ୍ଷୟିତ୍ରୀ ଅଳକାନନ୍ଦା, ଉତ୍କଳିକା ମିଶ୍ର, ହରପ୍ରିୟା ନନ୍ଦ ଓ ଦୀପିକାରାଣୀ ନନ୍ଦ, ଶିକ୍ଷକ ଦେବଦତ୍ତ ସ୍ୱାଇଁ, ପ୍ରଭାତ କୁମାର ଦାଶ, ହିରଣ୍ୟ କୁମାର ସେଠୀ, ସୁନୀଲ କୁମାର ରାଉତ, ଉମାକାନ୍ତ ମିଶ୍ର ଓ ପୂର୍ଣ୍ଣ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସରକାରୀ ଉଚ୍ଚ ବିଦ୍ୟାଳୟରେ ଭୋଜିଭାତର ଆସର

## ଜିଲ୍ଲା ଶିକ୍ଷାଧିକାରୀଙ୍କ ତଦନ୍ତ ନିର୍ଦ୍ଦେଶ

ପୁରୀ,୫।୯ (ସମିସ): କୌଣସି ସରକାରୀ ବିଦ୍ୟାଳୟ ପରିସରରେ ବେସରକାରୀ ଭାବେ ଭୋଜିଭାତ, ବୈଠକ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇପାରିବ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ରହିଛି। ସ୍ଥଳ ବିଶେଷରେ ଯଦି କୌଣସି କାର୍ଯ୍ୟକ୍ରମ ହୁଏ ତା’ହେଲେ ଶିକ୍ଷା ବିଭାଗର ଅନୁମତି ଆଣିବାକୁ ପଡିଥାଏ। ଯେଉଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏହାଦ୍ୱାରା ଯେପରି ଛାତ୍ରଛାତ୍ରୀମାନେ କୌଣସି ପ୍ରକାରେ ପ୍ରଭାବିତ ହେବେ ନାହିଁ ତାହାକୁ ଗୁରୁତ୍ୱ ଦିଆଯାଇଥାଏ। ତଥାପି ସରକାରୀ ନିୟମ କାର୍ଯ୍ୟକାରୀ ହେବା ପରଠାରୁ ଏ ସବୁ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବନ୍ଦ ରହିଛି। କୌଣସି ଅଘଟଣ ଆଶଙ୍କାରେ ଶିକ୍ଷା ବିଭାଗ ଅଧିକାରୀ ଅନୁମତି ଦେବାର ନଜିର ନାହିଁ। କିନ୍ତୁ ସବୁ ସରକାରୀ ନିର୍ଦ୍ଦେଶନାମାକୁ ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଳାଞ୍ଜଳି ଦେଇଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗତ ୨୭ ତାରିଖ ରାତିରେ ବିଦ୍ୟାଳୟ ପରିସରରେ ଭୋଜିଭାତର ଆସର ଜମିଥିଲା। କାହା ନିର୍ଦ୍ଦେଶରେ ବିଦ୍ୟାଳୟ କର୍ତ୍ତୃପକ୍ଷ ରାତିରେ ଭୋଜିଭାତ କରିବାକୁ ଅନୁମତି ପ୍ରଦାନ କରିଥିଲେ ତାହାର ତଦନ୍ତ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଥିଲେ। ଘଟଣା ସମ୍ପର୍କରେ ଅସ୍ତରଙ୍ଗ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ କିମ୍ବା କାରଣ ଦର୍ଶାଅ ନୋଟିସ ଜାରି କରି ନ ଥିବା ଜଣାପଡିଥିଲା।

ଏ ସମ୍ପର୍କରେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପୁରୀ ଜିଲ୍ଲାପାଳ, ଶିକ୍ଷା ନିର୍ଦ୍ଦେଶକ ଭୁବନେଶ୍ୱର ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶ୍ରୀ ନାୟକ କହିଛନ୍ତି, ପ୍ରଧାନ ଶିକ୍ଷକ ଯେବେଠୁ ଅସ୍ତରଙ୍ଗ ବିଦ୍ୟାଳୟର କାର୍ଯ୍ୟଭାର ଗ୍ରହଣ କରିଛନ୍ତି ସେବେଠୁ ପ୍ରାୟ ସମୟ ବିଦ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ବାସ୍ତବରେ ସେ ଛୁଟି ନିଅନ୍ତି ନା ବେଆଇନ ଭାବେ ଅନୁପସ୍ଥିତ ରହୁଛନ୍ତି ତାହା ତାହା ତଦନ୍ତ ସାପେକ୍ଷ। ପ୍ରତିଦିନ ଦୁଇଟି କ୍ଲାସ ନେବାର ସରକାରୀ ନିୟମ ଥିବା ସ୍ଥଳେ ସେ କ୍ଲାସ ନେଉନାହାନ୍ତି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢୀଙ୍କୁ ପଚାରିବାରୁ ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗତ ୨୭ ତାରିଖରେ ଭୋଜିଭାତ ଆୟୋଜନ ନେଇ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ପାଇବା ପରେ ଅସ୍ତରଙ୍ଗ ବ୍ଲକ ଶିକ୍ଷାଧିକାରୀଙ୍କୁ ଏହାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛି। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ପୁରୀରେ ଖୋଲିଲା କିଲର୍ ଜିନ୍ସର ଫ୍ଲାଗସିପ୍ ଷ୍ଟୋର

ପୁରୀ,୫।୯ (ସମିସ): ପୁରୀରେ ଖୋଲିଲା କିଲର୍ ଜିନ୍ସର ଫ୍ଲାଗଶିପ୍ ଷ୍ଟୋର। ଗୁରୁବାର ବଡ଼ଦାଣ୍ଡସ୍ଥିତ ମାଜଣା ଯାଗା ନିକଷର ଏହି ନୂଆ ଷ୍ଟୋର ଉଦ୍‌ଘାଟିତ ହୋଇଛି। ଏହା କିଲର୍ ଜିନ୍ସର ଓଡିଶାରେ ସବୁଠୁ ବଡ ଫ୍ଲାଗସିପ୍ ଷ୍ଟୋର୍ ବୋଲି କୁହାଯାଉଛି। ଅଭିନେତା ଅନୁଭବ ମହାନ୍ତି ଏହାକୁ ଉଦ୍‌ଘାଟନ କରି କିଲର୍‌ର ନୂତନ ସଂଗ୍ରହକୁ ଅନୁଭବ କରିବା ପାଇଁ ଜନସାଧାରଣଙ୍କୁ ସ୍ୱାଗତ କରିଥିଲେ। ଏହି ଷ୍ଟୋରରେ କିଲର୍‌ର ପ୍ରିମିୟମ୍ ଡେନିମ୍, କାଜୁଆଲ୍ ପୋଷାକ ଏବଂ ଲାଇଫଷ୍ଟାଇଲ୍ ଫ୍ୟାଶନ୍‌ର ଡ୍ରେସ ରହିଛି, ଯାହା ଯୁବପିଢୀଙ୍କୁ ବେଶ୍ ପସନ୍ଦ ଆସିବା ସହ ନୂଆ ନୂଆ ଡିଜାଇନ ମଧ୍ୟ ଉପଲବ୍ଧ ହେଉଛି।

ଉଦ୍‌ଘାଟନୀ ଅବସରରେ ଅନୁଭବ ମହାନ୍ତି କହିଥିଲେ, “କିଲରଙ୍କ ଯାତ୍ରାର ଅଂଶ ହେବା ସମ୍ମାନର କଥା। ପୁରୀ ହେଉଛି ସମସ୍ତ ଓଡିଆଙ୍କ ଆତ୍ମା। ମହାପ୍ରଭୁଙ୍କ ଆଶୀର୍ବାଦରୁ ଆଜି ବଡଦାଣ୍ଡରେ କିଲର ଏକ ବଡ଼ ଶୋ’ରୁମ ଖୋଲିଛି। କିଲର ଏହାର ବୋଲ୍ଡ ଏବଂ ଷ୍ଟାଇଲିସ୍ କଲେକ୍ସନଗୁଡିକୁ ଲୋକଙ୍କ ନିକଟକୁ ଆଣିଛି ବୋଲି ଖୁସିବ୍ୟକ୍ତ କରିଥିଲେ ଅନୁଭବ। ଏହି ଅବସରରେ କିଲ୍‌ର ଜିନ୍ସର ବ୍ରାଣ୍ଡ ନିର୍ଦ୍ଦେଶକ ଜୟ ଜୈନ କହିଥିଲେ, ପୁରୀରେ ଷ୍ଟୋର ଖୋଲିଥିବାରୁ ଆମେ ବେଶ୍ ଉତ୍ସାହିତ। କିଲର ଫ୍ରାଞ୍ଚାଇଜ ରବି ସାମନ୍ତରାୟ କହିଥିଲେ, ପୁରୀବାସୀ ଷ୍ଟୋରକୁ ଆସି କିଲରର ନୂଆ ନୂଆ କଲେକ୍ସନ ପାଇପାରିବେ। ଆଗକୁ ପୂଜା ସିଜିନ ଆସୁଥିବାରୁ ସହରବାସୀଙ୍କ ପାଇଁ କିଲର କମ୍ପାନୀ ବହୁ ଅଫର୍ ପ୍ରଦାନ କରିବ। ସୁଲଭ ଦରରେ ଭଲ ଜିନିଷ ପୁରୀବାସୀ ପାଇପାରିବେ ବୋଲି ଶ୍ରୀ ସାମନ୍ତରାୟ କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ବ୍ରାଣ୍ଡ ହେଡ ଲକ୍‌ଭୀର ସିଂହଙ୍କ ସହ କମ୍ପାନୀର ଅନ୍ୟ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ଗୁରୁ ଦିବସରେ ଗୁରୁଙ୍କୁ ସମ୍ବର୍ଦ୍ଧନା

ପୁରୀ,୫।୯ (ସମିସ): ଓଡ଼ିଶାର ଅନନ୍ୟ ଅନୁଷ୍ଠାନ ନିର୍ଭୟ ପକ୍ଷରୁ ଗୁରୁଦିବସ ଉପଲକ୍ଷେ ‘ଗୁରବେ ନମଃ’ କାର୍ଯ୍ୟକ୍ରମ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରୀ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଦସ୍ୟ ବଦ୍ରି ମିଶ୍ର, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ ଓ କୃଷ୍ଣଚନ୍ଦ୍ର ସାମନ୍ତରାଙ୍କ ସମେତ ଦେବେନ୍ଦ୍ର ନାଥ ତରାଇ, ପ୍ରଭଞ୍ଜନ ମହାପାତ୍ର ଅତିଥି ଭାବେ ଯୋଗଦେଇ ଶିକ୍ଷା ବିକାଶ, ପାରିବାରିକ ଶୃଙ୍ଖଳା ଓ ସାମାଜିକ ମୂଲ୍ୟବୋଧ ପାଇଁ ଗୁରୁମାନେ ସର୍ବଦା ସ୍ମରଣ ରହିବେ ବୋଲି ମତବ୍ୟକ୍ତ କରିଥିଲେ। ଶ୍ୟାମପ୍ରକାଶ ସେନାପତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷା, ସାହିତ୍ୟ, ସଙ୍ଗୀତ, ନୃତ୍ୟ, କ୍ରୀଡା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୁରୁମାନଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜକିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଲକ୍ଷ୍ମୀନାରାୟଣ ଦାସ, ଇଂ. ଇଷ୍ଟଦତ୍ତ ମହାପାତ୍ର, ଅନୀତା ପଟ୍ଟନାୟକ, ରାଜକିଶୋର ସାହୁ ଓ ରଜନୀ ପଟ୍ଟନାୟକ।

# ପିପିଲି-କୋଣାର୍କକୁ ସଂଯୋଗ କରିବ ନୂଆ ଗ୍ରୀନ-ଫିଲଡ୍ କରିଡର୍

**ଯାତ୍ରା ଅବଧି ଦେଢ଼ଘଣ୍ଟାରୁ ୩୦ ମିନଟକୁ କମିବ**

**ପୁରୁଣା ପିପିଲି-କୋଣାର୍କ ରାସ୍ତା ହେବ ଅଧିକ ପ୍ରଶସ୍ତ**

**ଚାରିଛକଠାରୁ ଅସ୍ତରଙ୍ଗ ରାସ୍ତା ହେବ ଚାରିଲେନ୍**

ଭୁବନେଶ୍ୱର, ୫।୯ (ସମିସ): ପିପିଲି-କୋଣାର୍କ ରାସ୍ତାକୁ ୭ ମିଟରରୁ ୧୦ ମିଟର ପର୍ଯ୍ୟନ୍ତ ଅଧିକ ପ୍ରଶସ୍ତ କରାଯିବା ସହ ନୂଆ ଗ୍ରୀନ୍‌ଫିଲଡ୍ କରିଡର୍ ସହ ସଂଯୋଗ କରାଯିବ। ଏଥିସହ ପୁରୀ ସହର ଭିତରେ ଥିବା ବିଭିନ୍ନ ରାସ୍ତା ପ୍ରଶସ୍ତୀକରଣ, ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚାରିଛକଠାରୁ ଅସ୍ତରଙ୍ଗ ଏବଂ ଜଳାରପୁରଠାରୁ ଚାରିଛକ ପର୍ଯ୍ୟନ୍ତ ୪ ଲେନ୍ ରାସ୍ତା ନିର୍ମାଣ ହେବ। ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ପୁରୀ ଜିଲ୍ଲା ରୋଡ୍ ନେଟୱର୍କ ନେଇ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏ ବିଷୟରେ ବିସ୍ତୃତ ଆଲୋଚନା ହୋଇଛି।

ବୈଠକରେ ଭୁବନେଶ୍ୱର-ପୁରୀ-କୋଣାର୍କକୁ ଏକ ସୁଦୃଢ଼ ରୋଡ୍ କରିଡର୍‌ରେ ଯୋଡ଼ିବା ନେଇ ଥିବା ପ୍ରସ୍ତାବକୁ ତ୍ୱରିତ ବେଗରେ ଆଗେଇ ନେବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି କ୍ରମରେ ପିପିଲି-କୋଣାର୍କକୁ ସଂଯୋଗ କରିବାକୁ ଥିବା ନୂଆ ଗ୍ରୀନ ଫିଲଡ୍ କରିଡର୍ ବହୁ ଗୁରୁତ୍ୱ ବହନ କରୁଛି। ଏହାର ଲମ୍ବ ରହିବ ୪୦ କିଲୋମିଟର। ୨୦୦ ଫୁଟ୍ ଚଉଡ଼ା ୪ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ହେଲେ ଯାନବାହନଗୁଡ଼ିକ ୧୦୦ କିମି ବେଗରେ ଗତି କରିପାରିବ। ଫଳରେ ପିପିଲିରୁ କୋଣାର୍କ ଯିବାକୁ ସମୟ ଅବଧି ଦେଢ଼ଘଣ୍ଟାରୁ ୩୦ ମିନିଟକୁ ହ୍ରାସ ପାଇବ। ଏହି ରାସ୍ତାର ନକ୍ସା ପ୍ରସ୍ତୁତ ସହ ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ବିଷୟ ଉପରେ ଧ୍ୟାନ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଆଜିର ବୈଠକରେ ପୁରୀ ସହର ତାଜ ଇଣ୍ଟରନ୍ୟାସନାଲଠାରୁ ସିଟି ରୋଡ୍ ଦେଇ ଜଗନ୍ନାଥ ଷ୍ଟାଡିୟମ ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ୍ କରିବା ନେଇ ଆଲୋଚନା ହୋଇଥିଲା। ଏଥିସହ ଶ୍ରୀଚୈତନ୍ୟ ରୋଡ୍‌ଠାରୁ ବାଲିସାହି ଦେଇ ଶ୍ରୀଜଗନ୍ନାଥ ମନ୍ଦିର ରାସ୍ତା, ଦୋଳମଣ୍ଡପ ସାହି ରାସ୍ତା ଏବଂ ଝଡ଼େଶ୍ୱରୀ କ୍ଲବଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ନେଇ ସର୍ଭେ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ବୈଠକରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମୁଖ୍ୟଯନ୍ତ୍ରୀ (ରୋଡ)ଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ଗୁରୁ ଦିବସ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ

# ‘ବ୍ୟବସାୟୀକରଣ ଯୋଗୁଁ ଶିକ୍ଷାର ଗୁଣାତ୍ମକ ମାନ ହ୍ରାସ ପାଇଛି’



ପୁରୀ,୫।୯ (ସମିସ): ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ଓ ଗୁରୁଦିବସ ସମାରୋହ ଶୁକ୍ରବାର ୟୁଥ୍ ହଷ୍ଟେଲ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ୩୦ରୁ ୪୦ ବର୍ଷ ଶିକ୍ଷକତା କରି ଚାକିରୀରୁ ଅବସର ଗ୍ରହଣ କରିଥିବା ବହୁ ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଯୋଗଦେଇଥିଲେ। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ସମାଜରେ ଶିକ୍ଷକଙ୍କର ଅବଦାନ ଅତୁଳନୀୟ। ଶିକ୍ଷକତା ପଦ ମର୍ଯ୍ୟାଦାର ସୁରକ୍ଷା ପାଇଁ ଯୁବଗୋଷ୍ଠୀ, ଶିକ୍ଷକ ଶିକ୍ଷୟିତ୍ରୀ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଲେଖା ନିୟନ୍ତ୍ରକ ମନୋରଞ୍ଜନ ନାୟକ କହିଥିଲେ ବ୍ୟବସାୟୀକରଣ ଯୋଗୁ ଶିକ୍ଷାର ଗୁଣାତ୍ମକ ମାନ ହ୍ରାସ ପାଇଛି। ଶିକ୍ଷକତା ବ୍ୟବସାୟ ନୁହେଁ ଏକ ପବିତ୍ର କାର୍ଯ୍ୟ ବୋଲି ସେ ମତ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ି, ଜିଲ୍ଲା କୋଷାଗାର ଅଧିକାରୀ ମନ୍ମଥ କୁମାର ପ୍ରଧାନ ବିଶିଷ୍ଟ ଅତିଥି ଓ ମନୋଜ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମଗ୍ରିକ ଭାବେ ଶିକ୍ଷାର ବିକାଶ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ସଙ୍ଗଠନର ସଭାପତି ପ୍ରଫେସର ଲକ୍ଷ୍ମୀଧର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ତାଙ୍କ ବକ୍ତବ୍ୟରେ ଏବେ ଅନେକ ସମୟରେ ମାଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ର ବିଭ୍ରାଟ, ପ୍ରମାଣ ପତ୍ରରେ ଓ ଫଳାଫଳ ନିର୍ଣ୍ଣୟରେ ତ୍ରୁଟି ଓ ବିଶୃଙ୍ଖଳା ଦେଖାଦେଉଛି। ଯାହାଫଳରେ ଛାତ୍ରଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ବିଭ୍ରାଟ ଓ ବିକ୍ରି କରାଗଲା। ଏଭଳି କୁତ୍ସିତ କାର୍ଯ୍ୟ ରାଜ୍ୟର ଶିକ୍ଷାବିତ୍, ବୁଦ୍ଧିଜିବୀଙ୍କୁ ବ୍ୟସ୍ତ ବିବ୍ରତ କରୁଛି। ଅଗଣିତ ଛାତ୍ରଛାତ୍ରୀ ଓ ଅଭିଭାବକ ମାଧ୍ୟମିକ ଶିକ୍ଷା ପରିଷଦ ଉପରେ ଥିବା ବିଶ୍ୱାସକୁ ହରାଇ ବସିଛନ୍ତି। ଏଭଳି କାର୍ଯ୍ୟକୁ ବିଚାରକୁ ନେଇ ରାଜ୍ୟ ସରକାର ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣ ସମ୍ପାଦକ ଶ୍ରୀ ବେହେରା ଦାବି କରିଥିଲେ।

ଉତ୍ସବରେ ସର୍ବଶ୍ରୀ ଅବସରପ୍ରାପ୍ତ ଅଧ୍ୟାପକ ଚିତ୍ରସେନ ପ୍ରଧାନ, ରଘୁନାଥ ମିଶ୍ର, ବିନୋଦିନୀ ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ଦେଇ ଓ ମୁଖ୍ୟ ସହାୟକ ବିରଜା ପ୍ରସାଦ ମିଶ୍ର ସମ୍ବର୍ଦ୍ଧିତ ହୋଇଥିବା ବେଳେ ‘ଲକ୍ଷ୍ମୀଧର କର ସ୍ମୃତି ସମ୍ମାନ’ ‘ସ୍ୱପ୍ନେଶ୍ୱର ପ୍ରଧାନ ସ୍ମୃତି ସମ୍ମାନ’, ‘ସତ୍ୟବାଦୀ ଓତା ସ୍ମୃତି ସମ୍ମାନ’ ଓ ‘ଲକ୍ଷ୍ମୀଧର ତ୍ରିପାଠୀ ସ୍ମୃତି ସମ୍ମାନ’ରେ ଯଥାକ୍ରମେ ଭଗବାନ ସାହୁ, ଲକ୍ଷ୍ମୀପ୍ରିୟା

**ଶିକ୍ଷକତା ବ୍ୟବସାୟ ନୁହେଁ, ଏକ ପବିତ୍ର କାର୍ଯ୍ୟ**

ବରାଳ, କ୍ଷେତ୍ରମୋହନ ମିଶ୍ର ଓ ବିଭୂତି ଭୂଷଣ ଛୋଟରାୟ ସମ୍ବର୍ଦ୍ଧିତ ହୋଇଥିଲେ। ୨୦୨୫ ମାଟ୍ରିକ ପରୀକ୍ଷାରେ ଜିଲ୍ଲାର ୧୧ଟି ବ୍ଲକରୁ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୧୭ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଆଶାଲତା ପ୍ରଧାନ, ମିନତୀ ପ୍ରଧାନ, ବିଜୟ କୁମାର ପଣ୍ଡା, ଗଣେଶ୍ୱର ମହାପାତ୍ର, ଚନ୍ଦ୍ରଶେଖର ମିଶ୍ର, ସନ୍ତୋଷ କୁମାର ମହାନ୍ତି, ବ୍ରହ୍ମାନନ୍ଦ ଦାସ, ରମେଶ ଚନ୍ଦ୍ର ବଳିୟାରସିଂହ, ମନୋଜ କୁମାର ସାମନ୍ତରାୟ ଉତ୍ସବ ପରିଚାଳନା କରିଥିବା ବେଳେ ସଦାଶିବ ମିଶ୍ର ସ୍ୱାଗତ ଭାଷଣ ଏବଂ ରମେଶ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ● ବାଇକ୍ ଚୋରି ର୍‍ୟାକେଟ୍ ଠାବ

## ୬ ବାଇକ୍ ଜବତ, ୩ ଗିରଫ

ପୁରୀ,୫।୯ (ସମିସ): କୁମ୍ଭାରପଡ଼ା ଥାନା ପୁଲିସ ଏକ ବାଇକ୍ ଚୋରି ର୍‍ୟାକେଟକୁ ଧରିବାରେ ସଫଳ ହୋଇଛି। ପୁଲିସ ୩ ଲୁଟେରାଙ୍କୁ ଗିରଫ କରିଥିବା ବେଳେ ୬ ବାଇକ୍ ଜବତ କରିଛି। ଗିରଫ ଲୁଟେରାମାନେ ହେଲେ ଡେଲାଙ୍ଗ ଥାନା ଜେନାପୁରର ନୀଳକଣ୍ଠ ଜେନା, ଜଗନ୍ନାଥ ଜେନା ଓ ବ୍ରହ୍ମଗିରି ହରଚଣ୍ଡୀ ସାହିର ବିଶ୍ୱଜିତ ନାୟକ। ପୁଲିସ ସୂଚନା ଅନୁଯାୟୀ, ପୁରୀ ସଦର ଥାନା ଅନ୍ତର୍ଗତ ପଥରପଡ଼ାର ଜଳନ୍ଧର ବେହେରାଙ୍କ ବାଇକ୍ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ଜଳନ୍ଧରଙ୍କ ବାଇକ୍ ସମେତ ଆହୁରି ୫ ବାଇକ୍ ଜବତ କରିଛି। ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି ପୁଲିସ।

## ୯ ଗ୍ରାମ୍ ବ୍ରାଉନସୁଗର ଜବତ, ଜଣେ ଗିରଫ

ପୁରୀ,୫।୯ (ସମିସ): ପୁରୀ ସହରରେ ବେଆଇନ ନିଶା କାରବାର ବଢ଼ିବାରେ ଲାଗିଛି। ଅସାମାଜିକ ଯୁବକମାନେ ଏଥିରେ ଲିପ୍ତ ରହୁଛନ୍ତି। ପୁଲିସ ଏବଂ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢାଉ କରି ନିଶା ଦ୍ରବ୍ୟ ଜବତ କରୁଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରୁଥିଲେ ହେଁ ଏଥିରେ ରୋକ୍ ଲାଗିପାରୁ ନାହିଁ। ଗୁରୁବାର ପେଣ୍ଟକଟା ତାରିଣୀ ବସ୍ତିରେ ବ୍ରାଉନସୁଗାର ବିକ୍ରି ବେଳେ ସମୁଦ୍ରକୂଳ ଥାନା ପୁଲିସ ଚଢ଼ଉ କରି ଜଣଙ୍କୁ ଗିରଫ କରିବା ସହ ୯ ଗ୍ରାମ୍ ଧଳା ଜହର ଜବତ କରିଛି। ଗିରଫ ମାର୍କଣ୍ଡେଶ୍ୱର ସାହି ହରିଜନ ବସ୍ତିର ଗୋପାଳ ନାୟକଠାରୁ ୧ ହଜାର ଟଙ୍କା ଜବତ କରାଯାଇଛି। ଶୁକ୍ରବାର ଅଭିଯୁକ୍ତ ଗୋପାଳଙ୍କୁ କୋର୍ଟଚାଲାଣ କରିଛି ପୁଲିସ।





# ଅଧା ଫଳକରେ ଝୁଲୁଛି ନାଁ

ଭୁବନେଶ୍ୱର, ୫।୯(ସମିସ): କୌଣସି ଅଫିସ୍ ବା କାର୍ଯ୍ୟାଳୟ, ଅନୁଷ୍ଠାନ ଆଦିକୁ ଜାଣିବା ପାଇଁ ସେହି ଅଫିସ୍ ଆଗରେ ଓଡ଼ିଆ ହେଉ ବା ଇଂରାଜୀରେ ନାମଫଳକ ଲେଖାହୋଇଥାଏ। ଯାହାଫଳରେ ଜଣେ ଲୋକ ସହଜରେ ଜାଣିପାରିବ। ହେଲେ ଏବେ ବି ଅନେକ ଅଫିସ୍ ବା କାର୍ଯ୍ୟାଳୟ ଆଗରେ ଫଳକ ଥାଇ ମଧ୍ୟ ନ ଥିଲା ପରି ରହିଛି। କେଉଁଠି ନାମ ଫଳକ ଅଧା ଲେଖା ହୋଇ ଅଛି ତ ଆଉ କେଉଁଠି ଲେଖା ଥାଇ କେବଳ ଚିହ୍ନ ରହିଛି। ନାମ ଫଳକର ଚିହ୍ନ ବର୍ଣ୍ଣ ନାହିଁ।



## କେଉଁଠି ଅଧା ଅଛି ତ କେଉଁଠି ଜମାରୁ ନାହିଁ

ରାଜଧାନୀର ଉତ୍କଳ ମଣ୍ଡପରେ ପ୍ରତ୍ୟହ କିଛି ନା କିଛି କାର୍ଯ୍ୟକ୍ରମ କରାଯାଉଛି। ୟୁନିଟ୍ ୪ ଯିବା ରାସ୍ତା ପଟ ଫାଟକରେ ଉତ୍କଳ ମଣ୍ଡପ ଲେଖା ହୋଇଛି। ଏହି କାର୍ଯ୍ୟକ୍ରମକୁ ବାହାରୁ ଅନେକ ଲୋକ ମଧ୍ୟ ଆସୁଛନ୍ତି। ଠିକ୍ ଏହିପରି ମଧ୍ୟ ଖୋଦ୍ ଏଜି ଛକରେ ପରିବହନ ବିଭାଗ ରହିଛି। ହେଲେ ଏହି ଅଫିସ୍‌ର ଡ଼ାହାଣ ପାର୍ଶ୍ୱରେ ଖଣ୍ଡା ଲାଇଟ୍ ପଥରରେ ମଧ୍ୟ ସଡ଼କ ପରିବହନ ବିଭାଗ ରହିଛି। ଏହା ଆଗରେ ଫଳକ କିଛି ନାହିଁ। ଏଥିସହିତ ଏହା ରାସ୍ତାର ବ୍ୟାରିକେଡ୍ ଭିତରେ ରହିଥିବାରି ରାସ୍ତାକୁ ମଧ୍ୟ ଭଲ ଭାବରେ ଦେଖାଯାଉନାହିଁ। ଜୟଦେବ ଭବନ, ଗୀତଗୋବିନ୍ଦ ସଦନରେ ଗୋଟିଏ ଦିନରେ ଅନେକ କାର୍ଯ୍ୟକ୍ରମ କରାଯାଉଛି। ଶହ ଶହ ଲୋକ ମଧ୍ୟ ଆସୁଛନ୍ତି ହେଲେ ଏହା ଉପରେ ନା ବିଭାଗର ନା କେଉଁ ଅଧିକାରୀଙ୍କର ନଜର ପଡୁନାହିଁ।

କେବଳ ଏହି ନାମ ଫଳକ ନୁହେଁ ସହରର ଅନ୍ୟ ଅଫିସ୍ ଆଗରେ ମଧ୍ୟ ସମାନ ଅବସ୍ଥା। ଅଫିସ୍ ହେଉ କି ରାସ୍ତାକୁ ସୂଚାଉଥିବା ଫଳକରୁ ମଧ୍ୟ ରଙ୍ଗ ଛାଡ଼ିଲାଣି। ଯାହାଦ୍ୱାରା ଲେଖାଯାଇଥିବା ରାସ୍ତା ବି ସଠିକ୍ ଭାବରେ ଦେଖାଯାଉନାହିଁ। କାରର କାଚ ଦେଲେ ଆଉ କଣ ଦେଖାଯିବ ଏହି ସବୁ। ଯଦି ଏହି ରାସ୍ତା ଦେଇ ଯଦି ଅଫିସର କିମ୍ବା ନେତା ଚାଲିକି ଯିବେ ତେବେ ଦେଖି ପାରିବେ। ତାହାଲେ ଯାଇ ଏସବୁ ନାମ ଫଳକ ସଠିକ୍ ଭାବରେ ଲେଖା ହୋଇପାରିବ ବୋଲି ଜୟଦେବ ଭବନକୁ ଏକ କାର୍ଯ୍ୟକ୍ରମରେ ଆସିଥିବା ସମାଜସେବୀ ସ୍ୱାଗତିକା ଦାସ କହିଛନ୍ତି।

# ଘାସକଟା ଅସ୍ତ୍ରରେ ଆକ୍ରମଣ କରି ଗିରଫ

ଭୁବନେଶ୍ୱର, ୫।୯(ସମିସ): ଘାସ କଟା ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ରାହୁଲ ନାୟକ। ଏନେଇ ଥାନାରେ ଜିତୁ ନାୟକଙ୍କ ଲିଖିତ ରିପୋର୍ଟ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା।

ସୂଚନାଯୋଗ୍ୟ ଯେ, ଜିତୁ ଏବଂ ଅଭିଯୁକ୍ତ ରାହୁଲ ଉଭୟ ଗୋଟିଏ ବସ୍ତିର ବାସିନ୍ଦା। ଗୁରୁବାର ରାତି ପ୍ରାୟ ୧୧ଟା ସମୟରେ ରାହୁଲ ନାୟକ ନିଶାଗ୍ରସ୍ତ ଅବସ୍ଥାରେ ଏକ ଧାରୁଆ ଘାସ କାଟିବା ଅସ୍ତ୍ର ଧରି ଆସି ଜିତୁଙ୍କ ଘରେ ଜୋରଜବରଦସ୍ତ ପ୍ରବେଶ କରିଥିଲେ। ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ ଏବଂ ଉକ୍ତ ଅସ୍ତ୍ରରେ ପ୍ରବେଶ ଦ୍ୱାରକୁ କ୍ଷତି ପହଞ୍ଚାଇଥିଲେ। ଅଭିଯୋଗକାରୀ ଜିତୁ ପ୍ରତିରୋଧ କରିବାରୁ, ରାହୁଲ ତାଙ୍କୁ ଅସ୍ତ୍ର ଧରି ଗୋଡ଼ାଇ ଗୋଡ଼ାଇ ହତ୍ୟା କରିବା ଉଦ୍ଦେଶ୍ୟରେ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲେ। ତଥାପି ଜିତୁ ଖସିଯିବାରେ ସଫଳ ହୋଇଥିଲେ ଏବଂ ପୁଲିସକୁ ଖବର ଦେଇଥିଲେ। ତାଙ୍କ ସୂଚନା ଆଧାରରେ ଚଢ଼ଉ କରାଯାଇ ରାହୁଲକୁ ଗିରଫ କରାଯାଇଥିଲା। ତଲାସୀ ସମୟରେ ହେପାଜତରୁ ଅପରାଧର ଅସ୍ତ୍ର ଜବତ କରାଯାଇଥିଲା।

# ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଛୁରାମାଡ଼; ଜଣେ ଗିରଫ

ଭୁବନେଶ୍ୱର, ୫।୯(ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କ ଛୁରାମାଡ଼ ଘଟଣାରେ ଚନ୍ଦକା ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଦେବା ମଲିକ ରାବା। ଥାନାରେ ଚକ୍ର ମୁଣ୍ଡା ଅଭିଯୋଗ ଆଧାରରେ ପୁଲସ ମାମଲା ରୁଜୁ କରି ତଦନ୍ତ କରିଥିଲା।

ସୂଚନାଯୋଗ୍ୟ ଯେ, ଗତକାଲି ଦିନ ପ୍ରାୟ ୨.୩୦ ସମୟରେ, ଚକ୍ର ମୁଣ୍ଡାଙ୍କ ସମ୍ପର୍କୀୟ ଭାଇ ଯଦୁ ମୁଣ୍ଡା ତାଙ୍କ ଘରେ ଶୋଇଥିବା ସମୟରେ, ଦେବା ମଲିକ ରାବ ଏକ କାଠ ହ୍ୟାଣ୍ଡେଲ ଛୁରୀ ଧରି ଆସି ହତ୍ୟା କରିବା ଉଦ୍ଦେଶ୍ୟରେ ତାଙ୍କ ପେଟରେ ଛୁରି ଭୁଷି ଦେଇଥିଲେ। ଫଳସ୍ୱରୂପ, ପୀଡିତ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ପରେ ଉନ୍ନତ ଚିକିତ୍ସା ପାଇଁ କଟକର ଏସସିବି ମେଡିକାଲକୁ ରେଫର କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ଦେବା ମାଲିକ ରାବା, ଯିଏ ଗୋଡିବାରୀ ଗ୍ରାମର ମଣି ମାଲିକାଙ୍କୁ ବିବାହ କରିଥିଲେ। ସେ ଆଡାଭା ଥାନା ଅନ୍ତର୍ଗତ ଡମାଡୁଆ ଗ୍ରାମର ତାଙ୍କ ଶ୍ୱଶୁର ଘରେ ତାଙ୍କୁ ଆକ୍ରମଣ କରୁଥିଲେ। ଛଅ ମାସ ତଳେ ମଣି ମାଲିକା ଏପରି ନିର୍ଯାତନା ଯୋଗୁଁ ଗୋଡିବାରୀରେ ତାଙ୍କ ବାପାଙ୍କ ଘରକୁ ଫେରି ଆସିଥିଲେ। ତାଙ୍କ ସାନ ଭାଇ ଯଦୁ ମୁଣ୍ଡା ପୂର୍ବରୁ ଏହି ପ୍ରସଙ୍ଗରେ ଅଭିଯୁକ୍ତଙ୍କ ସହ ମୁହାଁମୁହିଁ ହୋଇ ଆକ୍ରମଣ କରିଥିଲେ। ଗତ ସେପ୍ଟେମ୍ବର ୩ରେ ଅଭିଯୁକ୍ତ ଗୋଡିବାରୀ ଆସି ମଣି ମାଲିକାଙ୍କୁ ଗାଳିଗୁଲଜ କରିଥିଲେ। ପ୍ରତିଶୋଧ ନେବା ପାଇଁ ସେ ଗୋରିବାଡ଼ି ଗ୍ରାମର ଜଣେ ସମ୍ପର୍କୀୟଙ୍କ ଠାରୁ ଏକ ଛୁରୀ ଆଣିଥିଲେ ଆକ୍ରମଣ କରିଥିଲେ।

# ଇଣ୍ଟରନ୍ୟାସ୍‌ନାଲ ଥିଏଟର ପକ୍ଷରୁ ନାଟକ 'ଶକୁନ୍ତଳା'

ଭୁବନେଶ୍ୱର, ୫।୯(ସମିସ): ଇଣ୍ଟରନ୍ୟାସନାଲ ଥିଏଟର ୫୦ ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି। ଏହି ଅବସରରେ ଭଞ୍ଜକଳା ମଣ୍ଡପରେ ନାଟକ 'ଶକୁନ୍ତଳା' ମଞ୍ଚସ୍ଥ ହୋଇଯାଇଛି। ମିହିର ମେହେରଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକରେ ଉପେନ୍ଦ୍ର ପତି, ଇଂଜିତା ପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ଅବିନାଶ ଦଣ୍ଡପାଟ, କଳ୍ପନା ବେହେରା ପ୍ରମୁଖ ଅଭିନୟ କରିଛନ୍ତି। ସନ୍ଧ୍ୟାରେ ଅତିଥି ଭାବେ ଯୋଗ ସଂସ୍କୃତି ବିଭାଗ ସଚିବ ଦେବ ପ୍ରସାଦ ଦାଶ, ଉପନିର୍ଦ୍ଦେଶକ ଦେବଜାନି ଭୂୟାଁ, ସାହିତ୍ୟିକ ଡ. ଗୌରହରି ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ସଭାପତି ସଞ୍ଜିବ୍ ଚନ୍ଦ୍ର ହୋତା, ଅନୁଷ୍ଠାନ ତଥା ର ନାଟକର ନିର୍ଦ୍ଦେଶକ ମିହିର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ୫୦ ବର୍ଷର ଯାତ୍ରା ଅବସରରେ ପକ୍ଷୀଘର ପ୍ରକାଶନୀ ଦ୍ୱାରା ପୁସ୍ତକ 'ଶକୁନ୍ତଳା' ଅତିଥିଙ୍କ ଦ୍ୱାରା ଲୋକାର୍ପଣ ହୋଇଥିଲା। ଏହି ଅବସରରେ ରଶ୍ମି ରଞ୍ଜନ ସ୍ୱାଇଁ ଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ରଞ୍ଜିତା ପାତ୍ର।



# ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୫।୯(ସମିସ): ୩୧ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ୨୦୨୫ ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଛି। ଏହି ପୁରସ୍କାର ମହୋତ୍ସବ ସ୍ୱର୍ଗତ ଓଡ଼ିଶୀ ନୃତ୍ୟ ବିଶାରଦ ଏବଂ ପଦ୍ମ ବିଭୂଷଣ ପୁରସ୍କାରପ୍ରାପ୍ତ ଗୁରୁ କେଳୁଚରଣ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଦୃଷ୍ଟିକୋଣକୁ ପାଳନ ହେଉଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଏକାମ୍ର ବିଧାୟକ ବାବୁ ସିଂ, ଚଳଚ୍ଚିତ୍ର ନିର୍ମାତା ତଥା ନାଟ୍ୟ ବ୍ୟକ୍ତିତ୍ୱ ଅନନ୍ତ ମହାପାତ୍ର, ପୂର୍ବତନ ରାଜସ୍ୱ ପରିଷଦର ଅଧ୍ୟକ୍ଷ ତଥା ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍‌ର ସ୍ୱାଧୀନ ନିର୍ଦ୍ଦେଶକ ଅଶୋକ କୁମାର ତ୍ରିପାଠୀ, ଉତ୍କଳ ମ୍ୟାନୁଫାକଚରିଂ ଆଣ୍ଡ ସର୍ଭିସେସ୍ ଲିମିଟେଡର ଉପାଧ୍ୟକ୍ଷ ପରମିତା ପଣ୍ଡା ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ସନ୍ଧ୍ୟାରେ ସୁଜାତା ମହାପାତ୍ର ଏବଂ ପ୍ରୀତିଶା ମହାପାତ୍ରଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ ସହିତ ଆରମ୍ଭ ହୋଇଥିଲା। ପରେ ପରେ ଅନ୍ୟ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ବିମ୍ବାବତୀ ଦେବୀ ଏବଂ ତାଙ୍କ ଦଳ, ମଣିପୁରୀ ନର୍ତ୍ତନାଳୟ, ଦେବତାମୟୀ - ଦେବତାଙ୍କ ଆବା ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମଟିକୁ ଡଃ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। ସୃଜନ କଟକର ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସହିତ ଅନୁଷ୍ଠାନିକ ସହଯୋଗରେ ଏହି ମହୋତ୍ସବର ଆୟୋଜନ କରୁଛନ୍ତି।



# 'ପାଇକ ଆଖଡ଼ା' ଲୋକାର୍ପିତ



ଭୁବନେଶ୍ୱର, ୫।୯(ସମିସ): ପାଇକ ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ସାମରିକ ସଂସ୍କୃତିର ମୂଳ ଚେହେରା ପାଇକ ଆଖଡ଼ା। ପାଇକ ଆଖଡ଼ାକୁ ଅନେକ ନୃତ୍ୟ ବୋଲି ଅବିହିତ କରିଥାନ୍ତି। କିନ୍ତୁ ପାଇକ ଆଖଡ଼ା ନୃତ୍ୟ ନୁହେଁ ଏକ ଜାତିର କଳା ସଂସ୍କୃତିର ପରିଚୟ। ଆଗକୁ ପାଇକ ଏକାଡେମୀ ତ୍ୱରାନ୍ୱିତ କରାଯିବ। ପାଇକ ସ୍ମାରକୀକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବ ସହ ପାଇକମାନଙ୍କର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ କରାଯିବ ବୋଲି ପାଇକ ଆଖଡ଼ା ପୁସ୍ତକ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନ୍ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ଓଡ଼ିଶାର ବହୁ ପୁରାତନ ସମରକଳା ପାଇକ ଆଖଡା ଉପରେ ଆଧାରିତ ପୁସ୍ତକ 'ପାଇକ ଆଖଡା' ଲୋକାର୍ପିତ ହୋଇଯାଇଛି। ନିଖିଳ ଓଡ଼ିଶା ପାଇକ ମହାସଂଘର ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦିଲ୍ଲିପ ଶ୍ରୀଚନ୍ଦନ, ପୁସ୍ତକର ରଚୟତା କେଦାରନାଥ ଦାସ, ବିଶିଷ୍ଟ ଐତିହାସିକ ସତ୍ୟବାଦୀ ବଳିଆରସିଂ, ସର୍ଦ୍ଦାର ମହାପାତ୍ର ଦକ୍ଷିଣ କବାଟ ରବୀନ୍ଦ୍ର ନାଥ ଦାସ, ନିଖିଳ ଓଡ଼ିଶା ପାଇକ ମହାସଂଘ ଉପଦେଷ୍ଟା ଶଶାଙ୍କ ଶେଖର ଚୁଡାମଣୀ, ସାଧାରଣ ସମ୍ପାଦକ ଡ.ଗାୟନ ସାମଲ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ପାଇକ ଗୁରୁ ଓ ସାମ୍ବାଦିକମାନଙ୍କୁ ସମ୍ମାନିତ କରାଯାଇଥିଲା।

# ବାପାଙ୍କ ପୁସ୍ତକ ଉନ୍ମୋଚନ ଉତ୍ସବରେ ଚାଲିଗଲା ପୁଅର ଜୀବନ



ଅବସର ଥିଲା ବାପାଙ୍କ ପୁସ୍ତକ ଉନ୍ମୋଚନ ଉତ୍ସବ। କାର୍ଯ୍ୟକ୍ରମ ଆରମ୍ଭରୁ ମନ୍ତ୍ରୀ ବିଧାୟକ ଆସି ପହଞ୍ଚିବା ପରେ ଆରମ୍ଭ ହେଲା ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ। ବାପାଙ୍କ ଦ୍ୱାରା ଲିଖିତ ପୁସ୍ତକ ଉନ୍ମୋଚନ ଉତ୍ସବରେ ମନପ୍ରାଣ ଦେଇ ଅତିଥିଙ୍କୁ ସତ୍କାର କରିବାଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ ପୁଅ। ଉଦ୍ୟମରେ ସଫଳତାର ସହ ଉତ୍ସବ ଶେଷ ହେଲା। ସମସ୍ତେ ନିଜ ନିଜ ଘରକୁ ଫେରିଗଲେ। ଆୟୋଜକମାନେ ଫେରିବା ବେଳକୁ ପୁସ୍ତକର ଲେଖକ କେଦାରନାଥ ଦାସ ଏବଂ ତାଙ୍କ ପୁଅ ସମରଜିତ (୪୨) ଗାଡ଼ିରେ ବସି ଫେରିବାକୁ ବାହାରିଥିଲେ। ହଠାତ୍ ସମରଜିତ୍ ଛାତିରେ ଯନ୍ତ୍ରଣା ଅନୁଭବ କଲେ। ତାଙ୍କୁ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କଲେ। ଏଭଳି ଏକ ଦୁଃଖଦ ଏବଂ ହୃଦୟବିଦାରକ ଘଟଣା ଘଟିଛି ଭୁବନେଶ୍ୱର ବୁଦ୍ଧ ମନ୍ଦିର ପରିସରରେ। ନିଖିଳ ଉତ୍କଳ ପାଇକ ମହାସଂଘ ପକ୍ଷରୁ ପାଇକ ଗୁରୁ ତଥା ସମରକଳା ବିଶାରଦ କେଦାରନାଥ ଦାସଙ୍କ ଲିଖିତ ପୁସ୍ତକ 'ପାଇକ ଆଖଡ଼ା' ଉନ୍ମୋଚନ ହେଉଥିଲା। ଏହି ଅବସରରେ ଲେଖକଙ୍କ ପୁଅଙ୍କ ବିୟୋଗ ଅନେକଙ୍କୁ ମର୍ମାହତ କରିଛି। ସମରଜିତ୍‌ଙ୍କ ଘର ଖୋର୍ଦ୍ଧା ଜିଲ୍ଲା କୁହୁଡ଼ି ଅଞ୍ଚଳରେ। ପୁସ୍ତକ ଉନ୍ମୋଚନ ଉତ୍ସବ ପାଇଁ ସେ ଭୁବନେଶ୍ୱର ଆସିଥିଲେ।

# ହୋଇପାରୁନି ଦିବ୍ୟାଙ୍ଗ ପ୍ରମାଣପତ୍ର; ମିଳିପାରୁନି ଭତ୍ତା



ଭୁବନେଶ୍ୱର, ୫।୯(ସମିସ): ସକ୍ଷମ ଥିଲେ, କାମ ମଧ୍ୟ ସବୁ ନିଜର କରିପାରୁଥିଲେ। ଦି ପଇସା ଘରକୁ ଆସିଲେ ହସଖୁସିରେ ପରିବାର ଚଳୁଥିଲା। ହେଲେ ବୁବୁଲ ନାୟକଙ୍କ ଜୀବନରେ ହଠାତ ସବୁକିଛି ବଦଳିଗଲା। ସମୟର ବିଡ଼ମ୍ବନା ଯେ ଗୋଟେ ପାର୍ଶ୍ୱ ଅଧା ହାତ ତାଙ୍କୁ ହରେଇବାକୁ ପଡ଼ିଲା। ପରିବାରରେ ଦୁଃଖର ପାହାଡ ଯେପରି ହଠାତ୍ ଲଦି ହୋଇଗଲା। ଏପରିସ୍ଥଳେ ସହାୟତା ପାଇଁ ତାଙ୍କର ଦିବ୍ୟାଙ୍ଗ ପ୍ରମାଣପତ୍ର ହୋଇପାରୁ ନ ଥିବାରୁ ତାଙ୍କୁ ସହାୟତା ମିଳିପାରୁ ନାହିଁ।

ୟୁନିଟ-୧ରେ ରହୁଛନ୍ତି ୩୨ ବର୍ଷୀୟ ବୁବୁଲଙ୍କ ପରିବାରରେ ସ୍ତ୍ରୀ ଏବଂ ବାପା ଅଛନ୍ତି। ସେ ବିଭିନ୍ନ ସ୍ଥାନରେ ଏବଂ ଘରୋଇ ଅଫିସ୍ ଗୁଡିକରେ ପାର୍ଟ ଟାଇମ କରି ପରିବାର ଚଳାଉଥିଲେ। ହେଲେ ୨୦୨୦ ମସିହାରେ ସଂକ୍ରମଣଜନିତ କାରଣ ପାଇଁ ତାଙ୍କ ବାମ ପଟ ହାତର ପାପୁଲିକୁ ଅପରେସନ କରି କାଟିବାକୁ ପଡ଼ିଲା। ସେ ଧାର କରଜ କରି ଏବଂ ଘରର ସୁନା ବନ୍ଧା ପକାଇ ଆଣିଥିବା ଟଙ୍କାରେ ଅପରେସନ କରାଇଲେ। ଆଉ ସେବେଠାରୁ ସେହି ହାତରେ କିଛି କରିବାକୁ ସେ ସକ୍ଷମ ହୋଇ ପାରିଲେ ନାହିଁ। ଫଳରେ ସେ କାମକୁ ମଧ୍ୟ ଯାଇ ପାରିଲେ ନାହିଁ। ଘର ଚଳେଇବାରେ ସମସ୍ୟା ହେବାରୁ ତାଙ୍କ ସ୍ତ୍ରୀ ମଧ୍ୟ ବିଭିନ୍ନ ଘରେ ଯାଇ କାମ କରୁଛନ୍ତି ଏବଂ ତାଙ୍କ ବାପା ମଧ୍ୟ କାମ କରୁଛନ୍ତି। ତେବେ ଯାଇ ଘରୁକୁ ଦି ପଇସା ଆସି ପାରୁଛି ବୋଲି ସେ କୁହନ୍ତି। ହେଲେ ୨୦୨୦ ମସିହା ପରଠାରୁ ଦିବ୍ୟାଙ୍ଗ ଭତ୍ତାରେ ସେ ସାମିଲ ହୋଇ ପାରି ନାହାନ୍ତି। ଅନେକଥର ଚେଷ୍ଟା କରିବା ସତ୍ତ୍ୱେ ତାଙ୍କୁ ଦିବ୍ୟାଙ୍ଗ ସାର୍ଟିଫିକେଟ ମିଳିନଥିବାରୁ ତାଙ୍କୁ ଏଯାଏଁ ଭତ୍ତା ବି ମିଳିପାରୁନି ବୋଲି ଦୁଃଖର ସହ ପ୍ରକାଶ କରିଥିଲେ। କାମ କରି ପାରୁନଥିବାବେଳେ ଭତ୍ତା ଟିଏ ହୋଇଗଲେ ପରିବାରକୁ କିଛି ସହାୟତା ମିଳି ପାରନ୍ତା ବୋଲି ତାଙ୍କ ପାଖରୁ ଶୁଣିବାକୁ ମିଳିଥିଲା। ସେ ଆହୁରି ମଧ୍ୟ କୁହନ୍ତି, ଅନ୍ୟକିଛି କାମ କରିବାକୁ ସେ ସକ୍ଷମ ନ ହେଉଥିବା ବେଳେ ଦିବ୍ୟାଙ୍ଗ ପ୍ରମାଣପତ୍ରଟେ ହେଲେ ସରକାରୀ ଯୋଜନାରେ ସହାୟତା ମିଳିଲେ ଗୋଟେ ଛୋଟିଏ ଦୋକାନ ଖୋଲି ବସିପାରନ୍ତେ ବୋଲି କହିଥିଲେ। ଦିବ୍ୟାଙ୍ଗମାନଙ୍କ ପାଇଁ ଏତେତ ସୁବିଧା ଥାଇ ମଧ୍ୟ ଏଯାଏଁ ତାଙ୍କର ଦିବ୍ୟାଙ୍ଗ ପ୍ରମାଣପତ୍ର ଟିଏ ହୋଇପାରୁନି। ତେଣୁ ସେ ସରକାରଙ୍କଠୁ କିଛି ସହାୟତା ପାଇଁ ନିବେଦନ କରିଛନ୍ତି।

# ଗୁରୁ ଦିବସରେ ଜୟଦେବ ଶିକ୍ଷକ ସମ୍ମାନ ପ୍ରଦାନ



ବାଲିଅନ୍ତା, ୫।୯(ସମିସ): ଆଜି ଓଡ଼ିଶାର ଅଗ୍ରଣୀ ଖବରକାଗଜ ଶାନ୍ତିସ୍ତୂପ ଏବଂ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନିର୍ମାଣ ଏଜୁକେସନାଲ ଟ୍ରଷ୍ଟ, ଉତ୍କଳ ଜୟଦେବ ଫାଉଣ୍ଡେସନ, ଗ୍ରୀନ ଜୟଦେବ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ବାଲକାଟି ଠାରେ ଥିବା ନିର୍ମାଣ କଲେଜ ଅଡିଟୋରିୟମ୍ ଜୟଦେବ ଶିକ୍ଷକ ସମ୍ମାନ-୨୦୨୫ ଅନୁଷ୍ଠିତ ହୋଇ ଯାଇଛି। ଶାନ୍ତିସ୍ତୂପ ଖବରକାଗଜର ସମ୍ପାଦକ ରଞ୍ଜନ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ନବରତ୍ନ କମ୍ପାନୀ ନାଲକୋର ବରିଷ୍ଠ ପ୍ରଶାସନିକ ଅଧିକାରୀ ଆଶୁତୋଷ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମାଜସେବୀ ସୁଚିସ୍ମିତା ପୃଷ୍ଟି, ଶିକ୍ଷାବିତ୍ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷକ ନାରାୟଣ ବେହେରା, ସମାଜସେବୀ ବ୍ରହ୍ମାନନ୍ଦ ସ୍ୱାଇଁ, ନିର୍ମାଣ ଏଜୁକେଶନଲ ଟ୍ରଷ୍ଟର ଅଧ୍ୟକ୍ଷ ସିଦ୍ଧେଶ୍ୱର ମହାନ୍ତି, ଉତ୍କଳ ଜୟଦେବ ଫାଉଣ୍ଡେଡସନର ଅଧ୍ୟକ୍ଷ ପ୍ରଦିପ୍ତ ମହାନ୍ତି, ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ ଯୋଗ ଦେଇଥିଲେ। ଅଞ୍ଚଳର ୧୦ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଜୟଦେବ ଶିକ୍ଷକ ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା। ଗୋପାଳ ବେହେରା, ତପନ କୁମାର ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ।

## ଏବେ ବି ବଞ୍ଚିଛି ମାନବିକତା

# ଅସହାୟ ପଶୁପକ୍ଷୀଙ୍କ ସାହାରା ପାଲଟୁଛନ୍ତି ଯୁବପିଢ଼ି

ଭୁବନେଶ୍ୱର, ୫।୯(ସମିସ): ରାସ୍ତାରେ ଯିବା ସମୟରେ ଅନେକ ବୁଲା ଗାଇ ଗୋରୁ, କୁକୁର, ବିଲେଇ, ମୂଷା, ଠେକୁଆ ସହିତ ବିଭିନ୍ନ ପକ୍ଷୀମାନେ ଆଦି ଖଣ୍ଡିଆ ଖାବରା ହୋଇ ପଡ଼ିଥିବାର ଦେଖନ୍ତି। ନ ହେଲେ ମରିପଡ଼ିଥିବାର ଦେଖିବାକୁ ମିଳିଥାଏ। ଏହିମାନଙ୍କୁ ଦେଖି ଆମେ ମୁହଁ ବୁଲାଇ ଦେଇ ଚାଲିଯାଇଥାଉ। କେହି ବି ଆହା ପଦେ କୁହନ୍ତି ନାହିଁ। ଯାହାଦ୍ୱାରା ପଶୁପକ୍ଷୀମାନେ କଷ୍ଟ ପାଆନ୍ତି ନ ହେଲେ ସେହି ରାସ୍ତାରେ ଛଟପଟ ହୋଇ ମରିଯାଆନ୍ତି। ହେଲେ ଆଜିର ଦିନରେ ସମୟ ବଦଳିଛି। ଲୋକଙ୍କ ମନ ବି ପରିବର୍ତ୍ତନ ହୋଇଛି। ଯେଉଁଠି ପଶୁପକ୍ଷୀମାନେ ଅସହାୟ ଅବସ୍ଥାରେ ରହୁଛନ୍ତି କି ପଡୁଛନ୍ତି ସାଙ୍ଗେ ସାଙ୍ଗେ ଯୁବପିଢ଼ି ହୁଅନ୍ତୁ କିମ୍ବା ସହୃଦୟ ବ୍ୟକ୍ତି ସଙ୍ଗେ ସଙ୍ଗେ ଉଦ୍ଧାର କରୁଛନ୍ତି। ଏଥିସହିତ ଅନେକ ଲୋକ ମଧ୍ୟ ରହିଛନ୍ତି ଯେଉଁମାନେ ଖରା ହେଉ କି ବର୍ଷା ହେଉ ପଶୁପକ୍ଷୀଙ୍କ ପାଇଁ ପାଣି, ଖାଦ୍ୟ ଆଦି ବ୍ୟବସ୍ଥା କରୁଛନ୍ତି। ଏଥିସହିତ ନିଜ ହାତରୁ ପଇସା ଦେଇ ଏହି ଅସହାୟ ପଶୁପକ୍ଷୀଙ୍କ ପାଇଁ ସେଲଟର ହୋମ ସହିତ ଔଷଧର ମଧ୍ୟ ବ୍ୟବସ୍ଥା କରୁଛନ୍ତି।



ରାଜଧାନୀର ଅନେକ ଗଳିକନ୍ଦି ସମେତ ଜାତୀୟ ରାଜପଥରେ ଅନେକ ଅସହାୟ ପଶୁପକ୍ଷୀ ଅସହାୟ ଅବସ୍ଥାରେ ରହିଥାନ୍ତି। ବର୍ଷା, ଖରା, ଶୀତରେ ଏହି ପଶୁପକ୍ଷୀମାନଙ୍କୁ କେହିବି ସହାୟତା କରନ୍ତି ନାହିଁ। ଏଣୁ ପିପୁଲ ଫର୍ ଆନିମଲ, ଆନିମଲ ୱେଲଫେୟାର ସେଣ୍ଟର, ୱେଲ୍‌ନେସ ଅଫ୍, ଡ଼େଷ୍ଟିଚ୍ୟୁଟ୍ ପରି ବିଭିନ୍ନ ସଂଗଠନ ମାନ ଅସହାୟ ପଶୁପକ୍ଷୀଙ୍କୁ ସହାୟତା ହେଉଛନ୍ତି। ଏହି ସଂଗଠନ ମାନଙ୍କରେ ୩ ଶହରୁ ଅଧିକ ଅସହାୟ ପଶୁପକ୍ଷୀଙ୍କୁ ଉଦ୍ଧାର କରି ରଖାଯାଇଛି। ବିଶେଷକରି ଯେଉଁ ପଶୁମାନଙ୍କର ହାତ ଗୋଡ଼ ଖଣ୍ଡିଆ ହେବା ସହିତ ବିଭିନ୍ନ ରୋଗରେ ପୀଡ଼ିତ ହୋଇଛନ୍ତି ଏହି ପଶୁପକ୍ଷୀମାନଙ୍କୁ ସଂଗଠନ ପକ୍ଷରୁ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ। ଏଥିସହିତ ସଂଗଠନର ସଦସ୍ୟମାନେ ଏହି ପଶୁପକ୍ଷୀମାନଙ୍କ ପାଇଁ ବର୍ଷ ହେଉ କି ଖରା ସମୟରେ ରନ୍ଧାଖାଦ୍ୟର ବ୍ୟବସ୍ଥା କରିବା ସହିତ ବିଶେଷକରି ପଶୁମାନଙ୍କ ବେକରେ ଲାଇଟ୍ ବ୍ଲେଟ୍‌ର ବ୍ୟବସ୍ଥା କରିଥାନ୍ତି। ଯେଉଁଥିପାଇଁ ଅନେକ ପଶୁପକ୍ଷୀଙ୍କ ଜୀବନ ବଞ୍ଚିଯାଉଛି।

ମଣିଷମାନେ ଯେମିତି ସବୁ ଜିନିଷକୁ ଉପଲବ୍ଧି କରନ୍ତି ପଶୁପକ୍ଷୀମାନେ ମଧ୍ୟ ସବୁ ଜିନିଷକୁ ଉପଲବ୍ଧି କରନ୍ତି। ଲୋକମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଯୋଜନା କରାଯାଉଛି। ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉଛି କିନ୍ତୁ ଅସହାୟ ପଶୁପକ୍ଷୀଙ୍କ ପାଇଁ କିଛି ବି ବ୍ୟବସ୍ଥା କରାଯାଉନି। ମଣିଷଙ୍କ ଠାରୁ ପଶୁପକ୍ଷୀଙ୍କ ପାଇଁ ଅଧିକ ବ୍ୟବସ୍ଥା କରିବା କଥା ଯାହାଦ୍ୱାରା ସେମାନେ ଦରକାର ସମୟରେ ଆମ କାମରେ ଆସିପାରିବେ ବୋଲି ପିପୁଲ ଫର୍ ଆନିମଲର ସମ୍ପାଦକ ଜୀବନ ଜ୍ୟୋତି ଦାସ କହିଛନ୍ତି।



## ହନୁମାନ ମନ୍ଦିରରେ ଜଳସଂକଟ

ଖିଚିଂ, ୫।୯(ସମିସ): ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଐତିହାସିକ ଓ ଆଧାତ୍ମିକ ପୀଠ ଖିଚିଂଠାରୁ ମାତ୍ର ୩ କିମି ଦୂରରେ ରହିଛି ଶିଳ୍ପୀଗ୍ରାମ କେଶନା। ଆଜକୁ ପ୍ରାୟ ପାଞ୍ଚ ବର୍ଷ ପୂର୍ବେ ବଜରଙ୍ଗ କମିଟି ଓ ଗ୍ରାମବାସୀଙ୍କ ସହାୟତାରେ ଗ୍ରାମ ଛକର ଅନତି ଦୂରରେ ନିର୍ମିତ ହୋଇଛି ସଙ୍କଟମୋଚନ ହନୁମାନଙ୍କ ଭବ୍ୟ ମନ୍ଦିର। ସେହିଦିନଠାରୁ ପ୍ରତ୍ୟହ ଶ୍ରୀ ହନୁମାନଙ୍କ ପୂଜାର୍ଚ୍ଚନା ସହିତ ବିଭିନ୍ନ ସମୟରେ ହେଉଥିବା ପାର୍ବଣ ଓ ମହୋତ୍ସବ ପାଳିତ ହୋଇଆସୁଛି; କିନ୍ତୁ ମନ୍ଦିର ପରିସରରେ ନଳକୂପ ନ ଥିବାରୁ ପୂଜକ ଏବଂ ଶ୍ରଦ୍ଧାଳୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବିଗ୍ରହଙ୍କୁ ସ୍ନାନ କରାଇବା ପାଇଁ ପୂଜକ ଅନେକ ଦୂରରୁ ସାଇକଲରେ ପାଣି ଆଣିବାକୁ ପଡୁଛି। ତେଣୁ ସରପଞ୍ଚ ତଥା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ କମିଟି ତରଫରୁ ରାଜେନ୍ଦ୍ର ମନ୍ତ୍ରୀ, ଅଜିତ ଘଡ଼ାଇ, ସମ୍ବିତ ଘଡ଼ାଇ, ଅଭୟ ବେହେରା, ରୁଦ୍ର ମନ୍ତ୍ରୀ, କେଦାର ବେହେରା, ସୌମ୍ୟ ମନ୍ତ୍ରୀ, ଯଶୋବନ୍ତ ଘଡ଼ାଇ, ଶତ୍ରୁଜିତ ଘଡ଼ାଇ ପ୍ରମୁଖ ଦାବି କରିଛନ୍ତି।

### ବେତନଟୀ ନୂଆ ବସ୍‌ଷ୍ଟାଣ୍ଡକୁ ପ୍ରବେଶ କରୁନି ସରକାରୀ ବସ୍

# ଅଣଓସାରିଆ ରାସ୍ତା ବାଧକ; ଯାତ୍ରୀ ହନ୍ତସନ୍ତ

ବେତନଟୀ, ୫।୯(ସମିସ): ବେତନଟୀସ୍ଥିତ ୧୮ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ନିର୍ମାଣ ହୋଇଛି ନୂତନ ସରକାରୀ ବସ୍‌ଷ୍ଟାଣ୍ଡ। ଏହା ଲୋକାର୍ପଣ ଉତ୍ସବ ହେବାର ୧୮ ମାସ ବିତିଯାଇଥିଲେ ହେଁ ଆଜିଯାଏ କେବଳ ଲକ୍ଷ୍ମୀବସ ପ୍ରବେଶ କରୁଛି; କିନ୍ତୁ ଅନ୍ୟ କୌଣସି ସରକାରୀ ପ୍ରବେଶ କରୁନାହିଁ। ଅଣ ଓସାରିଆ ଆପ୍ରଚ ରୋଡ଼ ପାଇଁ ବସଗୁଡିକ ପ୍ରବେଶ ଓ ବାହାରିବା ସମସ୍ୟା ହେଉଛି। ଫଳରେ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି କୌଣସି ଘରୋଇ ବସ୍ ମଧ୍ୟ ପ୍ରବେଶ କରୁନାହିଁ। ରାଜ୍ୟ ପରିବହନ ନିଗମର ୩ଟି ସରକାରୀ ବସ୍ ବେତନଟୀ ରାସ୍ତା ଦେଇ ପୁରୀ, ଭୁବନେଶ୍ୱର, ରାଉରକେଲାକୁ ଯାତାୟାତ କରୁଛି; କିନ୍ତୁ ବେତନଟୀ ନୂଆ ବସଷ୍ଟାଣ୍ଡକୁ ପ୍ରବେଶ କରୁନାହିଁ। ଏ ନେଇ ଯାତ୍ରୀଙ୍କ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି। ଦୀର୍ଘ ୫୦ବର୍ଷରୁ ଉର୍ଦ୍ଧ୍ୱ ହେଲା ବେତନଟୀ ଠାରେ ଅସ୍ଥାୟୀ ବସଷ୍ଟାଣ୍ଡ ଚାଲୁଥିଲା। ତେବେ ଦୀର୍ଘଦିନର ଦାବି ପରେ ନୂତନ ସରକାରୀ ବସଷ୍ଟାଣ୍ଡ ନିର୍ମାଣ ହେଲା। ଜାତୀୟ




ରାଜପଥ ପାର୍ଶ୍ୱରେ ଥିବା ବଙ୍ଗଳାଛକ ନିକଟରେ ୨୦୨୩ ମସିହାରେ ଲୋକାର୍ପଣ କରାଯାଇଛି। ଯାତ୍ରୀଙ୍କୁ ପୂର୍ବ ଭଳି ୧୮ ନମ୍ବର ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ଖରାବର୍ଷାରେ ଠିଆ ହେବାକୁ ପଡୁଛି। ଯାତ୍ରୀମାନଙ୍କ ପାଇଁ ବିଶ୍ରାମଗୃହ, ଶୌଚାଳୟ, ପାନୀୟଜଳ ସୁବିଧାରୁ ଯାତ୍ରୀ ବଞ୍ଚିତ ହେଉଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ମୟୂରଭଞ୍ଜ ଜିଲ୍ଲାର ସମଗ୍ର ଅଞ୍ଚଳକୁ ବସ ଯାଉଥିବା ବେଳେ ବାଲେଶ୍ୱର, ଭୁବନେଶ୍ୱର, ପୁରୀ, ରାଉରକେଲା, କେନ୍ଦୁଝର ଝାରସୁଗୁଡା, ସମ୍ବଲପୁର ଏବଂ ଅନୁଗୁଳ ଆଦି ସ୍ଥାନକୁ ଯିବା ଆସିବା ପାଇଁ ଯାତ୍ରୀମାନେ ପ୍ରତିଦିନ ରାତି ୩ ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି। ଏହିସବୁ ବସଗୁଡିକ ଜାତୀୟ ରାଜପଥର ଅଣଓସାରିଆ ସଂଯୋଗୀ ରାସ୍ତାରେ ରହୁଥିବାରୁ ଟ୍ରାଫିକ ସମସ୍ୟାରେ ବାଧା ସୃଷ୍ଟି ହେଉଛି। ଏ ନେଇ ମୟୂରଭଞ୍ଜ ବସ ସିଣ୍ଡିକେଟର ସଦସ୍ୟ ପ୍ରକାଶ କୁମାର ବେହେରାଙ୍କୁ ପଚାରିବାରୁ ୧୮ ନମ୍ବର ଜାତୀୟ ରାଜପଥର ବେତନଟୀ ଥାନା ଛକ ଗୋଲାପୋଲଠାରୁ ନୂତନ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଗୋଟିଏ ପଥରେ ବସ ପ୍ରବେଶ ଓ ଅନ୍ୟ ପଥରେ ବସ ବାହାରିବା ପାଇଁ ଆପ୍ରଚ ରୋଡ଼ ନିର୍ମାଣ ହେଲେ ଏହି ପ୍ରତିବନ୍ଧକ ଦୂର ହୋଇପାରିବ। ବସଷ୍ଟାଣ୍ଡ ନିର୍ମାଣ ପୂର୍ବରୁ ଏହି ଆପ୍ରୋଚରୋଡ଼ ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ଥିଲା। ଆପ୍ରୋଚ ରୋଡ଼ ହେବା ପାଇଁ ଯଥେଷ୍ଟ ସରକାରୀ ଜାଗା ରହିଛି ବୋଲି ସେ କହିଛନ୍ତି।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ମୋରଡ଼ା, ୫।୯(ସମିସ): ଚିତ୍ରଡା ଜବାହାର ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ବୁଧବାର ଉଦଯାପିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମିନାକ୍ଷୀ ନନ୍ଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡାଅଧିକାରୀ ସୁଭାଶିଷ ନାୟକ, ମୁଖ୍ୟବକ୍ତା ଭାବେ ମୋରଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ପାଣିଗ୍ରାହୀ, କ୍ରୀଡା ଶିକ୍ଷକ ଶୋଭାକାର ମହାନ୍ତ ଏବଂ ନୋଡାଲ କ୍ରୀଡା ଶିକ୍ଷକ ସୁନୀଲ କୁମାର ମହାନ୍ତ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କବାଡି, ଖୋ-ଖୋ, ଏବଂ ଫୁଟବଲ ଖେଳରେ ୬୧ଜଣ ଛାତ୍ରଛାତ୍ରୀ ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ଶିକ୍ଷକ ଅରୁଣ କୁମାର ଦେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟକର୍ମୀଙ୍କ ଘରୁ ଟଙ୍କା, ଅଳଙ୍କାର ଚୋରି

କୁଆମରା, ୫।୯(ସମିସ): ଖୁଣ୍ଟା ଥାନା କୁଆମରା ଗ୍ରାମର ସ୍ୱାସ୍ଥ୍ୟ କର୍ମୀ ସଞ୍ଜିବ କୁମାର ଜେନାଙ୍କ ଘରେ ଦୁର୍ବୃତ୍ତମାନେ ତାଲା କାଟି ଅଳଙ୍କାର ଓ କିଛି ନଗଦ ଅର୍ଥ ଚୋରି କରି ନେଇଥିବା କୁଆମରା ଫାଣ୍ଡିରେ ଅଭିଯୋଗ ହୋଇଛି। ଶ୍ରୀ ଜେନା ତାଙ୍କ ପରିବାର ସହ ମା'ଙ୍କୁ ନେଇ ୧୯ ତାରିଖରେ ବାରିପଦା ଏବଂ ପରେ ଭୁବନେଶ୍ୱର ଯାଇଥିଲେ। ଗତକାଲି ରାତିରେ ଫେରିବା ପରେ ଘରେ ତାଲା କାଟି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। କୁଆମରା ଫାଣ୍ଡି ଅଧିକାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।



## ୩ ବର୍ଷ ପରେ ବି ନିର୍ମାଣ ସରୁନି ଓଭରହେଡ୍ ଟାଙ୍କି

ବେତନଟୀ, ୫।୯(ସମିସ): ବେତନଟୀ ବ୍ଲକ ଆମ୍ବଗଡ଼ିଆ ଗ୍ରାମ ପଞ୍ଚାୟତର ପୁରୁଣା ପାଣି ଗ୍ରାମରେ ୩ ବର୍ଷ ଧରି ଚାଲିଥିବା ଏକ ଓଭରହେଡ୍ ପାଣିଟାଙ୍କିର ନିର୍ମାଣ ଶେଷ ହେଉନାହିଁ। ଫଳରେ ଲୋକେ ପାଣି ପାଇଁ ନାନା ହନ୍ତସନ୍ତ ହେଉଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ପ୍ରାୟ ୩ ବର୍ଷ ହେବ ବସୁଧା ଯୋଜନାରେ ଏକ ଓଭରହେଡ୍ ପାଣି ଟାଙ୍କିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ଏପର୍ଯ୍ୟନ୍ତ ଏହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ଗାଁରେ ପାଣି ପାଇଁ ଲୋକମାନେ ବହୁତ୍ ହଇରାଣ ହରକତ ହେଉଛନ୍ତି। ଗାଁରେ କେବଳ ଗୋଟିଏ ସୌର ଚାଳିତ ନଳକୂପ ରହିଛି; ଯାହା ଚାହିଦା ପୂରଣ କରିପାରୁନାହିଁ। ଦୀର୍ଘ ୩ ବର୍ଷ ହେଲା ପ୍ରକଳ୍ପ ଆରମ୍ଭ ହୋଇଥିଲେ ମଧ୍ୟ କାହାର ଅବହେଳା ଯୋଗୁଁ ଟାଙ୍କି ନିର୍ମାଣ ସରୁନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଗାଁରେ ଆଦିବାସୀ ହରିଜନ ଲୋକ ବସବାସ କରୁଥିବାରୁ ପାଣି ପାଇଁ ବହୁ ହଇରାଣ ହରକତ ହେଉଛନ୍ତି। ଏହି ସମସ୍ୟା ସମ୍ପର୍କରେ ପଞ୍ଚାୟତ ପ୍ରତିନିଧିମାନେ କୌଣସି ଉତ୍ତର ରଖିବାକୁ ମନା କରୁଛନ୍ତି। ବିଭାଗୀୟ ଅଧିକାରୀ କହିଛନ୍ତି ଯେ ନିର୍ମାଣ କାର୍ଯ୍ୟରେ ମିସ୍ତ୍ରି ଏବଂ ଶ୍ରମିକ ଅଭାବ ଏବଂ କାର୍ଯ୍ୟକର୍ତ୍ତାଙ୍କ ଅସତର୍କତା ଯୋଗୁଁ ପ୍ରକଳ୍ପ ବିଳମ୍ବିତ ହୋଇଛି। କିନ୍ତୁ ଗ୍ରାମବାସୀ ସରକାରଙ୍କୁ ତୁରନ୍ତ ହସ୍ତକ୍ଷେପ କରି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ସହ ଅତିରିକ୍ତ ପାଣି ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

## ୧୮ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବହଳଦା, ୫।୯(ସମିସ): ବହଳଦା ବ୍ଲକ ଅନ୍ତର୍ଗତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ସେପ୍ଟେମ୍ବର ୨୦୨୪ରୁ ଜୁଲାଇ ୨୦୨୫ ମଧ୍ୟରେ ଅବସର ନେଇଥିବା ୧୮ ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବହଳଦା



ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭଶ୍ରୀ ସିଂହ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ (କୁଳିଅଣା) ଶ୍ୟାମାଶଙ୍କର ତ୍ରୀପାଠି ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବହଳଦା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯଥା ଦେବେନ୍ଦ୍ରନାଥ ସାହୁ ଏବଂ ସୁଜାତା କର ମହାପାତ୍ର ଉପସ୍ଥିତ ଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀ ଗୋଓ୍ୱାଲା (ତିଖିଆ ୟୁପି ସ୍କୁଲ), ମାଇନୋ ମାର୍ଣ୍ଡି (ମଝିଗାଁ, ୟୁପି ସ୍କୁଲ), ରାମଚରଣ ମୁର୍ମୁ (ସୁରୁଦା, ୟୁପି ସ୍କୁଲ), ଶ୍ୟାମସୁନ୍ଦର ମାର୍ଣ୍ଡି (ମଝିଗାଁ, ୟୁପି ସ୍କୁଲ), ରାସବିହାରୀ ମହାନ୍ତ (କେନ୍ଦୁଆ, ୟୁପି ସ୍କୁଲ), ସମେଶ୍ୱରୀ କାରୁଆ (କାଙ୍କି, ୟୁପି ସ୍କୁଲ), କୃପାସିନ୍ଧୁ ପାତ୍ର (ୟୁପି ସ୍କୁଲ, ସୋନାପୋଷି), ବନମାଳୀ ମହାନ୍ତ (ପ୍ରାଥମିକ ବିଦ୍ୟାଳୟ, ବୁରୁପଳସା), ଦୀନବନ୍ଧୁ ସାହୁ (ପ୍ରାଥମିକ ବିଦ୍ୟାଳୟ, ନିମଡିହି), ବିନୋଦିନୀ ମହାନ୍ତ (ପ୍ରାଥମିକ ବିଦ୍ୟାଳୟ, ବାଗଡ଼େଗା), ନକୁଳଚନ୍ଦ୍ର ମହାନ୍ତ (ପ୍ରାଥମିକ ବିଦ୍ୟାଳୟ, ବିକ୍ରମପୁର), କୌଶଲ୍ୟା ମୁଣ୍ଡାରୀ (ପ୍ରାଥମିକ ବିଦ୍ୟାଳୟ, ସିଜୁକଳା), ନଳୀନ କୁମାର (ୟୁପି ସ୍କୁଲ, କାଙ୍କି), କନକଲତା ମାର୍ଣ୍ଡି (ପ୍ରାଥମିକ ସ୍କୁଲ, ସାପଘେରା), ଶରତଚନ୍ଦ୍ର ମହାନ୍ତ (ୟୁପି ସ୍କୁଲ, ବଡକେଡମ), ଦ୍ୱିଜଲାଲ ମହାନ୍ତ (ପ୍ରାଥମିକ ସ୍କୁଲ, ବାଗେଡ଼ିହି), ଜୁରିଲାଲ ମହାନ୍ତ (ୟୁପି ସ୍କୁଲ, କାଦୁଆଣି) ଏବଂ ବୁଦ୍ଧେଶ୍ୱର ମହାନ୍ତ (ୟୁପି ସ୍କୁଲ, ତିଖିଆ)ଙ୍କୁ ମାନପତ୍ର, ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଶିବ ନନ୍ଦନ ମହାନ୍ତ, ସମ୍ପାଦକ ସଞ୍ଜୟ କୁମାର ମହାନ୍ତ ଏବଂ କୋଷାଧ୍ୟକ୍ଷ ଶାନ୍ତନୁ କୁମାର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପେନ୍ଦ୍ର ନାଥ ବାରିକ ଧନବାଦ ଅର୍ପଣ କରିଥିଲେ।

## 'ମାସା' ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



ରାଇରଙ୍ଗପୁର, ୫।୯(ସମିସ): ସାମାଜିକ ଅନୁଷ୍ଠାନ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଘ (ମାସା) ପକ୍ଷରୁ ବାମନଘାଟୀ ଉପଖଣ୍ଡ ଉପଜିଲ୍ଲାପାଳଙ୍କୁ ବିଭିନ୍ନ ସମସ୍ୟା ଦେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଇରଙ୍ଗପୁର କଲେଜରେ ପଢୁଥିବା ଛାତ୍ର ଓ ମାସା ସଂଗଠନର କର୍ମକର୍ତ୍ତା ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ। ରାଇରଙ୍ଗପୁର କଲେଜରେ ୟୁଜିସି ବଏଜ୍ ଛାତ୍ରାବାସରେ ଯୁକ୍ତ ଦୁଇ ଓ ଯୁକ୍ତ ତିନିର ସମସ୍ତ ବିଦ୍ୟାର୍ଥୀ ରହନ୍ତି। କଲେଜ ଅଧ୍ୟକ୍ଷଙ୍କ କହିବା ଅନୁସାରେ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ କ୍ରମେ ସେହି ୟୁଜିସି ଛାତ୍ରାବାସରେ ଏକ ଦକ୍ଷତା ବିକାଶ କେନ୍ଦ୍ର ଏକ ବର୍ଷ ପାଇଁ ପ୍ରତିଷ୍ଠା କରାଯିବ। ଯଦ୍ୱାରା ସେଠାରେ ରହୁଥିବା ଛାତ୍ରମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଗତବର୍ଷଠାରୁ ଛାତ୍ରଛାତ୍ରୀଙ୍କ ସିଟ୍ ସଂଖ୍ୟା ବୃଦ୍ଧି ହେଇଛି। ସେହି ଅନୁପାତରେ ଏ ଯାଏ ଛାତ୍ରାବାସରେ ସିଟ୍ ବୃଦ୍ଧି କରାଯାଇନାହିଁ। ଚଳିତ ବର୍ଷ ଛାତ୍ରାବାସରେ ଆଡମିଶନ ନିମନ୍ତେ କୌଣସି ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇନାହିଁ। ଏଣୁ ୟୁଜିସି ଛାତ୍ରାବାସରେ ହେବାକୁ ଥିବା ଦକ୍ଷତା ବିକାଶ କେନ୍ଦ୍ରକୁ ରଦ୍ଦ କରିବା ସହିତ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି କରିଛନ୍ତି। ବାମନଘାଟୀ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସଭାପତି ରାମ ମୁର୍ମୁ, ବାମନଘାଟୀ ଉପସଭାପତି ପିଥ ସୋରେନ, ଯୁକ୍ତ ତିନି ଛାତ୍ର ସୁନାରାମ ହେମ୍ବ୍ରମ, ରାମଦାସ ସୋରେନ ତଥା ମାସା ସଂଗଠନର ବହୁ ସଦସ୍ୟ ଉପସ୍ଥିତ ଥିଲେ।

**ଆଦିବାସୀ ସ୍ୱଶାସନ ବ୍ୟବସ୍ଥାରେ ସୁଧାର ପାଇଁ ଦାବିପତ୍ର**

## ବିକାଶ ଓ ସମାନତାକୁ ମାନନ୍ତି ନାହିଁ ମାଝୀ ପାର୍ଗାନା

ବାରିପଦା/ଖୁଣ୍ଟା, ୫।୯(ସମିସ): ଆଦିବାସୀ ସେଙ୍ଗେଲ ଅଭିଯାନ ସହ ଅଲ୍ ଇଣ୍ଡିଆ ମାଝୀ-ପାର୍ଗାନା ମାଡୱା ଖୁଣ୍ଟା ବ୍ଲକ କମିଟି ପକ୍ଷରୁ ବିଡିଓ ଏବଂ ଥାନା ଅଧିକାରୀ ଖୁଣ୍ଟାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଦିବାସୀ ସମାଜରେ ପ୍ରଚଳିତ ସ୍ୱ-ଶାସନ ବ୍ୟବସ୍ଥା, ବିଶେଷକରି ସାନ୍ତାଳ ସମାଜରେ ପ୍ରଚଳିତ ବ୍ୟବସ୍ଥା, ସ୍ୱ-ଶାସନ ଯାଗାରେ ସ୍ୱ-ଶୋଷଣର ପ୍ରତୀକ ପାଲଟିଛି। ଏହା ଏବେ ଗୁଣ୍ଡାଗିରି ଏବଂ ସ୍ୱେଚ୍ଛାଚାରିତାର ଏକଛତ୍ରବାଦୀ ରୂପ ନେଇଛି। ଆଦିବାସୀ ସ୍ୱଶାସନ ମାଝୀ-ପାର୍ଗନା ବ୍ୟବସ୍ଥାଟି ସମ୍ବିଧାନ ଏବଂ ଗଣତନ୍ତ୍ରର ବିରୋଧୀ। ଏହି ବ୍ୟବସ୍ଥାଟି ବଂଶବାଦୀ।ଏବଂ ମାଝୀ-ପାର୍ଗନାର ଅଧିକାଂଶ ଗ୍ରାମ ମୁଖ୍ୟମାନେ ନିରକ୍ଷର, ମଦ୍ୟପ ଏବଂ ଅଶିକ୍ଷିତ। ସେମାନେ ଦେଶ ଏବଂ ଦୁନିଆ ବିଷୟରେ ଅଜ୍ଞ। ସେମାନେ ଗାଁର ସମସ୍ତ ଲୋକଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ନାହିଁ। ଗଣତାନ୍ତ୍ରିକ ବ୍ୟବସ୍ଥାର ଅନୁପସ୍ଥିତିରେ ଗାଁରେ ଉପଲବ୍ଧ ଶିକ୍ଷିତ ଲୋକ ଏବଂ ମହିଳା ଅଂଶଗ୍ରହଣ କରିବାର ସୁଯୋଗ ପାଆନ୍ତି ନାହିଁ। ସାମାଜିକ ବହିଷ୍କାରର ଧମକ ଯୋଗୁଁ ବାକି ଲୋକମାନେ ଗୁଲାମୀର ଜୀବନଯାପନ କରିବାକୁ ବାଧ୍ୟ ହେଉଛନ୍ତି। ତେଣୁ ସମସ୍ତଙ୍କ ପାଇଁ ବିକାଶ ଏବଂ ସମାନତା ପାଇଁ ମାଝୀ-ପାର୍ଗାନା ବ୍ୟବସ୍ଥାକୁ ଅବିଳମ୍ବେ ଜନତାନ୍ତ୍ରିକୀକରଣ କରାଯିବା ପାଇଁ ଦାବି କରାଯାଇଛି। ମାଝୀ-ପାର୍ଗନା ବ୍ୟବସ୍ଥାର ମୁଖ୍ୟମାନେ ସମ୍ବିଧାନ, ଆଇନ ଏବଂ ମାନବାଧିକାରକୁ ମାନନ୍ତି ନାହିଁ। ଏହି ବ୍ୟବସ୍ଥାର ବାହକମାନେ ହିଁ ଅନ୍ଧବିଶ୍ୱାସ, ମଦ୍ୟପାନ, ଜରିମାନା, ସାମାଜିକ ବହିଷ୍କାର, ଡାହାଣୀ ହତ୍ୟା, ପ୍ରତାରଣା, ଭୋଟ କିଣାବିକା, ମହିଳା ବିରୋଧୀ ମାନସିକତା, ଈର୍ଷା, ଘୃଣା ଇତ୍ୟାଦିକୁ ଦୂର କରିବା ପରିବର୍ତ୍ତେ ସେମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଏହାକୁ ପ୍ରୋତ୍ସାହନ ଦେଉଛନ୍ତି। ତେବେ ଏହା ମର୍ଯ୍ୟାଦା ଏବଂ ସମାନତାର ସହିତ ବଞ୍ଚିବାର ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରିଚାଲିଛି। ତେଣୁ ପ୍ରତ୍ୟେକ ଆଦିବାସୀ ଗ୍ରାମର ନାଗରିକଙ୍କୁ ଏହି ଅପରାଧ ଏବଂ ହିଂସାରୁ ଅବିଳମ୍ବେ ମୁକ୍ତ କରାଯିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।



ତେଣୁ ଜିଲ୍ଲା ପୁଲିସ-ପ୍ରଶାସନ ଏହାକୁ ତୁରନ୍ତ ତଦନ୍ତ କରି ବନ୍ଦ କରିବା ଆବଶ୍ୟକ ବୋଲି ଆଦିବାସୀ ସେଙ୍ଗେଲ ଅଭିଯାନ ଦାବି କରିଛି। ଦାବିପତ୍ର ଦେବା ସମୟରେ କପ୍ତିପଦା ଉପଖଣ୍ଡ କମିଟିର ସେଙ୍ଗେଲ ପାର୍ଗାନା ଉଦୟନାଥ ହେମ୍ବ୍ରମଙ୍କ ନେତୃତ୍ୱରେ ନୀଳରତ୍ନ ରୁତମାର୍ଣ୍ଡି, ରାମଚନ୍ଦ୍ର ହେମ୍ବ୍ରମ, ବୁଧୁରାମ ଟୁଡୁ, ସୁଦର୍ଶନ ମାର୍ଣ୍ଡି, ରାମଚନ୍ଦ୍ର ସୋରେନ, ଧାନ ମୁର୍ମୁ, ଦ୍ରୌପଦୀ ସୋରେନ, କୁଇଲୁ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

## ଝାଡଗାଁ-ମହୁଲତାଣ୍ଡି ରାସ୍ତା ଶୋଚନୀୟ



ବହଳଦା, ୫।୯ (ସମିସ): ବହଳଦା ବ୍ଲକ ଅନ୍ତର୍ଗତ କାଙ୍କି ଗ୍ରାମପଞ୍ଚାୟତ ଝାଡଗାଁ ଗ୍ରାମର ପଡ଼ାଗ୍ରାମ ମହୁଲତାଣ୍ଡି ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ଗ୍ରାମବାସୀ ଓ ସ୍କୁଲ ଛାତ୍ରଛାତ୍ରୀ ଯାତାୟାତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସାହିରେ ପାଖାପାଖି ୪୫ ପରିବାର ବସବାସ କରୁଥିବା ବେଳେ ଝାଡଗାଁ ପର୍ଯ୍ୟନ୍ତ ପାଖାପାଖି ଦେଢ କିମି କଚ୍ଚା ରାସ୍ତା ବିପର୍ଯ୍ୟସ୍ତ ହୋଇଛି। ବର୍ଷା ଋତୁରେ ରାସ୍ତା କାଦୁଅ ପଚପଚ ହୋଇଯାଇଛି। ଜରୁରୀ କାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ମଧ୍ୟ ଗାଁକୁ ପଶିପାରେ ନାହିଁ। ତେଣୁ ପକ୍କା ରାସ୍ତା ନିର୍ମାଣ କରାଯିବାକୁ ସାଧାରଣରେ ଦାବି ହେଉଛି।

## ମହିଳା କଲେଜରେ ସ୍ୱେଚ୍ଛାସେବୀଙ୍କ ପରିଚୟ କାର୍ଯ୍ୟକ୍ରମ




ବାରିପଦା, ୫।୯(ସମିସ): ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ନୂତନ ଭାବେ ଯୋଗଦେଇଥିବା ସ୍ୱେଚ୍ଛାସେବୀଙ୍କ ଉଦ୍ଦେଶ୍ୟରେ ଏକ ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ଅଧିକାରିଣୀ ଯମୁନା ମାଝୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ଅଧ୍ୟକ୍ଷା ଡ. ସାଗରିକା ସିଂହ ସ୍ୱେଚ୍ଛାସେବୀଙ୍କୁ ସ୍ୱାଗତ କରିବା ସହିତ ମାନସିକ ତଥା ଶାରୀରିକ ବିକାଶ କିପରି ହୋଇଥାଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥିରୂପେ ମୟୂରଭଞ୍ଜ ଜିଲ୍ଲାର ଜାତୀୟ ସେବା ଯୋଜନାର ଜିଲ୍ଲା ସଂଯୋଜକ ଡ. ଅନାମ ଚରଣ ରାଉଳ ସ୍ୱେଚ୍ଛାସେବୀମାନେ କିପରି ନିଜର ଦକ୍ଷତା ଜାତୀୟ ସ୍ତରରେ ପ୍ରତିଷ୍ଠା କରିପାରିବେ ସେ ନେଇ ବୁଝାଇଥିଲେ। ଶେଷରେ ସ୍ୱେଚ୍ଛାସେବୀ ଦେବସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## 'ନିଷ୍ଠା, ସମତା ଓ ଅନ୍ତର୍ନିବେଶୀ ଶିକ୍ଷା' ତାଲିମ ଶିବିର

ବାରିପଦା, ୫।୯(ସମିସ): ବାରିପଦା ଏମକେସି ଉଚ୍ଚ ବିଦ୍ୟାଳୟ ପରିସରରେ ୫ ଦିନିଆ ବ୍ଲକସ୍ତରୀୟ 'ନିଷ୍ଠା, ସମତା ଓ ଅନ୍ତର୍ନିବେଶୀ ଶିକ୍ଷା' ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବାରିପଦା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ ଉଦଘାଟନ କରିଥିବାବେଳେ ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକଙ୍କ ଦ୍ୱାରା ଉଦଯାପିତ ହୋଇଥିଲା। ଶିବିରରେ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରସ୍ତୁତ ମୋଡ୍ୟୁଲ ଅନୁସାରେ ବଞ୍ଚିତ ବର୍ଗ/ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ଲାଗି ଭାରତୀୟ ସମ୍ବିଧାନ ଅନୁସାରେ ପ୍ରଣିତ ବିଭିନ୍ନ ନୀତିନିୟମ, ସମସ୍ତ ବର୍ଗର ଶିକ୍ଷାର୍ଥୀଙ୍କ ଲାଗି ଉପଯୁକ୍ତ ଭାବେ ପ୍ରଯୁଜ୍ୟ ହେଉଥିବା ବିଭିନ୍ନ



ବିଷୟ ଭିତ୍ତିକ ନୂତନ ପାଠ ଯୋଜନା ପ୍ରସ୍ତୁତି, ବିଭିନ୍ନ ପ୍ରକାର ଭିନ୍ନକ୍ଷମଙ୍କ ଲକ୍ଷଣ, ବିଦ୍ୟାଳୟ ଓ ପାରିବାରିକ ପରିବେଶ ତଥା ଶିକ୍ଷା ଗ୍ରହଣ ସମୟରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ସମସ୍ତ ଶିକ୍ଷାର୍ଥୀଙ୍କ ସୁସ୍ଥ ନିରାମୟ ଜୀବନ ଯାପନ ଲାଗି ଅନୁକୂଳିତ ଯୋଗର ଆବଶ୍ୟକତା ଆଦି ଉପରେ ଆଲୋଚନା ହୋଇଥିଲା। ଶିବିରରେ ବାରିପଦା ବ୍ଲକର ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡକ୍ଟର ଅଭିମନ୍ୟୁ ସେଠୀ ଯୋଗ ଦେଇ ପ୍ରଶିକ୍ଷାର୍ଥୀଙ୍କୁ ତାଲିମର ବିଭିନ୍ନ ପ୍ରସଙ୍ଗ ଉପରେ ଅନେକ ଦିଗଦର୍ଶନ ଦେଇ ସମାଜର ପ୍ରତ୍ୟେକ ବର୍ଗର ଶିକ୍ଷାର୍ଥୀଙ୍କ ସମାଜର ସମସ୍ତଙ୍କ ସହିତ ସମତାର ସହ ବଞ୍ଚିବାର ଅଧିକାର ରହିଛି ବୋଲି ମତ ରଖିଥିଲେ। ଶିକ୍ଷକମାନଙ୍କୁ ସମାଜ ଗଠନ ଦିଗରେ ବ୍ରତୀ ହେବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ୧୮୦ ଜଣ ଶିକ୍ଷକଙ୍କୁ ତାଲିମ ଦିଆଯାଇଥିଲା।

### ଉଦଳାକୁ ପୌର ପରିଷଦ ମାନ୍ୟତା ଦାବିରେ ସର୍ବଦଳୀୟ ବୈଠକ

# କ୍ରିୟାନୁଷ୍ଠାନ କମିଟି ଗଠନ ପାଇଁ ପ୍ରସ୍ତାବ ଗୃହୀତ

ଉଦଳା, ୫।୯(ସମିସ): ଉଦଳା ଏନ୍‌ଏସିକୁ ପୌର ପରିଷଦର ମାନ୍ୟତା ଦାବିରେ ଗୁରୁବାର ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଭାସ୍କର ମଡେଇଙ୍କ ପରାମର୍ଶ କ୍ରମେ ଉପଜିଲ୍ଲାପାଳ ପକ୍ଷରୁ ଏହି ବୈଠକ ହୋଇଥଲା। ବୈଠକରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଏନଏସି ଅଧ୍ୟକ୍ଷା ପ୍ରମିକା ପଣ୍ଡା, ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ଉପାଧ୍ୟକ୍ଷ ରଜନୀ ଦାସ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଦଳା ସମରଜିତ୍ କର, ଭୀମତାଳି, ବଡସିଙ୍ଗାରିଆ ଏବଂ ଖଳାଡିର ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଏବଂ ୱାର୍ଡସଭ୍ୟ ଏବଂ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଯଜ୍ଞନାରାୟଣ ମହାନ୍ତି, ପ୍ରଭାତ ପରିଡା, ବସନ୍ତ ପରିଡ଼ା, ରବିନ୍ ପଟ୍ଟନାୟକ, ନାରାୟଣ ପଟ୍ଟନାୟକ, ନିହାର ରଞ୍ଜନ ମୋଦୀ, କମଳ ଧଳ, ଶରତ ଦାସ, ବନମାଳୀ ବେହେରା, ଲକ୍ଷ୍ମଣ ନାୟକ ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିବାବେଳେ ୫୩ ବର୍ଷରେ ପାଦ ଦେଇଥିବା ଉଦଳା ଏନଏସିକୁ ପୌରପାଳିକାର ମାନ୍ୟତା ନ ମିଳିବା ପରିତାପର ବିଷୟ ବୋଲି କହିଥିଲେ। ତେଣୁ ଏ ଦିଗରେ ସମସ୍ତେ ଏକଜୁଟ୍ ହୋଇ କାର୍ଯ୍ୟ କଲେ ନିଶ୍ଚିତ ସୁଫଳ ମିଳିବ। ଏଥିପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଭିନ୍ନ ପଞ୍ଚାୟତରେ ଗ୍ରାମସଭାର ଆୟୋଜନ, ସୀମା ନିର୍ଦ୍ଧାରଣ ଆଦି ଶୀଘ୍ର କରିବା ପାଇଁ ବିଡିଓ, ତହସିଲଦାର ଏବଂ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ନିର୍ବାହୀ ଅଧିକାରୀ ପୌରପାଳିକାରେ ସାମିଲ ହେଲେ କ'ଣ ଲାଭ ମିଳିବ ସେ ନେଇ ଭିଡିଓ ପ୍ରଦର୍ଶିତ କରିଥିଲେ। ତେବେ ପୌର ପାଳିକା ଘୋଷଣା ଦିଗରେ ପ୍ରମୁଖ ସମସ୍ୟା ହେଉଛି ଜନସଂଖ୍ୟା ଏବଂ ସୀମା ନିର୍ଦ୍ଧାରଣ। ତେଣୁ ଦଳମତ ନିର୍ବିଶେଷରେ ଏଥିପାଇଁ ସହଯୋଗ କରିବାକୁ ଅନୁରୋଧ କରିଥିଲେ ବିଧାୟକ। ବୈଠକରେ ଉପସ୍ଥିତ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାମାନେ ପୌରପାଳିକା ଗଠନ ସପକ୍ଷରେ ଦୃଢ ମତପୋଷଣ କରିବା ସହିତ ଏଥିପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀ, ନିର୍ବାଚିତ ପ୍ରତିନିଧି ଏବଂ ବୁଦ୍ଧିଜୀବିଙ୍କୁ ନେଇ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା।



## କଂଗ୍ରେସର ସଂଗଠନ ସୃଜନ ଅଭିଯାନ



କରଞ୍ଜିଆ, ୫।୯(ସମିସ): ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ମୟୂରଭଞ୍ଜ ପଶ୍ଚିମାଞ୍ଚଳ ସାଙ୍ଗଠନିକ ଜିଲ୍ଲା ପାଇଁ ସଭାପତି ଅନ୍ୱେଷଣରେ ଆଜି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଏଆଇସିସି ଯୁଗ୍ମ ସମ୍ପାଦକ ନୀତିନ କୁମ୍ବଲକାର କରଞ୍ଜିଆରେ ପହଞ୍ଚିଛନ୍ତି। ତାଙ୍କ ସହିତ କଂଗ୍ରେସ ପକ୍ଷରୁ ପର୍ଯ୍ୟବେକ୍ଷକଭାବେ ବନମାଳୀ ଦାସ ଓ ସଂଗ୍ରାମ ଦାସ ମଧ୍ୟ ଆସିଛନ୍ତି। ରାମବାଟୀକା ଠାରେ ଜିଲ୍ଲା ଅନ୍ତର୍ଗତ ରାଇରଙ୍ଗପୁର, ସାରସକଣା, ଯଶିପୁର ଓ କରଞ୍ଜିଆ ନିର୍ବାଚନମଣ୍ଡଳୀର ସମସ୍ତ ନେତା ଓ କର୍ମୀମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳକୁ ମଜଭୁତ କରିବା ଲକ୍ଷ୍ୟରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ଦାୟିତ୍ୱରେ ଥିବା ଭୁବନ ବିହାରୀ ସାହୁ, ଶ୍ୟାମସୁନ୍ଦର ହାଁସଦା, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ ଓ ଶ୍ୟାମଚରଣ ହାଁସଦା, ପ୍ରଦେଶ କଂଗ୍ରେସ ସମ୍ପାଦକ ଲକ୍ଷ୍ମୀଧର ସିଂ, ରାଜ୍ୟ ମହିଳା କଂଗ୍ରେସ ଉପସଭାପତି ଜବାମଣି ଟୁଡୁ, ଜିଲ୍ଲା ମହିଳା କଂଗ୍ରେସର କାର୍ଯ୍ୟକାରୀ ସଭାନେତ୍ରୀ ଅଞ୍ଜଳି ସାମାଡ଼, ଶେଖ ଜାକିର ହୁସେନ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ସିଟି





## ଆସୁଛନ୍ତି ମା' — ଡମଣା ଗୋପୀନାଥଜୀଉ ଦୁର୍ଗାପୂଜା କମିଟି

# ଏଥର ମାୟାପୁର ଇସ୍କନ ମନ୍ଦିର

ଭୁବନେଶ୍ୱର, ୫।୯ (ସମିସ): ଦୁର୍ଗାପୂଜା ପାଇଁ ଡମଣା ଗୋପୀନାଥଜୀଉ ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତ ବର୍ଷ ୭୫ ଫୁଟ ଲମ୍ବ ଓ ୧୧୦ ଫୁଟ ଚଉଡ଼ା ବିଶିଷ୍ଟ ନଦିଆ ମାୟାପୁର ଇସ୍କନ ମନ୍ଦିର ମଡେଲ୍‌ର ତୋରଣ ନିର୍ମାଣ ଚାଲିଛି। ଏହାକୁ କୋଲକାତାର ୨୨ ଜଣ କାରିଗର ନିର୍ମାଣ କାର୍ଯ୍ୟରେ ଲାଗିଛନ୍ତି। ସହର ଭିତରେ ଗ୍ରାମର ଭାଇଚାରାକୁ ବଜାୟ ରଖି ୧୩ ବର୍ଷ ତଳେ ନିଶାକର ସାହୁଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଏହି କମିଟି ୧୪ ବର୍ଷରେ ପଦାପର୍ଣ କରିଛି। ପ୍ରତିବର୍ଷ କିଛି ନା କିଛି ନୂଆ କରି ଚର୍ଚ୍ଚାରେ ରହୁଥିବା ଏହି କମିଟି ଏବର୍ଷ ନୂତନ ଆକର୍ଷଣ ଭେଟି ଦେବ। କୋଲକାତା ନଦିଆର ମାୟାପୁର ଇସ୍କନ ମନ୍ଦିର ସଦୃଶ ତୋରଣରେ ବିରାଜିବେ ମା'। ମଣ୍ଡପକୁ ସଂଯୋଗ କରୁଥିବା ଚାରୋଟି ରାସ୍ତାରେ ଏଲ୍‌ଇଡି ଲାଇଟ୍‌ର ଗେଟ୍ ଲାଗିବା ସହିତ ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ କରାଯିବ। ୧୪ ଫୁଟର ମାଆଙ୍କ ମୃଣ୍ମୟୀ ମୂର୍ତ୍ତି ସହ ୧୭ ଫୁଟର ତାରକସୀ ମେଢ଼ କାମ ଜାରି ରହିଛି। ଏହାକୁ ପୁରୁଣା ଭୁବନେଶ୍ୱରର ଦକ୍ଷ କାରିଗର ମାନେ ନିର୍ମାଣ କରୁଛନ୍ତି। ମା'ଙ୍କ ମସ୍ତକରେ ଚାନ୍ଦିମୁକୁଟ ଶୋଭାପାଇବା ସହିତ ତାରକସୀ ଗହଣାରେ ସୁସଜ୍ଜିତ ହେବେ ମା' ଦୁର୍ଗତିନାସିନୀ।

ଷଷ୍ଠୀରେ ବିଲ୍ୱବରଣ ଅନୁଷ୍ଠିତ ହେବ। ସପ୍ତମୀରେ କଳସ ଯାତ୍ରାରେ ୧୦୮ ଜଣ ମହିଳା ସାମିଲ ହୋଇ ଡମଣା ଗ୍ରାମ ସ୍ଥିତ ଅଲେଖ ମହିମା ଆଶ୍ରମ ପୁଷ୍କରଣୀରୁ ପାଣି ଗ୍ରହଣ କରି ଗ୍ରାମ ପରିକ୍ରମା କରିବା ସହିତ ମା'ଙ୍କ ପୂଜା ପୀଠରେ ପହଞ୍ଚି ଜଳାଭିଷେକ କରିବେ। ଏହାପରେ ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇ ଚକ୍ଷୁଦାନ ଦିଆଯିବ। ସେହିପରି ଅଷ୍ଟମୀ ଦିନ ସୂର୍ଯ୍ୟ ପୂଜା, ମହାଷ୍ଟମୀ ପୂଜା, ସନ୍ଧିପୂଜା, ସନ୍ଧିବଳି ଓ ହୋମାଦି ପୁଷ୍ପାଞ୍ଜଳି ପ୍ରଦାନ କରାଯିବ। ନବମୀରେ କୁମାରୀ ପୂଜା, ଚରୁହୋମ ଓ ୧୦୮ ଦୀପ ପ୍ରଜ୍ୱଳନ କରାଯାଇ ଏଥିରେ ଝୁଣା ମରାଯିବ ଯାହା ସମସ୍ତ ଭକ୍ତଙ୍କୁ ଆକର୍ଷିତ କରିବ। ଦଶମୀ ଦିନ ଦହି ପଖାଳ ଭୋଗ, ଅପରାଜିତା ପୂଜା, ହୋମ, ପୂର୍ଣ୍ଣାହୁତି, ଘଟ ବିସର୍ଜନ ଓ ରାବଣ ପୋଡ଼ି ଅନୁଷ୍ଠିତ ହେବ।

ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଷଷ୍ଠୀଦିନ ଭଜନ ସନ୍ଧ୍ୟା, ସପ୍ତମୀ, ଅଷ୍ଟମୀ ନବମୀରେ ଓ ଦଶମୀରେ ମେଲୋଡି ଏବଂ ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟକ୍ରମ ରହିଛି। ପୂଜା



ପଡ଼ିଆରେ ମୀନା ବଜାର, ଚକିରି ଦୋଳି ଓ ରାମଦୋଳି ମଜା ନେବେ ଦର୍ଶକ। ସେହିପରି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ପୂଜା ମଣ୍ଡପରେ ଓ ବାହାରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ୨୦୦ ଜଣ ସ୍ୱେଚ୍ଛାସେବୀ ନିୟୋଜିତ ସହ ୧୨ ଟି ସିସିଟିଭି କ୍ୟାମେରା ଲଗାଯିବ। ମଣ୍ଡପରେ ୪ଟି ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯିବ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମରେ ଗୋପୀନାଥ ଜୀଉ ଯୁଥ କ୍ଲବ, ଲକ୍ଷ୍ମୀନାରାୟଣ କ୍ଲବ ଓ ଡମଣା ମହିଳା ସମିତି ସହଯୋଗ କରିବେ। ଏଥିସହ ପାରମ୍ପରିକ ବାଦ୍ୟରେ ଧୁମ୍‌ଧାମରେ ଭସାଣି କରାଯାଇ ମା'ଙ୍କୁ ମେଲାଣି ଦିଆଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଚଳିତ ଥର ପୂଜା ବଜେଟ୍ ରହିଛି ୪୭ ଲକ୍ଷ ଟଙ୍କା।



ଚଳିତବର୍ଷ ଯଥାବିଧି ଓ ରୀତିନୀତି ଅନୁସାରେ ମା'ଙ୍କ ପୂଜାର୍ଚ୍ଚନା କରାଯିବାର ବ୍ୟବସ୍ଥା କରାଯାଇଛି। ଏଥର ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଇଛୁ। ମହିଳା ଓ ପୁରୁଷ ମାନଙ୍କ ପାଇଁ ଅଲଗା ଅଲଗା ଦର୍ଶନ ବ୍ୟବସ୍ଥା ଏବଂ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ପ୍ରଶାସନ ପକ୍ଷରୁ ସାହାଯ୍ୟ ସହଯୋଗ କରାଯିବ ବୋଲି ଆଶା ରହିଛି। ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ ଗ୍ରାମବାସୀମାନେ ସହଯୋଗ କରୁଛନ୍ତି।

**-ନିଶାକର ସାହୁ, ପ୍ରତିଷ୍ଠାତା ସଭାପତି**

## ବାଲିପାଟଣାର ୩ ଶିକ୍ଷକଙ୍କୁ ଶିକ୍ଷା ପୁରସ୍କାର



ବାଲିପାଟଣା, ୫।୯ (ସମିସ): ଗୁରୁ ଦିବସ ଅବସରରେ ଓଡ଼ିଶା ସରକାରଙ୍କ ତରଫରୁ କୃତି ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଖୋର୍ଦ୍ଧା ଜିଲ୍ଲା ତରଫରୁ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିକ୍ଷକମାନଙ୍କୁ ସମ୍ମାନ ପ୍ରଦାନ କରିଥିଲେ। ବାଲିପାଟଣା ଶିକ୍ଷା ମଣ୍ଡଳର ମକୁନ୍ଦଦାସପୁର ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ, ବନମାଳୀପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ମୋନାଲିସା ସାମଲ, ଚନ୍ଦ୍ରମଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ବାସନ୍ତୀ ଓଝା ଖୋର୍ଦ୍ଧା ଠାରେ ଉପସ୍ଥିତ ରହି ଏହି ପୁରସ୍କାର ଗ୍ରହଣ କରିଛନ୍ତି। ବ୍ଲକ ଶିକ୍ଷାଧିକାରୀ ଡ୍ ପ୍ରଭାତ କୁମାର ରଥ ଓ ଜିଲ୍ଲା ସଂଯୋଜିକା ରଶ୍ମୀରେଖା ସ୍ୱାଇଁ ଉପସ୍ଥିତ ଥିଲେ।

## ଡିଜିଙ୍କ ସହ ଫାୟାର ସେଫ୍‌ଟି ଆସୋସିଏସନ୍‌ର କର୍ମକର୍ତ୍ତାଙ୍କ ଆଲୋଚନା

ଭୁବନେଶ୍ୱର, ୫।୯ (ସମିସ): ଓଡ଼ିଶା ଫାୟାର ସେଫ୍‌ଟି ଆସୋସିଏସନ୍‌ର ଓ ଦଶଜଣିଆ ପ୍ରତିନିଧି ମଣ୍ଡଳ ସଭାପତି ଉଦୟ ଚାନ୍ଦ ମଲ୍ଲିକ୍, ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ସରକାରଙ୍କ ପରାମର୍ଶକ୍ରମେ ବିଭାଗୀୟ ମୁଖ୍ୟ ଡ଼ିଜି ଫାୟାର ଭେଟି ସିଭିଲ୍ ଡ଼ିଫେନ୍ସ ଟ୍ରେନିଙ୍ଗ୍ ସେଣ୍ଟର କନ୍‌ଫରେନ୍ସ ହଲ୍‌ରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାରେ ଫାୟାର ସେଫ୍‌ଟି ଆମେଣ୍ଡମେଣ୍ଟ ରୁଲ୍ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ଡ଼ିଜି ସୁଧାଂଶୁ ଷଡ଼ଙ୍ଗୀ ଓଡ଼ିଶା ଆଧିନ୍ତୀକରଣରେ ଟ୍ରେନିଙ୍ଗ୍ ଓ ଟେକ୍ନୋଲୋଜିକୁ ଗୁରୁତ୍ୱ ଦେବା ପାଇଁ ପ୍ରତିନିଧି ମଣ୍ଡଳକୁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆସନ୍ତା ଏକ ସପ୍ତାହ ମଧ୍ୟରେ ନୂତନ ଆମେଣ୍ଡମେଣ୍ଟ୍ ଓ ସରଳୀରକଣ ନୋଟିଫ଼ିକେସନ ପୋର୍ଟଲରେ ବାହାରିବା ସହ ଅଧିକାଂଶ କଣ୍ଟ୍ରାକଟର ସ୍ଥାନ ପାଇବେ ବୋଲି ଆଶାବ୍ୟକ୍ତ କରିଥିଲେ। ଫାୟାର ସେଫ୍‌ଟି କଣ୍ଟ୍ରାକ୍ଟର ସେମିନାରକୁ ଆୟୋଜନ କରିବାକୁ ଡ଼ିଜି ସମର୍ଥନ କରି ଆଗାମୀ ସପ୍ତାହରେ ଏହାର ଆୟୋଜନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଅଗ୍ନି ନିରାପତ୍ତା ଭିତ୍ତିଭୂମିରେ ଆଧୁନିକ ଜ୍ଞାନକୌଶଳକୁ ଗୁରୁତ୍ୱ ଦେବାପାଇଁ ପରାମର୍ଶ ଦେଇଥିଲେ। ଆଗାମୀ ଅକ୍ଟୋବର ମାସରେ ଅଗ୍ନି ନିରାପତ୍ତା ବା ଫାୟାର ସେଫ୍‌ଟି କଣ୍ଟ୍ରାକ୍ଟର ମାନଙ୍କର ଟ୍ରେନିଙ୍ଗ୍ ପୋଗ୍ରାମ ଆୟୋଜନ ନିମନ୍ତେ ଆଶାବ୍ୟକ୍ତ କରିଛନ୍ତି। ପ୍ରତିନିଧି ମଣ୍ଡଳର କର୍ମକର୍ତ୍ତା ସନ୍ତୋଷ ଡ଼ିଜିଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଡିଜିଟାଲ ଲର୍ଣ୍ଣିଙ୍ଗ ସେଣ୍ଟର ଉଦ୍‌ଘାଟିତ



ଭୁବନେଶ୍ୱର, ୫।୯ (ସମିସ): ଆଶାଏଁ ଟ୍ରଷ୍ଟ ରିସୋର୍ସ ସେଣ୍ଟର ପରିସରରେ ଏକ ନୂତନ ଡିଜିଟାଲ ଲର୍ଣ୍ଣିଂ ସେଣ୍ଟରର ଉଦ୍‌ଘାଟିତ ହୋଇଯାଇଛି। ପଥପ୍ରାନ୍ତ ପିଲାମାନଙ୍କୁ ଡିଜିଟାଲ କୌଶଳରେ ସଶକ୍ତ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ସେଣ୍ଟରକୁ ମୁମ୍ବାଇସ୍ଥିତ ଅପନି ପାଠଶାଳା ସଂଗଠନ ପକ୍ଷରୁ ୧୦ଟି ଆଧୁନିକ କମ୍ପ୍ୟୁଟର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ଶିଶୁ ଅଧିକାର ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର, ଆଇପିଏସ ସାଇନି ଏସ୍, ଓଡ଼ିଶା ଶିଶୁ ଅଧିକାର ଆୟୋଗ ସଦସ୍ୟା ସୁଜାତା ନାୟକ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ତଥା ଆଶାଏଁ ଟ୍ରଷ୍ଟ ପରାମର୍ଶଦାତା ଦୟାନିଧି ହରିଚନ୍ଦନ, ପ୍ରୀତିରଞ୍ଜନ ନାୟକ ଏବଂ ଆଶାଏଁ ଅଧ୍ୟକ୍ଷ ରତ୍ନାକର ସାହୁ ଯୋଗ ଦେଇଥିଲେ। ଶେଷରେ ବିକ୍ରମ ନାୟକ ଧନ୍ୟବାଦ ଦେଇଥିଲେ।

## ସୁଧୀର ପଣ୍ଡାଙ୍କ ମାତୃ ବିୟୋଗ

ଭୁବନେଶ୍ୱର, ୫।୯ (ସମିସ): 'ପ୍ରତିଦିନ' ଓ 'ପ୍ରତିଦିନ' ଟିଭିର ସମ୍ପାଦକ ସୁଧୀର କୁମାର ପଣ୍ଡାଙ୍କ ମା' ରେବତୀ ପଣ୍ଡାଙ୍କର ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ରମେଶ ଚନ୍ଦ୍ର ପଣ୍ଡା, ତିନି ପୁତ୍ର ସନ୍ତୋଷ କୁମାର ପଣ୍ଡା, ସୁଧୀର କୁମାର ପଣ୍ଡା, ସୁଶାନ୍ତ କୁମାର ପଣ୍ଡା, ତିନି ବୋହୂ, ତିନି କନ୍ୟା ଓ ନାତିନାତୁଣୀ ଉପସ୍ଥିତ ଥିଲେ। ନୟାଗଡ଼ ଜିଲ୍ଲାର ସୁନାମୁହିଁ ଗ୍ରାମନିବାସୀ ରେବତୀ ପଣ୍ଡାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ସନ୍ତୋଷ କୁମାର ପଣ୍ଡା ମୁଖାଗ୍ନି ଦେଇଥିଲେ।



## 'ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ' ପକ୍ଷରୁ କଳା ଦିବସ

ଭୁବନେଶ୍ୱର, ୫।୯ (ସମିସ): ଅନାଦି କାଳରୁ ସଭ୍ୟତା ଓ ସଂସ୍କୃତିର ମୂଳପିଣ୍ଡ ଭାରତ ଭୂଖଣ୍ଡରେ ଗୁରୁ ପୂଜା ପ୍ରଚଳିତ। ହେଲେ ଗୁରୁଙ୍କ ପ୍ରତି ଅବହେଳା ହେଉଥିବା ସଂଘ ପ୍ରକାଶ କରିଛି। ସେନେଇ ଶୁକ୍ରବାର ଗୁରୁ ଦିବସକୁ ସାରା ରାଜ୍ୟରେ 'ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ' କଳାଦିବସ ଭାବେ ପାଳିତ ହୋଇଛି। ସ୍ଥାନୀୟ ରେଡକ୍ରସ ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ ନେତୃତ୍ୱଗଣ ଏକତ୍ରିତ ହୋଇ କଳାଦିବସ ପାଳନ କରିଛନ୍ତି।

ସୂଚନା ଅନୁଯାୟୀ ସଂଘର ଦାବି ଜୁନ ୧, ୨୦୦୮ ରୁ ୧ ଜୁନ ୨୦୧୮ ମଧ୍ୟରେ ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ଏବଂ ଅଣ ଅନୁଦାନ ମହାବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ରାଜ୍ୟ ସରକାର ଅନୁଦାନ (ଏଓଇ) ପରିସରଭୁକ୍ତ କରିବାପାଇଁ ସଂଘ ନୂତନ ସରକାରର ୧୫ମାସ କାର୍ଯ୍ୟକାଳ ମଧ୍ୟରେ ଗତ ବର୍ଷ ଲୋୟର ପି ଏମ୍ ଜି ଧାରଣା ସ୍ଥଳରେ ଗୁରୁଦିବସକୁ କଳାଦିବସ ଭାବେ ପାଳନ କରିଥିଲା। ଏହାରି ମଧ୍ୟରେ ସଂଘ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିକୁ ୧୨ ଥର ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଛି। ମୁଖ୍ୟମନ୍ତ୍ରୀଙ୍କୁ ସୁପାରିଶ କାର୍ଯ୍ୟକ୍ରମ ମାଧ୍ୟମରେ ୧୨୦ ବିଧାୟକଙ୍କ ସ୍ୱୀକୃତିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛି। ଦସ୍ତଖତ ଅଭିଯାନ ମାଧ୍ୟମରେ ଦେଢ଼ ଲକ୍ଷ ସାଧାରଣ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛି। ୩୦ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଘଣ୍ଟିଆ ଧାରଣା ଦିଆଯାଇଛି। ୩୦ ଜିଲ୍ଲାର ବିଭିନ୍ନ ବ୍ଲକରେ ପଥପ୍ରାନ୍ତ ସଭାର ମଧ୍ୟ ଆୟୋଜନ କରାଯାଇଛି। ବାରମ୍ବାର ଉଚ୍ଚଶିକ୍ଷା ମନ୍ତ୍ରୀ ଓ ସଚିବଙ୍କୁ ଭେଟି ଆଲୋଚନା କରିବା ସତ୍ତ୍ୱେ ରାଜ୍ୟସରକାର ନୀରବ ଓ ନିଦାବିଷ୍ଟ ସାଜିଛନ୍ତି ବୋଲି ସଂଘ ଅଭିଯୋଗ କରିଛି। ଏହାର ପ୍ରତିବାଦରେ ଅଗଷ୍ଟରୁ ସାରା ଓଡ଼ିଶାର ପ୍ରତ୍ୟେକ ମହାବିଦ୍ୟାଳୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ମୁଖ୍ୟମନ୍ତ୍ରୀ ଶିକ୍ଷକଙ୍କ ସମସ୍ୟା ଓ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ନନେଲେ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ସାରା ଓଡ଼ିଶାରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଜାରୀ ରହିବ ବୋଲି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସଂଘର ସଭାପତି ବିଶ୍ୱରଞ୍ଜନ ଦାସ କହିଛନ୍ତି।



## ସ୍ୱାଭିମାନ ପକ୍ଷରୁ ୯ ଦିବ୍ୟାଙ୍ଗ ଗୁରୁଙ୍କୁ 'ମାର୍ଗଦର୍ଶକ ସମ୍ମାନ'

ଭୁବନେଶ୍ୱର, ୫।୯ (ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାଭିମାନ ପକ୍ଷରୁ ଶୁକ୍ରବାର ଭାରତୀୟ ବିଦ୍ୟାଭବନ ଠାରେ ୯ ଜଣ ଦିବ୍ୟାଙ୍ଗ ଗୁରୁଙ୍କୁ ସେମାନଙ୍କର ଜୀବନବ୍ୟାପୀ ସଂଗ୍ରାମ ଏବଂ ସଫଳତା ପାଇଁ 'ମାର୍ଗଦର୍ଶକ' ସମ୍ମାନରେ ସମ୍ମାନିତ କରାଯାଇଛି। ଗଞ୍ଜାମ ଲୋକନାଥ ଦାସ, ଭୁବନେଶ୍ୱର ଡ. ନନ୍ଦିନୀ ମିଶ୍ର, ଖୋର୍ଦ୍ଧା ବିଜୟ କୁମାର ସାହୁ, ପୁରୀ ଉଲ୍ଲାସୀ ସନ୍ତୋପା, ଭୁବନେଶ୍ୱର ରାଜଲକ୍ଷ୍ମୀ ବେହେରା, କେନ୍ଦ୍ରାପଡ଼ା ଡ. ବାବାଇ ନନ୍ଦୀ, ବରଗଡ଼ ନିଶିକାନ୍ତ ସାହୁ, ଭୁବନେଶ୍ୱର ସୁଦିପ୍ତା ମିଶ୍ର, କଟକ ଚିରଞ୍ଜିବୀ ଦାସଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ.ଶ୍ରୁତି ମହାପାତ୍ର, ମଦର୍ସ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ପଲ୍ଲୀ ପଟ୍ଟନାୟକ, ସନ୍ନ୍ୟାସୀ ବେହେରା ଏସ୍‌ଏସ୍‌ପିଡି ବିଭାଗ ଡ଼େପୁଟି ଡାଇରେକ୍ଟର, ଆର୍‌ଆଇଇ ଅଧ୍ୟକ୍ଷ ଡ଼. ମାନସୀ ଗୋସ୍ୱାମୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ରହିଥିଲେ। ନିରନ୍ତର ଉଦ୍ୟମ ଓ ଅଦମ୍ୟ ସାହାସ ମଣିଷର ମାର୍ଗଦର୍ଶକ ଭାବରେ ସଫଳତାର ଶୀର୍ଷସ୍ଥାନରେ ପହଞ୍ଚାଇ ଥାଏ। ଏହି କଥାକୁ ଦିବ୍ୟାଙ୍ଗ ମଣିଷ ମାନେ ଯୁଗ ଯୁଗ ଧରି ପ୍ରମାଣ କରିଛନ୍ତି ଏବଂ ମାନବ ସମାଜ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପେର ପରେ ସମ୍ମାନିତ ଗୁରୁମାନେ ନିଜର ଜୀବନର ସଫଳତା ଓ ସଂଘର୍ଷ ବିଷୟରେ ମତ ରଖିଥିଲେ। ଗୁରୁ ଦିବସ ଅବସରରେ ଦିବ୍ୟାଙ୍ଗ ଚିତ୍ରକର ମାନେ ଗୁରୁଙ୍କ ଚିତ୍ରାଙ୍କନ କରିଥିଲେ।



## ବ୍ୟାଙ୍କ୍ ଅଫ ବରୋଦା ପକ୍ଷରୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର



ଭୁବନେଶ୍ୱର, ୫।୯ (ସମିସ): ବ୍ୟାଙ୍କ ଅଫ ବରୋଦା ପକ୍ଷରୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ସ୍ୟାଚୁରେସନ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଚଳିତ ୩ ମାସିଆ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସାଚୁରେସନ୍ ଅଭିଯାନର ଏକ ଅଂଶ ଭାବରେ, ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ସେପ୍ଟେମ୍ବର ୧ ରେ ରାମେଶ୍ୱର ଗ୍ରାମ ପଞ୍ଚାୟତରେ ଆର୍ଥିକ ପ୍ରସାର ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରରେ ୫ ଶହରୁ ଅଧିକ ଗ୍ରାମବାସୀ ଯୋଗଦେଇଥିଲେ। ଉଦ୍‌ଘାଟନୀ ସଭା ବ୍ୟାଙ୍କ ଅଫ ବରୋଦାର ଭୁବନେଶ୍ୱର କ୍ଷେତ୍ରର ଉପ-ମହାପ୍ରବନ୍ଧକ ଏବଂ କ୍ଷେତ୍ରୀୟ ମୁଖ୍ୟ ସତ୍ୟ ରଞ୍ଜନ ମହାପାତ୍ରଙ୍କ ସ୍ୱାଗତ ଅଭିଭାଷଣ ସହିତ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫ ବରୋଦାର ଭୂବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଜୋନାଲ୍ ହେଡ୍ ସ୍ୱପ୍ନା ବନ୍ଦୋପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କର ବକ୍ତବ୍ୟରେ ଆର୍ଥିକ ସାକ୍ଷରତା, ସମାଜିକ ସୁରକ୍ଷା ଯୋଜନାରେ ସମୟୋଚିତ ନାମାଙ୍କନ ଏବଂ ଗ୍ରାମୀଣ ଭାରତରେ ଡିଜିଟାଲ୍ ଠକେଇର ପ୍ରତିରୋଧର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ। ଏହି ସଭାରେ ଖୋର୍ଦ୍ଧା ଜିଲ୍ଲାର ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ଅନିଲ ଭୋଇ ମଧ୍ୟ ଉପସ୍ଥିତ ଥିଲେ। ସମାପନୀ ସଭାରେ ବ୍ୟାଙ୍କ ଅଫ ବରୋଦାର ନିରାକାରପୁର ଶାଖା ପ୍ରବନ୍ଧକ ମନୋଜ ମିଶ୍ର ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ରଗବି ଖେଳାଳି ବନ୍ଧୁମିଳନ ଓ ଗୁରୁ ପୂଜା ଉତ୍ସବ



ଭୁବନେଶ୍ୱର, ୫।୯ (ସମିସ): କେନ୍ଦ୍ରାପଡ଼ା ରଗବି ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ଗୁରୁଦିବସ ଅବସରରେ ରାଜ୍ୟସ୍ତରୀୟ ରଗବି ଖେଳାଳି ବନ୍ଧୁମିଳନ ଓ ଗୁରୁ ପୂଜା ଉତ୍ସବ ଭୁବନେଶ୍ୱର ପଟିଆସ୍ଥିତ ଅପୂଲେନ୍ସ କଳିଙ୍ଗ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ବଳଦେବଜୀଉଙ୍କ ଫୋଟୋରେ ପୁଷ୍ପ ଓ ପ୍ରଦୀପ ପ୍ରଜ୍ୱଳନ କରି କେନ୍ଦ୍ରାପଡ଼ା ରଗବି ଆସୋସିଏସନ ସଭାପତି ଲୋହିତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହା ପରେ ସମ୍ପାଦକ ଶିଲନ କୁମାର ସାମନ୍ତରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସକାଳ ଦୈନିକ ଖବରକାଗଜର ପ୍ରକାଶକ ଅମିତ ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା ରଗବି ଆସୋସିଏସନ କୋଷାଧକ୍ଷ ଶକ୍ତି ମହାନ୍ତି, ଓଡ଼ିଶା ହାମର ବଲ ଆସୋସିଏସନ ସଭାପତି ରାଗିଣୀ ମିତ୍ର, କେନ୍ଦ୍ରାପଡ଼ା ପରାମର୍ଶ କମିଟି ସଦସ୍ୟ ମୃତ୍ୟୁଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ରଗବି ଖେଳର ଉନ୍ନତି କିଭଳି ହେବ ଓ ତୃଣମୂଳ ସ୍ତରରେ ଏହାର ପ୍ରଚାର ପ୍ରସାର ହୋଇପାରିବ ସେ ବିଷୟରେ ମତ ରଖିଥିଲେ। ଏହା ପରେ ୧୫ ଜଣ ଜୁନିଅର ସିନିଅର ଏବଂ ପୂର୍ବତନ ଖେଳାଳି ଏବଂ ପ୍ରଶିକ୍ଷକଙ୍କୁ ରଗବି କ୍ରୀଡ଼ା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ମୁଖ୍ୟ କୋଚ ରବୀନ୍ଦ୍ର କୁମାର ପଣ୍ଡା, କୋଚ ସନ୍ନ୍ୟ ମହାନ୍ତି, ରଶ୍ମି ରଞ୍ଜନ ସାମଲ, ଦ୍ୱାରିକାନାଥ ସୁବୁଦ୍ଧି, ଅମ୍ରିତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

# ପାର୍ବଣ ପାଇଁ ଚିନ୍ତା ବଢ଼ାଇଲାଣି ଖଣ୍ଡିଆ ରାସ୍ତା

ଭୁବନେଶ୍ୱର, ୫।୯ (ସମିସ)

ଆରମ୍ଭ ହେଲାଣି ପାର୍ବଣ ଋତୁ। ଚାରିଆଡ଼େ ସରଗରମ ହୋଇଉଠିଲାଣି ପାର୍ବଣର ମାହୋଲ। ଗଣେଶ ପୂଜା ପରେ ପରେ ଆରମ୍ଭ ହୋଇଛି ଦୁର୍ଗା ପୂଜା ପ୍ରସ୍ତୁତି। ଏଥିପାଇଁ ସହରର ଗଳିକନ୍ଦିରେ ଉତ୍ସାହ, ଉଦ୍ଦୀପନା

**କେଉଁଠି ପାଣି ଜମୁଛି ତ କେଉଁଠି ଗଦା ହୋଇଛି ମାଟି**

ଦେଖିବାକୁ ମିଳିଛି। ହଲେ ଏହାରି ଭିତରେ ଚିନ୍ତା ବଢ଼ାଇଛି ରାଜଧାନୀର ବିଭିନ୍ନ ସ୍ଥାନର ରାସ୍ତା। ପ୍ରତିଦିନ ସହରର ବିଭିନ୍ନ ଏହି ରାସ୍ତାରେ ହଜାର ହଜାର ସଂଖ୍ୟାରେ ଗାଡ଼ି ଯିବା ଆସିବା କରୁଥିବା ବେଳେ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଫଳରେ ପ୍ରତିଦିନ ଦୁର୍ଘଟଣାର ଶିକାର ହେଉଛନ୍ତି ଗାଡ଼ି ଚାଳକ।

ଜୟଦେବ ବିହାରରୁ ନନ୍ଦନକାନନ ଯାଇଥିବା ରାସ୍ତା ସଦାସର୍ବଦା ଚଳଚଞ୍ଚଳ। ସକାଳୁ ରାତି ପର୍ଯ୍ୟନ୍ତ ରାସ୍ତାରେ ଅସଂଖ୍ୟ ଯାନବାହାନ ସମେତ ଲୋକମାନେ ମଧ୍ୟ ଯିବା ଆସିବା କରିଥାନ୍ତି। ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି ଖାଲଖମା। ସେହିପରି ୧୬ ନମ୍ବର ଜାତୀୟ ରାଜପଥରେ ବି କେତେକ ସ୍ଥାନରେ ଦେଖିବାକୁ ମିଳିଛି ବିଦପର ଖାଲ। କଂକ୍ରିଟ୍ ଉଠି ଯାଇଥିବା ବେଳେ ହିଡ଼ ଭଳି ଖାଲ ରହିଥିବାରୁ ବାଇକ୍ ଏବଂ ସ୍କୁଟି ଚାଳକମାନେ ଏହି ସ୍ଥାନରେ ସ୍ପିଡ୍ କଣ୍ଟ୍ରୋଲ କରି ନପାରି ଗାଡ଼ିରୁ ପଡୁଥିବା ଦେଖିବାକୁ ମିଳିଛି। ସେହିପରି ଖଣ୍ଡଗିରି, ଜାଗମରା, କୋଳଥିଆ, ନୟାପଲ୍ଲୀ, ସାଲିଆ ସାହି, ଡମଣା, ପଟିଆ, ଇନ୍‌ଫୋସିଟି ଆଦି ରାସ୍ତାରେ ସମାନ ସ୍ଥିତି ଦେଖିବାକୁ ମିଳିଛି। ରାସ୍ତା ଉପରେ କଂକ୍ରିଟ୍ ବିଛାଡ଼ି ହୋଇ ପଡ଼ିଥିବାରୁ ଯିବା ଆସିବା ସମୟରେ କଂକ୍ରିଟ ଗୁଡ଼ିକ ଛିଟିକ ଲୋକଙ୍କ ଦେହରେ ବାଜୁଥିବାରୁ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ କରିଛନ୍ତି ପଥଚାରୀ। ସେହିପରି ଖରା ସମୟରେ ପ୍ରବଳ ମାତ୍ରାରେ ଡଷ୍ଟ ଉଡ଼ିବା ସହ ବର୍ଷାରେ ଖାଲ ଦିଶୁ ନଥିବା ମଧ୍ୟ ଆଉ ଏକ ସମସ୍ୟା। ଏଭଳି ବିପଦ ଅବସ୍ଥାରେ ଦୈନିକ ହଜାର ହଜାର ଲୋକ ଯିବା ଆସିବା କରୁଛନ୍ତି। ନିମ୍ନମାନର କାମ ଯୋଗୁଁ ବର୍ଷା ପରେ ପିଚୁ ଧୋଇ ହୋଇ ବଜୁରି ବାହାରିପଡ଼ିଥିବା ସ୍ଥାନୀୟ ଲୋକେ କହିଛନ୍ତି। ରାସ୍ତାର ଅବସ୍ଥା ଏଭଳି ହୋଇଥିବାରୁ ବାଇକ୍ ଚାଳକମାନେ ୨୦ ସ୍ପିଡ୍‌ରୁ ଅଧିକ ଯିବା ସମ୍ଭବ ହେଉନି। ସେହିପରି ନିଜ ନିଜ କର୍ମ କ୍ଷେତ୍ରକୁ କିମ୍ବା ଶିକ୍ଷାନୁଷ୍ଠାନକୁ ଯାଉଥିବା ପିଲାମାନେ ଏଥିପାଇଁ ଯେତେ ଶିଘ୍ର ଘରୁ ବାହାରିଲେ ମଧ୍ୟ ଠିକ୍ ସମୟରେ ପହଞ୍ଚି ପାରୁ ନଥିବା କହିଛନ୍ତି। ଆଉ ଦିନ କେଇଟା ପରେ ଦୁର୍ଗା ପୂଜା ଆସୁଥିବା ବେଳେ ରାଜଧାନୀର ମୁଖ୍ୟ ରାସ୍ତା ଗୁଡ଼ିକରେ ଏଭଳି ଅବସ୍ଥା ହୋଇଥିବାରୁ ସାମାନ୍ୟ ବର୍ଷାରେ ଅବସ୍ଥା ସାଂଘାତିକ ହୋଇପଡୁଛି। ତେଣୁ ତୁରନ୍ତ ରାସ୍ତା ମରାମତି ହେଉ ନ ଥିବାରୁ ପଥଚାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।



# ଶିକ୍ଷକମାନେ ନିଜର ବହୁ ପରିଶ୍ରମରେ ପରବର୍ତ୍ତୀ ପିଢ଼ି ନିର୍ମାଣ କରୁଛନ୍ତି





## ଶ୍ରୀଅରବିନ୍ଦ ଶିକ୍ଷା କେନ୍ଦ୍ର

**କୁଚିଣ୍ଡା, ୫।୯ (ସମିସ)**

କୁଚିଣ୍ଡାସ୍ଥିତ ଶ୍ରୀଅରବିନ୍ଦ ଶିକ୍ଷା ଓ ଗବେଷଣା କେନ୍ଦ୍ର ମାତୃ ମୀରା ଧାମରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ ଏକଜୁଟ ହୋଇ ଶିକ୍ଷା କେନ୍ଦ୍ର ପରିସରରେ ସର୍ବପଲ୍ଲୀ ରାଧାକ୍ରିଷ୍ଣା ଓ ମାତୃ ମୀରାଙ୍କ ଫୋଟରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଯଥା ପୂଜାବିଧି କରିବା ସହ ଶିକ୍ଷା କେନ୍ଦ୍ର ର ଗୁରୁଙ୍କୁ ଫୁଲ ଚନ୍ଦନ ଦେଇ ବନ୍ଦନ କରିଥିଲେ। ଶିକ୍ଷାନୁଷ୍ଠାନ ଅଧକ୍ଷ ମନୋଜ କୁମାର ପଣ୍ଡା, ସହଶିକ୍ଷକ ବିଜୟ କୁମାର ଭୋଲଙ୍କ ସହ ସମସ୍ତ ଭାଇ ଅପା କର୍ମଚାରୀ ଉପସ୍ଥିତ ଥିଲେ।

## ଅର୍ଜୁନ ଡିଗ୍ରୀ କଲେଜ

**ରେଢ଼ାଖୋଲ:** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ କଦଳୀଗଡ଼ ପଞ୍ଚାୟତ ଅର୍ଜୁନ ଡିଗ୍ରୀ କଲେଜ୍ ପରିସରରେ ପବିତ୍ର ଗୁରୁଦିବସ ପାଳିତ ହେଇଯାଇଛି।ଉକ୍ତ ଉତ୍ସବରେ ଡଃ ରାଧାକ୍ରିଷ୍ଣନ୍‌ଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ ହେଇଥିଲା। ପ୍ରଥମ ବର୍ଷର ଛାତ୍ରୀ ଜସ୍ମିନ୍, ବର୍ଷା ଏବଂ ମାନସୀ ପ୍ରମୁଖ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।ମୁଖ୍ୟ ଅତିଥି ଭାବେ କଲେଜ ଅଧକ୍ଷ ଅଖିଳେନ୍ଦ୍ର ଶାସନୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଏବଂ ସଂସ୍କାରର ମୂଲ୍ୟବୋଧ ବୁଝାଇ ଉଦ୍‌ବୋଧନ ଦେଇଥିଲେ। ରାଜନୀତି ବିଜ୍ଞାନର ଅଧାପିକା ଅସୀମା ପ୍ରଧାନ, ଓଡ଼ିଆ ବିଭାଗର ଅଧାପିକା ବିସ୍ମିତା ମହାକୁଡ, ଇଂରାଜୀ ଅଧାପକ ଅବନୀ କୁମାର ଗୁରାଣ୍ଡି, ଶିକ୍ଷା ବିଭାଗର ଅଧାପକ ସୁଦର୍ଶନ କୁମାର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପବିତ୍ର ଗୁରୁଦିବସ ବିଷୟରେ ଆଲୋକପାତ କରିଥିଲେ। ଶେଷ ବର୍ଷର ସାଇଦର୍ଶିତା ଏବଂ ପ୍ରଭାଷିଣ ସଭା ପରିଚାଳନା କରିଥିଲେ।ଶେଷରେ ଦ୍ୱିତୀୟ ବର୍ଷର ଛାତ୍ର ଶୁଭମ୍ ରାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ହୀରାକୁଦ ଶିଶୁବିଦ୍ୟା ମନ୍ଦିର

**ହୀରାକୁଦ:**ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବିଦ୍ୟାଳୟର ଅବସରପ୍ରାପ୍ତ ଗୁରୁମା ସଂଯୁକ୍ତା ବଡ଼ପଣ୍ଡା ଯୋଗଦେଇ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ରାଧାକୃଷ୍ଣନଙ୍କ ଜୀବନୀ ଉପରେ ଧାରଣା ଦେଇ ତାଙ୍କ ଆଦର୍ଶରେ ଆଗେଇବାକୁ ପରାମର୍ଶ ଦେଇଥିଲେ। ତାଙ୍କୁ ବିଦ୍ୟାଳୟ ତରଫରୁ ନାରିକେଳ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।ମୁଖ୍ୟବକ୍ତା ଭାବେ ଗୁରୁମା ସଂଯୁକ୍ତା ମିଶ୍ର ଗୁରୁ ଆମ ପାଇଁ କାହିଁକି ମହାନ ତାହା ବୁଝାଇଥିଲେ। ଯୁଗ୍ମ ସମ୍ପାଦକ ସୋମନାଥ ତରିଆ ଗୁରୁ ଓ ଶିଷ୍ୟଙ୍କ ଦାୟିତ୍ୱ ଉପରେ ସଚେତନ କରାଇଥିଲେ।ଦିବସର ମହତ୍ୱ ଉପରେ ଶିଶୁ ନିରୁପମା ଷଡ଼ଙ୍ଗୀ, ସନତ ଆଚାର୍ଯ୍ୟ, ସାଇମା ନାୟକ, ଋତୁପର୍ଣ୍ଣାକ୍ଷ ବିଶି, ରାଜୀବ ଲୋଚନ ମହାରଣା ବକ୍ତବ୍ୟ ପ୍ରଦାନ କରିଥିଲେ।ବରିଷ୍ଠ ଗୁରୁଜୀ ବୈକୁଣ୍ଠ ନାଗ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରମୁଖ ଗୁରୁମା ସୁଶୀଳା ଗର୍ଡ଼ିଆ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ମୀନା ବାରିକ ଓ ଶିଶୁ ଶ୍ୱେତାଲିନା ମହାନ୍ତି, ସ୍ମୃତିରାଣୀ ସାହୁ, ଅଙ୍କିତା ବରଡ଼ ବୌଦ୍ଧିକ ପରିଚାଳନା କରିଥିଲେ। ଶିଶୁମାନେ ଗୁରୁମନ୍ତ୍ର ଗାନ କରି ଗୁରୁଙ୍କୁ ପୂଜନ କରିଥିଲେ। ସମ୍ପାଦକ ବ୍ରହ୍ମାନନ୍ଦ ସାହୁ, ଉପ ସଭାପତି ହେମନ୍ତ ପଟେଲ ଉପସ୍ଥିତ ଥିଲେ।

## ରୋଟାରୀ କ୍ଲବ୍

**ସମ୍ବଲପୁର:**ସ୍ଥାନୀୟ ଆଇପିଏସ ସ୍କୁଲରେ ରୋଟାରୀ କ୍ଲବ୍ ଅଫ ସମ୍ବଲପୁର ସେଣ୍ଟ୍ରାଲ ପକ୍ଷରୁ ଗୁରୁ ଦିବସ ପାଳନ କରାଯାଇଛି।ପ୍ରଥମେ ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ସ୍ମୃତି ଚାରଣ କରାଯାଇଥିଲା। କ୍ଲବ୍ ପକ୍ଷରୁ ସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। କ୍ଲବ୍‌ର ସଭାପତି ଅରୁଣ ପଟୱାରୀ, ସମ୍ପାଦକ ସଞ୍ଜୟ କୁମାର, ସୁମନ ଡାଲମିଆ, ପୂଜା ପଟୱାରୀ, ସୁଷମା ଅଗ୍ରୱାଲ, ରାନୀ କୁମାର, କୈଳାଶ ଅଗ୍ରୱାଲ, ଗିରିଧର ଅଗ୍ରୱାଲ, ଗୋପାଳ ଅଗ୍ରୱାଲ, ପରେଶ ଦେଶାଇ, କେଶବ ଡାଲମିଆ, ଡକ୍ଟର ପ୍ରମୋଦ ରଥଙ୍କ ସହ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଜମନକିରା ସରସ୍ୱତୀ ଶିଶୁ ମନ୍ଦିର

**ଜମନକିରା:**ଜମନକିରା ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁ ଦିବସ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ମହୋଦୟ ସାଲେକରାମ ପ୍ରଧାନ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ, ସମସ୍ତ ଗୁରୁଜୀ ଗୁରୁ ମା ଏବଂ ଶିଶୁ ଭାଇଭଉଣୀ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଶିଲ କୁମାର ସାହୁ ଉପସ୍ଥିତ ଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ଗୁରୁ ମା ଅମ୍ବିକା ପ୍ରଧାନ ବୋଉଦ୍ଧିକ ପରିଚାଳନା କରିଥିଲା ବେଳେ ପ୍ରଧାନଆଚାର୍ଯ୍ୟା ଅତିଥି ପରିଚୟ ପ୍ରଦାନ କରିଥିଲେ।ପ୍ରଧାନ ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଶିଶୁ ଭାଇଭଉଣୀଙ୍କୁ ଗୁରୁ ଦିବସର ମହତ୍ୱ ବିଷୟରେ କହିଥିଲେ। ଶେଷରେ ଛବି ଗୁରୁ ମା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପିନାକଲ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍




**ସମ୍ବଲପୁର, ୫।୯ (ସମିସ):** ସ୍ଥାନୀୟ ପିନାକଲ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନ ତରଫରୁ ଗୁରୁଦିବସ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ମାନ ଦେବା ପାଇଁ ଗୁରୁ ବନ୍ଦନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରଥମେ ଅତିଥିମାନେ ମା'ସମଲେଶ୍ୱରୀଙ୍କୁ ପୁଷ୍ପ ମାଲ୍ୟ ଅର୍ପଣ କରି ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫୋଟ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସଭା କାର୍ଯ୍ୟକ୍ରମରେ ପିନାକଲ ଗ୍ରୁପର ଚେୟାରମ୍ୟାନ ବଳରାମ ମିଶ୍ର, ସେକ୍ରେଟାରୀ ମନୋରଞ୍ଜନ ମିଶ୍ର, ପିନାକଲ କଲେଜର ଅଧକ୍ଷ ଭଗବାନ ମେହେର ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଚେୟାରମ୍ୟାନ ଶ୍ରୀ ମିଶ୍ର ନିଜର ସ୍ୱାଗତ ଭାଷଣରେ ଭାରତର ପୂର୍ବ ରାଷ୍ଟ୍ରପତି ସ୍ୱର୍ଗତ ଡ଼ ସର୍ବପଲ୍ଲୀ ରାଧାକୃଷ୍ଣଙ୍କୁ ଶ୍ରଦ୍ଧାଞ୍ଜଳି ଦେ ସ୍ମୃତି ଚରଣ କରିଥିଲେ।ଶ୍ରୀ ମିଶ୍ର କହିଥିଲେ ଶିକ୍ଷକମାନେ ନିଜର ସ୍ୱେଦ ଓ ରକ୍ତ ଭରା ପରିଶ୍ରମ ଦେଇ ଭାରତର ପରବର୍ତ୍ତି ପିଢ଼ିକୁ ନିର୍ମାଣ କରୁଛନ୍ତି ଏଣୁ ତାଙ୍କୁ ଯେତେ ସମ୍ମାନ ଦେଲେ ମଧ କମ। ପିନାକଲ କଲେଜର ଅଧକ୍ଷ ଶ୍ରୀ ମେହେର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କାର୍ ସହ ଗଞ୍ଜେଇ ଜବତ, ୪ ଗିରଫ



**ରେଢ଼ାଖୋଲ, ୫।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବୌଦ୍ଧ ରାସ୍ତାର କଦଳିଗଡ଼ ପଞ୍ଚାୟତ ସ୍ଥିତ ଟୋଲ୍ ଗେଟ୍ ନିକଟରୁ ଶୁକ୍ରବାର ଦିନ ସମ୍ବଲପୁର ଅବକାରୀ ବିଭାଗ ମୋବାଇଲ ଟିମ୍ ପକ୍ଷରୁ ଚଢାଉ କରାଯାଇ ଏକ କାର୍ ସହ ୧୦ କେଜି ଗଞ୍ଜେଇ ଜବତ କରିବା ସହିତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ବିହାର ରାଜ୍ୟ ଜିଲ୍ଲା ରୋହତାସ ଥାନା ଚେନାରୀ ଅଞ୍ଚଳର ଅଶୋକ ସିଂହ(୨୯), ରଞ୍ଜନ କୁମାର(୧୮), ରାଜେନ୍ଦ୍ର ରାମ(୬୫) ଏବଂ ଓଡ଼ିଶା ରାଜ୍ୟ ଜିଲ୍ଲା କନ୍ଧମାଳ ଥାନା ଫିରିଙ୍ଗିଆ ଅଞ୍ଚଳର ରଞ୍ଜନ ନାୟକ(୩୧)। ସୂଚନା ଯୋଗ୍ୟ ଯେ ଉକ୍ତ ବେଆଇନ ଗଞ୍ଜେଇ ଚାଲାଣକାରି ଅଭିଯୁକ୍ତମାନେ ବୌଦ୍ଧ ଜିଲ୍ଲା ପଟରୁ ରେଢ଼ାଖୋଲ ଅଭିମୁଖେ କାର ନଂ ଓଆର୍ ୦୨ଏକ୍ସ-୧୯୨୯ ବିଶିଷ୍ଟ ଗାଡ଼ିରେ ବେଆଇନ ଚୋରା ଚାଲାଣ ଗଞ୍ଜେଇ ଚାଲାଣ କରୁଥିବା ନେଇ ଖବର ପାଇ ସମ୍ବଲପୁର ଜିଲ୍ଲା ଅବକାରୀ ବିଭାଗ ମୋବାଇଲ ସ୍କାଡର ଇନ୍ସପେକ୍ଟର ସତିକା ବେସନ୍ ଏବଂ ସବ୍ ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକ ଙ୍କ ସହିତ ଏକ ଟିମ୍ କଦଳିଗଡ଼ ସ୍ଥିତ ଟୋଲଗେଟ୍ ନିକଟରେ ଚଢାଉ କରି କାର ଯାଞ୍ଚ କରିଥିଲେ। କାର୍ ମଧ୍ୟରୁ ୧୦ କେଜି ଗଞ୍ଜେଇ ଜବତ କରିବା ସହ ଉକ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ମୋବାଇଲ ଟିମ୍ ପକ୍ଷରୁ ସୂଚନା ମିଳିଛି।

# ପଶ୍ଚିମାଞ୍ଚଳ୍ ଏକତା ମଞ୍ଚ ପକ୍ଷରୁ ଗୁରୁଦିବସ

**ସମ୍ବଲପୁର, ୫।୯ (ସମିସ):** ପବିତ୍ର ଗୁରୁଦିବସକୁ ଅଗ୍ରଣୀ ସାମାଜିକ ସାଂସ୍କୃତିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଶ୍ଚିମାଞ୍ଚଳ୍ ଏକତା ମଞ୍ଚ ପାଳନ କରିଛି।ମଞ୍ଚ ନାରୀ ଶକ୍ତି ପକ୍ଷରୁ ସ୍ଥାନୀୟ ସିଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଗୁରୁଜୀ ଗୁରୁମାଁଙ୍କୁ ଯଥା ବିଧି ରୀତିନୀତି ଅନୁସାରେ ଗୁରୁପୂଜନ କରିଥଲେ। ମିଷ୍ଟାନ୍ନ ଖୁଆଇ ଉପହାର ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟରେ ତୃତୀୟ ଥର ପାଇଁ ଗୁରୁପୂଜନ କାର୍ଯ୍ୟକ୍ରମର ଆୟୋଜନ ହୋଇଥିବାରୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦିଲୀପ ପାଢ଼ୀ ମଞ୍ଚକୁ ଧନ୍ୟବାଦ୍ ଜଣାଇଥିଲେ। ନାରୀ ଶକ୍ତିର ବବିତା ପାଢ଼ୀ ଓ ଯାମିନୀ ଠାକୁରଙ୍କ ନେତୃତ୍ୱରେ ସଂଯୋଜିକା ପଙ୍କଜିନୀ ମେହେର, ଜିଲ୍ଲା ସଂଯୋଜିକା ଝୁନୁ ତ୍ରିପାଠୀ, ଛବି ପତି, ସଂଘମିତ୍ରା ପଣ୍ଡା, ସୁମିତା ଚଇନି, ଭୂମିସୁତା ମେହେର, ପଙ୍କଜିନି ବୈଠାରୁ, ଅଳକା ମହାପାତ୍ର, କାନ୍ତି ମେହେର, ଲକ୍ଷ୍ମୀପ୍ରିୟା ପ୍ରଧାନ, ରୀନା ପଣ୍ଡା, ରିଙ୍କି ମହାରଣା, ସବିତା ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ।ମଞ୍ଚର ଆବାହକ ଭବାନୀ ଶଙ୍କର ଭୋଇ ଓ ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ଓ ଭାଷା ସାହିତ୍ୟ ସଂଯୋଜକ ଡ.ସ୍ୱୟଂ ପ୍ରକାଶ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।




**ମହାନଗର ନିଗମ ନିର୍ବାଚନ ଉପରେ ସମ୍ବଲପୁର ବିଧାୟକଙ୍କ ମନ୍ତବ୍ୟ**

# ହାଇକୋର୍ଟଙ୍କ ଅବମାନନାକୁ ଦର୍ଶାଉଛି:ରୋହିତ

**ସମ୍ବଲପୁର, ୫।୯ (ସମିସ):**ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ଏକ ପ୍ରେସ ବିବୃତି ମାଧ୍ୟମରେ ଜଣାଇଛନ୍ତି ଯେ ସମ୍ବଲପୁର ବିଧାୟକଙ୍କ ସମ୍ବଲପୁର ମହାନଗର ନିଗମ ନିର୍ବାଚନ ଉପରେ ଦେଇଥିବା ମନ୍ତବ୍ୟ ହାଇକୋର୍ଟଙ୍କ ଅବମାନନାକୁ ଦର୍ଶାଉଛି। ଇଂ ପୂଜାରୀ ଏହି ମର୍ମରେ କହିଛନ୍ତି ଯେ ଗତକାଲି ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ବିଭିନ୍ନ ଗଣ ମାଧ୍ୟମରେ ନିଜର ମନ୍ତବ୍ୟ ଦେଇଥିଲେ ଯେ ବିଜୁ ଜନତା ଦଳ ନିର୍ବାଚନ ହାରିବା ଭୟରେ ସମ୍ବଲପୁର ମହାନଗର ନିଗମ ନିର୍ବାଚନ କରୁନଥିଲେ, ସମସ୍ତଙ୍କୁ ଜଣା ଅଛି ଯେ ମହାନଗର ନିଗମ ନିର୍ବାଚନ କେଉଁ କାରଣରୁ ପାଇଁ ହେଉ ନ ଥିଲା, ମାନ୍ୟବର ହାଇକୋର୍ଟରେ ଜଣେ ଜନସାଧାରଣଙ୍କ ପକ୍ଷରୁ ୱାର୍ଡ ସଂରକ୍ଷଣ ବିରୋଧରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିବାରୁ ମାନ୍ୟବର ଓଡ଼ିଶା ହାଇକୋର୍ଟ ମହାନଗର ନିଗମ ନିର୍ବାଚନକୁ ଅନ୍ତିମ ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ଆଦେଶ ମତେ ମହାନଗର ନିର୍ବାଚନ ବନ୍ଦ ଥିଲା। ରାଜ୍ୟରେ ମାନ୍ୟବର ହାଇକୋର୍ଟ ଉପରେ କେହି ନାହାନ୍ତି, ଏଥିରେ ବିଜୁ ଜନତା ଦଳ ହାରିବା ଭୟରେ ନିର୍ବାଚନ ନ କରିବା ମନ୍ତବ୍ୟ ହାଇକୋର୍ଟଙ୍କ ରାୟର ଅବମାନନାକୁ ଦର୍ଶାଉଛି, କାହିଁକି ଏହା ହାଇକୋର୍ଟଙ୍କ ନିଷ୍ପତ୍ତି, ଏଥିରେ ବିଜୁ ଜନତା ଦଳର କୌଣସି ଭୂମିକା ନାହିଁ, ବିଜୁ ଜନତା ଦଳ ସବୁବେଳେ ହାଇକୋର୍ଟଙ୍କ ରାୟକୁ ସମ୍ମାନ ଦେଇ ଆସିଛି। ଏହା ସହ ଇଂ ପୂଜାରୀ ଦୃଢତାର ସହ କହିଛନ୍ତି ଯେ ବିଜୁ ଜନତା ଦଳ କେବେ ନିର୍ବାଚନକୁ ଡରେ ନାହିଁ, ବିଜୁ ଜନତାଦଳ ସଚ୍ଚୋଟତାର ସହ ସବୁ ନିର୍ବାଚନକୁ ସବୁ ସମୟରେ ସାମ୍ନା କରି ଆସିଛି। ଆଗକୁ ମଧ ସବୁ ସମୟରେ ପ୍ରସ୍ତୁତ ଅଛି ନିର୍ବାଚନ ପାଇଁ ଏଥିରେ କିଛି ଦ୍ୱିମତ ନାହିଁ, ବିଜେପିକୁ ଚିନ୍ତା କରିବାର ଆବଶ୍ୟକ ଯେ ସେମାନେ କିଭଳି ନିର୍ବାଚନୀ ଦରିଆ ପାର୍ ହେବେ, କାରଣ ଦେଢ଼ ବର୍ଷ ସରକାରରେ ମହାନଗର ନିଗମ ଅଞ୍ଚଳର ଜନସାଧାରଣ ମୌଳିକ ସେବାରୁ ବଞ୍ଚିତ ହୋଇ ଅତିଷ୍ଠ ହୋଇ ସାରିଲେଣି। ମହାନଗର ନିଗମ ଅଞ୍ଚଳର ଅଳିଆ ଆବର୍ଜନାର ସୁପରିଚାଳନା ଠିକ୍ ଭାବରେ ହେଉନାହିଁ, ରାସ୍ତା, ନାଳ ନର୍ଦ୍ଦମାର କଥା ନ କହିବା ଭଲ, ସ୍ୱଚ୍ଛ ପାନୀୟ ଜଳ ଯୋଗାଣର ସମସ୍ୟା ରହିଛି। ନିଶା କାରବାର, ସଟ୍ଟା, ଅପରାଧର ରାଜଧାନୀ ହେବାରେ ଲାଗିଛି, ଆମେ ଚାହୁଁଛୁ ଯେତେ ଶୀଘ୍ର ନିର୍ବାଚନ ହେବ ସମ୍ବଲପୁରୀ ବାସୀ ସେତେ ଶୀଘ୍ର ଏହି ସବୁ ମୌଳିକ ସେବା ଗୁଡିକ ଠିକ୍ ଭାବରେ ପାଇପାରିବେ, ଆମେ ଦାବି କରୁଛୁ ଯଥା ଶୀଘ୍ର ନିର୍ବାଚନ କରାଯାଉ।

## ଜିଲ୍ଲା ସ୍କୁଲରେ ଜିଲ୍ଲାସ୍ତରୀୟ ଗୁରୁଦିବସ

# ୨୭ ଜଣ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ସମ୍ବଲପୁର, ୫।୯ (ସମିସ):** ସ୍ଥାନୀୟ ଚନ୍ଦ୍ରଶେଖର ବେହେରା ଜିଲ୍ଲାସ୍କୁଲର ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟରେ ଜିଲ୍ଲାସ୍ତରୀୟ ଗୁରୁଦିବସ ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ୨୦୨୪ ବର୍ଷର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା।ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଏଡିଏମ୍ ସୁଧାଂଶୁ କୁମାର ଭୋଇ, ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ପୂର୍ବତନ ଜିଲ୍ଲା ଶିକ୍ଷା ମଣ୍ଡଳାଧିକାରୀ ଗିରିଧାରୀ ହୋତା, ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା ଗୀତାଞ୍ଜଳୀ ଭୋଇ, ଝାଡେଶ୍ୱରୀ ମହାବିଦ୍ୟାଳୟର ଅଧକ୍ଷ ଅଶୋକ ପୁରୋହିତ ଯୋଗ ଦେଇଥିଲେ।ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିବା ପରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପାର୍ଥସାରଥି ପ୍ରଧାନ ଉତ୍ସବ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।ମୁଖ୍ୟ ଅତିଥି ଏଡିଏମ୍ ଶ୍ରୀ ଭୋଇ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନରେ ଶିକ୍ଷକଙ୍କ ସହଯୋଗ ନିଷ୍ଠା ଓ ତ୍ୟାଗର ଆବଶ୍ୟକତା ରହିଛି ବୋଲି କହିଥିଲେ।ଏ ଅବସରରେ ୧୦ ଜଣ ପ୍ରାଇମେରୀ ଶିକ୍ଷକ ଶିକ୍ଷୟିତ୍ରୀ, ୧୪ ଜଣ ମାଧ୍ୟମିକ ଶିକ୍ଷକ ଶିକ୍ଷୟିତ୍ରୀ ଓ ୩ ଜଣ କ୍ଲଷ୍ଟର ସଂଯୋଜକଙ୍କୁ ଅତିଥିମାନେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ କରିଥିଲେ। ସଭା ପ୍ରାରମ୍ଭରେ ଜିଲ୍ଲାସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଜିଲ୍ଲାସ୍କୁଲର ପ୍ରଧାନ ଶିକ୍ଷକ ଲୋକିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରାଖି ମହାପାତ୍ର, ଦୀପାଳି ଚୌଧୁରୀ ପ୍ରଧାନଶିକ୍ଷକ ଗୌରଦାସ ପ୍ରଧାନ, ଶିକ୍ଷୟିତ୍ରୀ ଦେବସ୍ମିତା ରାଉତ ମଞ୍ଚ ପରିଚାଳନା କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ହାଇସ୍କୁଲର ପ୍ରଧାନଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।



## ଲେଡିଲୁଇସ ସ୍କୁଲର ୨ ଶିକ୍ଷୟିତ୍ରୀ ପୁରସ୍କୃତ

ଲେଡିଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟର ଦୁଇଜଣ ଶିକ୍ଷୟିତ୍ରୀ ୨୪-୨୫ ଶିକ୍ଷାବର୍ଷ ପାଇଁ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ସେମାନେ ହେଲେ କମଳିନୀ ଆଚାର୍ଯ୍ୟ (ସାମାଜିକ ବିଜ୍ଞାନ) ଏବଂ ସୁନୀତା ପୁରୋହିତ (ମାତୃଭାଷା) ।ଗୁରୁଦିବସରେ ସମ୍ବଲପୁରର ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତରଫରୁ ଆୟୋଜିତ ହୋଇଥିବା ସମ୍ବର୍ଦ୍ଧନା ସଭାରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଜି ସମ୍ବଲପୁରରେ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍

**ସମ୍ବଲପୁର, ୫।୯ (ସମିସ):** ସମ୍ବଲପୁରରେ ଆଜି(ଶନିବାର) ପ୍ରଥମ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣରେ ସନ୍ଧ୍ୟାରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ଭବ୍ୟ, ବିଶାଳ ଓ ସଫଳ କରିବା ପାଇଁ ଉଭୟ ଆୟୋଜକ ଓ ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତି ରେ କାର୍ଯ୍ୟରତ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସହ ବିଜେପି ରାଜ୍ୟ ସଭାପତି ମନ ମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସମେତ ଦଳ ମତ ନିର୍ବିଶେଷରେ ପଶ୍ଚିମ ଓଡ଼ିଶାର ସମସ୍ତ ବିଧାୟକ ସାଂସଦ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ କାର୍ଯ୍ୟ ଗୁଡିକୁ ବିଭିନ୍ନ ବିଭାଗରେ ବଣ୍ଟନ କରାଯାଇଛି। ମଞ୍ଚ ପ୍ରସ୍ତୁତି, ସାଜଶଯ୍ୟା, ଅତିଥି ଆଗମନ, ଅତିଥି ସତ୍କାର, ସମ୍ମାନିତ କାର୍ଯ୍ୟକ୍ରମ, ସାଂସ୍କୃତିକ କାର୍ଯ୍ୟକ୍ରମ, ମିଡିଆ ବ୍ୟବସ୍ଥା, ଦର୍ଶକ ଗ୍ୟାଲେରୀ, ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଅନୁଭବି କାର୍ଯ୍ୟକର୍ତ୍ତା ଓ କଳାକାର ରହିଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ଦାୟିତ୍ୱରେ ସମୀର ରଞ୍ଜନ ବାବୁ, ଅମିତ ପତି ଓ ବଣ୍ଟି ସାହୁ ରହିଥିବା ବେଳେ ରଞ୍ଜନ ସାହୁ, ଦୁର୍ଗା ଦାଶ, ମୋହିତ ସ୍ୱାଇଁ, ମହେଶ ପଟେଲ, ଦୀପାଳି ଚୌଧୁରୀ, ପଦ୍ମିନୀ ଦୋରା ପ୍ରମୁଖ ସହଯୋଗ କରୁଛନ୍ତି। ତର୍ପଣ ପ୍ରଧାନ ଓ ସୁଶ୍ରୀ ମିମାଂସା ରଥ ଉଦଘୋଷକ ଦାୟିତ୍ୱ ନିର୍ବାହନ କରିବେ। ଆୟୋଜନ କମିଟିରେ ନାଉରୀ ନାଏକ, ପ୍ରଫୁଲ୍ଲ ହୋତା, ଅନିଲ ବେହେରା, ସୁଶାନ୍ତ ପୁରୋହିତ, ଫଣି ଭୂଷଣ ମିଶ୍ର, ଗୋବିନ୍ଦ ଅଗ୍ରୱାଲ, ଡ.ପ୍ରମୋଦ ରଥ, ରିକି ବେହେରା, ମୋହନ ଦାଶ, ଅରୁଣ ଦାସ, ଅଜିତ ବେହେରା, ଅବିନାଶ ପାଣିଗ୍ରାହୀ, ସୁଶ୍ରୀ ଶୁଭଶ୍ରୀ ମିଶ୍ର, ପ୍ରଭାସିନୀ ଦାଶ, ସିତାକାନ୍ତି ମେସୁଆ ପ୍ରମୁଖ ରହିଛନ୍ତି। ଅପରାହ୍ନରେ ମୁଖ୍ୟମନ୍ତ୍ରୀ ସମ୍ବଲପୁରରେ ପହଞ୍ଚି ମାଁ ସମଲେଶ୍ୱରୀ, ମାଁ ପଟଣେଶ୍ୱରୀଙ୍କୁ ଦର୍ଶନ କରିବେ। କାର୍ଯ୍ୟକ୍ରମରେ ସାମିଲ ହୋଇ ରାତ୍ରିରେ ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜନ କମିଟିର ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ସୂଚନା ଦେଇଛନ୍ତି।

# ଜାତୀୟସ୍ତରରେ ଜଳସେବକ ସମ୍ମାନରେ 'ଆଦର୍ଶ' ସମ୍ମାନିତ

**ସମ୍ବଲପୁର, ୫।୯ (ସମିସ):** ପାନୀୟ ଜଳ, ନିତ୍ୟ ବ୍ୟବହାର୍ଯ୍ୟ ଜଳ ଠାରୁ ଆରମ୍ଭ କରି କୃଷି ପାଇଁ ଜଳ ପର୍ଯ୍ୟନ୍ତ ଦୁର୍ଗମ ଅଞ୍ଚଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଅନ୍ୟପକ୍ଷରେ ପାହାଡ଼ ଅଞ୍ଚଳରେ ବର୍ଷା ଜଳ ଓ ଜଳସ୍ରୋତ ନଷ୍ଟ ହୋଇଥାଏ। ମାଧ୍ୟାକର୍ଷଣ ଶକ୍ତିକୁ ଉପଯୋଗ କରି ବିନା ବିଜୁଳି, ଡିଜେଲ ଆଦି ବ୍ୟବହାର କରି ଓ ପ୍ରାକୃତିକ ଉପାୟରେ ପଥରବନ୍ଧ କରି ଲୋକଙ୍କ ଜୀବନ ଜୀବିକାକୁ ସୁଦୃଢ଼ କରୁଛି ସମ୍ବଲପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଦର୍ଶ'। ଏଥିପାଇଁ କଲିକତାଠାରେ ଆୟୋଜିତ ଏକ ଭବ୍ୟ ସମାରୋହ ରେ 'ଆଦର୍ଶ'କୁ ଜାତୀୟ ସ୍ତରରେ ଜଳ ସେବକ ସମ୍ମାନ ୨୦୨୫ ପ୍ରଦାନ କରାଯାଇଛି। ଏହି ସମ୍ମାନକୁ ଆଦର୍ଶର ସମ୍ପାଦକ ପ୍ରଦୀପ କୁମାର ବେହେରା ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଏସ ବାଲକ୍ରିଷ୍ଣନଙ୍କଠାରୁ ଗ୍ରହଣ କରିଛନ୍ତି। ସାରା ଦେଶରୁ ୬୪ଟି ଏନଜିଓ ଏହି ସମ୍ମାନ ପାଇଁ ମୂଲ୍ୟାଙ୍କନ କରାଯାଇଥିବା ବେଳେ ବିହାରର 'ଅପନା ଆଞ୍ଚଲ'ପ୍ରଥମ ଏବଂ ଓଡ଼ିଶାର 'ଆଦର୍ଶ' ଦ୍ୱିତୀୟ ସ୍ଥାନ ଅଧିକାର କରି ସମ୍ବର୍ଦ୍ଧିତ ହୋଇଛନ୍ତି। ସମ୍ବଲପୁର, ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାରେ ଆଦର୍ଶ ପକ୍ଷରୁ ଜଳ ସଂରକ୍ଷଣ, ଜଳଧାରାର ଦିଗ ପରିବର୍ତ୍ତନ, ଜଳସେଚନ, ଭୂତଳ ଜଳ ସଂରକ୍ଷଣ ଆଦି ବିଭିନ୍ନ ପ୍ରକଳ୍ପ କରାଯାଉଛି।



# ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ

**ସମ୍ବଲପୁର, ୫।୯ (ସମିସ)**

ମହାଆଡ଼ମ୍ବରରେ ସମ୍ବଲପୁରରେ ପ୍ରଫେଟ ମହମ୍ମଦଙ୍କ ୧୫୦୦ ଜୟନ୍ତୀ ପାଳିତ ହୋଇଛି।ସାରା ବିଶ୍ୱ ପାଳୁଛି ମହମ୍ମଦ ଜୟନ୍ତୀ ତଥା ଇଦ-ମୀଲାଦୁନ-ନବୀ। ଏହା ମୁସଲମାନଙ୍କ ଅନ୍ୟତମ ଇଦ ପର୍ବ। ମୁସଲମାନ ସମ୍ପ୍ରଦାୟର ଲୋକମାନେ ଭକ୍ତି ଓ ଶ୍ରଦ୍ଧା ପୂର୍ବକ ଏହି ଦିନଟିକୁ ପାଳନ କରିଥାନ୍ତି। ସମ୍ବଲପୁରରେ ମହାସମାରୋହରେ ଗଙ୍ଗାଧର ମଣ୍ଡପରେ ଏହା ପାଳିତ ହୋଇଛି। ମୋତିଝରଣ ମସଜିଦରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଭୁତାପଡ଼ା ଛକ, ଜିଲ୍ଲା ସ୍କୁଲ ଛକ, ଲକ୍ଷ୍ମୀ ଟକିଜ ଛକ, ଗୋଲବଜାର, ପୀର ବାବା ଛକ ଦେଇ ସହର ପରିକ୍ରମା କରିଥିଲା।ଶୋଭାଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଏହି ସମୟରେ ମୁସଲମାନ ସମ୍ପ୍ରଦାୟଙ୍କ ତରଫରୁ ମିଠା ବଣ୍ଟନ କରାଯାଇଥିଲା।ପ୍ରତି ବର୍ଷ ଏହି ଉତ୍ସବକୁ ପାଳନ କରିବାକୁ ବିଭିନ୍ନ ମସଜିଦଙ୍କୁ ଦାୟିତ୍ୱ ଦିଆଯାଏ। ଚଳିତ ବର୍ଷ ଦଲେଇପଡ଼ାର ଦୁଇ ମସଜିଦ ଏହାକୁ ଆୟୋଜନ କରିଥିଲେ। ଆଜିର ଦିନରେ ଘରେ ଘରେ ମିଠା ତିଆରି ହୋଇଥାଏ। ମହାପୁରୁଷ ମହମ୍ମଦଙ୍କ ନୀତି ଆଦର୍ଶ ଅନୁସାରେ ଏହି ପର୍ବକୁ ଶାନ୍ତି ଓ ଭାଇଚାରାର ପର୍ବ ଭାବେ ପାଳନ କରାଯାଉଛି। ଏନେଇ ମୁସଲିମ ସମ୍ପ୍ରଦାୟ ଶ୍ରଦ୍ଧାଳୁ କହିଛନ୍ତି, 'ଏହି ଦିବସର ମୂଳ ବିଶେଷତ୍ୱ ହେଉଛି ଖୁସି ବାଣ୍ଟିବା।ଲୋକଙ୍କ ସେବା କରି ଶାନ୍ତି ଓ ପ୍ରେରଣାର ବାର୍ତ୍ତା ଦିଆଯାଏ। ମହମ୍ମଦ ଜୟନ୍ତୀ ଉପଲକ୍ଷେ ସମ୍ବଲପୁରର ବିଭିନ୍ନ ମସଜିଦଗୁଡିକୁ ସୁସଜ୍ଜିତ କରାଯାଇଛି। ଗଙ୍ଗାଧର ସ୍ଥିତ ମଣ୍ଡପରେ ପ୍ରବଚନର ବ୍ୟବସ୍ଥା କରାଯାଇଛି। ଏଥିରେ ବରେଲିର ପୀରସାହେବ ସହ ବିଭିନ୍ନ ପ୍ରବଚକ ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲ୍ଲା ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଶୋଭାଯାତ୍ରାରେ ବାହାରି ମିଠା ବାଣ୍ଟିଲେ




## ବୁର୍ଲାରେ ମହମ୍ମଦ ଜୟନ୍ତୀ

ବୁର୍ଲାରେ ମଧ ମହମ୍ମଦ ଜୟନ୍ତୀ ପାଳିତ ହୋଇଛି। ଗୌଶିଆ ଜାମା ମସଜିଦ କମିଟି ପକ୍ଷରୁ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ୱାହବ କାଦ୍ରୀ, ବବଲୁ କାଦ୍ରୀ, ସଲିମ କାଦ୍ରୀ ପପୁକାଦ୍ରୀ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

ଆନନ୍ଦପୁର, ୫।୯ (ସମିସ): ଆନନ୍ଦପୁର ଥାନା ଅନ୍ତର୍ଗତ ପଣସଡିହା ପଞ୍ଚାୟତ ହରିଡାଭୋଳ ଗ୍ରାମର କୁଆଁର ଦିଗୀ ପୋଖରୀରେ ଗାଧୋଉଥିବା ବେଳେ ଉକ୍ତ ଗ୍ରାମର ସନ୍ତୋଷ ଦିଗୀଙ୍କ ପୁଅ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ଦିନ ୧୧ଟାରେ ଗାଧୋଉଥିବା ବେଳେ ଘଟିଛି ଏ ଅଘଟଣ। ଖବର ପାଇ ଆନନ୍ଦପୁର ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଯୁବକର ମୃତଦେହ ଉଦ୍ଧାର

ରାଇରଙ୍ଗପୁର, ୫।୯ (ସମିସ): ଜାମଦା ଥାନା ବାନ୍ଦଦୁମା ଗ୍ରାମ ନିକଟ ଏକ ରାସ୍ତାକଡ ବିଲରୁ ଜଣେ ଯୁବକର ମୃତଦେହ ଉଦ୍ଧାର ହୋଇଛି। ଗ୍ରାମର ଜଣେ ଚାଷୀ ବିଲକୁ ଯାଇଥିବାବେଳେ ଜଣେ ଯୁବକର ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛି। ତେବେ ପାରିପାର୍ଶ୍ୱିକ ଘଟଣାରୁ ଜଣାପଡିଛି ଯେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଘଟଣାର ତଦନ୍ତ କରାଗଲେ ପ୍ରକୃତ କାରଣ ଜଣାପଡିବ ବୋଲି ପୁଲିସ ପ୍ରକାଶ କରିଛି। ବାନ୍ଦଦୁମା ଗ୍ରାମରେ ଗତକାଲି ରାତିସାରା ଯାତ୍ରା ଚାଲୁଥିଲା। ତେଣୁ ମେଳା ଦେଖିବାକୁ ଆସିଥିବା କେହି ଦୁର୍ବୃତ୍ତ ଏଭଳି କାଣ୍ଡ ଘଟାଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ବାରିପଦାରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଚଳାଇଛି।

## ଶିଶୁ ମନ୍ଦିରରେ ଗୁରୁଦିବସ ପାଳିତ



ଆନନ୍ଦପୁର, ୫।୯ (ସମିସ): ଆନନ୍ଦପୁର ସରସ୍ୱତୀ ଶିଶୁମନ୍ଦିର ବୌଦ୍ଧିକ ମଣ୍ଡପଠାରେ ପବିତ୍ର ଗୁରୁଦିବସ ପାଳିତ ହୋଇଛି। ପରିଚାଳନା ସମିତିର ସଦସ୍ୟ ସୁବାସଚନ୍ଦ୍ର ବେହେରା ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟା ତୃପ୍ତିରାଣୀ ବେହେରା ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତିର ସଭାପତି ଉଷାରାଣୀ ଜେନା, ଉପସଭାପତି ଜଗନ୍ନାଥ ସିଂ, ସମ୍ପାଦକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ, କୋଷାଧ୍ୟକ୍ଷ ଦିଲ୍ଲୀପ ପାତ୍ର ଗୁରୁଜୀ ଗୁରୁମାମାନଙ୍କୁ ଉପଢୌକନ ପ୍ରଦାନ କରିଥିଲେ। ଶିଶୁମାନେ ଗୁରୁବନ୍ଦନା କରିବା ସହ ବକ୍ତବ୍ୟ ନିଜ ନିଜ ବକ୍ତବ୍ୟ ପରେ ଗୁରୁପୂଜନ ସମ୍ପର୍କିତ ନୃତ୍ୟ ପରିବେଷଣ କରିଥିଲେ। ଦିବା ପର୍ଯ୍ୟାୟ ପ୍ରମୁଖ ଅହଲ୍ୟା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଭିଭାବକ ସନ୍ତୋଷ ପାତ୍ର ଶିଶୁ, ଗୁରୁଜୀ, ଗୁରୁମାମାନଙ୍କ ପାଇଁ ଭୋଜନ ବ୍ୟବସ୍ଥା କରିଥିଲେ।

## ଗୋରୁ ବୋଝେଇ ପିକ୍‌ଅପ୍ ଜବତ



ମହୁଲଡିହା/ଠାକୁରମୁଣ୍ଡା, ୫।୯ (ସମିସ): ଠାକୁରମୁଣ୍ଡା ଥାନା ପୁଲିସ ଆଜି ପୁଣି ଏକ ଗୋରୁ ବୋଝେଇ ପିକଅପ ଜବତ କରିଛି। ଠାକୁରମୁଣ୍ଡା ଓ ମହୁଲଡିହା ପୁଲିସ ଭୋରୁ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର କେନ୍ଦୁଜିଆଣି ଶିଶୁ ବିଦ୍ୟାମନ୍ଦିର ବାଙ୍କରେ ଏକ ପିକଅପକୁ ଅଟକାଇ ଥିଲେ। ପରେ ପୁଲିସ ଯାଞ୍ଚ କରିବାରୁ ୧୧ଟି ବଳଦ ଗାଡିରେ ଥିବା ଜଣାପଡିଥିଲା। ହେଲେ କୌଶଳକ୍ରମେ ଚାଳକ ଫେରାର ହୋଇଯାଇଛି। ଜବତ ବଳଦକୁ କେନ୍ଦୁଝର ଜିଲ୍ଲା ରାଜନଗର ସ୍ଥିତ ନନ୍ଦିନୀ ଗୋଶାଳାକୁ ପଠାଇ ଦିଆଯାଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁ ଦିବସ



କରଞ୍ଜିଆ, ୫।୯ (ସମିସ): କରଞ୍ଜିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଗୁରୁ ଦିବସ ପାଳିତ ହୋଇଛି। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ କାଶୀନାଥ ମହାନ୍ତଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ଶିଶୁ ଭାଇଭଉଣୀ ଗୁରୁ ପୂଜନ କରିବା ସହିତ ଏହି ଦିବସର ପାଳନର ମହତ୍ତ୍ୱ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ଉପସଭାପତି ଇଂ ତ୍ରିଲୋଚନ ସେଠୀ, କୋଷାଧ୍ୟକ୍ଷ କୈଳାଶ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ୧୮ ମାସ ପରେ ଧରାପଡିଲା ହାତୀ ଶିକାରୀ

ବାରିପଦା, ୫।୯ (ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନ ପରିସରରେ ଗତ ୨୦୨୩ ନଭେମ୍ବରରେ ହାତୀ ଶିକାର କରିବା ଏବଂ ହାତୀଦାନ୍ତ କାରବାର ମାମଲାରେ ଜଣେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲା। ପୁଲିସ ଅଭିଯୁକ୍ତକୁ ଧରିବା ପାଇଁ ୧୮ ମାସ ହେଲା ଖୋଜୁଥିଲା। ଶେଷରେ ଗୁରୁବାର ତାଙ୍କ ଘରୁ ଗିରଫ କରିଛି ପୁଲିସ। ଅଭିଯୁକ୍ତ ଜଣଙ୍କ ହେଲେ ଯଶିପୁର ଥାନା ଅଧୀନ ଠାକୁରଗୋଡାର ଯୋଗେଶ୍ୱର ଦେହୁରୀ (୨୮)। ଯୋଗେଶ୍ୱର ବାରମ୍ବାର ପୁଲିସର ହାତରୁ ଖସି ପଳାଉ ଥିବାରୁ ତା ବିରୋଧରେ କୋର୍ଟ ଗିରଫ ପରୱାନା ଜାରି କରିଥିଲେ। ଗୁରୁବାର ତାକୁ ଗିରଫ କରାଯାଇ କୋର୍ଟରେ ହାଜର କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଏ ଯାଏ ୨୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଜଣେ ଫେରାର ରହିଛି।

### ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟକୁ ନେଇ ଦୁଇ ପଞ୍ଚାୟତରେ ଦ୍ୱନ୍ଦ୍ୱ

# ସରକାରୀ କର୍ମଚାରୀଙ୍କୁ ଅଟକ, ବିଜେପି ନେତାଙ୍କୁ ଠେଲାପେଲା

ତୁରୁମୁଙ୍ଗା, ୫।୯ (ସମିସ)



କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଧୀନ ଚେମେଣା ପଞ୍ଚାୟତ ଏବଂ ଯମୁନାପଶି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଦିନକୁ ଦିନ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି। ଏନେଇ ଗ୍ରାମବାସୀ ଭୟଭୀତ ଏବଂ ଅସୁରକ୍ଷିତ ଅନୁଭବ କରୁଛନ୍ତି। ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟ କରାଇ ନଦେବାକୁ ଜିନ୍ଦଲ ପ୍ରତିରୋଧ ମଞ୍ଚ ପକ୍ଷରୁ ବିଭିନ୍ନ ରାଲି କରିବା ସହ ଚାଷ ଜମିରେ ଷ୍ଟିଲ ପ୍ଲାଣ୍ଟ କରାଇ ନଦେବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହେଲେ ଏବେ ଦୁଇ ପଞ୍ଚାୟତର ୧୨ରୁ ଊର୍ଦ୍ଧ୍ୱ ଗାଁରେ ଷ୍ଟିଲ ପ୍ଲାଣ୍ଟକୁ ନେଇ ଅସନ୍ତୋଷ ଦେଖାଦେବା ସହ ଦିନକୁ ଦିନ ଅଶାନ୍ତି ହେବା ଦେଖିବାକୁ ମିଳିଛି।

ପ୍ରସ୍ତାବିତ ବାଦାମପାହାଡ଼ କେନ୍ଦୁଝରଗଡ଼ ରେଳ ପ୍ରକଳ୍ପ ପାଇଁ ଜମିର ସର୍ଭେ ଓ ଯାଞ୍ଚ କରିବା ପାଇଁ ଆସିଥିବା କିଛି ସରକାରୀଙ୍କ ସହ ସ୍ଥାନୀୟ ଆରଆଇଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟ ପାଇଁ ଜମି ଅଧିଗ୍ରହଣ ପାଇଁ ଆସିଥିବା ସନ୍ଦେହ କରି ଚେମେଣା ନର୍ସରୀ ଛକ ରାସ୍ତାରେ ମହିଳାମାନେ ଦୁଇ ଘଣ୍ଟା ଧରି କର୍ମଚାରୀଙ୍କୁ ଘେରି ଯାଇଥିଲେ। ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ରହିଥିଲା। ଖବର ପାଇ ତୁରୁମୁଙ୍ଗା ପୁଲିସ ପହଞ୍ଚିବା ପରେ ସରକାରୀ କର୍ମଚାରୀମାନେ ଉଦ୍ଧାର ପାଇଥିଲେ। ଏଥିସହ ସାଂସଦଙ୍କ ପାଟଣା ବ୍ଲକ ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ଖିରେଇଟାଙ୍ଗରୀ ମଣ୍ଡଳ ସଭାପତି ମନୋଜ ମହାନ୍ତ, ଯମୁନାପଶି ପଞ୍ଚାୟତର ସରପଞ୍ଚ ଶଶିଭୂଷଣ ନାଏକ, ଡମ୍ବରୁ ମହାନ୍ତ, ଭଗବାନ ଦାଶଙ୍କୁ ଉତ୍ତ୍ୟକ୍ତ ଲୋକେ ଓ ମହିଳା ଷ୍ଟିଲପ୍ଲାଣ୍ଟ ସପକ୍ଷରେ ଆସିଥିବା ସନ୍ଦେହ କରି ଠେଲାପେଲା କରିଥିଲେ। ଏପରିକି ସେମାନଙ୍କ ଗାଡ଼ିର ଟାୟାର ପମ୍ପ ଖୋଲିଦେବା ସହ କାଗଜପତ୍ର ନେଇ ଯାଇ ଗାଳିଗୁଲଜ କରିଥିଲେ। ଏନେଇ ତୁରୁମୁଙ୍ଗା ଥାନାରେ କେନ୍ଦେଇପଶି ମଣ୍ଡଳ ସଭାପତି ମନୋଜ ମହାନ୍ତ ଅଭିଯୋଗ କରିଛନ୍ତି। ଫଳରେ ପୁଲିସ ୫ ଜଣଙ୍କ ସମେତ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟ ପାଇଁ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ରହୁଛି। ଉକ୍ତ ଗ୍ରାମଗୁଡ଼ିକୁ ଗଲେ ଆକ୍ରମଣର ଶିକାର ହେବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ ଶୁଣୁଛନ୍ତି। ଏପରିକି ସରକାରଙ୍କ କୃଷି ବିଭାଗର କର୍ମଚାରୀମାନେ ମଧ୍ୟ କୌଣସି କାର୍ଯ୍ୟରେ ଆସିଲେ ଷ୍ଟିଲ ପ୍ଲାଣ୍ଟ ଦ୍ୱନ୍ଦ୍ୱ ନେଇ ସେମାନଙ୍କୁ ଗାଁକୁ ପୂରାଇ ଦେଉନାହାନ୍ତି ଲୋକେ। ଏନେଇ ଜିନ୍ଦଲ ପ୍ରତିରୋଧ ମଞ୍ଚର ସମ୍ପାଦକ ବେଣୁଧର ସର୍ଦ୍ଦାର କହିଛନ୍ତି, ରକ୍ତ ଦେବୁ ପଛେ ଭିଟାମାଟି ଛାଡିବୁ ନାହିଁ। ଅନ୍ୟପକ୍ଷରେ, ପ୍ରଶାସନ ଏ ଦିଗରେ ଜରୁରୀ ପଦକ୍ଷେପ ନ ନେଲେ ଅନ୍ୟାନ୍ୟ ବିକାଶ ମୂଳକ ଏବଂ ସରକାରୀ କାର୍ଯ୍ୟ ଏହି ଅଞ୍ଚଳରେ ବାଧାପ୍ରାପ୍ତ ହେବ।

## ପାକାଣାପାଟରେ ଐତିହାସିକ ଜାନ୍ତାଲ ମେଳା



ରାଇରଙ୍ଗପୁର, ୫।୯ (ସମିସ): ଜାମଦା ବ୍ଲକ ଅନ୍ତର୍ଗତ କଇଁପୁର ପାକାଣାପାଟରେ ଅନୁଷ୍ଠିତ ଐତିହାସିକ ଜାନ୍ତାଲ ମେଳାରେ ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ୍ ନାଏକ, ରରୁଆଁ ବ୍ଲକ ଅଧ୍ୟକ୍ଷ ଅଜିତ କୁମାର ତିରିଆ ପ୍ରମୁଖ ଯୋଗଦେଇ ଅଞ୍ଚଳବାସୀଙ୍କ ମଙ୍ଗଳ କାମନା କରିବା ସହିତ ବାବା ନରସିଂହଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ମନ୍ତ୍ରୀ ଓ ସାଂସଦଙ୍କୁ ବସନ୍ତପୁରଠାରେ ପାସନା ପଞ୍ଚାୟତ ସରପଞ୍ଚ ମାଳତୀ ଆଲଡ଼ା, ନାରୀନେତ୍ରୀ ମୋନିକା କଣ୍ଡାଙ୍କେଲଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ସ୍ୱାଗତ କରିଥିଲେ। ଏହି ଅବସରରେ ମନ୍ତ୍ରୀ, ସାଂସଦ ଓ ବିଧାୟକ ମହାନ୍ ସ୍ୱତନ୍ତ୍ରତା ସଂଗ୍ରାମୀ ବାମନଘାଟୀ ଆଦିବାସୀ ବିଦ୍ରୋହର ମହାନ୍ ନାୟକ ରଘୁବୀର କଣ୍ଡାଙ୍କେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସେମାନେ ଜାମଦାସ୍ଥିତ ସରକାରୀ (ଏସ୍‌ଏସଡି) ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟର ଶ୍ରେଣୀଗୃହ, ଛାତ୍ରୀନିବାସ ପରିଦର୍ଶନ କରିଥିଲେ। ନିକଟରେ ପର୍ଯ୍ୟଟନ ସ୍ଥଳ ମାନ୍ୟତା ପାଇଥିବା କଇଁପୁରର ଐତିହାସିକ ଜାନ୍ତାଲ ମେଳାର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବା ପରେ ପାକାଣାପାଟ ପାହାଡ଼କୁ ଯାଇ ବାବା ନରସିଂହଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ବାନ୍ଦଦୁମାଠାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଉପସ୍ଥିତ ଜନତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ପ୍ରିୟମ୍ବଦା ସ୍ମାରକୀ ଛାତ୍ରବୃତ୍ତି ପ୍ରଦାନ



ବଡସାହି, ୫।୯ (ସମିସ): ଗୁରୁଦିବସ ଅବସରରେ ବଡସାହି ବ୍ଲକ୍ ପଟିସାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରିୟମ୍ବଦା ସ୍ମାରକୀ ଛାତ୍ରବୃତ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ରାମକୃଷ୍ଣ ଜୀଉ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗଦାଧର ସିଂ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନିରଂଜନ ପଲେଇ, କବିତା ସ୍ୱାଇଁ, ଗାୟତ୍ରୀ ସେଠୀ, ଉଦୟ କୁମାର ରାଉତ, ପରିଚାଳନା କମିଟି ସଭାପତି ଅଭୟ ବେହେରା, ପରିବାର ପକ୍ଷରୁ ସୁବାସ କୁମାର ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପ୍ରତିବର୍ଷ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଏହି ପ୍ରିୟମ୍ବଦା ସ୍ମାରକୀ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ସପ୍ତମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ କୁମାରୀ ତପସ୍ୱିନୀ ଓଝାଙ୍କୁ ଅତିଥିମାନେ ମାନପତ୍ର ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ଶ୍ରୀ ଜୀଉ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଡାଏନାମିକ୍ କରାଟେ ସ୍କୁଲର ସଫଳତା

## ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ୭ ପଦକ




ଆନନ୍ଦପୁର, ୫।୯ (ସମିସ): ଆନନ୍ଦପୁରର ଖପରାଖାଇସ୍ଥିତ ଡାଏନାମିକ କରାଟେ ସ୍କୁଲର ଛାତ୍ରଛାତ୍ରୀ ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତାରେ ସଫଳତା ପାଇଥିବାରୁ ଅଭିଭାବକ ମହଲରେ ଆନନ୍ଦ ପ୍ରକାଶ ପାଇଛି। କୋଲକାତାଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସ୍କୁଲର ଛାତ୍ର ସ୍ୱାଗତ ସମ୍ପର୍ଣ ଜେନା ଅର୍ଣ୍ଣବ କୁମାର ନାୟକ ସ୍ୱର୍ଣ୍ଣ ପଦକ ଏବଂ ଶୁଭଦୀପ ବାସ ବୁଧାଦିତ୍ୟ ମୁଦୁଲିଙ୍କୁ ରୌପ୍ୟ ସହ ଶ୍ରେୟାଂଶ ଜେନା ପ୍ରତୀକ ରଞ୍ଜନ କୁଁଅର ପ୍ରଜେଶ କୁମାର ରାଉତଙ୍କୁ କାଂସ୍ୟ ପଦକ ମିଳିଛି। ପ୍ରତିଯୋଗିତାରେ ଶ୍ରୀଲଙ୍କା ଭିଏତନାମ ଇରାନ ଭୁଟାନ ନେପାଳ ଭାରତର ବିଭିନ୍ନ ସ୍ଥାନରୁ ଖେଳାଳିମାନେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଏପରି ସଫଳତା ପାଇଁ ସ୍କୁଲର ପ୍ରଶିକ୍ଷକ ସୌମ୍ୟରଞ୍ଜନ ନାୟକ ପରିଚାଳକ ଦୀପକ କୁମାର ବାସ କ୍ରୀଡାବିତ୍ ବୁଲୁ ପଟ୍ଟନାୟକ ଅଭିଭାବକଙ୍କ ପକ୍ଷରୁ ସୁଭଦ୍ରା କର ଗାୟତ୍ରୀ ଚକ୍ର ଶ୍ରୀକାନ୍ତ ଜେନା ଶୁଭେଚ୍ଛା ଜଣାଇଛନ୍ତି।

## ପାଟଣା ବ୍ଲକ୍ ୪ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ତୁରୁମୁଙ୍ଗା, ୫।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁରୁସୁଆଁ ଉଚ୍ଚବିଦ୍ୟାଳୟର ସଂସ୍କୃତ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ ସଂସ୍କୃତ ପାଇଁ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପଇଥିବା ବେଳେ ବିଜ୍ଞାନ ପାଇଁ ତୁରୁମୁଙ୍ଗା ଦଧିବାମନ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ବିରଞ୍ଚି ନାରାୟଣ ମହାରଣା ଓ ପ୍ରାଥମିକ ଶିକ୍ଷାରେ ସରକାରୀ ପ୍ରଥମିକ ବିଦ୍ୟାଳୟ ମଙ୍ଗଳପୁରର ଶିକ୍ଷୟିତ୍ରୀ ତିଳତ୍ତମା ବେହେରା, ଡୁମୁରିଆ ସିଆରସିସି ଯୁଧିଷ୍ଠିର ମହାନ୍ତ ଏହି ପୁରସ୍କାର ପାଇଛନ୍ତି। ଶୁକ୍ରବାର କେନ୍ଦୁଝର ମୁଖ୍ୟାଳୟ ଡି ଏନ୍ ହାଇସ୍କୁଲରେ ଅତିରିକ୍ତ ଜିଲାପାଳ ମନ୍ଦଧର ମହାଲିକଙ୍କ ସଭାପତିତ୍ୱରେରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଏମପି ଅନନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଫକୀର ଚରଣ ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଡିଆଇଇଟି ଅଧ୍ୟକ୍ଷା କଲ୍ୟାଣୀ ମାଝି ଶିକ୍ଷକଙ୍କୁ ମାନପତ୍ର, ମେଡାଲ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଏଡିଇଓ ଶ୍ରୀକାନ୍ତ ବେହେରା, ରୁଦ୍ରନାରାୟଣ ସାମଲ, ସତ୍ୟନାରାୟଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରବୀର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଚଗଲା ସାହୁଙ୍କୁ ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ରାମଚନ୍ଦ୍ରପୁର, ୫।୯ (ସମିସ): କେନ୍ଦୁଝର ଜିଲ୍ଲା ଡିଏନ ହାଇସ୍କୁଲରେ ୫୧ ଜଣ ଶିକ୍ଷକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ବେଳେ ଘସିପୁରା ବ୍ଲକରୁ ସାତ ଜଣ ଶିକ୍ଷକ ଏହି ପୁରସ୍କାରରେ ସାମିଲ ହୋଇଛନ୍ତି। ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ଦରିଦ୍ର ନାରାୟଣ ବିଦ୍ୟାପୀଠର ସହକାରୀ ଶିକ୍ଷକ ଚଗଲା ସାହୁ ମୁଖ୍ୟମନ୍ତ୍ରୀ ପୁରସ୍କାର ଦ୍ୱିତୀୟଥର ପାଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଜେନା ସମେତ ସମସ୍ତ ସହକର୍ମୀ ଏବଂ ପୁରାତନ ଛାତ୍ର ସଂସଦ ସଭାପତି ଡ. ରତିକାନ୍ତ ବରାଳ, ପ୍ରଭାତ ବରାଳ ସମେତ ଗ୍ରାମବାସୀ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି।

### ଜମିଜମା ସଂଶୋଧନରେ ଲୋହାର ସମ୍ପ୍ରଦାୟକୁ ଆଦିବାସୀ ଶ୍ରେଣୀଭୁକ୍ତ କରାଯାଉ

# ଦାବି ପୂରଣ ନ ହେଲେ ମହାସଂଘର ଆନ୍ଦୋଳନ

ମହୁଲଡିହା, ୫।୯ (ସମିସ)




ଠାକୁରମୁଣ୍ଡା ନିଖିଳ ଓଡ଼ିଶା ଆଦିବାସୀ ବିନ୍ଧାଣୀ/ଲୋହାର ସମ୍ପ୍ରଦାୟ ଉନ୍ନୟନ ମହାସଂଘ ତରଫରୁ ତହସିଲଦାର ସମ୍ବିତ କୁମାର କରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଅଭିଯୋଗ କ୍ରମେ ବିନ୍ଧାଣୀ/ଲୋହାର ସମ୍ପ୍ରଦାୟର ମୂଳ ଆଦିବାସୀ ହୋଇଥିଲେ ବି ସେମାନଙ୍କୁ ଜନ୍ମଗତ ମୌଳିକ ଅଧିକାରରୁ ବଞ୍ଚିତ କରାଯାଇଛି। ଏହି ସମ୍ପ୍ରଦାୟର ମୂଳଜାତି କୋଲହ ଓ ମୁଣ୍ଡା ଏବଂ ତାଙ୍କର ଭାଷା, ସଂସ୍କୃତି, ପରମ୍ପରା ଓ ସାମାଜିକ ରୀତିନୀତି, ଚଳଣି ସବୁ ଆଦିବାସୀଙ୍କ ସହ ସମାନ। ଜନ୍ମଠାରୁ ମୃତ୍ୟୁ ଯାଏ ସମସ୍ତ ସାମାଜିକ କାର୍ଯ୍ୟକ୍ରମ ସାନ୍ତାଳ, କୋଲହ, ମୁଣ୍ଡା, ମାହାଲି ଓ ଅନ୍ୟ ଆଦିବାସୀଙ୍କ ସହିତ ମିଳିମିଶି ପାଳନ କରିଥାନ୍ତି। ଏମାନଙ୍କୁ ସ୍ଥାନୀୟ ଭାଷାରେ ଚାପୁଆ ବିନ୍ଧାଣୀ, କଳା ପିଠିଆ ବିନ୍ଧାଣୀ, ଆଦିବାସୀ କମାର, ମୁଣ୍ଡା କମାର, କୋଲହ କମାର ଜାତିରେ ନାମିତ କରାଯାଇଛି। ତେବେ ପୁନର୍ବାସ ସମୟରେ ଏମାନଙ୍କର ଜାତିକୁ ଠିକ ଭାବରେ ଅନୁଧ୍ୟାନ ନ କରି ମନମୁଖୀ ଭାବେ ବୃତ୍ତିଗତ ସଂଜ୍ଞା ଭିତ୍ତିକୁ ଆଧାରକରି କମାର ଓ ବିନ୍ଧାଣୀ ଜାତି ଉଲ୍ଲେଖ କରାଯାଇ ମୌଳିକ ଅଧିକାରରୁ କ୍ଷୁଣ୍ଣ କରାଯାଇଛି। ତେଣୁ ସରକାରଙ୍କ ତରଫରୁ ବର୍ତ୍ତମାନ ଚାଲିଥିବା ସ୍ୱତନ୍ତ୍ର ଡ୍ରାଇଭ କଲମ-୨ରେ ଏମାନଙ୍କ ଭୁଲ ଜାତିକୁ ସଂଶୋଧନ କରି ସ୍ୱତନ୍ତ୍ର ତଦନ୍ତ କରି ସଠିକ ଜାତି (କୋହ୍‌ହ ଲୋହାର, ମୁଣ୍ଡା ଲୋହାର ଓ ଠାରୁଆ ବିନ୍ଧାଣି) କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା କମିଟିର ସଭାପତି ସଚିନ ମୁଣ୍ଡା ଲୁହାରୀ ଓ ଜିଲ୍ଲା କମିଟି ସଂଗଠନ ସମ୍ପାଦକ ସୁନାରାମ ବିନ୍ଧାଣୀ, ଠାକୁରମୁଣ୍ଡା ତହସିଲ କମିଟି ସଭାପତି ଚରଣ ଲୋହାର, ଉପ ସଭାପତି ରୁକ୍ମଣୀ ଲୋହାର, ସମ୍ପାଦକ କୈଳାଶଚନ୍ଦ୍ର ଲୋହାର, ସହ ସମ୍ପାଦକ ସୁହାଗୀ ବିନ୍ଧାଣୀ, ଉପଦେଷ୍ଟା ଯାଦବ ଲୋହାର, ସଂଗଠନ ସମ୍ପାଦକ କର୍ମୁ ଲୋହାର ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଉକ୍ତ ସଂପ୍ରଦାୟର ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମହାସଂଘ ଚେତାବନୀ ଦେଇଛି।

## 'ଜାଗ ମୟୂରଭଞ୍ଜ ଜାଗ' ପକ୍ଷରୁ ଗୁରୁପୂଜନ ଉତ୍ସବ




ବାରିପଦା, ୫।୯ (ସମିସ): ପବିତ୍ର ଗୁରୁଦିବସ ଅବସରରେ ସ୍ୱେଚ୍ଛାସେବୀ ସଙ୍ଗଠନ 'ଜାଗ ମୟୂରଭଞ୍ଜ ଜାଗ' ପକ୍ଷରୁ ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଅରୁଣ କୁମାର ବେହେରାଙ୍କ ସଭାପତିତ୍ୱରେ ଲାୟନ୍ସ କ୍ଲବଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବାରିପଦା ପୌର ପରିଷଦର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ଗୁରୁଙ୍କୁ ସଂସାରରେ ସର୍ବଶ୍ରେଷ୍ଠ ସ୍ଥାନ ଦିଆଯାଇଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଉପ-ଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡା ଯୋଗଦେଇ ଏବେ ବି ଗୁରୁ ପୂଜନ ପରମ୍ପରା ଆଜିର ସମାଜରେ ପ୍ରତିଷ୍ଠିତ ହୋଇ ରହିଛି ବୋଲି ମତବ୍ୟକ୍ତ କରିଥିଲେ ଓ ଗୁରୁ ହିଁ ସମାଜର ମୁଖ୍ୟ କର୍ଣ୍ଣଧାରା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ ହିମାଂଶୁ ଶେଖର ଦାସ ଓ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ପଣ୍ଡା ଶିକ୍ଷା ଓ ଶିକ୍ଷକ ବିନା ସମାଜର ଉନ୍ନତି ଅସମ୍ଭବ ବୋଲି କହିଥିଲେ। ଶିକ୍ଷକ ଡ଼ଃ ଶଶୀଧର ବିଶ୍ୱାଳ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ୮୦ ଜଣ ଅବସରପ୍ରାପ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅବସର ପ୍ରାପ୍ତ ଶିକ୍ଷକ ବଳରାମ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

**ସହରରେ ଜଳ ନିଷ୍କାସନ ସମସ୍ୟା**

# ଦୁଇଟି ପ୍ରକଳ୍ପ ପାଇଁ ଡିପିଆର୍ ପ୍ରସ୍ତୁତ

ବାଲେଶ୍ୱର,୫।୯ (ସମିସ)



ବର୍ଷା ହେବା ମାତ୍ରେ ସହରରେ ପାଣି ଉବୁଟୁବୁ ହେଉଛି। ଏଥିସହିତ ସହଦେବଖୁଣ୍ଟାରୁ ରେମୁଣା ଗୋଲେଇକୁ ସଂଯୋଗ କରୁଥିବା ବାଲିଆ ନୂଆସାହି ରାସ୍ତାରେ ୪ ଫୁଟ୍ ଉଚ୍ଚର ପାଣି ଛିଡା ହେଉଥିବା ବେଳେ ଲୋକଙ୍କ ଘରେ ପଶୁଛି। ଏବର୍ଷ ବର୍ଷାରେ ରାସ୍ତା ଘାଟରେ ପାଣି ଭର୍ତ୍ତି ହୋଇଥିବା ବେଳେ ଲୋକେ ମଧ ହିନସ୍ତା ହେଉଛନ୍ତି। ଉପଯୁକ୍ତ ଡ୍ରେନ୍ ନଥିବା କାରଣରୁ ବର୍ଷା ପାଣି ରାସ୍ତାରେ ଭର୍ତ୍ତି ହୋଇ ତଳ ଅଞ୍ଚଳକୁ ମାଡୁଛି। ତେବେ ପାଣି ନିଷ୍କାସନ ବ୍ୟବସ୍ଥା ଦୂର ପାଇଁ ବାଲେଶ୍ୱର ପୌରପାଳିକା ପକ୍ଷରୁ ପ୍ରକଳ୍ପ ପାଇଁ ଯୋଜନା କରାଯାଇଛି। ୧୦ କୋଟି ଟଙ୍କାର ପ୍ରକଳ୍ପ କାମ ଖୁବଶୀଘ୍ର ଆରମ୍ଭ ହେବ। ଏହି ପ୍ରକଳ୍ପରେ ଶୋଭାରାମପୁର ଛକରୁ ଦୁଇ ପଟେ ଡ୍ରେନ୍ ନିର୍ମାଣ ହୋଇ ହରିପୁରରେ ଶେଷ ହୋଇ ନୁଣିଆଯୋଡିରେ ସଂଯୋଗ ହେବ। ରାମେଶ୍ୱର ମନ୍ଦିର ପାଖରୁ ଏହି ଡ୍ରେନ୍ ନୁଣିଆଯୋଡିକୁ କଟିଯିବ। ପାଣି ସିଧାସଳଖ ନୁଣିଆଯୋଡିକୁ ନିଷ୍କାସିତ ହେବ। ଏହି ପ୍ରକଳ୍ପ ୧୦ କୋଟି ଟଙ୍କାର। ଏହାବ୍ୟତୀତ ସହରରେ ଥିବା ୱାଟର ଲୋଗିଂ ତଥା ଜଳବନ୍ଦୀ ଅଞ୍ଚଳ ଯଥା କଂଗ୍ରେସ ଗଳି, ଚିଡିଆପୋଲ ଆଦି ସାଟେଲାଇଟ ସର୍ଭେ କରାଯାଇ ୫୪ କୋଟି ଟଙ୍କାର ପ୍ରକଳ୍ପ ଯୋଜନା ହୋଇଛି। ଦୁଇଟି ପ୍ରକଳ୍ପ ଯୋଜନା ହେବାସହ ଡିପିଆର୍ ରହିଛି ଏବଂ ମଞ୍ଜୁରି ବି ହୋଇଛି। ଏହି ଦୁଇଟି ପ୍ରକଳ୍ପ କାମ ହେବା ପରେ ବାଲେଶ୍ୱରର ୯୦ ପ୍ରତିଶତ ଜଳ ନିଷ୍କାସନ ସମସ୍ୟା ଦୂର ହୋଇଯିବ ବୋଲି ଆଶା ପ୍ରକାଶ କରିଛନ୍ତି ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି। ସେ ଆହୁରି ମଧ କହିଛନ୍ତି, ଏନେଇ ଡିପିଆର ପ୍ରସ୍ତୁତ ହୋଇଯାଇଛି।

**ନୂଆସାହି ପାଇଁ ୧୦ କୋଟି ଏବଂ ସହର ପାଇଁ ୫୪ କୋଟି ଟଙ୍କା**

**ପୌରପାଳିକା ପକ୍ଷରୁ ସାଟେଲାଇଟ୍ ସର୍ଭେ କରାଯାଇଛି**

ଏଥିପାଇଁ ୧୦ କୋଟି ଟଙ୍କା ମଧ ଆସିଯାଇଛି। ଆଜି ଜଳ ନିଷ୍କାସନ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଦାଖଲ କରାଯାଇଛି। ଏହା ବାଲିଆ ଅଞ୍ଚଳର ନୂଆସାହିରେ ଦୀର୍ଘଦିନର ଜଳବନ୍ଦୀ ସମସ୍ୟାର ସମାଧାନ କରିବ ବୋଲି ଆଶା କରାଯାଉଛି। ଜିଲ୍ଲାପାଳ, ସଦର ବିଧାୟକଙ୍କ ମାର୍ଗଦର୍ଶନ ଏବଂ ବାଲେଶ୍ୱର ପୌରପାଳିକାର ପ୍ରୟାସରେ ଆମେ ଶେଷରେ ଡିପିଆର ଦାଖଲ କରୁଛୁ ଏବଂ କାର୍ଯ୍ୟ ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ। ବାଲିଆ ବସଷ୍ଟାଣ୍ଡ ଠାରୁ ରେମୁଣା ରାସ୍ତାରେ ହେଉଥିବା ଜଳବନ୍ଦୀ ସ୍ଥାନଟି ବାଲେଶ୍ୱର ପୌରାଞ୍ଚଳ ଅଧୀନର ନୁହେଁ। ରେମୁଣା ବ୍ଲକ ଅଧୀନ ବାଲିଆ ପଞ୍ଚାୟତର ଅଟେ। ସେଠାର କୌଣସି ସଠିକ୍ ଡ୍ରେନ ବ୍ୟବସ୍ଥା ନଥିବାରୁ ଓ ତତ୍‌ସଙ୍ଗେ ରେଲୱେର ତୃତୀୟ ଲାଇନ ନିର୍ମାଣ ହେତୁ ଜଳ ନିଷ୍କାସନର ସମସ୍ତ ରାସ୍ତା ବନ୍ଦ ହେଇଯାଇଛି। ଯାହା ପାଇଁ ଜଳ ନିଷ୍କାସନ ସମସ୍ୟା ଉପୁଜିଛି। ଏହାପାଇଁ ବର୍ତ୍ତମାନ ଏକ ଡ୍ରେନେଜ ପ୍ରସ୍ତାବ ଦାଖଲ କରାଯାଇଛି। ଯାହା କି ଟେକ୍ନିକାଲ ସାନସନ୍ ହୋଇସାରିଛି। ଫାଇନାଲସିଆଲ ସାନସନ୍ ଆସିବା ପରେ କାମ ଆରମ୍ଭ କରାଯିବ। ବର୍ତ୍ତମାନ କୃତ୍ରିମ ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ପୌରପାଳିକା ଦ୍ୱାରା କିଛି ଜବରଦଖଲ ଉଚ୍ଛେଦ କରାଯାଇ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଉଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି କହିଛନ୍ତି।

## ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ କର୍ମଶାଳା



ବାଲେଶ୍ୱର,୫।୯ (ସମିସ): ଜନଜାତି ମନ୍ତ୍ରଣାଳୟ ତରଫରୁ ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ କର୍ମଶାଳା ଜିଲ୍ଲାପାଳଙ୍କ ଅଡିଟୋରିୟମରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ପିଏ, ଆଇଟିଡିଏ କାରୁ ସୋରେନ, ଉପଜିଲ୍ଲାପାଳ ସଦର ଶିବ ମାଲବ୍ୟ, ଉପଜିଲ୍ଲାପାଳ ନୀଳଗିରି ମଧୁସ୍ମିତା ସାମନ୍ତରାୟ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନକୁ ସଶକ୍ତ କରିବା ଏହାର ଉଦ୍ଦେଶ୍ୟ। ଆଦିବାସୀ ଏବଂ ପିଭିଟିଜି ଗ୍ରୁପଙ୍କ ଗ୍ରାମାଞ୍ଚଳରେ ୨୦ ଜଣିଆ ସଦସ୍ୟ ବିଶିଷ୍ଟ କ୍ୟାଡ଼ର ପ୍ରସ୍ତୁତ କରିବାସହ ସେବା ସମର୍ପଣ ଓ ସଂକଳ୍ପର ଆଶାରଖି ଏହି ଅଭିଯାନ ଆରମ୍ଭ ହୋଇଛି। ଏହାର ତିନୋଟି ସ୍ତରରେ କାର୍ଯ୍ୟକର୍ତ୍ତା ରହିବେ ଯଥା ଆଦି କର୍ମଯୋଗୀ ଯେଉଁଥିରେ ସରକାରୀ କର୍ମଚାରୀ ଆଦି, ଆଦି ସହଯୋଗୀ ଯେଉଁଥିରେ ପଞ୍ଚାୟତ ସଭ୍ୟ ଆଦି, ଅବସରପ୍ରାପ୍ତ କର୍ମଚାରୀ ଶିକ୍ଷକ ଡାକ୍ତର ଆଦି ଏବଂ ଆଦି ସାଥୀ ଗ୍ରୁପରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଗାଁ ମୁଖିଆ ଶ୍ରେଣୀର ବ୍ୟକ୍ତି, ଯୁବ ସ୍ୱେଚ୍ଛାସେବୀ ଆଦି ଅର୍ନ୍ତଭୁକ୍ତ ହେବେ। ବାଲେଶ୍ୱର ଜିଲ୍ଲାରେ ମୋଟ ୮୦ଟି ଗ୍ରାମକୁ ୨୦୩୦ ଆକ୍ସନ ପ୍ଲାନ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି ଯହିଁରେ ସର୍ବାଧିକ ୪୨ଟି ନୀଳଗିରିର। ଜିଲ୍ଲାପାଳ କାର୍ଯ୍ୟାଳୟ ଓଡିଟୋରିୟମ ବାଲେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଆରମ୍ଭ ହେଇଥିବା ଏହି ଅଭିଯାନ ଯାହା ସବ୍ କା ସାଥ, ସବ୍ କା ବିକାଶ, ସବ୍ କା ପ୍ରୟାସ ସବ୍ କା ବିଶ୍ୱାସର ମାର୍ଗଦର୍ଶକ ନୀତିକୁ ପ୍ରତିଫଳିତ କରିବା ସହ ଜନଜାତି ସମ୍ପ୍ରଦାୟକୁ ସଶକ୍ତ କରିବା, ଉତ୍ତରଦାୟୀ ଶାସନକୁ ସୁଦୃଢ଼ କରିବା ଏବଂ ସାରାଦେଶରେ ସ୍ଥାନୀୟ ନେତୃତ୍ୱ ସୁଯୋଗ ସୃଷ୍ଟି କରିବା ପାଇଁ କାର୍ଯ୍ୟ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କର୍ମଶାଳାରେ ସୂଚନା ଦିଆଯାଇଛି। ଅଭିଯାନ ମାଧ୍ୟମରେ ଦେଶବ୍ୟାପୀ ୨୦ ଲକ୍ଷ ପ୍ରଶିକ୍ଷିତ ଓ ସମର୍ପିତ କର୍ମୀଙ୍କୁ ନେଇ ଏକ କ୍ୟାଡ଼ର ସୃଷ୍ଟି କରାଯିବ।

## ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ପାଇଁ ତାଲିମ ଶିବିର




ବାଲେଶ୍ୱର,୫।୯ (ସମିସ): ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟରେ ଦିବ୍ୟାଙ୍ଗଙ୍କ ନିମନ୍ତେ କାର୍ଯ୍ୟ କରୁଥିବା ଅନୁଷ୍ଠାନ "ୱି ଫର୍ ୟୁ" ତରଫରୁ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ପାଇଁ ପାଠ୍ୟ ଉପକରଣ, କ୍ରୀଡ଼ା ଓ ଗତି ଶିକ୍ଷା, ସହାୟକ ଉପକରଣକୁ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ସଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ପ୍ରତିଭା ବେହେରା ଯୋଗଦେଇ ଉକ୍ତ ତାଲିମ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ସଭାରେ ସଂଗଠନ ତରଫରୁ ସୁଶ୍ରୀ କସ୍ତୁରୀ ସ୍ୱାଇଁ, ସୁଶ୍ରୀ ପ୍ରଜ୍ଞା ମିଶ୍ର, ସତ୍ୟଜିତ ରାଜ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସହାୟକ ଉପକରଣ ଦ୍ୱାରା କିପରି ଦୃଷ୍ଟିହୀନ ଛାତ୍ରଛାତ୍ରୀ ପଢ଼ିବାରେ ଉପକୃତ ହୋଇପାରିବେ ଏହାର ତାଲିମ ପ୍ରଦାନ କରିଥିଲେ। ପ୍ରତ୍ୟେକ ସହାୟକ ଉପକରଣ ବିଷୟରେ ଛାତ୍ରଛାତ୍ରୀ ମାନେ ଅବଗତ ହୋଇଥିଲେ। ଶେଷରେ ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ସ ସଂଗଠନକୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ମହାପୁରୁଷ ହଜରତ ମହମ୍ମଦଙ୍କ ଜୟନ୍ତୀ ଆନନ୍ଦଉଲ୍ଲାସରେ ପାଳିତ



ବାଲେଶ୍ୱର,୫।୯ (ସମିସ): ଇସଲାମ ଧର୍ମର ପ୍ରବର୍ତ୍ତକ ମହାପୁରୁଷ ହଜରତ ମହମ୍ମଦଙ୍କ ଜୟନ୍ତୀ ଶୁକ୍ରବାର ସାରା ବିଶ୍ୱରେ ପାଳିତ ହେଉଥିବା ବେଳେ ବାଲେଶ୍ୱରରେ ଆନନ୍ଦଉଲ୍ଲାସରେ ପାଳନ କରିଛନ୍ତି ଇସଲାମ ଧର୍ମାବଲମ୍ବୀମାନେ। ଏହି ପରିପ୍ରେକ୍ଷୀରେ ଜସନ୍-ଏ-ଇଦ୍ ମିଲାଦୁନ୍ ନବୀ କମିଟି ପକ୍ଷରୁ ଏକ ବିଶାଳ ବାଇକ ରାଲି ସକାଳ ୭ ଘଟିକାରେ ଦରଘା ମୈଦାନରୁ ବାହାରି ସହର ପରିକ୍ରମା କରିବା ପରେ ପୁଣି ପୂର୍ବାହ୍ନ ୧୦ ଘଟିକାରେ ଦରଘା ମୈଦାନକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଶାନ୍ତିଶୃଙ୍ଖଳା ସହ ଏହି ଶୋଭାଯାତ୍ରା ସହର ପରିକ୍ରମା କରୁଥିବା ବେଳେ ବାଲେଶ୍ୱରର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ବିଭିନ୍ନ ଛକରେ ଉପସ୍ଥିତ ରହି ରାଲିରେ ଯାଉଥିବା ଲୋକମାନଙ୍କୁ ଇଦ-ମିଲାଦୁନ-ନବୀର ଶୁଭେଚ୍ଛା ଜଣାଇବା ସହ ପୁଷ୍ପ ବୃଷ୍ଟି କରିଥିଲେ। ସେହିପରି ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ବରିଷ୍ଠ କାଉନସିଲର ପଦ୍ମଲୋଚନ ଲେଙ୍କା, ଶେଖ ଆୟୁବ ଶିବୁ, ସାମ୍ବାଦିକ ହାଇଦର ଖାନ, ବିଶ୍ୱଜିତ ମହାପାତ୍ର, ସେଖ ଅନସର, ଯୁବନେତା ବିକ୍ରମ ପଣ୍ଡା, କଂଗ୍ରେସ ନେତା ସରୋଜ ଲେଙ୍କା, ସାହିରୁଲ ହକ୍, ଅର୍ଚ୍ଚନା ନନ୍ଦି, ସେଖ ରଜବ୍ ଅଲିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଲୋକମାନଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଥିଲେ। କମିଟିର ସଭାପତିଙ୍କ ସମେତ ବହୁ କର୍ମକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ସାହି ବସ୍ତିରୁ ୨୨ଗୋଟି ଜୁଲୁସ ସଭାଯାତ୍ରା ସହର ପରିକ୍ରମା କରିବା ସହ ସିନେମା ଛକ, ମୋତିଗଞ୍ଜ, ଟାଉନ ଥାନା, ଗୋଲାପୋଖରୀ ହୋଇ ଦରଘା ମୈଦାନରେ ଠାରେ ପହଞ୍ଚିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ପାଞ୍ଚ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଏସପି ନିରଞ୍ଜନ ବେହେରା, ଗାୟତ୍ରୀ ପ୍ରଧାନ, ଟାଉନ ଥାନା ଆଇଆଇସି ବିଜୟ ଦାସ, ସହଦେବଖୁଣ୍ଟା ଥାନା ଅଧିକାରୀ ଅଜୟ ମୁର୍ମୁ, ବିରଞ୍ଚି ସାହୁଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ।

## ବସ୍ତିବାସିନ୍ଦାଙ୍କ ସୁରକ୍ଷା ପାଇଁ ଆଞ୍ଚଳିକ ସୁରକ୍ଷା ମଞ୍ଚର ଆନ୍ଦୋଳନ ଡାକରା

ବାଲେଶ୍ୱର,୫।୯ (ସମିସ): ସଦର ବ୍ଲକ୍ ଗେଙ୍ଗୁଟି ପଞ୍ଚାୟତ ଜମ୍ବେଶ୍ୱରପୁର ଗ୍ରାମର ପୂର୍ବପଟ ଜନଜାତି ଉପଜାତିର ଓ ଆର୍ଥିକ ଅନଗ୍ରସର ପଛୁଆ ବର୍ଗଙ୍କ ଦ୍ୱାରା ବ୍ୟବହାର ହେଉଥିବା ଏକମାତ୍ର ରାସ୍ତା ମରାମତି ଅଭାବରୁ ଏବେ ମରଣଯନ୍ତା ପାଲଟିଛି। ଏବାବଦରେ ବିଭିନ୍ନ ସମୟରେ ଅଭିଯୋଗ ଆସିଥିଲେ ବି ସ୍ଥାନୀୟ ପ୍ରଶାସନ ଓ କର୍ମଚାରୀଙ୍କ ଅସହଯୋଗ ହେତୁ କୌଣସି ନିର୍ମାଣ କାର୍ଯ୍ୟହୋଇ ପାରିନାହିଁ ବୋଲି ଅଭିଯୋଗ ହୋଇଛି। ଫଳରେ ବୟସ୍କ, ଶିଶୁ, ଭିନ୍ନକ୍ଷମ ଯାତାୟାତ ଜନିତ ବହୁ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଉକ୍ତ ବସ୍ତିମାନଙ୍କରେ ଶତାଧିକ ଅବହେଳିତ ବର୍ଗର କୃଷକ, ଶ୍ରମିକ, ଦିନମଜୁରିଆ ହୋଇଥିବାରୁ ସେମାନଙ୍କ ଦୁଃଖରେ ସମଦୁଃଖି ହୋଇ ଆଞ୍ଚଳିକ ସୁରକ୍ଷା ମଞ୍ଚର ସଭାପତି କମଳଲୋଚନ ରାଉତଙ୍କ ନେତୃତ୍ୱରେ ସ୍ଥାନୀୟ ବାସିନ୍ଦା ଓ ମଞ୍ଚର କର୍ମକର୍ତ୍ତା ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଶ୍ରୀ ରାଉତ ଜଣାଇଛନ୍ତି, ଆଗାମୀ ୧୫ ଦିନ ଭିତରେ ଯଦି ପ୍ରଶାସନ ଅବହେଳିତ ବର୍ଗର ରାସ୍ତା ଯାହା ଡା. ସେଠୀଙ୍କ ଘରଠାରୁ ଲାଇବ୍ରେରୀ ଖାଲ ପ୍ରଧାନମନ୍ତ୍ରୀ ପକ୍କା ସଡ଼କ ପର୍ଯ୍ୟନ୍ତ ଭାୟା କାଳିକୁମର ଠାକୁରାଣୀ ରାସ୍ତାଟିକୁ ପକ୍କାରାସ୍ତାରେ ପରିଣତ ପାଇଁ ଦାବି ରଖିଛନ୍ତି। ଏଥିସହିତ ଜିଲ୍ଲାପାଳଙ୍କୁ ଏହି ଅବହେଳିତ ବର୍ଗର ମୌଳିକ ଅଧିକାର ଯେମିତି ହାନି ନହୁଏ ଯତ୍ନବାନ ହେବେ ବୋଲି ଅନୁରୋଧ କରିଛନ୍ତି। ଗ୍ରାମର ଅନ୍ୟ ସବୁ ବସ୍ତିରେ ସ୍ଥାୟୀ ପକ୍କା ସଡକ ଓ କିଛି ନିର୍ମାଣଧୀନ ଥିବାବେଳେ ଏହି ତିନୋଟି ବସ୍ତିର ମୁଖ୍ୟ ସଡକକୁ ବାଦ ଦେବା ଦୁଃଖର କାରଣ ବୋଲି ଜଣାଇଛନ୍ତି। ଏ ବାବଦରେ ପୂର୍ବପରି ଯଦି ସ୍ଥାନୀୟ କର୍ମଚାରୀ ନିର୍ବାଚିତ ଜନପ୍ରତିନିଧି ଅବହେଳା ଅବା ଚଞ୍ଚକତା କରନ୍ତି, ମଞ୍ଚ ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ନିଆଯିବ ବୋଲି ଜଣାଇଛନ୍ତି। ସ୍ଥାନୀୟ ବାସିନ୍ଦା ଅଜିତ ଦାସ, ଆଲୋକ ବେହେରା, ସୁଜିତ ବାରିକ, ସଞ୍ଜୀବ ନାୟକ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

## ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜୟନ୍ତୀ

ବାଲେଶ୍ୱର,୫।୯ (ସମିସ): ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ୧୩୭ତମ ଜୟନ୍ତୀ ସମାରୋହ ଡ୍ରିମ୍ସ ଆଇଡିଆଲ୍ ସ୍କୁଲରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅନ୍ୟତମ ଅତିଥି ରୂପେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶ ଯୋଗଦେଇଥିଲେ। ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷିତ ହୋଇଥଲା। କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ ବିଦ୍ୟାପୀଠର ପ୍ରତିଷ୍ଠାତା ଗଙ୍ଗାଧର ଦାସ। ଅଧ୍ୟକ୍ଷା ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ରେହାନା ବେଗମ୍, ସରିତା ବାରିକ, ଆରତୀ ବାଳା ଦାସ, ଆଞ୍ଚଳପ୍ରିୟା ବେହେରା, ଅନୀତା ରାଣୀ ଦାସ, ଅନନ୍ୟା ବାଗ୍, ମାମୁନି ମହାପାତ୍ର, ପ୍ରଭାତୀ ମହାପାତ୍ର, ଶାନ୍ତିଲତା ମାଝୀ, ନମିତା ବାଗ୍, ଜୟସ୍ମିତା ପଣ୍ଡା, ମନିଷା ଦାଶ, ସଞ୍ଜୁଲତା ସ୍ୱାଇଁ ଓ ଯଶୋବନ୍ତ ସିଂ ପ୍ରମୁଖ ସହାୟତା କରିଥିଲେ।



## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଗୁରୁଦିବସ ପାଳନ




ବାଲେଶ୍ୱର,୫।୯ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଗୁରୁ ଦିବସ କାର୍ଯ୍ୟକ୍ରମ ପାଳିତ କରାଯାଇଛି। କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱ ତଥା ସ୍ୱତନ୍ତ୍ର ଦୃଷ୍ଟିକୋଣରେ ରଚିତ ଏକ ବୈଠକରେ ପାରମ୍ପରିକ ଶୁଭାଭିନନ୍ଦନା ପର୍ବ ଗୁରୁ ଦିବସକୁ ଶିକ୍ଷାତ୍ମକ ଚିନ୍ତନମନ୍ଥନରେ ପରିଣତ କରାଯାଇଛି। ଏହି ସଭାରେ ଶିକ୍ଷକଶିଷ୍ୟ ସମ୍ବନ୍ଧ, ଅଧ୍ୟାପକ-ଅଧ୍ୟାପିକାମାନଙ୍କ ଜ୍ଞାନଗର୍ଭକ ଅନୁଭବର କାହାଣୀ, ମୂଲ୍ୟବୋଧର ବିକାଶ ଇତ୍ୟାଦି ପ୍ରସଙ୍ଗକୁ ନେଇ ଅନୁଭୂତିମୂଳକ ବ୍ୟାଖ୍ୟାନ ଆୟୋଜିତ ହୋଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଉପସ୍ଥିତ ପ୍ରତ୍ୟେକ ଅଧ୍ୟାପକ-ଅଧ୍ୟାପିକାମାନଙ୍କୁ ସମ୍ବୋଧନ କରି ବିଶ୍ୱବିଦ୍ୟାଳୟର ଉତ୍କର୍ଷ ସାଧନରେ ସମସ୍ତଙ୍କ ଅବଦାନକୁ ପ୍ରଶଂସିତ କରିଥିଲେ। ଏଥିସହ ଉତ୍ତରୀୟ ଓ ଉପହାର ପ୍ରଦାନ କରି ସମ୍ମାନୀତ ମଧ କରିଥିଲେ। ନିଜ ଉଦବୋଧନରେ କହିଥିଲେ, ଜଣେ ଶିକ୍ଷକ କେବଳ ଯେ ପାଠ୍ୟକ୍ରମର ଶିକ୍ଷାକୁ ଦେଇ ସୀମିତ ରୁହନ୍ତି ନାହିଁ, ଏଥିସହ ସେମାନେ ଛାତ୍ରଛାତ୍ରୀଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଆଦର୍ଶ ଆଚରଣର ଜ୍ଞାନ ସହ ଗବେଷଣା ମନସ୍କତା, ସମାଲୋଚନାତ୍ମକ ଚିନ୍ତନ ଓ ସାମାଜିକ ଦାୟିତ୍ୱର ପଥେ ପ୍ରେରିତ କରନ୍ତି। ସମ୍ମିଳନୀରେ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ସ୍ମୃତିଚାରଣ ସହ ଅଧ୍ୟାପକ-ଅଧ୍ୟାପିକା, ପ୍ରାଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀମାନଙ୍କ ସକ୍ରିୟ ଅଂଶଗ୍ରହଣରେ ଗୁରୁ ଦିବସକୁ ଜ୍ଞାନସାଧନା ଓ ଗବେଷଣାପ୍ରବୃତ୍ତିର ଉତ୍ସବ ଭାବେ ପରିଚୟ ଦିଆଯାଇଛି।

## ପଣ୍ଡିତ ବିଷ୍ଣୁ ଦିଗମ୍ବର ପଲୁସ୍କରଙ୍କ ଜୟନ୍ତୀ




ବାଲେଶ୍ୱର,୫।୯ (ସମିସ): ସାଂସ୍କୃତିକ ଅନୁଷ୍ଠାନ ସାଧନା ପକ୍ଷରୁ ପଣ୍ଡିତ ବିଷ୍ଣୁ ଦିଗମ୍ବର ପଲୁସ୍କରଙ୍କ ଜୟନ୍ତୀ ଜିଆରସି ଭବନରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବରେ ବରିଷ୍ଠ ବେହେଲା ବାଦକ ମନୋରଞ୍ଜନ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରାକ୍ କଥା ସଦସ୍ୟ ମଣିଚରଣ ଦାସ ରଖିଥିବା ବେଳେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ସମ୍ପାଦକ ବଂଶୀଧର କୁଣ୍ଡୁ। ଅନୁଷ୍ଠାନର ସଭାପତି ଗୀତାଞ୍ଜଳୀ ସଙ୍କ ପୌରୋହିତ୍ୟରେ ପରିଚାଳିତ ହୋଇଥିଲା। ଅନୁଷ୍ଠାନର ପୁରାତନ ସଭ୍ୟା କଲ୍ୟାଣୀ ନନ୍ଦ ପଲୁସ୍କରଙ୍କର ଜୀବନୀ ଉପରେ ଆଲୋଚନା କରିଥିଲେ। ସଭ୍ୟା ମନୋଲିସା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ 'ଗୁରୁ ଚାରୁଲତା ମିଶ୍ର ସ୍ମୃତି ସମ୍ମାନ' ଗୁରୁ ମନୋରଞ୍ଜନ ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ବ୍ରହ୍ମନାଥ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସଭ୍ୟ ସଭ୍ୟାମାନେ ପଲୁସ୍କରଙ୍କ ପ୍ରିୟ ଭଜନ ଜୟ ଜଗଦିଶ ହରେ ଗାନ କରିଥିଲେ। ପରେ ହିନ୍ଦୁସ୍ଥାନି ସଙ୍ଗୀତ ଗାନ କରିଥିଲେ ଗୁରୁ ରଶ୍ମିରେଖା ସାହାଣୀ। ତବଲାରେ ସହଯୋଗ କରିଥିଲେ ଗୁରୁ ଅଜିତାନନ୍ଦ ଦେବଗୋସ୍ୱାମୀ। ମାହନ ବିଣା ବାଦନ କରିଥିଲେ ଗୁରୁ ବଂଶୀଧର ରଣା। ଶେଷରେ ଗୁରୁ ନନ୍ଦକିଶୋର ଦାସଙ୍କ ନିର୍ଦ୍ଦେଶନାରେ ଶିଷ୍ୟ ଋତୁରାଜ, ପ୍ରିୟବ୍ରତ, ଶକ୍ତି ପ୍ରକାଶ ଓ ସୁବ୍ରିୟ ତବଲାବାଦନ କରିଥିଲେ।

## ରେଳ ଷ୍ଟେସନରେ ମୋବାଇଲ ଚୋରି ମାମଲାରେ ସନ୍ଦିଗ୍ଧ ଗିରଫ



**୪ଟି ଚୋରି ଫୋନ୍ ଉଦ୍ଧାର**

ବାଲେଶ୍ୱର,୫।୯ (ସମିସ): ବାଲେଶ୍ୱର ଆରପିଏଫ ପକ୍ଷରୁ ମୋବାଇଲ ଚୋରି ମାମଲାରେ ଜଣେ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ବାଲେଶ୍ୱର ପୋଷ୍ଟ ଏକ ଦ୍ରୁତ ଏବଂ ସମନ୍ୱିତ କାର୍ଯ୍ୟାନୁଷ୍ଠାନରେ ଯାତ୍ରୀ ସାମଗ୍ରୀ ଚୋରି ସମ୍ପର୍କରେ 'ରେଳ ମଦଦ'ରେ ଅଭିଯୋଗ ହୋଇଥିଲା। ପରେ ସୋର ରେଳ ଷ୍ଟେସନରେ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରିଥିଲେ। ଅଭିଯୋଗ ଉପରେ କାର୍ଯ୍ୟ କରି ଆରପିଏଫ କର୍ମଚାରୀମାନେ ଷ୍ଟେସନ ପରିସର ଏବଂ ପ୍ଲାଟଫର୍ମ ଅଞ୍ଚଳରେ ଚଢଉ କରିଥିଲେ। ସେହି ସମୟରେ ଜଣେ ବ୍ୟକ୍ତିଙ୍କୁ ପ୍ଲାଟଫର୍ମ ନଂ ୧ର ଭଦ୍ରକ ଶେଷ ଭାଗରେ ସନ୍ଦେହଜନକ ଭାବରେ ବୁଲୁଥିବାର ଦେଖାଯାଇଥିଲା। ଯୋଗାଯୋଗ କରିବା ପରେ ସେ ଖସିଯିବାକୁ ଚେଷ୍ଟା କରିଥିଲା। କିନ୍ତୁ ସଜାଗ ଆରପିଏଫ କର୍ମଚାରୀ ତାଙ୍କୁ ପିଛା କରି ଅଟକ ରଖିଥିଲେ। ଗିରଫ ବ୍ୟକ୍ତି ଜଣକ ହେଲେ ହୃଷୀକେଶ ମହାନ୍ତି(୨୬)। ଭଦ୍ରକର ସାହାପୁରରେ ଘର ବୋଲି ଜଣାପଡିଛି। ଯାଞ୍ଚ କରିବା ପରେ ତାଙ୍କ ନିକଟରୁ ଚାରୋଟି ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଜବତ ହୋଇଥିବା ସାମଗ୍ରୀର ମୋଟ ମୂଲ୍ୟ ୭୫ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ପଚରାଉଚରା ସମୟରେ, ଅଭିଯୁକ୍ତ ସ୍ୱୀକାର କରିଛି ଯେ ସେ ୪ ତାରିଖରେ ଟ୍ରେନ ନମ୍ବର ୧୮୪୧୦ ଡିଏନ୍‌ରୁ ଗୋଟିଏ ମୋବାଇଲ୍ ଫୋନ୍ ଏବଂ ଭଦ୍ରକ-ଖଡ଼ଗପୁର ସେକ୍ସନ୍ ମଧ୍ୟରେ ଭିନ୍ନ ଭିନ୍ନ ଟ୍ରେନରୁ ଅନ୍ୟ ତିନୋଟି ଚୋରି କରିଥିଲା। ଘଟଣାସ୍ଥଳରେ ଜବତ ଜିନିଷଗୁଡ଼ିକ ଉଦ୍ଧାର କରାଯାଇଥିଲା। ସମସ୍ତ ଆଇନଗତ ଔପଚାରିକତା ପାଳନ କରିବା ପରେ, ଅଭିଯୁକ୍ତକୁ ଜିଆରପିଏସ୍/ବାଲେଶ୍ୱରକୁ ହସ୍ତାନ୍ତର କରାଯାଇଥିଲା। ଯେଉଁଠାରେ ଏକ ମାମଲା ରୁଜୁ କରାଯାଇଛି।

## ଇଦ୍-ମିଲାଦୁନ-ନବୀ ଅବସରରେ ସେବା ପ୍ରଦାନ



ବାଲେଶ୍ୱର,୫।୯ (ସମିସ): ଇଦ୍-ମିଲାଦୁନ-ନବୀ ଅବସରରେ ସମାଜସେବୀ ସଲିମ୍ ରାଜା, ଶେଖ ଅବଦୁଲ ଖାଲିଦ୍, ଶେଖ ତସଲିମ୍ , ଶେଖ ସର୍ଜୁ, ଶେଖ ରହିମ୍, ଶେଖ ଆରିଫ୍, ଶେଖ୍ ଗୋଲାମ୍‌ଙ୍କ ମିଳିତ ଉଦ୍ୟମରେ ସେବା କାର୍ଯ୍ୟକ୍ରମ କରାଯାଇଛି। ସନ୍ଧ୍ୟାରେ ବିଭିନ୍ନ ସାହି ବସ୍ତିରୁ ଜୁଲୁସ ବାହାରି ଗୋଲାପୋଖରୀ ବାଟ ଦେଇ ଦରଘା ମଇଦାନରେ ପ୍ରବେଶ କରିଥିଲା। ଫକୀରମୋହନ କଲେଜ ରୋଡ଼ଠାରେ ପୂର୍ବତନ ବିଧାୟକ ସ୍ୱରୂପ ଦାସ, ପୂର୍ବତନ ଉପନଗରପାଳ ମନୋଜ ରାଉତ୍, କଂଗ୍ରେସ ଯୁବନେତା ସରୋଜ ଲେଙ୍କା, ବିଜେପି କର୍ମୀ ଉମେଶ ବେହେରା, ଆଇନଜୀବୀ ସନ୍ତୋଷ କୁମାର ଦାଶ ଥଣ୍ଡା ପାନୀୟ, ଚକୋଲେଟ୍ ପ୍ରଦାନ ସହ ପୁଷ୍ପ ବୃଷ୍ଟି କରି ବାଲେଶ୍ୱର ଭାଇଚାରାର ବାର୍ତ୍ତା ଦେବା ସହ ମହାପୁରୁଷ ହଜରତ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଥିଲେ।

## କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍‌ର ନିର୍ବାଚନରେ ରହିତାଦେଶ

ବାଲେଶ୍ୱର,୫।୯ (ସମିସ): ବାଲେଶ୍ୱର ଜିଲ୍ଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍‌ର ନିର୍ବାଚନ ଉପରେ ଉଚ୍ଚ ନ୍ୟାୟାଳୟ ରହିତାଦେଶ ଦେଇଛନ୍ତି। ଜୁଲାଇ ୨୦ ତାରିଖରେ ବାଲେଶ୍ୱର ଜିଲ୍ଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍‌ର ହୋଇଥିବା ନିର୍ବାଚନରେ ଅନିୟମିତତା ସମ୍ପର୍କରେ ଅଶୋକ କୁମାର ଦାସ ପିଆରଓ ବୁଢ଼ୀ ମଙ୍ଗଳା ମେଡିକାଲ ଏଜେନ୍ସି ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ। ଉଚ୍ଚନ୍ୟାୟାଳୟ ଆସନ୍ତା ୭ ତାରିଖକୁ ହେବାକୁ ଥିବା ସାଧାରଣ ସଭା ଓ ସଭାପତି ଓ ସମ୍ପାଦକ ନିର୍ବାଚନକୁ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ୨୨ ତାରିଖରେ ସମସ୍ତ ପକ୍ଷ ସେମାନଙ୍କୁ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ



ବାଲେଶ୍ୱର,୫।୯ (ସମିସ): ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଗାନ୍ଧୀ ସ୍ମୃତି ଭବନଠାରେ ଆୟୋଜିତ ହୋଇଯାଇଛି। ସମାରୋହର ଆରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁ ବନ୍ଦନା ଗାନ କରି ସଭାକୁ ଶୁଭାରମ୍ଭ କରାଯାଇଥିଲା। ଗୁରୁ ଦିବସର ଅର୍ଥବୋଧକୁ ସ୍ମରଣ କରି, ଗୁରୁଙ୍କ ପ୍ରତି ପାରମ୍ପରିକ ସମ୍ମାନ ଜଣାଇଥିଲେ। ଏହି ସମାରୋହରେ ବିଧାୟକ ନୀଳଗିରି ସନ୍ତୋଷ ଖଟୁଆଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମେତ ଅନ୍ୟ ବରେଣ୍ୟ ଅତିଥିବୃନ୍ଦ ଉପସ୍ଥିତ ଥିଲେ। ଅତିଥିମାନେ ନିଜ-ନିଜର ଉଦ୍‌ବୋଧନରେ ଶିକ୍ଷକଙ୍କୁ ସମ୍ମାନ ଦେବାରେ ଆଜିର ସମାରୋହ ଏକ ମହତ୍ୱପୂର୍ଣ୍ଣ ମଞ୍ଚ ବୋଲି ସେମାନେ ମତପ୍ରକାଶ କରିଥିଲେ। ଏହି ସମାରୋହରେ ବାଲେଶ୍ୱର ଜିଲ୍ଲାରୁ ମୋଟ ୪୯ ଜଣ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ତିନୋଟି ବର୍ଗରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ସେମାନଙ୍କୁ ମାନପତ୍ର ଏବଂ ସ୍ମୃତିଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପ୍ରଦର୍ଶିତ ହୋଇଥିଲା। ସଭାରେ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା ଜୟଶ୍ରୀ ବୋଷ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ପୂର୍ଣ୍ଣିମା ଦାଶ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଅରୁଣ କୁମାର ପ୍ରଧାନ ଏବଂ ଅନ୍ୟାନ୍ୟ ଶିକ୍ଷାଙ୍କମାନେ ଉପସ୍ଥିତ ହୋଇଥିଲେ। ସମାରୋହର ସଫଳ ଆୟୋଜନ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରକଳ୍ପ ଅଧିକାରୀ (ସମଗ୍ର ଶିକ୍ଷା) ଓ ସମଗ୍ର କାର୍ଯ୍ୟାଳୟର କର୍ମଚାରୀମାନେ ମିଳିତ ଉଦ୍ୟମ କରିଥିଲେ।

ସକାଳ
THE SAKALA



## ବ୍ରାହ୍ମଣୀରେ ଚତୁର୍ଥଥର ବନ୍ୟା

# ସିଂହଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

ପଟ୍ଟାମୁଣ୍ଡାଇ,୫।୯ (ସମିସ)

ସମ୍ପ୍ରତି ଲଘୁଚାପଜନିତ ଲଗାଣବର୍ଷା ଓ ରେଙ୍ଗାଲି ପାଣି ଛାଡ଼ିବା ଯୋଗୁଁ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ପୁଣି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକର ସବୁଠାରୁ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ସିଂହଗାଁ ପଞ୍ଚାୟତରେ ଚଳିତବର୍ଷର ଚତୁର୍ଥ ବନ୍ୟା ଜଳ ପ୍ରବେଶ କରିଛି। ପଟ୍ଟାମୁଣ୍ଡାଇ ବ୍ଲକର ଦୁର୍ଗମ ଅଂଚଳ ସିଂହଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ସିଂହଗାଁ ଲୋକଙ୍କ ଯାତାୟାତ ପାଇଁ ପାୱାର ବୋଟ ଯୋଗାଇ ଦେବାକୁ ଦାବି ହେଉଛି।



ସିଂହଗାଁ ପଞ୍ଚାୟତର କୃଷ୍ଣଦାସପୁର, ରାଉଳିଆଡ଼ିଆ, ପାଣିସାଉଁଳିଆ ଆଦି ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିଛି। ସେହିପରି ଅଳପୁଆ ପଞ୍ଚାୟତ ଗୋଜିଆକଣ, ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ଶାସନ ସେଠୀସାହି, ଜେନାସାହି, ପାହାନ୍ତସିଂହ ସାହି, ତରଡ଼ିପାଳ ପଞ୍ଚାୟତର ପୋଖରୀକୂଳ, ଗୋପାଳପୁର, ଜେନାସାହି, ବିଶ୍ୱାଳସାହି, ନାଥସାହି, ମଲିକସାହି, ଘାଗରାଡିଆ, ପେଣ୍ଡପାଳ ପଞ୍ଚାୟତର କୂଳସାହି, କୋଳଥିଆ, ବାଲିକିରା, ଦାଣ୍ଡିସାହି, ଅଣ୍ଡରା ପଞ୍ଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର ନୂଆଡିଆ, ଜଗନ୍ନାଥପୁର, ଶାନ୍ତିପଡା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ଫୁଲପାଟଣା ଅଞ୍ଚଳର ଶହ ଶହ ଏକର ଚାଷଜମିରେ ବନ୍ୟା ପାଣି ମାଡ଼ିଯାଇଛି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଞ୍ଚାୟତର ଚାଷ ଜମିରେ ବନ୍ୟା ଜଳ ମାଡିଯାଇଛି। ଏହାଛଡା ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, କଷଣଅଣ୍ଡା, ତଳବାଲିପଡ଼ା, ସିଦ୍ଧପାଟଣା, ବଳଦେବନଗର, ତନୁପୁର, ନନ୍ଦିନୀନଗର, କାକୁଡିପଲ୍ଲୀ, ନୂଆଗାଁ ଅଳଭା, ଷଣ୍ଢପଲ୍ଲୀ ଆଦି ଅଞ୍ଚଳର ଚାଷ ଜମିରେ ବନ୍ୟା ଜଳ ପ୍ରବେଶ କରିଛି। ବ୍ରାହ୍ମଣୀରେ ବାରମ୍ବାର ବନ୍ୟା ଆସିବା ଫଳରେ ବ୍ୟାପକ ଫସଲହାନୀ ଯୋଗୁଁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି।

## ● ଖରସ୍ରୋତାରେ ପୁଣି ବନ୍ୟା

# ପେତାପଡ଼ା ଗ୍ରାମ ଜଳବନ୍ଦୀ

ଗୋବିନ୍ଦପୁର,୫।୯ (ସମିସ): ଲଗାଣ ବର୍ଷା ଯୋଗୁଁ ଖରସ୍ରୋତା ଓ ଏହାର ଶାଖା କାଣୀ ନଦୀରେ ପୁଣି ବନ୍ୟା ଆସିଛି। ଫଳରେ ଆଳି ଧୋୟାଞ୍ଚଳର ଗୋବିନ୍ଦପୁର, ଜୁଆଣିଆ, ପେତପଡ଼ା, ଏରଡଙ୍ଗ, ପାଳିମି, କେତୁଆପାଳ, ଦେସାହି ସମେତ ୧୦ଟି ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଗୋବିନ୍ଦପୁର-ମାନପୁର ରାସ୍ତାର ନରଣପୁର ନିକଟରେ ମୁଖ୍ୟ ରାସ୍ତାରେ ୩ ଫୁଟର



ବନ୍ୟା ଜଳ ପ୍ରବେଶ କରୁଛି। ଫଳରେ ଧୋୟାଞ୍ଚଳର ଲୋକେ ବ୍ଲକ ଓ ଜିଲ୍ଲା ସଦର ମହକୁମାଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛନ୍ତି। ସବୁଠାରୁ ଦୁର୍ଦ୍ଦଶାରେ ଥିବା ପେତପଡ଼ା ଗ୍ରାମବାସୀ ପୁଣି ଜଳବନ୍ଦୀ ହୋଇପଡିଛନ୍ତି।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ରାଜନଗର,୫।୯ (ସମିସ): ଶୈଳେନ୍ଦ୍ର ନାରାୟଣ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ବିଦ୍ୟାଳୟ ପରିସରରେ ଚାରିଜଣ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷାଧିକାରୀ ବିଜୟ ଜେନା, ସମ୍ମାନିତ ଅତିଥି ଭାବେ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁଖିଶ୍ୟାମ ରାଉତ, ସିଆରସିସି ମଧୁସୂଦନ ସାହୁ ପ୍ରମୁଖ ଯୋଗଦେଇ ଗୁରୁ ଦିବସରେ ମହାନୀୟ ପରମ୍ପରା ଯୁଗ ଯୁଗ ଧରି ଗୁରୁ ଶିଷ୍ୟ ସଂପର୍କ ଉପରେ ଆଲୋଚନା କରିବା ସହିତ ବିଦାୟୀ ଶିକ୍ଷକ ବିମଳ ନାରାୟଣ ସି, ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସାହୁ, ମାଲିଆବୁଦା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଣୁଧର ମହାସେଠୀ ଓ କାହ୍ନୁଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୋଳଗୋବିନ୍ଦ ସେଠୀଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆରସିସି ମଧୁସୂଦନ ସାହୁ ସ୍ୱାଗତ ଭାଷଣ ଓ ଶିକ୍ଷକ ହଳଧର ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥଲେ।

## ଆୟତନ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ରାଜକନିକା, ୫।୯ (ସମିସ): ଚଳିତ ବର୍ଷଠାରୁ ଆୟତନ ବଜାରରେ ସାର୍ବଜନୀନ ଦୁର୍ଗାପୂଜା ଉତ୍ସବ ଆରମ୍ଭ ହେଉଥିବାବେଳେ ସୁନିଆଁ ଦିନ ମାଟି ଅନୁକୂଳ କରାଯାଇଛି। ଆୟତନର ଏମଏସସି ଡେଭେଲପମେଣ୍ଟ ଫାଉଣ୍ଡେସନ ପକ୍ଷରୁ



କରାଯାଉଥିବା ଦୁର୍ଗାପୂଜା ପାଇଁ ସାଧାରଣରେ ଉତ୍ସାହ ଖେଳିଯାଇଛି। ଆଗରୁ ଆୟତନରେ ଗଜଲକ୍ଷ୍ମୀ ପୂଜା ହୋଇ ଆସୁଥିବାବେଳେ ସେଥିରେ ଦୁର୍ଗାପୂଜାକୁ ସାମିଲ କରାଯାଇଛି।

## ଜାତୀୟ ସବ୍‌ଜୁନିୟର ଫୁଟବଲ ଦଳରେ ରାହୁଲ

ରାଜକନିକା,୫।୯ (ସମିସ): ଫୁଟବଲର ଏନ୍ତୁଡ଼ିଶାଳ କୁହାଯାଉଥିବା ରାଜକନିକାରେ ବହୁ



କ୍ରୀଡ଼ାବିତ ରାଜ୍ୟ ଓ ଜାତୀୟସ୍ତରରେ ସୁନାମ ଆଣିଥିବାବେଳେ ରାଜକନିକାର ଯୁବ ପ୍ରତିଭା ରାହୁଲ କୁମାର ନାୟକ ଜାତୀୟ ସବ୍‌ଜୁନିୟର ଦଳରେ ସ୍ଥାନ ପାଇଛନ୍ତି। ରାହୁଲଙ୍କ ଏହି ଚୟନ ସମ୍ପର୍କରେ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା ସମ୍ପାଦକ କେନ୍ଦ୍ରାପଡ଼ା ଜିଲ୍ଲା ଆଥଲେଟିକ ଆସୋସିଏସନକୁ ଚିଠି ଲେଖି ଅବଗତ କରାଇଛନ୍ତି। ଏ ନେଇ ସାରା ରାଜକନିକା ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ରାହୁଲ ରାଜକନିକା ବ୍ଲକ ତରାସ ଗାଁର ନେତାଜୀ କ୍ଲବ୍‌ରେ ଫୁଟବଲ ପ୍ରଶିକ୍ଷଣ ନେଉଛନ୍ତି। ତରାସ ଗ୍ରାମର ହରିବୋଲ ନାୟକଙ୍କ ପୁଅ ରାହୁଲ ଜାତୀୟ ଦଳରେ ସ୍ଥାନ ପାଇଥିବାରୁ ନେତାଜୀ କ୍ଲବ୍‌ର ସଦସ୍ୟ ଓ ଗ୍ରାମବାସୀ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା,୫।୯ (ସମିସ): କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତର ବୀରସ୍ୱତୀ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ କାକୁଲି ମଲ୍ଲିକ ଚଳିତବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଏ ନେଇ ବିଦ୍ୟାଳୟରେ ଆନନ୍ଦର ଲହରି ଖେଳିଯାଇଛି। ଏ ଉପଲକ୍ଷେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନତୀ କୁମାରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ,ଶିକ୍ଷୟିତ୍ରୀ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଶ୍ରୀମତୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବିଶ୍ୱାଳ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରୀମତୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

## ପ୍ରଫୁଲ୍ଲ ସାହୁ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ଆଳି, ୫।୯ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ମହାରାକୁଳସ୍ଥ ସାଧୁଚରଣ ଉଚ୍ଚବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରଫୁଲ୍ଲ ସାହୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ସମାରୋହରେ ଜିଲ୍ଲାପାଳ ଆର ରଘୁରାମ ଆୟାର ଓ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ କ୍ରୀଡ଼ା ଶିକ୍ଷକ ଶ୍ରୀ ସାହୁଙ୍କୁ ପୁରସ୍କୃତ କରିଥିଲେ। ସାଧୁଚରଣ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ପରିଚାଳନା କମିଟି, ଛାତ୍ରଛାତ୍ରୀ, ଅଭିଭାବକ ଶ୍ରୀ ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ପୁନର୍ବାସ ପକ୍ଷରୁ ଶିକ୍ଷାଶ୍ରୀ ସମ୍ମାନ ପ୍ରଦାନ ଉତ୍ସବ

କେନ୍ଦ୍ରାପଡ଼ା,୫।୯ (ସମିସ): ପବିତ୍ର ଗୁରୁ ଦିବସ ଅବସରରେ ଜିଲ୍ଲାରେ ଭିନ୍ନକ୍ଷମଙ୍କ ଥେରାପି ସେବା, ଅଧିକାର ସଚେତନତା ଓ ସଶକ୍ତୀକରଣ ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ "ପୁନର୍ବାସ" ପକ୍ଷରୁ ନିଜର ଭିନ୍ନକ୍ଷମତା ସତ୍ତ୍ୱେ ଶିକ୍ଷାଦାନ ବୃତ୍ତିରେ ନିଷ୍ଠାପରତା ଓ ପ୍ରତିବଦ୍ଧତା ରଖିଥିବା ଜିଲ୍ଲାର ୫ ଜଣ ଦିବ୍ୟାଙ୍ଗ ଶିକ୍ଷକଙ୍କୁ 'ପୁନର୍ବାସ ଶିକ୍ଷାଶ୍ରୀ ସମ୍ମାନ' ପ୍ରଦାନ କରାଯାଇଛି । ସେମାନଙ୍କ ମଧ୍ୟରେ ୩ ଜଣ ଚଳନଶକ୍ତି ବାଧିତ ତଳକୁସୁମା ସରକାରୀ ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ ଡଃ ବିପିନ କୁମାର ଦାସ, ତାରିଣୀ +୨ ବିଜ୍ଞାନ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ଅର୍ଜ୍ଜୁନ ଚରଣ ନାୟକ ଓ ଡେରାବିଶ ଫକୀରବାଦସ୍ଥ ରାମଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ମନୋରଞ୍ଜନ ତ୍ରିପାଠୀ, ୨ଜଣ ଦୃଷ୍ଟିବାଧିତ କେନ୍ଦ୍ରାପଡ଼ା ମ୍ୟୁନିସପାଲିଟି ଦୃଷ୍ଟିହୀନ ବିଦ୍ୟାଳୟର ଶିକ୍ଷକ ଅରୁଣ ବେହେରା ଓ ମାଲୁଆ ପ୍ରୋଜେକ୍ଟ ପ୍ରାଥମିକ









ବିଦ୍ୟାଳୟର କନିଷ୍ଠ ଶିକ୍ଷକ ଉତ୍ତମ ସେଠୀଙ୍କୁ ମୁଖ୍ୟଅତିଥି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ସମ୍ମାନିତ ଅତିଥି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହେରା, ପ୍ରାଧ୍ୟାପକ ଡଃ ଯତିନ୍ଦ୍ର ରାଉତ ଓ ଆୟବା ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡଃ ବିନାୟକ ପ୍ରସାଦ ପ୍ରଧାନ ପ୍ରମୁଖ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଦିବ୍ୟାଙ୍ଗ ଶିକ୍ଷକଙ୍କୁ ସାମାଜିକ ସ୍ୱୀକୃତି ସହ ଆଗକୁ ବଢ଼ିବାକୁ ପ୍ରେରଣା ଦେବ ବୋଲି ମତବ୍ୟକ୍ତ କରିଥିଲେ। ପୁନର୍ବାସର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ଶିକ୍ଷକଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ, ମାନପତ୍ର ଓ ସ୍ମାରକୀ ବ୍ୟାଗ୍ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରତାପ ନାୟକ, ମହମ୍ମଦ ଜାହିଦ ଖାଁ, ସ୍ୱପ୍ନାଂଶୁ ଦାସ, ପ୍ରତାପ ସ୍ୱାଇଁ, କ୍ଷୀରୋଦ କର, ଶେଷଦେବ ଦାସ, ସଞ୍ଜୟ ଜେନା, କେଦାର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ପୁନର୍ବାସର ସହମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସଦାନନ୍ଦପୁରରେ ମହମ୍ମଦଙ୍କ ବାର୍ଷିକ ଉତ୍ସବ

ପଞ୍ଚୁପାଣ୍ଡବ, ୫।୯ (ସମିସ):ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମରେ ମହାପୁରୁଷ ମହମ୍ମଦଙ୍କ ୧୫୦୦ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏହି ଉତ୍ସବରେ ମୁସଲିମ ସାହିର ପିଲାଠୁ ବୟସ୍କ ଲୋକ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଶୋଭାଯାତ୍ରା ସମୟରେ ଗ୍ରାମର ମହିଳାମାନେ ସମସ୍ତଙ୍କୁ ଥଣ୍ଡା ପାନୀୟଜଳ, ବିସ୍କୁଟ, ଚକୋଲେଟ ଓ ସରବତ୍ ବଣ୍ଟନ କରିଥିଲେ। ସନ୍ଧ୍ୟାରେ ହାଫିଜ୍ ନଜ୍ରୁଲ ହୋସେନ ମହମ୍ମଦଙ୍କ ବିଷୟରେ ଏକ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ମନ୍ତ୍ରୀପଡ଼ା ଗ୍ରାମରେ ପ୍ରତିବର୍ଷ ପରି ମହାପୁରୁଷ ମହମ୍ମଦଙ୍କ ବାର୍ଷିକ



ଉତ୍ସବ ପାଳନ କରାଯାଇଥିବାବେଳେ ଲକ୍ଷ୍ମୀନାରାୟଣ ପଞ୍ଚାୟତର ନୂଆହଟ ଗ୍ରାମରେ ଧୁମ୍‌ଧାମରେ ପାଳନ କରାଯାଇଥିଲା। ସମସ୍ତ ମୁସଲିମ ଗ୍ରାମରେ ଜସ୍ନେ ଇଦ୍ ମିଲାଦୁନ୍ ନବୀ ପାଳନରେ ହଜାର ହଜାର ସଂଖ୍ୟାରେ ଲୋକ ଯୋଗ ଦେଇଥିବାବେଳେ ଭାଇଚାରା ବଜାଇ ରଖିବା ପାଇଁ ହିନ୍ଦୁ ଓ ମୁସଲମାନ ଭାଇ ସାମିଲ ହୋଇଥିଲେ। ଗ୍ରାମର ସେକ ଆବିଦ, ସେକ ମୋଜାହିଦ୍, ସେକ ରହେମତ୍ ତୁଲ୍ଲା, ସେକ ତାହେର ଅଲ୍ଲୀ, ସେକ ରିଆସତ୍, ମିର ମୁନସୀ, ସେକ ମୋବରକ ଓ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ପଟ୍ଟାମୁଣ୍ଡାଇରେ ମହମ୍ମଦଙ୍କ ଜନ୍ମ ଦିବସ ପାଳିତ

ପଟ୍ଟାମୁଣ୍ଡାଇ,୫।୯ (ସମିସ): ଇସଲାମ ଧର୍ମ ଗୁରୁ ପ୍ରଫେଟ ମହମ୍ମଦଙ୍କ ୧୫୦୦ତମ ଜନ୍ମ ଦିବସକୁ ପଟ୍ଟାମୁଣ୍ଡାଇ ଅଞ୍ଚଳର ମୁସଲମାନମାନେ ଇଦ ମିଲାଦୁନ ନବି ଭାବେ ପାଳନ କରିଛନ୍ତି। ମୁସଲମାନ ଭାଇମାନେ ବିଭିନ୍ନ ସ୍ଲୋଗାନ ଦେଇ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରି ମଦ୍ରାସାଠାରେ ପହଞ୍ଚିଥିଲେ। ଇମାମ ଇସ୍ରାଫିଲ ଅହମଦ, ମୌଲାନା ୱାସିମ କାଦିର, ହାପିଜ ସଲ୍ଲାଉଦ୍ଦିନ ପ୍ରମୁଖ ଇସଲାମ ଧର୍ମ ଉପରେ ଆଲୋଚନା କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ମୁସଲମାନ ବସ୍ତି ସର୍ଦ୍ଦାର ସେକ ଅବଦୁଲ ବାରୀ, ସେକ ମୋଇଉଦ୍ଦିନ, ସେକ ସରାତୁଲ୍ଲା, ସେକ ଇସ୍ମାଇଲ, ସେକ ମୁସ୍ତାର ଅଲ୍ଲୀ, ସେକ ଜାକିର ହୁସେନ, ମିର୍ଜା ହେଦାଦ ବେଗ, ଅଧ୍ୟାପକ ସେକ ଇମଦାଦ ଅଲ୍ଲୀ, ସେକ ସୁଜାତ ଅଲ୍ଲୀ, ବରକତ



ଅଲ୍ଲୀଖାଁ, ଅଫସର ଅଲ୍ଲୀ ଖାଁ, ସେକ ମଦାନୀ, ସମସେର ଖାଁ, ସେକ ଅମରୁଲ, ଜମାଲ ଖାଁ, ସେକ ଜୈନୁଲ ହକ ପ୍ରମୁଖ ଯୋଗଦେଇ ଇସଲାମ ଧର୍ମ ଉପରେ ଆଲୋଚନା କରିଥିଲେ। ଶୋଭାଯାତ୍ରା ସମୟରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ ନାୟକ, ପଟ୍ଟାମୁଣ୍ଡାଇ ତହସିଲଦାର ଦିଲ୍ଲୀପ ନାୟକ, ଏସଡିପିଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପୁଲିସ ଫୋର୍ସ ସହିତ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଶୋଭାଯାତ୍ରାକୁ ଅମୀର ଖାଁ, ସେକ ଇବ୍ରାହିମ, ମିର୍ଜା ଇବ୍ରାର ବେଗ, କେକେ ବାବୁ ପ୍ରମୁଖ ପରିଚାଳନା କରିଥିଲେ।

## ଛାତ୍ରୀ ନିଖୋଜ ଅଭିଯୋଗ

ଡେରାବିଶ, ୫।୯ (ସମିସ): ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ଜିଲ୍ଲା ପଲିଟେକ୍‌ନିକ୍‌ର ଜଣେ ଛାତ୍ରୀ ନିଖୋଜ ହୋଇଯାଇଛନ୍ତି। ଛାତ୍ରୀଙ୍କ ନିଖୋଜ ସମ୍ପର୍କରେ ତାଙ୍କ ବାପା ଡେରାବିଶ ଥାନାରେ ଏକ ଅଭିଯୋଗ କରିଛନ୍ତି। ସେ କେନ୍ଦ୍ରାପଡ଼ା ପଲିଟେକନିକରେ ମେକାନିକାଲ ଇଞ୍ଜିନିୟରିଂର ପ୍ରଥମ ବର୍ଷ ଛାତ୍ରୀ ଥିଲେ। ସେ ଗୁରୁବାର ୧୦ଟା ସମୟରେ ଫୋନରେ ପରିବାର ସହିତ କଥା ହୋଇଥିଲେ। ପରିବାର ଲୋକ ଅପରାହ୍ନ ୫.୩୦ ମିନିଟ୍ ସମୟରେ ଝିଅର ମୋବାଇଲ୍‌କୁ ଫୋନ୍ କରିବାରୁ ମୋବାଇଲ୍ ସୁଇଚ୍ ଅଫ୍ ହୋଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ପରିବାର ଲୋକ ପଚରାଉଚୁରା କରିବାରୁ ତାଙ୍କ ଝିଅ ହଷ୍ଟେଲରୁ କଲେଜକୁ କ୍ଲାସ୍ କରିବାକୁ ଯାଇଥିବାବେଳେ ଅପରାହ୍ନରେ ହଷ୍ଟେଲକୁ ଫେରି ନ ଥିବା ଜଣାପଡ଼ିଥିଲା। ପରିବାର ଲୋକ ବହୁ ଖୋଜା ଖୋଜି ପରେ ଝିଅର ସନ୍ଧାନ ନ ପାଇବାରୁ ଡେରାବିଶ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

## ବାଲୁଙ୍କେଶ୍ୱର ବିଦ୍ୟାପୀଠର ୪ ଶିକ୍ଷୟିତ୍ରୀ ପାଇଲେ ଶିକ୍ଷା ପୁରସ୍କାର

ଡେରାବିଶ, ୫।୯ (ସମିସ): ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁରସ୍ଥ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠର ଚାରିଜଣ ଶିକ୍ଷୟିତ୍ରୀ ସୁହାସିନୀ ପ୍ରଧାନ, ରାଜଲକ୍ଷ୍ମୀ ମହାରଣା, ସୀମାରାଣୀ ନାୟକ, ରୋଜାଲିନ ସାମନ୍ତରାୟ ଆଜି ଗୁରୁଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ଡେରାବିଶ ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି। ଏ ଅବସରରେ



କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କ ସଭାପତିତ୍ୱରେ ଇଚ୍ଛାପୁର ଉଚ୍ଚବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ଜିଲ୍ଲାପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାର ୩୭ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ସ୍ୱଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ନନ୍ଦକିଶୋର ପରିଡ଼ା, ବାଲିଆର ଅଧ୍ୟକ୍ଷ ଶ୍ରୀମତୀ ସୁଲୋଚନା ଦେହୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କୃତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ରାଷ୍ଟ୍ର ନିର୍ମାଣ ପାଇଁ ଅଭିପ୍ରେରିତ କରିଥିଲେ।

## ତୁଳସୀକ୍ଷେତ୍ରରୁ ଶ୍ରୀକ୍ଷେତ୍ରକୁ ସରକାରୀ ବସ୍ ସେବା ଦାବି

କେନ୍ଦ୍ରାପଡ଼ା, ୫।୯ (ସମିସ): ତୁଳସୀକ୍ଷେତ୍ରରୁ ଶ୍ରୀକ୍ଷେତ୍ର ପୁରୀକୁ ସରକାରୀ ବସ୍ ସେବା ପାଇଁ ଟୁଇଟର ମାଧ୍ୟମରେ ଯୁବ ସମାଜସେବୀ ସୁନୀଲ ଗନ୍ତାୟତ ଦାବି ଜଣାଇଛନ୍ତି। ତୁଳସୀ କ୍ଷେତ୍ରରୁ ଶ୍ରୀକ୍ଷେତ୍ର ସରକାରୀ ବସ୍ ଚାଲିବା ଦ୍ୱାରା ବଳଦେବଜୀଉ ମନ୍ଦିର ସହିତ ଜଗନ୍ନାଥ ମନ୍ଦିର ତୀର୍ଥଯାତ୍ରୀଙ୍କ ଲାଗି ସୁବିଧା ହେବ। ପର୍ଯ୍ୟଟନ ଓ ଧାର୍ମିକ କ୍ଷେତ୍ରରେ ଦୁଇ ଜିଲ୍ଲା ଭିତରେ ଭାଇଚାରା ବଢିବା ନେଇ ସେ କହିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ, କେନ୍ଦ୍ରାପଡ଼ା ସାଂସଦଙ୍କୁ ସେ ଟୁଇଟ କରି ଜଣାଇଛନ୍ତି।

## ଡେରାବିଶରେ ଇଦ୍-ମିଲାଦୁନ୍-ନବୀ ପାଳିତ

ଡେରାବିଶ, ୫।୯ (ସମିସ): ମହାପୁରୁଷ ହଜରତ ମହମ୍ମଦ (ସ)ଙ୍କ ଜୟନ୍ତୀ ଅବସରରେ ଡେରାବିଶ ବ୍ଲକ ଅଧୀନ ବିଭିନ୍ନ ମୁସଲମାନ ସାହିରେ ଇଦ-ମିଲାଦୁନ-ନବୀ ପାଳିତ ହୋଇଛି। ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଛଞ୍ଚିଣା, ଗୋଲରାହାଟ ପଞ୍ଚାୟତର ଗୋଲରାହାଟ ଓ ଚଷାଖଣ୍ଡ, କୁରୁଜଙ୍ଗା ପଞ୍ଚାୟତର ମନ୍ତ୍ରୀପଡା, କୁଶିଆପାଳ ପଞ୍ଚାୟତର ହଳଦିଆ, ଚାଟରାଚକଡା ପଞ୍ଚାୟତର ଓଲଡି, ପଲେଇ ପଞ୍ଚାୟତର ସବଳଙ୍ଗ କଣିପଡ଼ା ଓ ବେଣୀପୁର ପଞ୍ଚାୟତର ସଦାନନ୍ଦପୁର ଗ୍ରାମର ମୁସଲମାନ ସାହିମାନ ଉତ୍ସବ ମୁଖର ହୋଇଉଠିଥିଲା। ମସଜିଦରେ ପ୍ରାତଃ ନମାଜ ପାଠ ପରେ କୋରାନ ପାଠ କରାଯାଇଥିଲା।

## ଅଳପୁଆରେ ଖୋଲିବ ଷ୍ଟେଟ ବ୍ୟାଙ୍କ୍ ଏଟିଏମ

ପଟ୍ଟାମୁଣ୍ଡାଇ, ୫।୯ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅଳପୁଆ ତଳାପଡ଼ିଆଠାରେ ଷ୍ଟେଟ ବ୍ୟାଙ୍କ ଏଟିଏମ ଖୋଲିବା ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ଧରି ଦାବି କରିଆସୁଥିଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ନିକଟରେ ଅଳପୁଆ ସରପଞ୍ଚ ପ୍ରତିନିଧି ରଶ୍ମିରଞ୍ଜନ ବେହେରା, ପୂର୍ବତନ ସମିତି ସଭ୍ୟ ଚନ୍ଦନ ସାହୁ, କୈଳାସ ଦାସ, ଉମାକାନ୍ତ ରାଉତ, କୃତ୍ତିବାସ ସାହୁ, ଉମାକାନ୍ତ ବିହାରୀ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକଙ୍କୁ ଭେଟି ଏଟିଏମ ଖୋଲିବାକୁ ଦାବି କରିଥିଲେ। ମୁଖ୍ୟ ପ୍ରବନ୍ଧକ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରି ଅଳପୁଆ ତଳାପଡିଆରେ ଖୁବଶୀଘ୍ର ଷ୍ଟେଟ ବ୍ୟାଙ୍କ ଏଟିଏମ ଖୋଲିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ବଳରାମପୁର ସ୍କୁଲ ଶିକ୍ଷକ ନିଲମ୍ବିତ

ମାର୍ଶାଘାଇ,୫।୯ (ସମିସ): ମାର୍ଶାଘାଇ ବ୍ଲକ ଆୟତପୁର ପଞ୍ଚାୟତ ବିଶ୍ୱକର୍ମାଙ୍କ ୟୁଜିୟୁପି ବିଦ୍ୟାଳୟ ଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କୁ କର୍ତ୍ତବ୍ୟରେ ଅବହେଳା ପାଇଁ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ନିଲମ୍ବନ କରିଛନ୍ତି। କର୍ତ୍ତବ୍ୟରେ ଅବହେଳା, ଛାତ୍ରୀଙ୍କ ପ୍ରତି ଅସଦବ୍ୟବହାର ପାଇଁ ଗ୍ରାମବାସୀ ଓ ବଳରାମପୁର ପ୍ରାଥମିକ ବିଦ୍ୟାଳୟ କମିଟି ସଦସ୍ୟ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ସେଠୀ ଏବିଇଓ ସୁଶାନ୍ତ ବେଉରାଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏବିଇଓ ଶ୍ରୀ ବେଉରାଙ୍କ ତଦନ୍ତ ରିପୋର୍ଟ ଆଧାରରେ ବିଇଓ ଶ୍ରୀ ସେଠୀ ଶିକ୍ଷକ ଶ୍ରୀ ସାହୁଙ୍କ ବିରୁଦ୍ଧରେ ଅବହେଳା, ଅନୁଶାସନହୀନତା ଓ ଛାତ୍ରୀଙ୍କୁ ଗାଳିଗୁଲଜ କରିଥିବାରୁ ଓସିଏ, ସିସିଏ ଧାରା-୧୬

# ସାତଘରିଆ-ଓଳାଭର ବଜାର ରାସ୍ତା ଶୋଚନୀୟ

ରାଜକନିକା,୫।୯ (ସମିସ): ଏବେ ବଳରାମପୁର ପଞ୍ଚାୟତର ସବୁ ରାସ୍ତା ସାରା ଖାଲଖମାରେ ପରିପୂର୍ଣ୍ଣ। ବିଶେଷକରି ଗଞ୍ଜାଘାଟଠାରୁ ଓଳାଭର ବଜାରକୁ ଲାଗିଥିବା ଗଞ୍ଜାବନ୍ଧର ସାତଘରିଆ ଗ୍ରାମରୁ ଓଳାଭର ବଜାର ପର୍ଯ୍ୟନ୍ତ ରାସ୍ତା ଅଧିକ ଖରାପ ହୋଇପଡ଼ିଛି। ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ କରାଯାଇଥିଲା ଓ ଫେବର୍ ଟାଇଲ ପକାଯାଇଥିଲା। ମାତ୍ର ନିମ୍ନମାନର କାମ ହୋଇଥିବାରୁ ଟାଇଲ ଉଠିଯାଇ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ଗର୍ତ୍ତ ପାଖରେ ୩୨ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଭୁଶୁଡ଼ି ପଡ଼ିବା ଅବସ୍ଥାରେ ରହିଛି। ଏହି ରାସ୍ତା ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାରଣ ପରେ ମଧ୍ୟ ବିଭାଗୀୟ କନିଷ୍ଠ



ଯନ୍ତ୍ରୀ କିଛି ନ ଶୁଣି ଚୁପ୍ ରହି ଦେହ ଖରାପ ବାହାନାରେ ମେଡିକାଲରେ ଥିବା କହି ଦିନ ଗଡାଇ ଚାଲିଛନ୍ତି। ଅଞ୍ଚଳବାସୀ ଏ ନେଇ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜକନିକା ବ୍ଲକର କାମଚଳା ବିଡିଓ ଭାନୁମତୀ ମାଝୀଙ୍କୁ ତୁରନ୍ତ ଏହି ସ୍ଥାନ ମରାମତି ପାଇଁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ଏଯାଏ ତାହା ହୋଇନାହିଁ। ଆଗକୁ ପାର୍ବଣ ଋତୁ ଥିବାବେଳେ ଏହି ରାସ୍ତା ଦେଇ ଯାତାୟାତ ବିପଦଜନକ ହେବ ବୋଲି ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ତେବେ ବ୍ଲକ ପ୍ରଶାସନରେ ଜଣେ ଯନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିବା ସରକାରୀ କର୍ମଚାରୀ କେଉଁ କାରଣରୁ ଓ କେଉଁ ଉଦ୍ଦେଶ୍ୟରେ ଜିଲ୍ଲାର ଏକ ବ୍ୟସ୍ତବହୁଳ ରାସ୍ତା ମରାମତି କରୁନାହାନ୍ତି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ୟବସାୟିକ ପେଣ୍ଠସ୍ଥଳ ଭାବେ ପରିଚିତ ଓଳାଭର ବଜାରକୁ ଦୈନିକ ହଜାର ହଜାର ଲୋକ, ସ୍କୁଲକଲେଜ ଛାତ୍ରଛାତ୍ରୀ, ରୋଗୀ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। କେତେବେଳେ ଏହି ଗାଡ଼ରେ ପଡ଼ି କାହାର ଜୀବନ ଯିବ, ତାହା କହି ହେବନାହିଁ। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଠକେଇ ଅଭିଯୋଗରେ ଜଣେ ଗିରଫ

କୋରାପୁଟ,୫।୯ (ସମିସ): ସିମେଣ୍ଟ, ଲୁହା ଛଡ଼ ଏବଂ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ଯୋଗାଇ ଦେବାକୁ କହି ପ୍ରାୟ କୋଟିଏ ଟଙ୍କା ଠକି ନେଇଥିବା ଅଭିଯୋଗରେ କୋରାପୁଟ ସାଇବର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ସେମିଳିଗୁଡାର ଉପେନ୍ଦ୍ର ମହାନ୍ତି ବୋଲି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ଅମ୍ରିତ ମହାନ୍ତି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ଉପେନ୍ଦ୍ର ସେମିଳିଗୁଡା ଓ ନିକଟସ୍ଥ ଅଞ୍ଚଳର ଲୋକଙ୍କୁ ଘର ତିଆରି କରିଦେବା ଓ କେତେକଙ୍କୁ ସିମେଣ୍ଟ, ଲୁହା ଛଡ଼ ଓ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ଯୋଗାଇ ଦେବାକୁ କହି ପ୍ରାୟ କୋଟିଏ ଟଙ୍କା ଠକି ଫେରାର ହୋଇ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇଜଣ ୪୦ ଲକ୍ଷ ଟଙ୍କାର ଠକେଇ ହୋଇଥିବା ଅଭିଯୋଗ ସାଇବର ଥାନାରେ ଅଭିଯୋଗ କରିଥିଲେ। ସାଇବର ଥାନା ପୁଲିସ ଏକ ମାମଲା ରୁଜୁ କରି ଡିଏସପି ଭବାନୀ ପ୍ରଧାନଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍ ଅଭିଯୁକ୍ତଙ୍କୁ ଅନୁଗୁଳରୁ ଗିରଫ କରିଥିଲେ। ଅଭିଯୁକ୍ତ ନିକଟରୁ ପୁଲିସ ଗୋଟିଏ ଲାପଟପ୍, ବିଭିନ୍ନ ବ୍ୟାଙ୍କର ୫ ଟି ଡେବିଟ ଓ କ୍ରେଡିଟ କାର୍ଡ ଜବତ କରିଥିବା ଅତିରିକ୍ତ ଏସପି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ସାଇବର ଥାନା ଦାୟିତ୍ୱରେ ଥିବା ଡିଏସପି ଭବାନୀ ପ୍ରଧାନ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗୁରୁଦିବସକୁ କଳା ଦିବସ ରୂପେ ପାଳନ




ନବରଙ୍ଗପୁର,୫।୯ (ସମିସ) : ୨୦୦୮ ରୁ ୨୦୧୮ ମସିହା ଭିତରେ ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ପାଇଥିବା ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ମାନଙ୍କୁ ସରକାରୀ ଅନୁଦାନ ପ୍ରଦାନ ଦାବି କରି ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଧାରଣା ଆଜି ୧୯ ଦିନରେ ପହଞ୍ଚିଛି। ସଂଘର ଧାରଣାର ଆଜି ୧୯ଦିନରେ ପହଞ୍ଚିବା ପରେ ମଧ୍ୟ ସରକାର କୌଣସି କର୍ଣ୍ଣପାତ କରୁନଥିବା ଯୋଗୁଁ ଆଜି ଗୁରୁଦିବସ ଥିବା ବେଳେ ରାଜ୍ୟ ସଭାପତି ବିଶ୍ୱରଂଜନ ଦାସଙ୍କ ନେତୃତ୍ୱ ରେ ସାରା ରାଜ୍ୟରେ ଆଜିର ଗୁରୁ ଦିବସ ଦିନ କୁ କଳାଦିବସ ରୂପରେ ପାଳନ କରିଛି ନବରଙ୍ଗପୁର ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ। ସଂଘର ଦାବି ଅନୁଯାୟୀ ଯେ ପର୍ଯ୍ୟନ୍ତ ସରକାର ସଂଘ ଦାବି ଗୁଡିକୁ ପୂରଣ ନ କରନ୍ତି, ସେତେ ଦିନ ପର୍ଯ୍ୟନ୍ତ ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର କର୍ମକର୍ତ୍ତା ଏବଂ ସଦସ୍ୟ କଲମ ଛାଡ଼ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ବୋଲି ସଂଘ ନିଷ୍ପତି ନେଇଥିବା ସୂଚନା ମିଳିଛି। ଏହି ଧାରଣାକୁ ସମର୍ଥନ ଜଣାଇ ନବରଙ୍ଗପୁରରେ ମଧ୍ୟ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ କଳାଦିବସ ପାଳନ କରିଥିବାର ଦେଖିବାକୁ ମିଳିଛି।

# ବ୍ୟାଡ୍‌ମିଣ୍ଟନ ଏକାଡେମୀର ୨୫ ଖେଳାଳି ଚାମ୍ପିଅନ୍

ଜୟପୁର,୫।୯ (ସମିସ): ଜୟପୁର ଆଦର୍ଶନ ନଗରସ୍ଥିତ ଡିପି ବ୍ୟାଡିମେଣ୍ଟନ ଏକାଡେମୀର ଖେଳାଳୀ ମାନେ ଜିଲ୍ଲା ସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗୀତାରେ ବିଜୟ ଲାଭ କରି ଚାମ୍ପିଆନ ହୋଇଛନ୍ତି। ଆଜି ଏକାଡେମୀ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗତ ମାସ ୨୯ ତାରିଖ ଠାରୁ କୋରାପୁଟ ଇନ୍‌ଡୋର ଷ୍ଟାଡିୟମ ଠାରେ ଆୟୋଜିତ ବ୍ୟାଡମିଣ୍ଟନ ପ୍ରତିଯୋଗୀତାରେ ବିଭିନ୍ନ ବର୍ଗରେ ଡିପି ଏକାଡେମୀର ୨୫ଜଣ ଖେଳାଳୀ ମାନେ ଚାମ୍ପିଆନ ହୋଇଥିଲେ। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗୀତାରେ ସମୁଦାୟ ୧୫୪ ଜଣ ଖେଳାଳୀ ଯୋଗ ଦେଇଥିଲେ। ସମ୍ବର୍ଦ୍ଧନା ସଭାରେ ଓଏସବିଏ ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର



ଚୌଧୁରୀ, ଉପଖଣ୍ଡ କ୍ରୀଡା ସଂଘ ସମ୍ପାଦକ ରବି ନାୟକ, ଚାମ୍ବର ଅଫ୍ କମର୍ସ ସଭାପତି ଭି. ପ୍ରଭାକର, ପୂର୍ବତନ କ୍ରିକେଟ ଖେଳାଳି ଅସିତ ପଟ୍ଟନାୟକ, ଗଣେଶ ବେହେରା, ସନ୍ତୋଷ ବେବର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡିପି ଏକାଡେମୀ ସଦସ୍ୟ ଗୌରୀ ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ।୩୫ ବର୍ଷରୁ ଉର୍ଦ୍ଧ ଡବଲସରେ ଏସି ମୁନିର ଓ ସଚ୍ଚିଦାନନ୍ଦ ପରିଡା, ୩୫ ବର୍ଷରୁ ଉର୍ଦ୍ଧ ସିଙ୍ଗଲସରେ ଏସି ମୁନିର, ୪୦ ବର୍ଷରୁ ଉର୍ଦ୍ଧ ଡବଲସ ରେ ଦେବଦତ୍ତ ଦାଶ, ସୁବାଶ ବେହେରା ଉପବିଜେତା, ୪୫ ବର୍ଷରୁ ଉର୍ଦ୍ଧ ସିଙ୍ଗଲସରେ ସଚ୍ଚିଦାନନ୍ଦ ପରିଡା ବିଜେତା, ୫୦ ବର୍ଷରୁ ଉର୍ଦ୍ଧ ଡବଲସ୍‌ରେ ଅସିତ ପଟ୍ଟନାୟକ ଓ ସୁରେଶ, ୫୫ ବର୍ଷରୁ ଉର୍ଦ୍ଧ ଡବଲସରେ ଅସିତ ପଟ୍ଟନାୟକ ଓ କଳାକାର ବିଜେତା ଭାବେ ଚମ୍ପିଆନ ହାସଲ କରିଥିଲେ।ଓପନ ସିନିୟର ଡବ୍ଲ୍ସରେ ଏସି ମୁନିର ଓ ବିଷ୍ଣୁ ମହାନ୍ତି ବିଜୟ ଲାଭ କରିଥିଲେ।

# ଟ୍ରକକୁ ପିଟିଲା ବାଇକ୍ ୨ ଗୁରୁତର

କୋରାପୁଟ,୫।୯ (ସମିସ): କୋରାପୁଟ ଟାଉନ ଥାନା ଅନ୍ତର୍ଗତ ଓଏସଏପି ଛକ ନିକଟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକକୁ ପିଟି ବାଇକ ଚାଳକ ସହ ପଛରେ ବସିଥିବା ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। କୋରାପୁଟ ସୁନାବେଡ଼ା ୨୬ ନଂ ଜାତୀୟ ରାଜପଥ ଓଏସଏପି ତୃତୀୟ ବାଟାଲିୟନ ଛକ ନିକଟରେ ରାସ୍ତା କଡ଼ରେ ଠିଆ ହୋଇଥିବା ସିଜି ୧୭ବି ୧୧୯୮ ନମ୍ବର ଟ୍ରକକୁ ଓଡି ୦୮ଆର ୬୫୫୭ ନମ୍ବର ପିଟି ହେବାରୁ ବାଇକରେ ଥିବା ଦୁଇଜଣ ଯୁବକ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଟାଉନ୍ ଥାନା ପୁଲିସକୁ ସୂଚନା ଦେବାରୁ ପୁଲିସ ପହଞ୍ଚି ଘଟଣାସ୍ଥଳରୁ ଦୁଇ ଗୁରୁତରଙ୍କୁ କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ବାଇକ୍ ଅତ୍ୟଧିକ ସ୍ପିଡ୍ ଥିବାରୁ ଭାରସାମ୍ୟ ହରାଇ ଟ୍ରକ ସହ ପିଟି ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟ ପକ୍ଷରେ ଦୁଇ ଯୁବକଙ୍କ ମଧ୍ୟରୁ ଜଣକ ସ୍?ାସ୍ଥ୍ୟବସ୍ଥା ଗୁରୁତର ରହିଛି।

# ୩୬ ଜଣ ଶିକ୍ଷକ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

କୋରାପୁଟ,୫।୯ (ସମିସ)
ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ପାଳିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ଯୋଗଦେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିକଶିତ ଜିଲ୍ଲା ଗଠନରେ ଶିକ୍ଷକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା କହିଛନ୍ତି। କୋରାପୁଟ ଜିଲ୍ଲାରେ ଛାତ୍ରଛାତ୍ରୀଙ୍କ ପାସହାର ସନ୍ତୋଷଜନକ ରହିଥିଲେ ସୁଦ୍ଧା ଏ୨ ଗ୍ରେଡରେ



ଛାତ୍ରଛାତ୍ରୀଙ୍କ ସଂଖ୍ୟା ନୈରାଶ୍ୟଜନକ ଅଟେ ବୋଲି ସେ କହିଛନ୍ତି।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥି ମାନଙ୍କ ଦ୍ୱାରା ୨୩ ଜଣ ଶିକ୍ଷକଙ୍କୁ ଜିଲ୍ଲାସ୍ତରୀୟ ଓ ୧୩ ଜଣ ଶିକ୍ଷକଙ୍କୁ ବ୍ଲକସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଛି। କ୍ରୀଡା ଶିକ୍ଷକ ରାଜେଶ କୁମାର ମହାପାତ୍ର, ଅରୁଣ କୁମାର ଦାସ ଓ ସୁବୋଧ କୁମାର ଖରାଙ୍କୁ ପୁରସ୍କୃତ କରାଯାଇଛି। କୋରାପୁଟ ଉପଖଣ୍ଡର ଶ୍ରେଷ୍ଠ ସିଆରସିସି ଭାବେ ସ୍ନେହଲତା ଦାସ ଏବଂ ଜୟପୁର ଉପଖଣ୍ଡର ଶ୍ରେଷ୍ଠ ସିଆରସିସି ଭାବେ କାହ୍ନୁ ଚରଣ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷଣ ରତିକାନ୍ତ ଦାସ, ହେମନ୍ତ ପଟ୍ଟନାୟକ,ରମେଶ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଦୟାସିନ୍ଧୁ ବାଘ ଓ ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ସହ ଅନ୍ୟାନ୍ୟ ଅବସରପ୍ରାପ୍ତ ଶିକ୍ଷକ ଓ ବ୍ଲକ ଶିକ୍ଷା ଅଧିକାରୀ ମାନଙ୍କୁ ପୁରସ୍କୃତ ହୋଇଛନ୍ତି। ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ରୁପଚନ୍ଦ୍ର ସୋରେନ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜଗବନ୍ଧୁ ସାମଲ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ଉପସ୍ଥିତ ଥିଲେ। ଶିକ୍ଷୟତ୍ରୀ ପୂର୍ଣ୍ଣିମା ପତି ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଭବେଶ କୁମାର ପତି ଯୋଗଦେଇ ସଂଯୋଜନା କରିଥିବା ବେଳେ ଶିକ୍ଷୟତ୍ରୀ ସାଗରିକା ମିଶ୍ର, ଗୁଣା,କ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅନନ୍ତ ଦଳପତି ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

**• ଜମି ବିବାଦକୁ ନେଇ ଆକ୍ରମଣ ଘଟଣା**

# ଆହତ ପୁଅ ମୃତ: ୪ ଅଟକ

କୋରାପୁଟ,୫।୯ (ସମିସ): ଜମିଜମା ବିବାଦକୁ ନେଇ ବିଶିପୁର ଥାନା ପାଙ୍ଗିଗୁଡ଼ା ଗ୍ରାମରେ ଗୁରୁବାର ଅପରାହ୍ନରେ କୋରାପୁଟ ପୌର ପରିଷଦ ୧୦ ନଂ ୱାର୍ଡ କାଉନସିଲର କମଳା ନାୟକଙ୍କ ସ୍ୱାମୀ ଧନୁର୍ଜୟ ନାୟକ ଓ ପୁଅ ଶିବା ନାୟକକୁ ୫ ଜଣ ଦୁର୍ବୃତ୍ତ ଖଣ୍ଡାରେ ହାଣି ମରଣାନ୍ତକ ଆକ୍ରମଣ କରିଥିଲେ। ପୁଅ ଅତ୍ୟନ୍ତ ଗୁରୁତର ଥିବାରୁ ବିଶାଖାପାଟଣା ସ୍ଥାନାନ୍ତର କରା ଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣା ପଡ଼ିଛି। ଘଟଣାରେ ବିଶିପୁର ପୁଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରୀ ଲିମାରାଜ ପ୍ରଧାନ ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ ବିଶାଖାପାଟଣାରେ କୌଣସି କାରଣରୁ ଶୁକ୍ରବାର ଶବ ବ୍ୟବଚ୍ଛେଦ ହୋଇ ପାରି ନ ଥିବାବେଳେ ଶନିବାର ଶବ ବ୍ୟବଚ୍ଛେଦ ହେବ ବୋଲି ଥାନା ଅଧିକାରୀ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ଗୁରୁଦିବସ କାର୍ଯ୍ୟକ୍ରମ

ନବରଙ୍ଗପୁର,୫। ୯ (ସମିସ): ନବରଙ୍ଗପୁର ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ଗୁରୁଦିବସ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆଜିର ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କ ଅଧ୍ୟକ୍ଷତା କରିବା ସହିତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସାହୁ ଶିକ୍ଷା ବିଭାଗ ଦ୍ୱାରା ପ୍ରସ୍ତୁତ ସ୍ୱାର୍କ, ଶିକ୍ଷା ସେତୁ, ଲକ୍ଷ୍ୟ, ସୁପର ୧୦୦ , ଗୋଣ୍ଡି ଓ ଭତ୍ରା ଭାଷାରେ ପ୍ରସ୍ତୁତ ଭିଡିଓ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।ଆଜିର ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ତପନ ଖୁଣ୍ଟିଆ,ଜିଲ୍ଲା ମଙ୍ଗଳ ଅଧିକାରୀ ପାଳକା ରବୀନ୍ଦ୍ର,ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡକ୍ଟର ମଳୟ ରଞ୍ଜନ ତ୍ରିପାଠୀ, ଡ ଓଁକାର ପଟ୍ଟନାୟକ, ପ୍ରକାଶ ମେହେର ଓ ପ୍ରକାଶ ଚନ୍ଦ୍ର ମହାଳିକ ,ସୁଦୀପ୍ତ କୁମାର ଦାସ,ଜିଲ୍ଲା ବିଜ୍ଞାନ ପରିଦର୍ଶକ" ଚିତ୍ତରଞ୍ଜନ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରକାଶ ଚନ୍ଦ୍ର ମହାଳିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମ ରେ ଚଉଦ ଜଣ ମାଧ୍ୟମିକ ଶିକ୍ଷକ, ଦଶ ଜଣ ପ୍ରାଥମିକ ଶିକ୍ଷକ ଓ ଏକ ଜଣ ସିଆରସିସି, ୩୮ ଜଣ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନଙ୍କୁ ଗତ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ଫଳ ପାଇଁ ସମ୍ମାନିତ କରାଯାଇଥିଲା। ନରେଶ



ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ସୁଦୀପ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୋଟ ୫୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତଦାନ ଶିବିରକୁ ପ୍ରଭାତ ପଟ୍ଟନାୟକ, ଜୁନିଅର ରେଡକ୍ରୋସ ଅଧିକାରୀ ଶ୍ରୀମତୀ ପ୍ରକାଶିନୀ ଚୌଧୁରୀ ଶିବିରକୁ ପରିଚାଳନା କରିଥିଲେ। ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବ୍ଲକର ଶିକ୍ଷକ ଏବଂ ଶିକ୍ଷୟତ୍ରୀ ମାନେ ଏହି ଶିବିରରେ ରକ୍ତଦାନ କରିଥିଲେ। ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର ଲାବୋଟୋରୀ ଟେକ୍ନିସିଆନ୍ ଅରୁଣ କୁମାର ସ୍ୱାଇଁ, ମାରଟିନ ଛତର, ହେମନ୍ତ ରାଉତ ଏବଂ ସମ୍ବିତ ମିଶ୍ର ଉପସ୍ଥିତ ରହି ରକ୍ତଦାତାଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରିଥିଲେ।

# ବିଭିନ୍ନ ସ୍ଥାନରେ ମହମ୍ମଦଙ୍କ ଜୟନ୍ତୀ

ଜୟପୁର,୫।୯ (ସମିସ):

କୋରାପୁଟ ଜିଲ୍ଲା ଜୟପୁର ସହରରେ ସୁନ୍ନି ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଇସଲାମ ଧର୍ମର ପ୍ରତିଷ୍ଠାତା ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳନ କରାଯାଇଛି। ସ୍ଥାନୀୟ ସୁନ୍ନୀ ଅଞ୍ଜୁମନ କମିଟି ପକ୍ଷରୁ ଏହି ପବିତ୍ର ଦିବସ ପାଳନ ଅବସରରେ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଆଜି ପୂର୍ବାହ୍ନରେ ସ୍ଥାନୀୟ ଡେରା ସାହିସ୍ଥିତ ଜାମ ମସିଜିଦ ଠାରୁ ମିଳିତ ଭାବେ ନମାଜ ପାଠ ପରେ ଏକ ଶୋଭାଯାତ୍ରାରେ ଗଙ୍ଗାନଗର, ବାଘଭଣ୍ଡାର ସାହି, କେବିଏସଡି ରୋଡ, ମୁଖ୍ୟରାସ୍ତା ଦେଇ ବସଷ୍ଟାଣ୍ଡ ଟ୍ରାଫିକ ଛକରୁ ପୁଣି ପ୍ରତ୍ୟାବର୍ତ୍ତନ କରିଥିଲେ। ସୁନ୍ନି ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ସ୍ଥାନୀୟ ସହରରେ ଲୋକ ମାନଙ୍କୁ ଚକଲେଟ, ଫଳ, ବିସ୍କୁଟ, ଥଣ୍ଡାପାନୀୟ ବଣ୍ଟନ କରାଯାଥିଲା। ଶୋଭାଯାତ୍ରା ଅବସରରେ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି ଅବସରରେ ଅଞ୍ଜୁମନ କମିଟିର ସଭାପତି ହାଜି ମହମ୍ମହ ମୁସ୍ତାଫା ବେଗ୍ , ଉପସଭାପତି ମହମ୍ମଗ ଆକବର ବେଗ୍ , ସମ୍ପାଦକ ସକିଲ ମହମ୍ମଦ, ହାଫିଜ୍ ୟୁନିସ କାଦିରି, ମହମ୍ମଦ ସାଜିଦ୍, ଆକବର ହୁସେନ, ଆଜମଲ ବେଗ୍, ମହମ୍ମଦ ଇଶାକ ରିଜିଭ, ଗଉସ ବେଗ୍ , ସେକ ଜାଫର, ସେକ ହାବିବୁଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପରିଷଦ ଉପସଭାପତି ରାଧା ବିନୋଦ ସାମନ୍ତରାୟ ଏହି ଶୋଭାଯାତ୍ରାରେ ଉପସ୍ଥିତ ରହିଥିଲେ।

**ନନ୍ଦପୁର :** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଥିବା ଓ ପାତ୍ରପଣ୍ଡିର ମୁସଲମାନ ଭାଇ ଭଉଣୀଙ୍କ ପକ୍ଷରୁ ମହମ୍ମଦଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ମସଜିଦ୍‌ରେ ନମାଜପାଠ ପରେ ମୁସଲିମ୍ ଭାଇ ଭଉଣୀ ମାନେ ଶୋଭାଯାତ୍ରାରେ ବାହାରି ତ୍ରିରଙ୍ଗା ମର୍ଯ୍ୟାଦା ରକ୍ଷା କରିବା ଉପରେ ସ୍ଲୋଗାନ ଦେଇଥିଲେ। ପରେ ମିଷ୍ଟାନ ବଣ୍ଟନ କରିବା ସହ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ।

**ଚନ୍ଦାହାଣ୍ଡି :** ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ମୋହରା ଏବଂ ବେହେରାମୁଣ୍ଡା ଜାମା ମସଜିଦ ପରିସରରେ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆଜି ମୋହରା ଏବଂ ବେହେରାମୁଣ୍ଡା ଗ୍ରାମରେ ଶତାଧିକ ମୁସଲମାନ ଭାଇମାନେ ଶୋଭାଯାତ୍ରାରେ ବାହାରି ମସଜିଦକୁ ଯାଇ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳନ କରିଥିଲେ। ମୋହରା ମସଜିଦ ପରିସରରେ ଅଞ୍ଜୁମାନ ଇସଲାମିୟା କମିଟି ତରଫରୁ ସଭାପତି ହାଜି ମହମ୍ମଦ ରଫିକଙ୍କ ଦ୍ୱାରା ଧାର୍ମିକ ପତାକା ଉତ୍ତୋଳନ କରାଯାଇ ଥିବା ବେଳେ ମୌଲାନା ମହମ୍ମଦ ସୋହେବ ରଜାଙ୍କ ପୌରହିତ୍ୟରେ ଫାତିହା ପାଠ କରାଯାଇଥିଲା। ଏଥିରେ ମୋହରା ସୁନ୍ନି ମୁସଲିମ କମିଟିର ସମ୍ପାଦକ ମହମ୍ମଦ ହୁସେନ, ଉପସଭାପତି ଆକବର ଅଲ୍ଲୀ, କୋଷାଧ୍ୟକ୍ଷ ଜବବାର ଅଲ୍ଲୀ,ସୁଲତାନ ଅଲ୍ଲୀ, ଜିବ୍ରାଇଲ ଅଲ୍ଲୀ,ଅବଦୁଲ ହମିଦ୍,ମହମ୍ମଦ ହନିଫ, ମହମ୍ମଦ ସଫିକ, ମହମ୍ମଦ ଅସପାକ,ମୁରାଦୁ ଅଲ୍ଲୀ,ଅବଦୁଲ ମଜିଦ,ଅବଦୁଲ କୟୁମ , ମହମ୍ମଦ ରିଜାୱକ୍ଷନ, ମକବୁଲ ଅଲ୍ଲୀ, ରେହେମାନ ଅଲ୍ଲୀ, ସାହାଦତ ଅଲ୍ଲୀ, ଖଲିଲ ଅଲ୍ଲୀ, ହୁସେନ ଅଲ୍ଲୀ, ସାହିଲ୍, ମୋହସିନ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା କାଲି ମସଜିଦ ପରିସରରେ ଏକ ଧର୍ମସଭା ଅନୁଷ୍ଠିତ ହେବ।



**ଉମରକୋଟ :** ଉମରକୋଟ ଜାମା ମସଜିଦ ପରିସରରେ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବୁଧବାର ଦିନ ମସଜିଦ ନିକଟ ରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉମରକୋଟର ଶହ ଶହ ସଂଖ୍ୟାରେ ମୁସଲମାନ ଭାଇମାନେ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ମସଜିଦକୁ ଯାଇ ମହାପୁରୁଷଙ୍କ ମହମ୍ମଦଙ୍କ ଜୟନ୍ତୀ ପାଳନ କରିଥିଲେ। ବିହାର ରାଜ୍ୟର ଭଗଲପୁର ରୁ ଆସିଥିବା ମୁସଲିମ ଧର୍ମ ପ୍ରଚାରକ ସେୟାଦ ମଖମୁର ଯାମି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମସଜିଦ ପରିସର ରେ ଧର୍ମୀୟ ପତାକା କୁ ଉତ୍ତୋଳନ କରିଥିଲେ। ଉମରକୋଟ ଅଞ୍ଜୁମାମ ଇସଲାମୀୟ କମିଟି ସଭାପତି ସଲିମ ରାଠୋର, ଉପସଭାପତି ସାଇଜାଦା ରିଜବି, ଯୁଗ୍ମ ସମ୍ପାଦକ ଶେଖ୍ ଅନିଶ, ମସିନ ଲାଠିଆ, ହନିଫ ହିଙ୍ଗୋରା, ଏମଡ଼ି ଅବ୍ରାର, ସୁଫିଆ ହୀଙ୍ଗୋରା, ଇବ୍ରାହିମ ରାଠୋର, କେଟି ଜିଲାନି, ଇଶା ଲାଠିଆ, ସୋନୁ ହିଂଗୋରା, ଶୟଦ ହିଂଗୋରା ପ୍ରମୁଖ ଉପସ୍ଥିତ ଥିଲେ। ଆଜି ସନ୍ଧ୍ୟାରେ ମସଜିଦ ପରିସରରେ ବିହାରରୁ ଆସିଥିବା ମୁସଲିମ ଧର୍ମ ପ୍ରଚାରକ ସେୟାଦ ମଖମୁର ଜାମି ପ୍ରବଚନ ଦେଇଥିଲେ।

# ୨ ଛାତ୍ରୀ ନିଖୋଜ; ଜଣେ ଉଦ୍ଧାର

ଜୟପୁର,୫।୯ (ସମିସ): ଜୟପୁର ସହରର ଏକ ବେସରକାରୀ ବିଦ୍ୟାଳୟର ଦୁଇଜଣ ଛାତ୍ରୀ ବିଦ୍ୟାଳୟର ୟୁନିଫର୍ମରେ ରହିଥିବା ବେଳେ ବିଦ୍ୟାଳୟ ନିକଟରୁ ନିଖୋଜ ହୋଇଥିବା ନେଇ ଟାଉନଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଟାଉନ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏହି ମାମଲାରେ କୁମୁଲିପୁଟ ନିକଟସ୍ଥ ଏକ ପେଟ୍ରୋଲ ପମ୍ପ ନିକଟରୁ ଜଣେ ନିଖୋଜ ଛାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ଗୁରବାର କୁମୁଲିପୁଟ ଅଞ୍ଚଳର ଜଣେ ଏବଂ ଜୟପୁର ଅଞ୍ଚଳର ଜଣେ ଏହି ପରି ୨ଜଣ ଛାତ୍ରୀ ବିଦ୍ୟାଳୟ ଛୁଟି ହେବା ପରେ ବିଦ୍ୟାଳୟ ସମ୍ମୁଖରେ ଠିଆ ହୋଇଥିବା ସମୟରେ ଏକ କାରରେ ଯୋଗେ ହରଡାପୁଟ ଅଞ୍ଚଳର ସମୀର ହରିଜନ ନାମକ ଯୁବକ ସେଠାକୁ ଆଶି ଉଭୟଙ୍କୁ ଗାଡିରେ ବସାଇ ନେଇଯାଇଥିଲେ। ଛାତ୍ରୀଙ୍କ ପରିବାର ଲୋକ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରିବା ପରେ ତଦନ୍ତ ଆରମ୍ଭ କରିଥିଲେ। ଭୟଭୀତ ଯୁବକଙ୍କ ବାପା ଜୟପୁର ଅଞ୍ଚଳର ଝିଅକୁ ପେଟ୍ରୋଲ ପମ୍ପ ନିକଟରେ ଛାଡି ଚାଲି ଯାଇଥିଲେ। ଖବରପାଇ ପରିବାର ଲୋକେ ଝିଅକୁ ସେଠାରୁ ଆଣି ପୁଲିସକୁ ସୂଚନା ଦେଇଥିଲେ। ଉଦ୍ଧାର ଛାତ୍ରୀଙ୍କୁ ପଚରାଉଚୁରା କୁମୁଲିପୁଟ ଅଞ୍ଚଳର ଛାତ୍ରୀଙ୍କୁ ଉକ୍ତ ଯୁବକ ଭବାନୀପାଟଣା ଅଞ୍ଚଳକୁ ନେଇଥିବା ନେଇ ଜଣାପଡିଛି। ପ୍ରକାଶଯେ, ଗତକାଲି କ ନିଖୋଜ ଛାତ୍ରୀଙ୍କ ବାପା ଓ ସ୍ଥାନୀୟ ଲୋକ ଟାଉନଥାନାରେ ଏତଲା କରିଥିଲେ। କିନ୍ତୁ ପୁଲିସ ଏହାକୁ ଗ୍ରହଣ କରିନଥିଲେ ଏହାପରେ ଜୟପୁର ଏସିଡିପିଓଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଏସଡିପିଓ ତୁରନ୍ତ ମାମଲା ରୁଜୁ ଏବଂ ତଦନ୍ତ କରିବା ନେଇ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

# ବିଦ୍ୟୁତ୍ ଆଘାତରେ ଟଳିପଡ଼ିଲେ ଶ୍ରମିକ

ନନ୍ଦପୁର,୫।୯ (ସମିସ): ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛାତ ଉପରୁ ଟଳି ପଡ଼ିଲେ ଶ୍ରମିକ। ଏହି ଦୁଃଖଦ ଘଟଣା ଘଟିଛି କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଥି ବା ଗ୍ରାମ ପଞ୍ଚାୟତ ସଦର ମହକୁମା ଗ୍ରାମ ରେ କ୍ଷ ଖବର ରୁ ପ୍ରକାଶ ଯେ ଥିବା ଗ୍ରାମରେ। ଜଣଙ୍କ ଘର କାର୍ଯ୍ୟ କରୁଥିବା ମିସ୍ତ୍ରୀ ଖଗପତି ବଡ ନାୟକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛାତ ଉପରୁ ପଡ଼ି ଯାଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

Infosys® Navigate your next | SGI Sustainable Green Initiative Foundation | INFINITE SOLUTIONS | Gold Standard® Climate Security & Sustainable Development

**Newspaper Advertisement**

**Infosys Ltd,** in collaboration with the **Sustainable Green Initiative (SGI) Foundation** and with technical support from the carbon consultant **Infinite Environmental Solutions Limited**, is proposing the development of a Programme of Activity (PoA) titled "Agroforestry for Livelihoods and Climate Resilience in India: A Joint Initiative by Infosys and SGI Foundation" (GS23373). Under this PoA, a Voluntary Project Activity (VPA) titled "Agroforestry for Livelihoods and Climate Resilience in Odisha: A Joint Initiative by Infosys and SGI Foundation" (GS23374), will be implemented through targeted agroforestry plantation interventions. The project is intended to be registered as a voluntary carbon project under the Gold Standard framework. This initiative is expected to make substantial contributions to multiple Sustainable Development Goals (SDGs). As a part of Gold standard modalities and given the critical role of the local farmer community in ensuring the project's long-term success, it is important to gather their perspectives and address any concerns related to the present Voluntary Project Activity. Therefore, **a Stakeholder Consultation (Public Meeting) is scheduled as follows for**:

1. **Venue:** Kshatriya Samaj Bhawan, Ward No-1, in front of Khariar Autonomous College, RajKhariar, Nuapada, Odisha, India.
2. **Date:** 06/10/2025
3. **Time:** 11:00 AM

All concerned farmers and people are invited to attend the meeting. For any further clarifications on the project activity, please get in touch with our representative details given below. It should also be noted that people who would be unable to attend this meeting in person can send their concerns to the below E-mail ID.

**Contact Details:**

**Name:** Mr. Durgesh Raturi
**Organization:** SGI Foundation
**E-mail:** info@sgi.foundation
**Ph:** +91 7848969985

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ ଭାନୁମତି ସରକାର

ଆବିର୍ଭାବ : ୦୧.୦୧.୧୯୨୯ । ତିରୋଧାନ : ୧୭.୦୯.୨୦୨୪

ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗକୁ ଆମେ ପାଥେୟ କରି ଚାଲିଥିଲୁ ଓ ଆଗକୁ ଚାଲିବୁ। ଆଜି ପ୍ରଥମ ଶ୍ରାଦ୍ଧ ଦିବସ ଅବସରରେ ମା'ଅମ୍ବିକାଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦଗତି କାମନା କରୁଛୁ।

ଶୋକସନ୍ତପ୍ତ: ସରକାର ପରିବାର
ଭଞ୍ଜପୁର, ବାରିପଦା

## ଟ୍ରେନ୍ ଧକ୍କାରେ ହାତୀ ମୃତ୍ୟୁ ଘଟଣାର ତଦନ୍ତକଲେ ଯୁଗ୍ମ ଟାସ୍କଫୋର୍ସ

# ଏଆଇ କ୍ୟାମେରା କଣ୍ଟ୍ରୋଲ୍ ରୁମ୍ ଅଧିକାରୀଙ୍କ ଭୂମିକା ସନ୍ଦେହଜନକ






**ରାଉରକେଲା, ୫।୯ (ସମିସ)**

ରାଉରକେଲା ବନମଣ୍ଡଳ ରାଜଗାଙ୍ଗପୁର ରେଞ୍ଜ ଅଧୀନ ସୋନାଖାନଠାରେ ଗରିବ ରଥ ଟ୍ରେନ୍ ଧକ୍କାରେ ଆହତ ମାଈହାତୀର ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ଭୁବନେଶ୍ୱରରୁ ଆସିଥିବା ଯୁଗ୍ମ ଟାସ୍କ ଫୋର୍ସ ଅଧିକାରୀ ଡିସିଏଫ୍ ବିବେକ କୁମାର। ହାତୀର କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା, ଏଆଇ କ୍ୟାମେରାରେ ହାତୀର ଅବସ୍ଥିତି ଠାବ ସତ୍ତ୍ୱେ କିପରି ରେଳ ବିଭାଗ ଏ ନେଇ ଜାଣି ପାରିଲେ ନାହିଁ, ଅଥବା ବନ ବିଭାଗ ପକ୍ଷରୁ ଏ ନେଇ ରେଳ ବିଭାଗ କଣ୍ଟ୍ରୋଲ ରୁମକୁ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା କି ନାହିଁ, ରେଳ ଦୁର୍ଘଟଣାର ୮ ଘଣ୍ଟା ପର୍ଯ୍ୟନ୍ତ କାହିଁକି ହାତୀକୁ ଉପଯୁକ୍ତ ଚିକିତ୍ସା ଦିଆଗଲାନି ଏ ସମସ୍ତ ବିଷୟରେ ସରଜମିନ ତଦନ୍ତ ଆରମ୍ଭ କରିଛନ୍ତି ଡିସିଏଫ୍ ବିବେକ କୁମାର। ସେପଟେ ଏଆଇ କ୍ୟାମେରା କଣ୍ଟ୍ରୋଲ ରୁମ୍ ଅଧିକାରୀଙ୍କ ଭୂମିକା ସନ୍ଦେହଜନକ ମନେ ହେଉଛି। କାରଣ ଗତ ୧୦ ଦିନ ହେବ ରାଜଗାଙ୍ଗପୁର ରେଞ୍ଜର ସାଗରା ନିକଟବର୍ତ୍ତୀ ଜଙ୍ଗଲରେ ଏକ ମାଈ ହାତୀର ଚଳପ୍ରଚଳ ରହିଥିବା ନେଇ ବନ ବିଭାଗ ନିକଟରେ ସୂଚନା ରହିଥିଲା। ନିୟମ ମୁତାବକ ଯଦି କୌଣସି ରେଳ ଧାରଣାର ଦୁଇ ପାର୍ଶ୍ୱରେ ୨ କିଲୋମିଟର ଦୂରରେ ହାତୀ ଚଳପ୍ରଚଳ ଏଆଇ କ୍ୟାମେରାରେ ପରିଲକ୍ଷିତ ହୁଏ ତେବେ ତୁରନ୍ତ ରେଳ ବିଭାଗ କଣ୍ଟ୍ରୋଲ ରୁମକୁ ସୂଚନା ଦିଆଯାଇ ରେଳର ଗତି ୩୦ କିଲୋମିଟର ପ୍ରତି ଘଣ୍ଟା କରାଇବା ଅଥବା ରେଳ ଚଳାଚଳ ବନ୍ଦ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବା କଥା। ମାତ୍ର ଗୁରୁବାର ସୋନାଖନ ଫରେଷ୍ଟ ବିଟ୍ ଅଧୀନସ୍ଥ ସୋନାଖାନ୍ ସଗରା ରେଲୱେ ଷ୍ଟେସନ ମଝିରେ ଉକ୍ତ ହାତୀଟି ମାତ୍ର ୨୮୦ ମିଟର ଦୂରରେ ଏଆଇ କ୍ୟାମେରାରେ ଦୃଶ୍ୟମାନ ହୋଇଥିଲା। ୫ଟା ୧୪ରେ ସଗରା ରେଲୱେ ଷ୍ଟେସନରୁ ୫୦୦ ମିଟର ଦୁରରେ ଥିବା ମୁଣ୍ଡଲସା କଟିଓ ନିକଟସ୍ଥ ଖମ୍ବ ନଂ ୫୪୩/୨୩/୨୫ ଠାରେ ସମ୍ବଲପୁର ଆଡୁ ରାଞ୍ଚି ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଗରିବ ରଥ ଏକ୍ସପ୍ରେସ ହାତୀକୁ ଧକ୍କା ଦେଇଥିଲା। ଯାହାଫଳରେ ହାତୀଟି ଅଫ୍ ଲାଇନ୍ ରେ ଛିଟିକି ପଡ଼ି ଛଟପଟ ହୋଇଥିଲା। ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀଙ୍କ ସମେତ ଆରସିସିଏଫ, ବାମଡା ଡିଏଫଓ, ଚକ୍ରଧରପୁର ଡିଆରଏମ୍, ବନ୍ଧମୁଣ୍ଡା ଏଆରଏମ୍, ରାଉରକେଲା ଫରେଷ୍ଟ ଡିଭିଜନ, ରାଜଗାଙ୍ଗପୁର ଫରେଷ୍ଟ ରେଞ୍ଜ ଅଧିକାରୀ ତଥା ସମ୍ବଲପୁର ଜିଲ୍ଲାର ବାମରା ଫରେଷ୍ଟ ରେଞ୍ଜ ଅଧିକାରୀଙ୍କ ସହିତ ରେଲୱେ ଅଧିକାରୀମାନେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପରେ ଗୁରୁତର ଅବସ୍ଥାରେ ଆହତ ହାତୀଟିକୁ ଟ୍ରେନରେ ଭୁବନେଶ୍ୱର ନେବା ପାଇଁ ପ୍ରୟାସ କରାଯାଉଥିବା ବେଳେ ସାଗରା ରେଳ ଷ୍ଟେସନ ନିକଟରେ ଅପରାହ୍ନ ୨ଟାରେ ହାତୀର ପ୍ରାଣବାୟୁ ଉଡ଼ିଯାଇଥିଲା।

### ରାଜଗାଙ୍ଗପୁରରେ ନିର୍ମାଣାଧୀନ ଇଆରସି କେନ୍ଦ୍ର ସମ୍ପନ୍ନରେ ବିଳମ୍ବ କାହିଁକି ?

ରାଜଗାଙ୍ଗପୁର ରେଞ୍ଜର ଦାତିନି ରିଜର୍ଭ ଫରେଷ୍ଟର ୧୦ କୋଟି ଟଙ୍କା ବ୍ୟୟରେ ଏଲିଫ୍ୟାଣ୍ଟ ରେସକ୍ୟୁ ସେଣ୍ଟର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୨୪ ଜୁଲାଇରେ ୨ କୋଟି ୬ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହା ୨୦୨୫ ମାର୍ଚ୍ଚ ମାସ ସୁଦ୍ଧା ସମ୍ପୂର୍ଣ୍ଣ ହେବା ନିଶ୍ଚିତ କରାଯାଇଥିଲା ବେଳେ ଏହା କାହିଁକି ସମ୍ପୂର୍ଣ୍ଣ ହୋଇ ପାରିନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। ଯଦି ଏହି ରେସକ୍ୟୁ ସେଣ୍ଟର ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇଥାନ୍ତା, ତେବେ ଆହତ ହାତୀକୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥିତ ନନ୍ଦନକାନନ ପରିବର୍ତ୍ତେ ଉକ୍ତ ସେଣ୍ଟରରେ ତତ୍କାଳ ଚିକିତ୍ସା କରାଯାଇ ହୁଏତ ହାତୀର ଜୀବନ ରକ୍ଷା କରାଯାଇ ପାରିଥାନ୍ତା। ମାତ୍ର ବିଭାଗୀୟ ଅବହେଳା ଏବଂ ଉଦାସୀନତା ଯୋଗୁଁ ଏପରି ଅଭାବନୀୟ ଘଟଣାକୁ ଦୂରେଇ ଦିଆଯାଇ ପାରିଲା ନାହିଁ ବୋଲି ମତ ପ୍ରକାଶ ପାଇଛି। ଏ ନେଇ ଡିଏଫଓଙ୍କ ପ୍ରତିକ୍ରିୟା ନେବା ସମ୍ଭବ ହୋଇ ପାରିନଥିବା ବେଳେ ଆରସିସିଏଫ ରାମସ୍ୱାମୀ କହିଛନ୍ତି ଯେ ପୁରା ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଜିଲ୍ଲାସ୍ତରୀୟ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ



**ରାଉରକେଲା, ୫।୯ (ସମିସ) :** ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ସୁନ୍ଦରଗଡ଼ ସଂସ୍କୃତିଭବନ ପ୍ରେକ୍ଷାଳୟରେ ଜିଲ୍ଲାସ୍ତରୀୟ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପରସ୍କାର ପ୍ରଦାନ ସମାରୋହ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଡ଼ା. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଉପ-ବାଚସ୍ପତି ଭବାନୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସୁନ୍ଦରଗଡ଼ ପୌର ପରିଷଦ ଅଧ୍ୟକ୍ଷା ତନୟା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ସୁରଞ୍ଜନ ସାହୁ, ଜିଲ୍ଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା ଲିପିକା ବେହେରା, ସାରଙ୍ଗଧର ବରିହା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଯୋଗଦାନ କରିଥିଲେ। ଜିଲ୍ଲାପାଳ ଡ଼ା. ମହାପାତ୍ର ନିଜର ଛାତ୍ର ଜୀବନ ସମୟରେ ଶିକ୍ଷକଙ୍କୁ ନେଇ ନିଜର ଅନୁଭୂତି ବାଣ୍ଟି ଥିଲେ ଏବଂ ପୌରାଣିକ ଯୁଗର ଗୁରୁ ମାନଙ୍କ ଉପରେ ମଧ୍ୟ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଉପ ବାଚସ୍ପତି ଶ୍ରୀ ଭୋଇ ନିଜ ବକ୍ତବ୍ୟ ରଖି କହିଥିଲେ ଯେ, ଉତ୍ତମ ଶିକ୍ଷକ ବା ଗୁରୁଙ୍କ ଦିଗଦର୍ଶନ ବିନା ସମାଜ ଆଗକୁ ବଢ଼ି ପାରେନି। ଗୁରୁ ହିଁ ଛାତ୍ର ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ରେ ସହାୟକ ହୋଇଥାନ୍ତି। ସ୍ୱାଗତିକା ପଣ୍ଡା ସଂଯୋଜନା କରିଥିବାବେଳେ ଜିଲ୍ଲା ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ଅମାତ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଜି ତିନି ଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ୧୮ ଜଣ ପ୍ରାଥମିକ ଶିକ୍ଷକ ଏବଂ ୨୮ ଜଣ ମାଧ୍ୟମିକ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ ବ୍ଲକ ଶିକ୍ଷାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

### ଏନ୍ଆଇଆରଏଫ୍ ୨୦୨୫ ଇଞ୍ଜିନିୟରିଂ ରାଙ୍କିଂ

## ଏନ୍ଆଇଟି ରାଉରକେଲା ୧୩ତମ ସ୍ଥାନକୁ ଉନ୍ନୀତ



**ରାଉରକେଲା, ୫।୯ (ସମିସ):** ନ୍ୟାସନାଲ ଇନଷ୍ଟିଚ୍ୟୁସନାଲ ରାଙ୍କିଂ ଫ୍ରେମୱାର୍କ (ଏନଆଇଆରଏଫ୍) ୨୦୨୫ ରାଙ୍କିଂରେ ରାଉରକେଲା ଏନ୍ଆଇଟି ୧୩ତମ ସ୍ଥାନ ହାସଲ କରି ରାଉରକେଲା ପାଇଁ ଗୌରବ ଆଣିଦେଇଛି। ଏହା ଓଡ଼ିଶାର ଶୀର୍ଷ ସ୍ଥାନ ଅଧିକାର କରିଥିବା ଇଞ୍ଜିନିୟରିଂ ପ୍ରତିଷ୍ଠାନ ଏବଂ 'ଇଞ୍ଜିନିୟରିଂ' ବର୍ଗରେ ସମସ୍ତ ଏନଆଇଟି ମଧ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ସୂଚନାଯୋଗ୍ୟ ଯେ ୨୦୧୪ ମସିହାରେ ରାଉରକେଲା ଏନଆଇଟି ୧୯ତମ ସ୍ଥାନରେ ରହିଥିବା ବେଳେ ଏହା ସମ୍ପ୍ରତି ୧୩ତମ ସ୍ଥାନକୁ ଉନ୍ନୀତ ହୋଇଛି। 'ସ୍ଥାପତ୍ୟ ଏବଂ ଯୋଜନା' ବର୍ଗରେ, ଏହି ପ୍ରତିଷ୍ଠାନ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିବାର ଗୌରବ ଅର୍ଜନ କରିଛି। ଏହି ସଫଳତା ନେଇ ଏନଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ କହିଛନ୍ତି ଏନଆଇଟି ରାଉରକେଲାର ଏହି ସଫଳତା ଆମ ମୁଣ୍ଡକୁ ଉପରକୁ କରି ଦେଇଛି। ଏହା ଅଧ୍ୟାପକ, ଗବେଷକ, କର୍ମଚାରୀ ଏବଂ ଛାତ୍ରମାନଙ୍କ ସାମୂହିକ ସମର୍ପଣ ବୋଲି ଉଲ୍ଲେଖ କରି ସେ କହିଲେ ଏହି ସଫଳତା ଏନଆଇଟି ରାଉରକେଲା ଇଞ୍ଜିନିୟରିଂ ଶିକ୍ଷା, ଗବେଷଣା, ନବସୃଜନ, ସାମାଜିକ ପ୍ରଭାବ ଏବଂ ସାମଗ୍ରିକ ଅଭିବୃଦ୍ଧିରେ ଏକ ଜାତୀୟ ନେତା ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିବା କଳ୍ପନା କରୁଛି।

### ଚିନ୍ମୟ ପବ୍ଲିକ ସ୍କୁଲରେ ପବିତ୍ର ଗୁରୁ ଦିବସ

## ଗୁରୁମାନେ ତପସ୍ୱୀ ଓ ତ୍ୟାଗୀ ହେବା ଉଚିତ୍

**ରାଉରକେଲା, ୫।୯ (ସମିସ):** ସ୍ଥାନୀୟ ଫର୍ଟିଲାଇଜର ସ୍ଥିତ ଚିନ୍ମୟ ପବ୍ଲିକ ସ୍କୁଲରେ ଗୁରୁଦିବସ ପାଳିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଚିନ୍ମୟ ମିଶନର ଅଧ୍ୟକ୍ଷ ସ୍ୱାମୀ ନିର୍ଲିପ୍ତାନନ୍ଦ ଜି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଭାରତୀୟ ସଂସ୍କୃତି ହିଁ ଗୁରୁ ଶିଷ୍ୟ ମଧ୍ୟରେ ଏକ ମହାନ ପରମ୍ପରା, ଯାହା ଆମ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି। ଗୁରୁମାନେ ତପସ୍ୱୀ ଓ ତ୍ୟାଗୀ ହେବା ଉଚିତ୍। ଅଜ୍ଞାନ ରୂପକ ଅନ୍ଧକାରରୁ ମୁକ୍ତ କରି ଜ୍ଞାନ ରୂପକ ଆଲୋକକୁ ଶିଷ୍ୟମାନଙ୍କ ନେବାରେ ଗୁରୁମାନେ ହିଁ ଉତ୍ତର ଦାୟିତ୍ୱ ବହନ କରିଥାନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ତ୍ରିନାଥ ଦାସ ମୋହିନୀ ଏହି ଅବସରରେ କହିଲେ ବିନା ଗୁରୁରେ କେହି କେବେ ଜୀବନରେ ସଫଳତା ପାଇ ପରି ନ ଥାଏ। ଗୁରୁଙ୍କ ଦିଗଦର୍ଶନ ବିନା ସମାଜ ବିପଥଗାମୀ ହୋଇଥାଏ। ଶିଶୁମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ ସହ ସେମାନଙ୍କୁ ପୁସ୍ତକ ପଠନମନସ୍କ କରାଇବାରେ ଗୁରୁମାନେ ଉଦ୍ୟମ ଅବ୍ୟାହତ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପରିଚାଳନା କମିଟିର ସମ୍ପାଦିକା ପ୍ରତିଭା ଦାସ ମୋହିନୀ, ଉପନିର୍ଦ୍ଦେଶକ ରାଜେଶ ଦାସମୋହିନୀ ମଞ୍ଚାସୀନ ଥିଲେ। ଅନ୍ୱେଷା ହଷ୍ଟେଲର ପ୍ରମୋଦ କୁମାର ପଟେଲ, ଶିକ୍ଷୟିତ୍ରୀ ବୀଣାପାଣି ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶାନ୍ତନୁ କୁମାର ମୁଦାଲି, ଅଧ୍ୟାପକ ନୃସିଂହ ପ୍ରସାଦ ପାତ୍ର, ନଟବର ବେହୁରା, ପ୍ରତାପ ନାୟକ, ଅଶୋକ ସାମଲ, ସୁଧୀର କୁମାର ସାହୁ, ରଞ୍ଜିତ ସାମନ୍ତରାୟ, ଦିବାକର ପରିଡ଼ା, ମୋହିନୀ ବେହେରାଙ୍କ ସମେତ ଦକ୍ଷିଣ ରାଉରକେଲା ଅଞ୍ଚଳର ୧୨ ଜଣ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଏବଂ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ସଭାଟିକୁ ସାଫଲ୍ୟ ମଣ୍ଡିତ କରିବାରେ ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ଅବସରରେ ଗଣିତ ଓ ବିଜ୍ଞାନ ଅଲମ୍ପିଆଡରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ନୃତ୍ୟଗୁରୁ ରବର୍ଟଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ କୈଳାଶ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଦଶମ ଶ୍ରେଣୀର ଛାତ୍ରୀ ସୁଷମା କିସାନ ଏବଂ ରାଜେଶ୍ୱରୀ ଭଗତ ସୁନ୍ଦର ଭାବରେ ମଞ୍ଚ ପରିଚାଳନା କରିଥିଲେ। ୧୦ମ ଶ୍ରେଣୀ ଛାତ୍ରୀ ରାଜେଶ୍ୱରୀ ଭଗତ ଧନ୍ୟବାଦ ଅର୍ପଣ କରିଥିଲେ।




## ସାର୍ଗୁକିଶାନ ଉଚ୍ଚ ବିଦ୍ୟାଳୟରେ ଗୁରୁଦିବସ




**କୁତ୍ରା, ୫।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ତୁନମୁରାଠାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଗୁରୁଦିବସ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ଏକ ସଭାର ଆୟୋଜନ କରାଯାଇଥିଲା। ପ୍ରଧାନଶିକ୍ଷକ ଡ. ଅମରେଶ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ସାହୁ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବରେ ସୁନିଲ ନାଥ, ସଂଗ୍ରାମ ରାଉତ, ଅଲେଖ ଦଲାଇ ଓ ତୁନମୁରା ସରପଞ୍ଚ ତରଣୀ ସେନ ବରିହା ଯୋଗଦେଇ ଥିଲେ। ବିଦ୍ୟାଳୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜେଏସ୍ଡବ୍ଲୁ ତରଫରୁ ବିଦ୍ୟାଳୟକୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ହରେକୃଷ୍ଣ ସାହୁ ପରିଚାଳନା କରିଥିବାବେଳେ କରିସ୍ମା କେର୍କେଟା, ବିକାଶ ଟପ୍ପୋ, ସୁମିତ୍ରା ବାର୍ଲା, କିରନ ଏକ୍କା, ରାମେଶ୍ୱର ଲାକ୍ରା, ମନଭାଙ୍ଗୀ ନାଏକ, ଅଞ୍ଜଳି ତିଗ୍ଗା, ମାର୍ସିଆ ଟେଟେ ପ୍ରମୁଖ ସହଯୋଗ କରିଥିଲେ।

# ପୁଣି ଭାସିଲା ଦ୍ୱିତୀୟ ରେଲୱେ ପ୍ରବେଶ ପଥ

**ରାଉରକେଲା, ୫।୯ (ସମିସ)**

ଗତ କିଛି ଦିନ ଧରି ଲଗାଣ ବର୍ଷାରେ ରାଉରକେଲା ସହରର ଅବସ୍ଥା ବେହାଲ ହୋଇପଡ଼ିଛି। ଶୁକ୍ରବାର କିଛି ଘଣ୍ଟାର ବର୍ଷାରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବର୍ଷାରେ ରାଉରକେଲାର ଦ୍ୱିତୀୟ ରେଲୱେ ଷ୍ଟେସନ ପ୍ରବେଶ ପଥ, ସହରର ରାସ୍ତାଘାଟ ସମେତ ତଳି ଅଞ୍ଚଳଗୁଡ଼ିକ ବର୍ଷାପାଣିରେ ଉବୁଟୁବୁ ହୋଇଛି। ଗୋପବନ୍ଧୁପାଲି ସ୍ଥିତ ଦ୍ୱିତୀୟ ରେଲୱେ ପ୍ରବେଶ ପଥର ତଥା ଷ୍ଟେସନ ଭିତରକୁ ଯିବା ପାଇଁ ସିଢ଼ି ସମ୍ମୁଖ ରାସ୍ତା, ଗାଡ଼ି ପାର୍କିଂ ଆଦି ସ୍ଥାନ ଜଳବନ୍ଦୀ ହୋଇ ରହିଥିବା ଦେଖିବାକୁ ମିଳିଛି। ଏହି ଦୁଇ ସ୍ଥାନ ତଳିଆ ସ୍ଥାନରେ ରହିଥିବା ତଥା ମୁଖ୍ୟ ରାସ୍ତାର ତଳ ଭାଗରେ ରହିଥିବା ଯୋଗୁଁ ସେଠାରେ ବର୍ଷା ପାଣି ଜମି ରହୁଛି ବୋଲି କୁହାଯାଇଛି। ଏହାସହ ଡ୍ରେନେଜ ବ୍ୟବସ୍ଥା ନ ଥିବା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ସ୍ଥାନକୁ ଯିବା ପାଇଁ ଆଜି ଯାତ୍ରୀମାନେ ଦ୍ୱିତୀୟ ପ୍ରବେଶ ପଥଦେଇ ଷ୍ଟେସନକୁ ଯିବା ପାଇଁ ପହଞ୍ଚି ଥିବାବେଳେ ପାଣିରେ ଉବୁଟୁବୁ ଅବସ୍ଥା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ସହରର ମୁଖ୍ୟ ରାସ୍ତା ଠାରୁ ଆରମ୍ଭ କରି ବିଭିନ୍ନ ଅଞ୍ଚଳର ଗଳି ରାସ୍ତା ଗୁଡିକରେ ଥିବା ଖାଲ ଢିପ ସ୍ଥାନରେ ବର୍ଷା ପାଣି ଜମାଟ ବାନ୍ଧିଥିବା ଦେଖିବାକୁ ମିଳିଛି। ଏସଟିଆଇ ଓଭରବ୍ରିଜ, ପାନପୋଷ, ସିଭିଲ ଟାଉନସିପ, ଉଦିତନଗର, ବାସନ୍ତୀ କଲୋନୀ, ଛେଣ୍ଡ ସମେତ ଅନ୍ୟ ଅଞ୍ଚଳରେ ବର୍ଷା ପାଣି ଜମାଟ ବାନ୍ଧିଥିବା ଦେଖିବାକୁ ମିଳିଛି। ସେହିପରି ସହରର ତଳି ଭାଗରେ ଥିବା ରୁପୁଟୋଲା ବସ୍ତି ସମେତ ଅନ୍ୟ ବସ୍ତି ଗୁଡିକରେ ମଧ୍ୟ ପାଣି ପଶିଥିବା କୁହାଯାଇଛି। ଏହାଠୁ ବଡ଼ କଥା ଏହି କି ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ସ୍ଥାନରେ ନାଳ ମରାମତି ଓ ସ୍ୱେରେଜ କାମ ମଧ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଏହି ଦୁଇ କାମ ସମେତ ରାସ୍ତା ମରାମତି କାମ ଶେଷ ହେବ କି ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଏହି ସବୁ କାମ ଶେଷ ନହେବ ତେବେ ସହରବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ଚାଲିଥିବେ ବୋଲି ଅଭିଯୋଗ ହୋଇଛି।








**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**✓ ଭାନୁମତି ସରକାର**

ଆବିର୍ଭାବ : ୦୧.୦୧.୧୯୨୯ | ତିରୋଧାନ : ୧୭.୦୯.୨୦୨୪

ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗକୁ ଆମେ ପାଥେୟ କରି ଚାଲିଥିଲୁ ଓ ଆଗକୁ ଚାଲିବୁ। ଆଜି ପ୍ରଥମ ଶ୍ରାଦ୍ଧ ଦିବସ ଅବସରରେ ମା'ଅମ୍ବିକାଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦଗତି କାମନା କରୁଛୁ।

**ଶୋକସନ୍ତପ୍ତ: ସରକାର ପରିବାର**

ଭଞ୍ଜପୁର, ବାରିପଦା


## କୁରେଇ ହକି ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ; କୁରେଇ ଚାମ୍ପିଅନ



**ବାଲିଶଙ୍କରା, ୫।୯ (ସମିସ):** ବାଲିଶଙ୍କରା ବ୍ଲକ କୁରେଇ ପଞ୍ଚାୟତ ପ୍ରଗତି କ୍ଲବ ଆନୁକୂଲ୍ୟରେ କୁରେଇ ହକି ପଡ଼ିଆରେ କୁରେଇ ବାର୍ଷିକ ହକି ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ପ୍ରଗତି କ୍ଲବ ସମ୍ପାଦକ ସୁଜିତ ମୋହନ କେର୍କେଟା ଓ ସଭାପତି ନବୀନ କିଣ୍ଡୋଙ୍କ ନେତୃତ୍ୱରେ ଚାଲିଥିବା ବାର୍ଷିକ ହକି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ କୁରେଇ ସରପଞ୍ଚ ଆଲବିନା କିରୋ ଯୋଗଦେଇ ଖେଳ ଖେଳିବା ଦ୍ୱାରା ସୁସ୍ଥ ଶରୀର ଗଠନ ହେବାସହ ପରସ୍ପର ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସମିତିମେମ୍ବର ଫେଦେଲୁସ ଏକ୍କା, ରାଜେନ୍ଦ୍ର ଏକ୍କା, ଆଇଜାକ ତିର୍କି, ଆଲବିସ ଟପ୍ପୋ, ଦୈଉନିକ ଲାକଡ଼ା, ପ୍ରଶାନ୍ତ ବାରିକ, ସଞ୍ଜୀବ କେର୍କେଟା ପ୍ରମୁଖ ଯୋଗଦେଇ ଥିଲେ। ଏଥିରେ ୪୪ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ଖେଳ କୁରେଇ ଓ ପଟିୟାଅରା ମଧ୍ୟରେ ହୋଇଥିଲା। ଏଥିରେ କୁରେଇ ଚାମ୍ପିଅନ ହୋଇଥିଲା। ଚାମ୍ପିଅନ ଦଳ ଭାବେ କୁରେଇ ଖାସି ସହ ୫ ହଜାର ଟଙ୍କା ପୁରସ୍କାର ରାଶି ଓ ରନର୍ସଅପ ଦଳ ଭାବେ ପଟିୟାଅରାକୁ ଖାସି ସହ ୪ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ତୃତୀୟସ୍ଥାନ ହୋଇଥିବା ସଂକରାବାହାଲକୁ ଖାସି ସହ ୩ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଗତି କ୍ଲବ୍‌ର କୋଷାଧ୍ୟକ୍ଷ ବିନୟ ବା, ସୁନୀଲ ତିର୍କି, ମାରିୟାନୁସ ଡୁଙ୍ଗଡୁଙ୍ଗ, ଆଶିଷ ବା, ରୋଶନ ଡୁଙ୍ଗଡୁଙ୍ଗ, ପ୍ରଶାନ୍ତ ଡୁଙ୍ଗଡୁଙ୍ଗ, ସୁଶୀଲ କୁଲୁ, ରମେଲ କେର୍କେଟା, ଆରବିନ ସରେଙ୍ଗ, ଗୋଲିକାର ବା ପ୍ରମୁଖ ସହଯୋଗ କରିଥିଲେ।


Infosys Navigate your next | SGI Sustainable Green Initiative FOUNDATION | INFINITE SOLUTIONS | Gold Standard Climate Security & Sustainable Development

**Newspaper Advertisement**

**Infosys Ltd,** in collaboration with the **Sustainable Green Initiative (SGI) Foundation** and with technical support from the carbon consultant **Infinite Environmental Solutions Limited**, is proposing the development of a Programme of Activity (PoA) titled "Agroforestry for Livelihoods and Climate Resilience in India: A Joint Initiative by Infosys and SGI Foundation" (GS23373). Under this PoA, a Voluntary Project Activity (VPA) titled "Agroforestry for Livelihoods and Climate Resilience in Odisha: A Joint Initiative by Infosys and SGI Foundation" (GS23374), will be implemented through targeted agroforestry plantation interventions. The project is intended to be registered as a voluntary carbon project under the Gold Standard framework. This initiative is expected to make substantial contributions to multiple Sustainable Development Goals (SDGs). As a part of Gold standard modalities and given the critical role of the local farmer community in ensuring the project's long-term success, it is important to gather their perspectives and address any concerns related to the present Voluntary Project Activity. Therefore, **a Stakeholder Consultation (Public Meeting) is scheduled as follows for**:

1. **Venue:** Kshatriya Samaj Bhawan, Ward No-1, in front of Khariar Autonomous College, RajKhariar, Nuapada, Odisha, India.
2. **Date:** 06/10/2025
3. **Time:** 11:00 AM

All concerned farmers and people are invited to attend the meeting. For any further clarifications on the project activity, please get in touch with our representative details given below. It should also be noted that people who would be unable to attend this meeting in person can send their concerns to the below E-mail ID.

**Contact Details:**

**Name:** Mr. Durgesh Raturi
**Organization:** SGI Foundation
**E-mail:** info@sgi.foundation
**Ph:** +91 7848969985

## କୁଜଙ୍ଗ ସଚେତନ ନାଗରିକ ମଞ୍ଚ ଓ ଶିଳ୍ପମନ୍ତ୍ରୀଙ୍କ ବୈଠକ



**ପାରାଦୀପ /କୁଜଙ୍ଗ, ୫।୯(ସମିସ):** କୁଜଙ୍ଗକୁ ଏନ୍ଏସି ଦାବିରେ କୁଜଙ୍ଗ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆସନ୍ତା ୯ ତାରିଖ କୁଜଙ୍ଗ ବନ୍ଦ ଡକରା ଦିଆଯାଇଥିଲା। ତେବେ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ନାଗରିକ ମଞ୍ଚ ସହିତ ଆଲୋଚନା କରି ନିଶ୍ଚୟ ଏନ୍ଏସି ଘୋଷଣା ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ସ୍ଥିତି ଶାନ୍ତ ପଡ଼ିଛି। ଆସନ୍ତା ୯ ତାରିଖରେ ହେବାକୁ ଥିବା କୁଜଙ୍ଗ ବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ମଞ୍ଚ ଆବାହକ ରଘୁ ସାହୁ ଘୋଷଣା କରିଛନ୍ତି। ଶ୍ରୀ ସାହୁ ଗଣମାଧ୍ୟମକୁ କହିଛନ୍ତି, ୨୦୨୪ରେ ପୂର୍ବ ସରକାର କୁଜଙ୍ଗକୁ ଏନ୍ଏସି ଘୋଷଣା କରିଥିଲେ। ମୋହନ ସରକାର କ୍ଷମତାକୁ ଆସିବା ପରେ କୁଜଙ୍ଗକୁ ଅଣଦେଖା କରାଗଲା। ନୂତନ ଏନଏସି ଘୋଷଣାରେ କୁଜଙ୍ଗ ସ୍ଥାନ ପାଇ ନ ଥିବାରୁ ଗତ ୧୬ ତାରିଖଠାରୁ ଆନ୍ଦୋଳନ ଚାଲିଛି। ଆସନ୍ତା ମଙ୍ଗଳବାର କୁଜଙ୍ଗ ବନ୍ଦ ଡାକରା ଦିଆଯାଇଥିଲା। ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆଜି ସଚେତନ ନାଗରିକ ମଞ୍ଚ କର୍ମକର୍ତ୍ତାଙ୍କୁ ଡାକି ପାରାଦୀପ ସର୍କିଟ ହାଉସରେ ଆଲୋଚନା କରିଥିଲେ। କୁଜଙ୍ଗ ଏନ୍ଏସି ଘୋଷଣା ନେଇ ଦାଖଲ ହୋଇ ନ ଥିବା ଆବଶ୍ୟକ କାଗଜପତ୍ର ପ୍ରକ୍ରିୟା ମାସକ ମଧ୍ୟରେ ଶେଷ ହେବା ସହିତ ମୁଖ୍ୟମନ୍ତ୍ରୀଙ୍କୁ କୁଜଙ୍ଗ ଭିତ୍ତିଭୂମି ସମ୍ପର୍କରେ ଅବଗତ କରାଇବା ପରେ ନିଶ୍ଚୟ ଏନ୍ଏସି ଘୋଷଣା ହେବ ବୋଲି ଦୃଢ଼ତା ପ୍ରକାଶ କରି ପ୍ରତିଶ୍ରୁତି ଦେବା ପରେ କୁଜଙ୍ଗ ବନ୍ଦ ସ୍ଥଗିତ ହୋଇଛି ବୋଲି କହିଥିଲେ। ମଞ୍ଚ ଉପଦେଷ୍ଟା ପୀତାମ୍ବର ତରାଇ, ବାବୁରାମ ଚୌଧୁରୀ, ସରୋଜ ବେହେରା, ଡକ୍ଟର ଗଙ୍ଗାଧର ସାମନ୍ତରାୟ, ପ୍ରିୟମ୍ବଦା ପାଣି, ରଜନୀକାନ୍ତ ଗୁରୁ, ସୌଭାଗ୍ୟ ବିଶ୍ୱାଳ, କୈଳାସ ଷଡଙ୍ଗୀ, ମନୀନ୍ଦ୍ର ଗୁରୁ, ଦୁଷ୍ମନ୍ତ ମାଝୀ, ତପନ ତ୍ରିପାଠୀ, ବିବେକାନନ୍ଦ ଦାସ, ରଞ୍ଜିତ ପଣ୍ଡା, ରାମଦାସ ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗଣମାଧ୍ୟମକୁ କହିଥିଲେ ଯେ, ଏନ୍ଏସି ଘୋଷଣା ପାଇଁ ସେ ଆବଶ୍ୟକ ପଦକ୍ଷେପ ନେଇଛନ୍ତି। କେବଳ ଏନ୍ଏସି ନୁହେଁ, କୁଜଙ୍ଗକୁ ସୁନ୍ଦରୀକରଣ କରାଯିବାକୁ ମାଷ୍ଟର ପ୍ଲାନ କରିଛନ୍ତି। ସଚେତନ ନାଗରିକ ମଞ୍ଚ ମୋ ଉପରେ ଭରସା କରି ମୋତେ ସହଯୋଗ କଲେ ସମସ୍ତ କାର୍ଯ୍ୟ ସମ୍ଭବ ହୋଇପାରିବ ବୋଲି କହିଥିଲେ।

### ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ

## ୩୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

**ଜଗତସିଂହପୁର, ୫।୯(ସମିସ)**



ଆଜି ପୂର୍ବାହ୍ନରେ ଜଗତସିଂହପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପରେଶ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୧ ଜଣ ମାଧ୍ୟମିକ ଶିକ୍ଷକ, ୮ ଜଣ ପ୍ରାଥମିକ ଶିକ୍ଷକ ଓ ଜଣେ ସିଆର୍‌ସିସିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡଃ ସୁଶାନ୍ତ ମହାନ୍ତି, ଜଗତସିଂହପୁର ବ୍ଲକ ଶିକ୍ଷାଧିକାରୀ ମଧୁସ୍ମିତା ପତି, ବାଲିକୁଦା ବ୍ଲକ ଶିକ୍ଷାଧିକାରୀ ବିସମ୍ବର୍ ମଲ୍ଲିକ, ନାଉଗାଁ ବ୍ଲକ ଶିକ୍ଷାଧିକାରୀ ଉମେଶ ଚନ୍ଦ୍ର ରାଉତ, ବିରିଡ଼ି ବ୍ଲକ ଶିକ୍ଷାଧିକାରୀ ମିହିର କୁମାର ପାଲ୍, ଡାଏଟ୍, ଜଗତସିଂହପୁରର ପ୍ରଧାପକ ଜ୍ୟୋତ୍ସ୍ନାରାଣୀ ଦାସ ଯୋଗଦେଇ ଏହି ପୁରସ୍କାର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମନୋବଳ ବୃଦ୍ଧି କରିବା ସହିତ କର୍ମକ୍ଷେତ୍ରରେ ଅଧିକ ସକ୍ରିୟ ହେବାକୁ ପ୍ରେରଣା ଯୋଗାଇବ ବୋଲି ଆଶାବ୍ୟକ୍ତ କରିଥିଲେ।

ପ୍ରାରମ୍ଭରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଜ୍ଞାନ ଶିକ୍ଷକ ଉମାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ବିଜୟଲକ୍ଷ୍ମୀ ଦାସ, ସସ୍ମିତା ଶତପଥୀ, ପ୍ରଜ୍ଞା ପ୍ରିୟଦର୍ଶିନୀ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସୁମିତ୍ରା ମଲ୍ଲିକ, ତୃପ୍ତି ଦାସ, ନରେନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ରେଖାଲତା ସାହୁ, ମଧୁସ୍ମିତା ମହାନ୍ତି, ସୁଲୋଚନା ସ୍ୱାଇଁ, ବିଜୟଲକ୍ଷ୍ମୀ ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସତ୍ୟଜିତ ଶତପଥୀ, ସୌଭାଗ୍ୟ ପ୍ରସାଦ ମିଶ୍ର, ଅନ୍ନଦା ପ୍ରସାଦ ରାଉତ, ମାନସ ରଞ୍ଜନ ଗୋଛାୟତ, ଅଭିମନ୍ୟୁ ତରାଇ, ଅନୁପମା ମହାପାତ୍ର, ସୋନାଲି ସୁଚିସ୍ମିତା, ଟୁଟୁ ଦାଶ, ସୁକାନ୍ତି ଦାଶ, ପ୍ରଗତୀ ପ୍ରିୟମ୍ବଦା ଜେନା, ଅଞ୍ଜନା ସାହୁ, ପ୍ରଳୟ ରଞ୍ଜନ ବେହେରା, ମାନସ କୁମାର ବେହେରା, ପ୍ରିୟଙ୍କା କୁମାରୀ ବେହେରା, ମନୋରଞ୍ଜନ ଦାସ, ବୈଜୟନ୍ତୀ ସାହୁ, ଶ୍ରୀଧର ମହାରଣା, ଚନ୍ଦନ ବେହେରା, ଚିନ୍ମୟୀ ସାହୁ, ପ୍ରିୟତମା ସାହୁ, ଅନୀତା ବରାଳ, ବର୍ଷାରାଣୀ ସେଠୀ, ଶେଖ ବାସିମ ଅଖତାର, ଶ୍ରଦ୍ଧାମୟୀ ରାଉତ, ଶାନ୍ତନୁ କୁମାର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବୋଧେଇ ଶିଳ୍ପାଞ୍ଚଳକୁ ରାସ୍ତା ନିର୍ମାଣ ଦାବି

**ମଣିଜଙ୍ଗା, ୫।୯(ସମିସ):** ତିର୍ତ୍ତୋଲ ବ୍ଲକ୍ ବୋଧେଇ ପଞ୍ଚାୟତର ବୋଧେଇଠାରେ ୨୦୧୪ରେ କରତ କଳ ଶିଳ୍ପାଞ୍ଚଳ ପ୍ରତିଷ୍ଠା କରାଯାଇଛି। ଏହି ଶିଳ୍ପାଞ୍ଚଳରେ ୧୪ଟି କରତ କଳ ଚାଲୁଛି। ଏଥିପାଇଁ ଇଡ୍‌କୋ ଜମି ପ୍ରଦାନ କରିଥିଲା। ତେବେ ମନୀଷା ମିଲ୍‌ଠାରୁ ଲକ୍ଷ୍ମୀ ମିଲ୍ ପର୍ଯ୍ୟନ୍ତ ୬ଟି ମିଲ୍‌କୁ ରାସ୍ତା ନ ଥିବାରୁ କରତ କଳ ମାଲିକ ହାତ ବାନ୍ଧି ବସିଛନ୍ତି। କାଠ କାଟିବାକୁ ଆସୁଥିବା ଟ୍ରାକ୍ଟର, ପିକ୍‌ଅପ୍ ଭ୍ୟାନ୍ କାଦୁଅ ରାସ୍ତାରେ ନ ଯାଇପାରି ରାସ୍ତା କଡ଼ରେ ଥିବା କରତ କଳରେ ଚିରଟ କରୁଛନ୍ତି। ତେବେ ୪/୫ଟି କରତ କଳ କାଠ ଚିରଟରୁ ବଞ୍ଚିତ ରହୁଛନ୍ତି। ଏ ସମ୍ପର୍କରେ ବାରମ୍ବାର ଇଡକୋକୁ ଜଣାଇଆସୁଥିଲେ ମଧ୍ୟ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଏଥିପ୍ରତି ଇଡକୋ ତୁରନ୍ତ ଦୃଷ୍ଟି ଦେଇ ରାସ୍ତା କାମ କରିବାକୁ ଜତି ସ' ମିଲ, ଶାରଳା ସ'ମିଲ, ନିତାଇଗୌର ସ'ମିଲ, ଲକ୍ଷ୍ମୀ ସ'ମିଲ ମାଲିକ ଦାବି କରିଥିବା ଶରତ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।



## ମହମ୍ମଦଙ୍କ ଜନ୍ମ ଦିବସ ପାଳିତ



ପାରାଦୀପ, ୫।୯(ସମିସ): ମହାପୁରୁଷ ମହମ୍ମଦଙ୍କ ଜନ୍ମ ଦିବସ ପାରାଦୀପ ପୋର୍ଟ ଇସଲାମିକ ଆସୋସିଏସନ ପକ୍ଷରୁ ପାଳନ କରାଯାଇଛି। ଏ ନେଇ ବିରାଟ ଶୋଭାଯାତ୍ରା ବାହାରି ବନ୍ଦର ସହର ପରିକ୍ରମା କରିଥିଲା। ଶତାଧିକ ମୁସଲମାନ ଭାଇମାନେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ପାରାଦୀପ ବଡ଼ପଡ଼ିଆ ମସଜିଦରୁ ବାହାରି ଲେଙ୍କା ଛକ ମାଉସୀମା ମନ୍ଦିର ଦେଇ ମଧୁବନ ଛକ ରାସ୍ତାରେ ବାହାରି କବରଖାନାରେ ପହଞ୍ଚିଥିଲେ। ସେଠାରେ କବର ଦିଆଯାଇଥିବା ପୂର୍ବପୁରୁଷଙ୍କ ଆତ୍ମାର ସଦଗତି ନିମନ୍ତେ ମୁସଲମାନ ଭାଇମାନେ ପ୍ରାର୍ଥନା କରିଥିଲେ। ପ୍ରାର୍ଥନା ସାରିବା ପରେ ଶିବ ମନ୍ଦିର ଦେଇ ଥାନା ଛକ ଦେଇ ଜାମେ ମସଜିଦ୍‌କୁ ଫେରି ସେଠାରେ ନମାଜ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ମସଜିଦ ସଭାପତି ସେଖ ରମଜାନ, ସମ୍ପାଦକ ସୁଫି ଅହେମଦ, ମସଜିଦର ଇମାମ ମଲାନା ଅବରାର, ସମସି ହାଫିଜ ମୋଜମିଲ, ସିକନ୍ଦର ବକ୍ସ, ସେଖ ଜାଫର, ଅବଦୁଲ ରହିମ ଖାନ, ସିଦ୍ଧିକ ଆଲମ ଓ ଶେଖ ସାଦିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅବଦୁଲ ଆବିଦ ଖାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲା କେମିଷ୍ଟ ଡ୍ରଗିଷ୍ଟ ଆସୋସିଏସନର ବାର୍ଷିକ ସାଧାରଣ ପରିଷଦ ବୈଠକ




**ଜଗତସିଂହପୁର, ୫।୯(ସମିସ):** ଜଗତସିଂହପୁର ଜିଲ୍ଲା କେମିଷ୍ଟ ଡ୍ରଗିଷ୍ଟ ଆସୋସିଏସନର ଚତୁର୍ଥ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶ୍ରୀକାନ୍ତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଉତ୍କଳ କେମିଷ୍ଟ ଡ୍ରଗିଷ୍ଟ ଆସୋସିଏସନ ସଭାପତି ପି. ସତ୍ୟନାରାୟଣ ମୁଖ୍ୟଅତିଥି, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର ଓ ସାଂଗଠନିକ ସମ୍ପାଦକ ଦୀପକ ଆଚାର୍ଯ୍ୟ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସଂଘର ବିଭିନ୍ନ ସମସ୍ୟା ଓ ଏସବୁର ସମାଧାନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମାଧ୍ୟରେ ଭାଗବତ ସାହୁ ସଭାପତି ସିଡିସିଡିଏ, ପ୍ରଫୁଲ ସାହୁ ସଭାପତି କେନ୍ଦ୍ରାପଡ଼ା, ଗୋପୀନାଥ ବାରିକ ସମ୍ପାଦକ କେନ୍ଦ୍ରପଡ଼ା, ପ୍ରଶାନ୍ତ ଜେନା ସମ୍ପାଦକ ଖୋର୍ଦ୍ଧା, ଦୀପକ ମହାନ୍ତି ସମ୍ପାଦକ ପୁରୀ, ଶ୍ୟାମପ୍ରସାଦ ଚନ୍ଦୁକା ସଭାପତି ପୁରୀ, ଅଜୟ ଦାସ ସଭାପତି ଯାଜପୁର, ଅଜୟ ଦାସ ଯାଜପୁର ସମ୍ପାଦକ, ବାଉଳି ବାରିକ ସଭାପତି ଭଦ୍ରକ, ମନରଞ୍ଜନ ବଳ ସାଂଗଠନିକ ସମ୍ପାଦକ କଟକ, ଜଗତସିଂହପୁରର ପ୍ରତିଷ୍ଠାତା ସଦସ୍ୟ ଅଶୋକ ମହାନ୍ତି ଅତିଥି ଭାବେ ଯୋଗାଦେଇ ସଂଘର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଶତପଥୀ ସମ୍ପାଦକୀୟ ବିବରଣୀ ଓ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପାଲ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ।

ଏ ଅବସରରେ ଆଗାମୀ ୩ ବର୍ଷ ପାଇଁ ମୁରଲୀମୋହନ ତ୍ରିପାଠୀ ସଭାପତି ଓ ଶ୍ରୀକାନ୍ତ କୁମାର ସାହୁ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ସଂଘର ବିଗତ ତିନିବର୍ଷ ମଧ୍ୟରେ ଦିବଂଗତ ପରିବାର ସଦସ୍ୟଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ପାଞ୍ଚଜଣ ବରିଷ୍ଠ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ପ୍ରଭାତ ସାହୁ ସ୍ୱାଗତ ଭାଷଣ ଓ ଶେଷରେ ଆଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ। ରଶ୍ମିରଞ୍ଜନ ଜେନା, ବିଶ୍ୱଜିତ ସ୍ୱାଇଁ, ସୌମେନ୍ଦ୍ର ଖୁଣ୍ଟିଆ, ଜ୍ଞାନଦା ପ୍ରସାଦ ମଲ୍ଲ, ବିବେକ ମହାନ୍ତି, ସୂର୍ଯ୍ୟକାନ୍ତ ସାମଲ, ପ୍ରଶାନ୍ତ ପାଲ, ନିରଞ୍ଜନ ମହାନ୍ତି, ମାନସ ସିଂ, ସୁବାସ ସାହାଣୀ, ନବକିଶୋର ବିଶ୍ୱାଳ, ବୀରେନ୍ଦ୍ର ଦାସ, ଶୁଭନାରାୟଣ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ବିଜୟ ରାଉତଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା।

## ବ୍ଲକ୍ ପ୍ରଶାସନ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

**ନାଉଗାଁ, ୫।୯(ସମିସ):** ନାଉଗାଁ ବ୍ଲକ ପ୍ରଶାସନର ମନମୁଖୀ କାର୍ଯ୍ୟ ଓ ପଞ୍ଚାୟତ ପ୍ରତିନିଧିଙ୍କୁ ଅଣଦେଖା କରାଯିବା ସହିତ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାମକୁ ବେଆଇନ ଭାବେ ବନ୍ଦ କରିବା ନେଇ ବ୍ଲକ ଅଧକ୍ଷା ଓ ଉପାଧ୍ୟକ୍ଷଙ୍କ ସମେତ ସରପଞ୍ଚ ସଂଘ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ବ୍ଲକରେ ହେଉଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ବ୍ଲକ ପ୍ରଶାସନ ୧୬ଟି ପଞ୍ଚାୟତର ଜନପ୍ରତିନିଧି ସରପଞ୍ଚ, ସମିତିସଭ୍ୟ. ବ୍ଲକ ଅଧକ୍ଷା ଓ ଉପାଧ୍ୟକ୍ଷଙ୍କୁ ଅଣଦେଖା କରୁଛି। ଏମାନଙ୍କ କୌଣସି କଥାକୁ ବ୍ଲକ ପ୍ରଶାସନ ଶୁଣି ନ ଥିବାବେଳେ ପ୍ରଶାସନ ପକ୍ଷରୁ ଏମାନଙ୍କୁ ଅସମ୍ମାନିତ କରାଯାଉଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପ୍ରଶାସନର ଅସହଯୋଗ କାରଣରୁ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନି। ଫଳରେ ବ୍ଲକର ପ୍ରତି ପଞ୍ଚାୟତରେ ରାସ୍ତାଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ସାଧାରଣ ଲୋକଙ୍କ ପାଇଁ ପାନୀୟଜଳ, ଶିକ୍ଷା ଓ ଚିକିତ୍ସା କ୍ଷେତ୍ରରେ ମଧ୍ୟ ବିକାଶ ହୋଇପାରୁନାହିଁ। ଜିଲ୍ଲାପାଳ ଏହାର ତଦନ୍ତ କରିବା ସହିତ ପଞ୍ଚାୟତ ଜନପ୍ରତିନିଧିଙ୍କୁ ଅଣଦେଖା କରାଯାଇ ନିୟମ ବିରୁଦ୍ଧରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୫-ଏସଏସି, ଜିଆଇଏ ପ୍ରକଳ୍ପ ପାଇଁ ପ୍ରସ୍ତୁତ ହୋଇଥିବା ତାଲିକାକୁ ପୁନର୍ବାର ପଞ୍ଚାୟତ ପ୍ରତିନିଧିଙ୍କ ମତାମତ ଅନୁସାରେ ସଂଶୋଧନ କରାଯିବା, ବ୍ଲକରେ ବନ୍ଦ ହୋଇ ପଡ଼ିରହିଥିବା ଅର୍ଥ ରାଶିକୁ ଯଥାଶୀଘ୍ର କାର୍ଯ୍ୟାଦେଶ ଦିଆଯାଇ କାର୍ଯ୍ୟ ଆରମ୍ଭ କରିବା, ଅନ୍ତୋଦୟ ଗୃହ ଯୋଜନାରେ ପୂର୍ବରୁ କରାଯାଇଥିବା ବ୍ୟତିକ୍ରମ ପାଇଁ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଗୃହ ପ୍ରଦାନ କରାଯିବା ଆଦି ଦାବି କରାଯାଇଛି।



## କଂଗ୍ରେସର ସଂଗଠନ ସୃଜନ ଅଭିଯାନ



**ପାରାଦୀପ, ୫।୯(ସମିସ):** ପାରାଦୀପ ନଗର କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ ଅଭିଯାନ ସ୍ଥାନୀୟ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏଆଇସିସି ପର୍ଯ୍ୟବେକ୍ଷକ ଏମ. ଲିଜୁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ରାଜକିଶୋର ବାରିକ, ଜିଲ୍ଲା କଂଗ୍ରେସ କମିଟି ସଭାପତି ନଟବର ବାରିକ, ପାରାଦୀପ ବିଧାନସଭା କ୍ଷେତ୍ର କଂଗ୍ରେସ ନେତା ନିରଞ୍ଜନ ନାୟକ ଓ ବରିଷ୍ଠ କଂଗ୍ରେସ ନେତା ଧ୍ରୁବଚରଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କଳିଙ୍ଗ ମହିଳା ଶକ୍ତି ସଭାପତି ମନୋରମା ଖଟୁଆ ବୈଠକରେ ଉପସ୍ଥିତ ଥିଲେ। ପାରାଦୀପ ନଗର କଂଗ୍ରେସ କମିଟି ସଭାପତି କେଦାରନାଥ ବିଶ୍ୱାଳ ମଞ୍ଚ ପରିଚାଳନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପାରାଦୀପର ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗଦେଇ ଦଳକୁ ତୃଣମୂଳ ସ୍ତରରୁ ମଜବୁତ୍ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଜାତୀୟ କଂଗ୍ରେସ ଫୋକସରେ ଓଡ଼ିଶା ରହିଥିବାବେଳେ ଆଗାମୀ ଦିନରେ ରାହୁଲ ଗାନ୍ଧୀଙ୍କ ମାର୍ଗଦର୍ଶନରେ ଓଡ଼ିଶାରେ କଂଗ୍ରେସ ଭଲ କରିବ ବୋଲି ମତ ପ୍ରକାଶ ପାଇଥିଲା। ଗରିବୀ ଓ ନାରୀ ସୁରକ୍ଷା ଉପରେ କଂଗ୍ରେସ ଲୋକଙ୍କ ସହିତ ରହିବ। ଜିଲ୍ଲାରୁ ଜଣେ ଦକ୍ଷ ଓ ଭଲ ସଂଗଠକଙ୍କୁ ଜିଲ୍ଲା ସଭାପତି ବାଛିବା ନେଇ ଏଆଇସିସି ପର୍ଯ୍ୟବେକ୍ଷକ ଏମ୍. ଲିଜୁଙ୍କୁ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀ ପ୍ରସ୍ତାବ ଦେଇଥିଲେ। ଜିଲ୍ଲା ସଭାପତି ଚୟନ ନେଇ ଅଖିଳ ଭାରତୀୟ କଂଗ୍ରେସ କମିଟି ଜଗତସିଂହପୁର ଜିଲ୍ଲାର ପ୍ରଭାରୀ ଏମ ଲିଜୁ ଉପସ୍ଥିତ କର୍ମୀଙ୍କ ସହ ଆଲୋଚନା କରିଥିଲେ। ସମସ୍ତେ ଦେଇଥିବା ପ୍ରସ୍ତାବକୁ ସେ ଗ୍ରହଣ କରିବା ସହିତ ଦଳର ଉଚ୍ଚ ନେତୃମଣ୍ଡଳୀଙ୍କୁ ପ୍ରଦାନ କରି ଆଲୋଚନା କରିବେ ବୋଲି ଶ୍ରୀ ଲିଜୁ ସୂଚନା ଦେଇଥିଲେ। ଦଳକୁ ତୃଣମୂଳ ସ୍ତରରୁ ସଶକ୍ତ କରିବା ପାଇଁ ଭାରତ ନ୍ୟାୟ ଯାତ୍ରା ପରେ ଦଳର ଶୀର୍ଷ ନେତୃତ୍ୱ ପ୍ରସ୍ତାବ ଦେଇଥିଲେ। ସେହି ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରାଯାଉଛି ବୋଲି ଏଆଇସିସି ପର୍ଯ୍ୟବେକ୍ଷକ ଗଣମାଧ୍ୟମକୁ କହିଛନ୍ତି। ବୈଠକ ଆରମ୍ଭରୁ ନଗର କଂଗ୍ରେସର କିଛି କର୍ମୀଙ୍କ ମଧ୍ୟରେ କିଛି ସମୟ ହୋହାଲ୍ଲା ହୋଇଥିଲା। କିଛି ପୁରୁଣା କଂଗ୍ରେସ କର୍ମୀଙ୍କୁ ବୈଠକକୁ ଡକାଯାଇ ନ ଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

## ରଘୁନାଥପୁର ବ୍ଲକ୍ କଂଗ୍ରେସର ବୈଠକ

ରଘୁନାଥପୁର, ୫।୯(ସମିସ): ରଘୁନାଥପୁର ବ୍ଲକରେ କଂଗ୍ରେସ ପକ୍ଷରୁ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ସାଂଗଠନିକ ଚୟନ ସମୀକ୍ଷା ପ୍ରକ୍ରିୟା ଆରମ୍ଭ ପରିପ୍ରେକ୍ଷୀରେ ଶୁକ୍ରବାର ରଘୁନାଥପୁର ବ୍ଲକ ତାରପୁର ପୁରୁଣା ବଜାରରେ ଥିବା କବିତା ମଣ୍ଡପରେ ସାଂଗଠନିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଆଇସିସିର ପର୍ଯ୍ୟବେକ୍ଷ ଭାବେ ମୋହନ ଲାଲ ଲିଜୁ ଯୋଗଦେଇ ଏହି ବ୍ଲକର ୧୯ଟି ପଞ୍ଚାୟତର କଂଗ୍ରେସ କର୍ମୀଙ୍କ ସହ ଆଲୋଚନା କରିଥିଲେ। ଏହି ବୈଠକରେ କଂଗ୍ରେସ ଦଳର ବହୁ ସଂଖ୍ୟକ ସଦସ୍ୟ ଯୋଗ ଦେଇଥିଲେ। ଏଥିରେ ପିସିସି ପର୍ଯ୍ୟବେକ୍ଷକ ରାଜକିଶୋର ବାରିକ, କଂଗ୍ରେସ ଜିଲ୍ଲା ସଭାପତି ନଟବର ବାରିକ, ବରିଷ୍ଠ କଂଗ୍ରେସ ନେତା ସର୍ବେଶ୍ୱର ପଣ୍ଡା, ପିସିସି ସଦସ୍ୟ ଦେବପ୍ରସାଦ ନାୟକ, ପିସିସି ସଦସ୍ୟ ରଜନୀ କାନ୍ତ ସାମଲ, କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ମଲ୍ଲିକ, ପୂର୍ବତନ ପିସିସି ସଦସ୍ୟ ମନୋରଞ୍ଜନ ଜେନା, ପୂର୍ବତନ ବ୍ଲକ ସଭାପତି ପ୍ରଶାନ୍ତ ଦାସ, ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ପ୍ରତୀକ ନାୟକ, ବିଷ୍ଣୁଚରଣ ବିଶ୍ୱାଳ, ବିଜୟ ଦାସ, ଅଜିତ ଓଝା ଉପସ୍ଥିତ ଥିବାବେଳେ ଜିଲ୍ଲା ସଭାପତି ଚୟନରେ ଦେବପ୍ରସାଦ ନାୟକ ଆଗରେ ଥିବାବେଳେ ହିମାଂଶୁ ମଲ୍ଲିକ ଦ୍ୱିତୀୟ, ପ୍ରାଚୀ ଚଇନି ତୃତୀୟ ଓ ନଟ ବାରିକ ଚତୁର୍ଥ ସ୍ଥାନରେ ଥିବା କର୍ମୀଙ୍କଠାରୁ ଜାଣିବାକୁ ମିଳିଛି।

## ରାହାମା ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଆରମ୍ଭ

**କୁଜଙ୍ଗ, ୫।୯(ସମିସ):** କୁଜଙ୍ଗ ବ୍ଲକ ତଥା ଜିଲ୍ଲାର ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ରାହାମା ହାଟବଜାରର ଦୁର୍ଗାପୂଜାକୁ ଚଳିତ ବର୍ଷ ୫୦ ବର୍ଷ ପୂରୁଛି। ଏହି ସୁବର୍ଣ୍ଣ ଜୟନ୍ତୀ ପୂଜାକୁ ଶୃଙ୍ଖଳିତ ଓ ଆକର୍ଷଣୀୟ କରିବାକୁ ଏବେଠୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଦୁର୍ଗାପୂଜା କମିଟି ଓ ରାହାମା ବଣିକ ସଂଘ ପକ୍ଷରୁ ମୁଖ୍ୟ ଫାଟକର ଭୂମିପୂଜା ଓ ଅନ୍ୟାନ୍ୟ କାର୍ଯ୍ୟ ଆରମ୍ଭ କରାଯାଇଛି। ବଣିକ ସଂଘ ସଭାପତି ଶିଶିର ଦାସ, ସମ୍ପାଦକ ପ୍ରଶାନ୍ତ ସାହୁ, ଉପସଭାପତି ସରୋଜ ଦାସ, ଚିନ୍ମୟ ଦାସ, ପ୍ରଦ୍ୟୁମ୍ନ ଦାସ, ସହସମ୍ପାଦକ ସରୋଜ ବାରିକ, ସୁରେଶ ସାହୁ, ତାପସ ମଲ୍ଲ, କୋଷାଧ୍ୟକ୍ଷ ବଂଶୀଧର କୁଣ୍ଡୁଙ୍କ ସହ ସମସ୍ତ ସଦସ୍ୟ, ବ୍ୟବସାୟୀ ଓ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଚଳିତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାରର କଣ୍ଠଶିଳ୍ପୀ ଯୋଗଦେବେ। ପ୍ରଶାସନ, ପୁଲିସ, ଶ୍ରଦ୍ଧାଳୁ ଓ ସାଧାରଣ ଜନତାଙ୍କ ସହଯୋଗ କାମନା କରିଛନ୍ତି ବଣିକ ସଂଘ ସଭାପତି ଶିଶିର କୁମାର ଦାସଙ୍କ ସହ ସବୁ ସଦସ୍ୟ।



## ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର

**ବିରିଡ଼ି, ୫।୯(ସମିସ):** ବାରେଡ଼ିଆ ପଞ୍ଚାୟତ ଅନ୍ତର୍ଗତ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିରିଡ଼ି ଉଦ୍ୟାନ କୃଷି କାର୍ଯ୍ୟାଳୟ ପକ୍ଷରୁ ଏକଦିବାସୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବାସନ୍ଦରା ସରପଞ୍ଚ ଲକ୍ଷ୍ମୀପ୍ରିୟା ଜେନା, ସମିତିସଭ୍ୟ ସ୍ନେହାଶିଷ ଜେନାଙ୍କ ସମେତ ବିରିଡି ବ୍ଲକ ଉଦ୍ୟାନ କୃଷି ଭାରପ୍ରାପ୍ତ ଅଧିକାରୀ ମୋନାଲିସା ପତି, ଜିଲ୍ଲା ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଅନୀଲ ସେଠୀ, ସହକାରୀ କୃଷି ଇଞ୍ଜିନିୟର ସାମନ୍ତ ପରିଡ଼ା ପ୍ରମୁଖ ଯୋଗଦେଇ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚାଷୀଙ୍କ ପାଇଁ ଉପଲବ୍ଧ ସମସ୍ତ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ନିମକଣା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦେବାଶିଷ ପଣ୍ଡା ଓ ପ୍ରଦୀପ୍ତ ମାଝୀ ଯୋଗଦେଇ ଉଦ୍ୟାନ କୃଷି ଓ ଆଳୁ ଚାଷର ରୋଗପୋକ ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଭିନ୍ନ ଯୋଜନା ସମ୍ପର୍କରେ କୃଷି ଅଧିକାରୀ ପ୍ରସନ୍ନା ପ୍ରିୟଦର୍ଶିନୀ ଅବଗତ କରାଇଥିଲେ। ବାରେଡ଼ିଆ ଓ ବାସନ୍ଦରାର ଶତାଧିକ ଚାଷୀ ଯୋଗ ଦେଇଥିବାବେଳେ ଉଦ୍ୟାନ କୃଷି କର୍ମଚାରୀ ସୁଶାନ୍ତ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ପ୍ରଧାନଶିକ୍ଷକଙ୍କ ନିଲମ୍ବନ ପ୍ରତ୍ୟାହାର ଦାବିକଲେ ଛାତ୍ରଛାତ୍ରୀ ଓ ଅଭିଭାବକ



**ଜଗତସିଂହପୁର, ୫।୯(ସମିସ)**

କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଜିଲ୍ଲା ଶିକ୍ଷା ଅଧିକାରୀ ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପୁନଙ୍ଗସ୍ଥ ନରେନ୍ଦ୍ରନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନାତନ ଖୁଣ୍ଟିଆଙ୍କୁ ନିଲମ୍ବିତ କରିଛନ୍ତି। ତେବେ ଆଜି ପବିତ୍ର ଗୁରୁଦିବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକ ଜିଲ୍ଲାପାଳଙ୍କୁ ଭେଟି ଏହି ନିଲମ୍ବନ ଆଦେଶ ପ୍ରତ୍ୟାହାର ପାଇଁ ଦାବି ଜଣାଇଛନ୍ତି। ଗତ ସାଧାରଣତନ୍ତ୍ର ଦିବସ ପାଳନ ସମୟରେ ନରେନ୍ଦ୍ର ନାଥ ସରକାରୀ ହାଇସ୍କୁଲରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ସରିବା ପରେ ଆଧୁନିକ ଗୀତ ଲଗାଇ ନାଚିବା ପ୍ରସଙ୍ଗକୁ ନେଇ ପ୍ରଧାନଶିକ୍ଷକଙ୍କୁ ୭ ମାସ ପରେ ନିଲମ୍ବନ କରାଯାଇଥିଲା।

ସୂଚନା ମୁତାବକ, ସାଧାରଣତନ୍ତ୍ର ଦିବସ ଘଟଣା ସମ୍ପର୍କରେ ମାର୍ଚ୍ଚ ୧ ତାରିଖରେ ଖବର ପ୍ରକାଶ ପରେ ସେହିଦିନ ଜିଲ୍ଲା ଶିକ୍ଷାଧିକାରୀ ଉକ୍ତ ବିଦ୍ୟାଳୟକୁ ଘଟଣାର ଅନୁସନ୍ଧାନ ପାଇଁ ଯାଇଥିଲେ। ତଦନ୍ତ ପରେ ଜିଲ୍ଲା ଶିକ୍ଷା ଅଧିକାରୀ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ ପାଇଁ ସୁପାରିଶ କରିଥିଲେ। ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସାଧାରଣତନ୍ତ୍ର ଦିବସ ପାଳନ ପରେ ସେମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରଖିଥିଲେ ଓ ପରେ ଏକ ଆଧୁନିକ ଗୀତରେ ନାଚିଥିଲେ। ଏଠାରେ ଉପସ୍ଥିତ ଥିବା ପ୍ରଧାନଶିକ୍ଷକ ଶ୍ରୀ ଖୁଣ୍ଟିଆ ମାଇକ ଅପରେଟରଙ୍କୁ ଗୀତ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ଆମକୁ ଏଥିରୁ ନିବୃତ୍ତ କରିଥିଲେ। ଏହାସତ୍ତ୍ୱେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଧାନଶିକ୍ଷକଙ୍କୁ ପକ୍ଷ ରଖିବାକୁ ସୁଯୋଗ ନ ଦେଇ ନିଲମ୍ବନ କରିବା ନିମନ୍ତେ ସୁପାରିଶ କରିବା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ କରିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ। ଏହି ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବା ପାଇଁ ସେମାନେ ଦାବି ଜଣାଇଛନ୍ତି।

# ପାଣିକୋଇଲିକୁ ଏନ୍‌ଏସି ମାନ୍ୟତା ଦାବି ଆନ୍ଦୋଳନ ପାଇଁ ବିଜେଡିର ପ୍ରସ୍ତୁତି

**ପାଣିକୋଇଲି, ୫।୯ (ସମିସ):** ପାଣିକୋଇଲିକୁ ପୂର୍ବ ସରକାର ଏନ୍‌ଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ) ଘୋଷଣା କରିଥିଲେ। ସାହାପୁରରୁ ଖରସ୍ରୋତା ନଦୀ ପର୍ଯ୍ୟନ୍ତ ଏହାକୁ କରିବା ପାଇଁ ସ୍ଥିର ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ନୂତନ ସରକାର ଆସିବା ପରେ ଏହାକୁ କାଟଛାଟ କରାଯାଇ ମିଳିତ ବ୍ଲକ ଓ ତହସିଲ ପ୍ରଶାସନ ଯାଞ୍ଚ କରିବା ପରେ ପାଣିକୋଇଲି, ପଥରପଦା ଓ ଗୋଲେଇପୁର ତିନୋଟି ପଞ୍ଚାୟତକୁ ନେଇ ଯଯାତିନଗର ଏନଏସି କରିବାକୁ ଡିପିଆର ପ୍ରସ୍ତୁତ ହୋଇଥିଲା। ଏନଏସି ପାଇଁ ସମସ୍ତ ଭିତ୍ତିଭୂମି ଥିବା ଦର୍ଶାଯାଇଥିଲା। କିନ୍ତୁ ସରକାରଙ୍କ ଘୋଷଣାରେ ପାଣିକୋଇଲି ଏନଏସି ମାନ୍ୟତା ପାଇନଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ବିଜୁ ଜନତା ଦଳ ପକ୍ଷରୁ ଏହାର ପ୍ରତିବାଦ ଓ ଏନଏସି ମାନତ୍ୟ ଦାବିରେ ପ୍ରତିବାଦ ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ମା' ତାରିଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗୋଲେଇପୁର ବିଜେଡି ସଭାପତି ମିର୍ଜା ହବିବୁଲ୍ଲା ବେଗ, ପାଣିକୋଇଲି ସଭାପତି କୃଷ୍ଣଚନ୍ଦ୍ର ବିଶ୍ୱାଳ, ପଥରପଦା ସଭାପତି ସନ୍ତୋଷ କୁମାର ବେହେରା, ପଥରପଦା ସରପଞ୍ଚ ମଧୁସ୍ମିତା ବାରିକ, କାଉକ ମଲ୍ଲିକ, ସନ୍ତୋଷ ସାହୁ, ପଣ୍ଡା, ବିଜୟ ଷଡ଼ଙ୍ଗୀ, ସୁଧାଂଶୁ ଗଡ଼ାଇ, ଦାମୋଦର ସାହୁ, ଭାଗିରଥି ଭୁୟାଁ, ପ୍ରକାଶ ମଲ୍ଲିକ, ଆଲୋକ ବେହେରା, ବିପନ ଧଳ, ଶଶିକାନ୍ତ ସେନାପତି, ଦୀପକ ରାୟ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସରକାର ପାଣିକୋଇଲି ଏନ୍‌ଏସି ଘୋଷଣା ନକରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ନିଷ୍ପତି ନିଆଯାଇଥିଲା। ଶନିବାର ଏନେଇ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯିବାକୁ ସ୍ଥିର ହୋଇଛି।

# ନୂତନ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଯୋଗଦାନ

**ବଡଚଣା, ୫।୯ (ସମିସ):** ଚଣ୍ଡିଖୋଲ ସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ନୂତନ ଆଞ୍ଚଳିକ ପରିବହନ ଅଧିକାରୀ ଭାବରେ ଶିଶିର କୁମାର ସାହୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ ସାହୁ ଆଜି ଚଣ୍ଡିଖୋଲ ସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ପହଞ୍ଚିଲା ପରେ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପୂର୍ବରୁ ଶ୍ରୀ ସାହୁ ଫୁଲବାଣୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ଗାଡ଼ିମାଲିକମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବା, ସଡ଼କ ସୁରକ୍ଷା, ଚଣ୍ଡିଖୋଲ ଟ୍ରାଫିକ ବ୍ୟବସ୍ଥା ସୁଧାର ଆଣିବା, ଦୁର୍ଘଟଣା ହ୍ରାସ ଦିଗରେ ପଦକ୍ଷେପ ନେବା, ଦୁର୍ଘଟଣା ସ୍ଥଳ (ବ୍ଲାକସ୍ପଟ) ଚିହ୍ନଟ କରି ଏହାର ନିରାକରଣ ନିମନ୍ତେ ପଦକ୍ଷେପ ନେବା, ସରକାରଙ୍କ ସମସ୍ତ ଯୋଜନା ଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ପ୍ରାଥମିକତା ଦିଆଯିବ ବୋଲି ସେ କହିଛନ୍ତି। ଆଜି ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଠାରେ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ସଭାପତି ଅଜାମ୍ବର ସାହୁ, ଚଣ୍ଡିଖୋଲ ଘରୋଇ ବସ୍ ମାଲିକ ସଂଘ ସଭାପତି ଅମରେନ୍ଦ୍ର ନାୟକ, ସମ୍ପାଦକ ଦିଲ୍ଲୀପ କୁମାର ଚୌଧୁରୀ, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ପକ୍ଷରୁ ସଭାପତି ପୁଷ୍ପରାଜ୍ ନାୟକ, ସମ୍ପାଦକ କ୍ରିତିରାଜ୍ ସ୍ୱାଇଁ, ଜିଲ୍ଲା କ୍ରସର ସଙ୍ଘ ସଭାପତି ଚନ୍ଦନ କୁମାର ନାୟକ ସମେତ ପ୍ରଭାତ କୁମାର ରାଉତ, ପ୍ରଦିପ୍ତ ବେହେରା ଜିତେନ୍ଦ୍ର ପାଲ, ସନାଉଲ୍ଲା ଅରୁଣ କୁମାର ମହାନ୍ତି ପ୍ରମୁଖ ପହଞ୍ଚି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଶୈଶବ ସୁରକ୍ଷା ଅଭିଯାନ




**ବ୍ରହ୍ମବରଦା, ୫।୯ (ସମିସ):** ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତର ମେୱା କନଫରେନ୍ସ ହଲଠାରେ ମାସୁମ ଗ୍ରୁପ, ଟିକିଏ ହସ ଫାଉଣ୍ଡେସନ ଓ ମେୱାର ମିଳିତ ପ୍ରୟାସରେ ଶୈଶବ ସୁରକ୍ଷା ଅଭିଯାନର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଅଧିକାର କର୍ମୀ ମଣ୍ଟୁଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରସୁଲପୁର ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ହ ଶିକ୍ଷାଧିକାରୀ ଡ. ପ୍ରଭଞ୍ଜନ ପତି, ପୁଲିସ ଅଧିକାରୀ ସୁଶାନ୍ତ କୁମାର ସେଠୀ, ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶୀନ ଦେଓ, ଶ୍ରମିକ ନେତା ପ୍ରଦୀପ ଦାସ, ବ୍ଲକ କ୍ଷେତ୍ର ପରିଦର୍ଶିକା ମୀନାକ୍ଷୀ ଦାସ, ସିଆର୍‌ସିସି ବିଜୟ ଦାସ, ଟିକିଏ ହସ ଫାଉଣ୍ଡେସନର ବିଶ୍ୱଜିତ ମାଝୀ, ବିଜୟ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅଭିଯାନ ଅଗଷ୍ଟ ୩୦ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୩୦ ଯାଏଁ ଚାଲୁ ରହିବ। ଏହି ତିରିଶି ଦିନ ମଧ୍ୟରେ ଜିଲ୍ଲାର ବିଭିନ୍ନ ବ୍ଲକରେ ସଚେତନା କର୍ମଶାଳାମାନ ଆୟୋଜନ କରି କିଶୋରୀ ବାଳିକାଙ୍କୁ ପ୍ରଶିକ୍ଷଣ ଦେବା ତତ୍‌ସହିତ ଜିଲ୍ଲାର ବିଭିନ୍ନ ହୋଟେଲ, ଢାବା ଓ ଶିଳ୍ପ ପ୍ରତିଷ୍ଠାନ ନିଯୁକ୍ତ ଥିବା ଶିଶୁଶ୍ରମିକଙ୍କୁ ଉଦ୍ଧାର ଓ ଥଇଥାନ କରାଯିବାର ଅଭିଯାନ ମୂଳ ଲକ୍ଷ୍ୟ। ଆଜିର କାର୍ଯ୍ୟକ୍ରମରେ ରସୁଲପୁର ବ୍ରହ୍ମବରଦା ସେକ୍ଟର ବ୍ରହ୍ମବରଦା, ମହେଶ୍ୱରପୁର ପଞ୍ଚାୟତର ୧୮ଟି ଅଙ୍ଗନବାଡି କର୍ମୀ, ସଖୀସହେଲୀ, ସଖାବନ୍ଧୁ ସମେତ ଅନେକ ସାମାଜିକ କର୍ମୀ ପ୍ରମୁଖ ଯୋଗଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଜାବେଦ ଖାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜୁଲଫୁଂକାର ଉଦ୍ଦିନ, ଅବଦୁଲ ରସିଦ ଖାନ, ଅକ୍ତର ହୁସେନ ଖାନ, ଅବଦୁଲ ଖଲିଲ ଖାନ, ଅନୱାର ଖାନ, ମୁକ୍ତାର ଖାନ ଓ ଅମୂଲ୍ୟ ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନ କରିଥିଲେ। ମେୱାର ସମ୍ପାଦକ ଅବଦୁସ ସକୁର ଖାନ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ବଢୁଛି ବୈତରଣୀ ଓ କାଣି ନଦୀ

# ମରାମତି ଘାଇରେ ଘଳିଆ



## ବିପଦ ସାଜିଛି ମୁକୁଳା କଣ୍ଟପଡ଼ା ଘାଇ

**ଦଶରଥପୁର, ୫।୯ (ସମିସ)**

ଦଶରଥପୁର ବ୍ଲକ ଦେଇ ପ୍ରବାହିତ ବୈତରଣୀ ଏବଂ ଶାଖା କାଣି ନଦୀରେ ଜଳସ୍ତର ବୃଦ୍ଧି ପାଇବା ସହିତ କାଣି ନଦୀର ବନ୍ଧ ଅନେକ ସ୍ଥାନରେ ଟଳମଳ ସ୍ଥିତିରେ ରହିଥିବା ଯୋଗୁଁ ତଳମୁଣ୍ଡରେ ଥିବା ବ୍ଲକବାସୀ ଆତଙ୍କିତ ଅବସ୍ଥାରେ କାଳାତିପାତ କରୁଛନ୍ତି। ଉପର ମୁଣ୍ଡରେ ଲଗାଣ ବର୍ଷା କାରଣରୁ ଉଭୟ ନଦୀରେ ବନ୍ୟା ସ୍ଥିତି ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ମୁଖ୍ୟତଃ ପୂର୍ବ ବନ୍ୟାରେ କାଣି ନଦୀ ଅବବାହିରେ ଥିବା କସପା ପଞ୍ଚାୟତ ଦରଘା ଠାରେ ହୋଇଥିବା ଘାଇ ମରାମତି ସମ୍ପୂର୍ଣ୍ଣ ହୋଇନଥିବା ବେଳେ ମରାମତି ଚାଲିଥିବା ଘାଇରେ ଘଳିଆ ପଡ଼ି ବନ୍ୟା ଜଳ ତଳ ମୁଣ୍ଡ ଅଞ୍ଚଳରେ ପ୍ରବେଶ କରିବା ଯୋଗୁଁ ଅଞ୍ଚଳର ଜନସାଧାରଣଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି। ଘାଇରେ ଘଳିଆ ସୃଷ୍ଟି ହେବା ସୂଚନା ପାଇ ଜଳସମ୍ପଦ ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳେଇ, ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠଯନ୍ତ୍ରୀ ଅରୁଣ ତ୍ରିପାଠୀ, ବିଡିଓ ଆକାଶ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକଙ୍କ ସମେତ ଯାଜପୁର ବିଧାୟିକା ସୁଜାତା ସାହୁ, ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ଯୁବନେତା ସବ୍ୟସାଚୀ ଦାସ, ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ବାସିନ୍ଦା ଘାଇ ନିକଟରେ ପହଞ୍ଚିଥିଲେ। ନଦୀରେ ବାରମ୍ବାର ବନ୍ୟା ଆସିବା ଏବଂ ଲଗାଣ ବର୍ଷା ଯୋଗୁଁ ମରାମତି ଘାଇରେ ଘଳିଆ ସୃଷ୍ଟି ହୋଇଥିଲେ ମଧ୍ୟ ଜନସାଧାରଣଙ୍କ ବୃହତ୍ତର ସୁରକ୍ଷାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ତରଫରୁ ସମସ୍ତ ସତର୍କତାମୂଳକ ପଦକ୍ଷେପ ନିଆଯାଉଥିବାରୁ କେହି ଭୟଭୀତ ନହେବାକୁ ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ଦଳେଇ ସମବେତ ନଦୀକୂଳିଆଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟପଟେ ବ୍ଲକର ଦୁଦୁରାଅନ୍ତା ପଞ୍ଚାୟତ କଣ୍ଟପଡ଼ା ଘାଇରୁ ପ୍ରବାହିତ ବନ୍ୟା ଜଳ ତଳିଆ ଅଞ୍ଚଳରେ ପ୍ରବେଶ କରିବା ହେତୁ ତଳିଆ ଅଞ୍ଚଳର ପ୍ରମୁଖ ରାସ୍ତା, ଚାଷ ଜମି ଜଳମଗ୍ନ ହୋଇଛି। କଟିକଟା ପଞ୍ଚାୟତ ମାଝୀସାହି ଏବଂ ଜୟନ୍ତରା ପଞ୍ଚାୟତର ମହାପାତ୍ରସାହିରେ ବନ୍ୟା ଜଳ ପଶିବାରୁ ୭୦ରୁ ଅଧିକ ପରିବାର ବାହାର ଜଗତରୁ ବିଛିନ୍ନ ହୋଇପଡ଼ିଛନ୍ତି। କମାରଡିହି ପଞ୍ଚାୟତ କେଲାଙ୍ଗ, ସହିମାଡ଼, ଇଟାପଡ଼ା, କଁୟା ପଞ୍ଚାୟତର କଁୟା, ଧରମପୁର, ଲକ୍ଷ୍ମୀପୁର, ମାଧପୁର, ଗରବନ୍ଧ, ଦରଭା, ଗୁଣ୍ଡୁଣିପଡ଼ା, ମାଧପୁର, ଗହିରାପାଳ ଆଦି ଗ୍ରାମ ଚାରିପଟେ ୫ରୁ ୬ଫୁଟ ଉଚ୍ଚରେ ବନ୍ୟା ଜଳ ଲହଡି ଭାଙ୍ଗୁଥିବାରୁ ଅଞ୍ଚଳବାସୀ ଘରୁ ପଦାକୁ ବାହାରିବାରେ ଘୋର ଦେଖାଦେଇଛି।

## ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ସମାଧାନ ଦାବି

# ସୁରକ୍ଷା ସେନା ପକ୍ଷରୁ ଗଣଧାରଣା



**ରଗଡ଼ି, ୫।୯ (ସମିସ):** କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ପ୍ରତିବାଦରେ ଯାଜପୁର ଜିଲ୍ଲା ସୁରକ୍ଷା ସେନା ସଭାପତି ସୁରେନ୍ଦ୍ର କୁମାର ବରାଳଙ୍କ ନେତୃତ୍ୱ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଆରମ୍ଭ ହୋଇଛି। ଏଥିରେ ବୁଦ୍ଧିଜୀବୀ, ସମାଜସେବୀ ତଥା ସାମ୍ବାଦିକ ସାମିଲ ହୋଇଛନ୍ତି। ରହିଥିବା ୧୦ଦଫା ଦାବି ମଧ୍ୟରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ, ଦୀର୍ଘ ଦିନ ହେବ ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟ କର୍ମଚାରୀ ପଦ ଖାଲି ପଡ଼ିଥିବା ବେଳେ ଆବଶ୍ୟକ ସୁରକ୍ଷା କର୍ମୀ ନାହାଁନ୍ତି। ରୋଗୀଙ୍କ ପାଇଁ ଗୃହ ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର ହୋଇଥିଲେ ମଧ କାର୍ଯ୍ୟରେ ବିଳମ୍ବ ଘଟୁଥିବା, ଏହା ୩୦ ଶଯ୍ୟା ହେବା ନିୟମ ଥିବା ବେଳେ ମାତ୍ର ୧୩ଟି ଶଯ୍ୟା ଥିବା ଓ ଅଲଟ୍ରାସାଉଣ୍ଡ, ଏକ୍ସ-ରେ ଓ ଇସିଜି ମେସିନ ନଥିବା ପ୍ରଭୃତି ଦାବି ଅନ୍ତର୍ଭୁକ୍ତ। ୨୦୨୪ରେ ସଂଗଠନ ପକ୍ଷରୁ ଏହି ସବୁ ଦାବିରେ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଗଣଧାରଣା ଦିଆଯାଇଥିବା ପରେ ଦାବି ଗୁଡିକ ପୁରଣ କରାଯିବା ଉପରେ ତତ୍କାଳୀନ ସିଡିଏମଓ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଇତି ମଧ୍ୟରେ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ କୌଣସି ଦାବି ପୂରଣ ନହେବାରୁ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆମେ ଧାରଣରେ ବସିବାକୁ ବାଧ୍ୟ ହେଲୁ ବୋଲି ଶ୍ରୀ ବରାଳ କହିଛନ୍ତି। ସମାଜସେବୀ ଭୁବନ ମୋହନ ମହାନ୍ତି, ବଜ୍ର ବହୁ, ନିନା ବାବୁ ଓ ଲିପୁ ନାୟକ, ସାମ୍ବାଦିକ ପ୍ରହ୍ଲାଦ ଦେଓ, ପ୍ରମୋଦ ପାତ୍ର ଓ ନିଗମାନନ୍ଦ ନାଥ, ଅଶୋକ ବୋଇତେଇ, ଚନ୍ଦ୍ରମଣି ବେହେରା, ବାସନ୍ତୀ ନାୟକ, ସାଜିଦ ଅନୱାର ଆଲାମ, ମିନତୀ ଜେନା, ରେଜିଆ ସୁଲତାନ, ସହଦେବ ସାହୁ, କ୍ଷୀରୋଦ ରାଉତ, ଆଲୋକ ମୁଦୁଲି, ନିରଞ୍ଜନ ମହାନ୍ତି, ଚୈତନ୍ୟ ମଲ୍ଲିକ, ଅବିନାଶ ସାମଲ, ରମାକାନ୍ତ ବେହେରା, ସନ୍ତୋଷ ମହାନ୍ତି, ତୋଫାନ ଜେନା ଓ ମଧୁସୂଦନ ରାଉତ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

# ଆମ ଗାଁ ବିକାଶ ମଞ୍ଚ ପକ୍ଷରୁ ପ୍ରତିଭା ସମ୍ମାନ



**ସୁକିନ୍ଦା/ହାତୀବାରି, ୫।୯ (ସମିସ):** ହାତୀବାରି ସ୍ଥିତ 'ଆମଗାଁ ବିକାଶ ମଞ୍ଚ'ର ବାର୍ଷିକ ଉତ୍ସବ ଅବସରରେ ଏକ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଂଶୀଧର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ପଞ୍ଚାୟତର ଅନେକ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ ସଂଗଠନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ଶରତ ଚନ୍ଦ୍ର ସ୍ୱାଇଁ, ସମାଜସେବା କ୍ଷେତ୍ରରେ ସୁଦର୍ଶନ ଦୋରା, ସଫଳ କୃଷକ ଭାବେ ଭରତ ଚନ୍ଦ୍ର ରାଉତ ଓ କଳା କ୍ଷେତ୍ରରେ ସଙ୍ଗୀତ ନିର୍ଦ୍ଦେଶକ ପ୍ରଦୀପ କୁମାର ପ୍ରଧାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶେଷଦେବ ନାୟକ, ମୁଖ୍ୟବକ୍ତା ଭାବେ ଡ. କୃଷ୍ଣଚନ୍ଦ୍ର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ କଳାକାର ସ୍ୱାଇଁ ପ୍ରମୁଖ ଯୋଗଦେଇ ସଙ୍ଗଠନର କାର୍ଯ୍ୟଧାରାକୁ ପ୍ରଶଂସା କରିବା ସହ ଏହାଏକ ଐତିହାସିକ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ। ବିକାଶ ମଞ୍ଚର ସଭାପତି ତଥା ଅବସରପ୍ରାପ୍ତ ଯବାନ କୁଳମଣି ଦାସ ମଞ୍ଚର କାର୍ଯ୍ୟଧାରା ଉପରେ ମତବ୍ୟକ୍ତ କରିଥିଲେ। ସମ୍ପାଦକ ତଥା ଅଧ୍ୟାପକ ରଞ୍ଜନ କୁମାର ନାୟକ ମଞ୍ଚର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ମତବ୍ୟକ୍ତ କରିଥିଲେ। କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗଠନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ଷଣ୍ଢ ସହ କାର୍ ଚାଳକ ମୃତ

**ପାଣିକୋଇଲି, ୫।୯ (ସମିସ):** ପାଣିକୋଇଲି ଥାନା ୨୦ ନମ୍ବର ଜାତୀୟ ରାଜପଥର ଟ୍ରାକ୍ଟର ସୋ'ରୁମ ନିକଟରେ ଏକ ଦ୍ରୁତଗାମୀ କାର୍ ଧକ୍କାରେ ଗୋଟିଏ ଷଣ୍ଢର ଘଟଣାସ୍ଥଳରେ ମୃତ୍ୟୁ ହେବା ସହିତ କାର ଚାଳକ ମଧ୍ୟ ମୃତ୍ୟୁବରଣ କରିଛନ୍ତି। ପ୍ରକାଶଯେ ଭଦ୍ରକ ଜିଲ୍ଲା ଭଣ୍ଡାରପୋଖରୀ ଥାନା ଅନ୍ତର୍ଗତ ଡାହାଲା ଗ୍ରାମର ଗୋକୁଳାନନ୍ଦ ମହାନ୍ତିଙ୍କ ପୁଅ ତାପସ ସ୍ଥାନୀୟ କୃପାଜଳ ପେଟ୍ରୋଲ ପମ୍ପରେ ଚାଳକ ଭାବେ ଚାକିରି କରିଛନ୍ତି। ତେବେ ଗତକାଲି ରାତି ପ୍ରାୟ ୧୧ଟା ସମୟରେ ସେ ଏକ କାର୍ (ଓଡି୩୪ଆର୦୦୪୪) ଚଳାଇ ଯାଜପୁର ରୋଡ୍‌ରୁ ପାଣିକୋଇଲି ଅଭିମୁଖେ ଆସୁଥିବା ବେଳେ ଉକ୍ତ ସୋ'ରୁମ ନିକଟରେ ହଠାତ୍ ରାସ୍ତା ଉପରେ ଏକ ଷଣ୍ଢ ମାଡି ଆସିବାରୁ ତାହା ସହ ଧକ୍କା ହୋଇଥିଲା। ଫଳରେ ଷଣ୍ଢଟି ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲାବେଳେ ଗାଡିଟି ତିନି ପଲଟା ହୋଇଥିଲା। ଖବର ପାଇ ପାଣିକୋଇଲି ପୁଲିସ ଉକ୍ତ କାର୍‌ରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ପାଣିକୋଇଲିର ଏକ ଘରୋଇ ଚିକିତ୍ସାଳୟ ଓ ପରେ ଯାଜପୁର ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପାଣିକୋଇଲି ପୁଲିସ ଏକ ମାମଲା ୨୯୨/୨୫ ରୁଜୁ କରି ତାପସଙ୍କ ଶବକୁ ପଞ୍ଚନାମା କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୁଲିସ ଉକ୍ତ କାର୍‌କୁ ଜବତ କରିଛି।

# ଧାନ ଖାଇବାରୁ ଷଣ୍ଢକୁ ଶାବଳ ମାଡ଼



**ରଗଡ଼ି, ୫।୯ (ସମିସ):** କୋରେଇ ଥାନା ଅନ୍ତର୍ଗତ ବନ୍ଦାଲୋ ପଞ୍ଚାୟତରେ ବିଲରେ ଷଣ୍ଢ ଧାନ ଖାଇବାରୁ ବାପ-ପୁଅରାଗରେ ଷଣ୍ଢକୁ ଶାବଳ ଭୁସି ଗୁରୁତର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଆକ୍ରମଣକାରୀ ବାପପୁଅଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଲାଗି ଦୁଲାଖାପାଟଣା ଗ୍ରାମର ପ୍ରଶାନ୍ତ କୁମାର ଦାସ କୋରେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ବନ୍ଦାଲୋ ପଞ୍ଚାୟତ ସୁନ୍ଦରପୁର ଗ୍ରାମର ସନାତନ ଜେନାଙ୍କ ବିଲରୁ ଷଣ୍ଢଟି ଧାନ ଗଛ ଖାଇଦେଇଥିଲା। ଫଳରେ ସନାତନ ଓ ତାଙ୍କ ପୁଅ ବାୟା ଜେନା ଏକ ଧାରୁଆ ମୁନିଆ ଶାବଳ ସାହାଯ୍ୟରେ ଷଣ୍ଢଟି ଶୋଇଥବା ବେଳେ ତାର ବାମପାର୍ଶ୍ୱ ଆଗଗୋଡ ଉପରକୁ ଭୁସି ଦେଇଥିଲେ। ତେଣ୍ଟାଟି ଷଣ୍ଢଟିର ପିଠିରୁ ପେଟଯାଏ ଏପଟସେପଟ ଫୁଟି ରହିଥିଲା। ଫଳରେ ତିନିଦିନ ଧରି ଷଣ୍ଢ ଯନ୍ତ୍ରଣାରେ ଛଟପଟ ହୋଇଥିଲା। ସ୍ଥାନୀୟ ଲୋକେ ତାକୁ ଭ୍ରାମ୍ୟମାଣ ପ୍ରାଣିଚିକିତ୍ସା କେନ୍ଦ୍ରର ଡାକ୍ତରଙ୍କୁ ଡକାଇ ଅସ୍ତ୍ରୋପଚାର କରାଇ ଶାବଳକୁ ବାହାର କରି ଆରୋଗ୍ୟ କରାଇଥିଲେ। ଷଣ୍ଢଟି ପ୍ରତି ଏପରି ଅମାନବୀୟ କାର୍ଯ୍ୟ କରିଥିବା ବାପପୁଅ ସନତନ ଓ ବାୟାଙ୍କ ବିରୁଦ୍ଧରେ ଦୃଢ

## ବାପପୁଅଙ୍କ ନାଁରେ ଥାନାରେ ଅଭିଯୋଗ

# ଶିକ୍ଷା ବିକାଶ ପରିଷଦର ବାର୍ଷିକ ଉତ୍ସବ

**ଦାନଗଦି, ୫।୯ (ସମିସ):** ଶିକ୍ଷା ବିକାଶ ପରିଷଦ ଦାନଗଦୀର ବାର୍ଷିକ ଉତ୍ସବ ସଭାପତି ପ୍ରଭାତ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବକୁ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ରାୟ ଉଦ୍‌ଘାଟନ କରିଥିଲେ। ଏଥିରେ ଦାନଗଦି ବିଡିଓ ପ୍ରଦିପ କୁମାର ସେଠୀ, ଶିକ୍ଷା ବିକାଶ ପରିଷଦର ପ୍ରତିଷ୍ଠାତା ମଦନମୋହନ କର, ସମ୍ପାଦକ ଗଣନାଥ ମହାରଣା, ଉପଦେଷ୍ଟା ଅକ୍ଷୟ କୁମାର ରାଉତ, ଏବିଇଓ ଜୟରାମ ମଲ୍ଲିକ, ମୁଖ୍ୟବକ୍ତା ପ୍ରଫୁଲ୍ଲ କୁମାର ଚକ୍ର, ପ୍ରଧାନ ଶିକ୍ଷକ ବୁଦ୍ଧରାଜ ବିଦ୍ୟାପୀଠ ପ୍ରଫୁଲ୍ଲ କୁମାର ବେହେରା ଯୋଗଦାନ କରିଥିଲେ। ତାରିଣୀ ପ୍ରସାଦ ପୁହାଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରତିକା 'ଜ୍ୟୋତିପ୍ରଭା' ଉନ୍ମୋଚନ କରାଯାଇଥିଲା। ଏହା ସହିତ ୧୯ ଜଣ ଶିକ୍ଷକ, ୧୭ ଜଣ ତୃତୀୟ ଓ ପଞ୍ଚମ ବୃତ୍ତି ତଥା ଦଶମବୋର୍ଡ ବ୍ଲକ ଟପ୍ପର ପାଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାଳୀଚରଣ ମାଝୀ ସମ୍ବର୍ଦ୍ଧନା ସଭା ପରିଚାଳନା କରିଥିଲେ। ଲଳିତ କୁମାର ବେହେରା, ପ୍ରତାପ ରୁଦ୍ର ଓତା, କ୍ଷୀରୋଦ କୁମାର ଜେନା, କବିତା ପାତ୍ର, ରୋଜାଲିନା ବେହେରା, ସମସ୍ତ ସିଆର୍‌ସିସି ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଯୋଗମାୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# 'ସଫଳ ମଣିଷ ହେବା ପାଇଁ ଗୁରୁଙ୍କ ଆଶୀର୍ବାଦ ଲୋଡ଼ା'





**ଯାଜପୁର/ପାଣିକୋଇଲି, ୫।୯ (ସମିସ)**

ପ୍ରତ୍ୟେକ ସଫଳ ମଣିଷ ହେବା ପାଇଁ ଜଣେ ଗୁରୁଙ୍କ ଆଶୀର୍ବାଦ ନିହାତି ଆବଶ୍ୟକ। ଆଧୁନିକ ଯୁଗରେ ମଣିଷ ଯେତେ ବିକାଶ କଲେ ମଧ୍ୟ ଗୁରୁଙ୍କ ସ୍ଥାନ କେହି ନେଇ ପାରିବେ ନାହିଁ। ଆଜି ପବିତ୍ର ଗୁରୁଦିବସ ଅବସରରେ ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଏଭଳି ମତ ଦେଇଛନ୍ତି। ସ୍ଥାନୀୟ ବିରଜା କଲ୍ୟାଣ ମଣ୍ଡପରେ ଆୟୋଜିତ ଯାଜପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ଗୁରୁଦିବସ ପାଳନ ଅବସରରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗ ଦେଇ ପୂର୍ବର ଗୁରୁ ଓ ବର୍ତ୍ତମାନର ଶିକ୍ଷକଙ୍କ ମଧ୍ୟରେ ଥିବା ପରିବର୍ତ୍ତନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସଂଘର ସଭାପତି ବୈକୁଣ୍ଠ ନାଥ ପତି ଯୋଗ ଦେଇ ଗୁରୁଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଯାଜପୁର ନିର୍ବାଚନ ମଣ୍ଡଳୀର ଶତାଧିକ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ପୂଜନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଂଘ ପକ୍ଷରୁ କାର୍ତ୍ତିକ ଚନ୍ଦ୍ର ନାୟକ ଏବଂ କାହ୍ନୁଚରଣ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ପାଣିକୋଇଲି: ଅଶୋକ ଦାସ ପାଉଣ୍ଡେସନ ପକ୍ଷରୁ ଗୁରୁପୂଜନ କାର୍ଯ୍ୟକ୍ରମ ଷଠିପୁର ସ୍ଥିତ ବିକେବି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷକ କର୍ମଚାରୀ ସଂଘ କଳିଙ୍ଗନଗର ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଅଶୋକ ଦାସ ଫାଉଣ୍ଡେସନର ମହା ସଚିବ ଭବପ୍ରସାଦ ଦାସ ଯୋଗଦେଇ ଭାରତୀୟ ସଂସ୍କୃତିରେ ଗୁରୁପୂଜନର ପରମ୍ପରା ଓ ଗୁରୁ ଶିଷ୍ୟର ପବିତ୍ର ସମ୍ପର୍କ ଯାହା ଏକ ସୁସ୍ଥ ସମାଜ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷକ କର୍ମଚାରୀ ସଂଘ କଳିଙ୍ଗନଗରର ସଭାପତି ନିଶିକାନ୍ତ ମହାପାତ୍ର, ସମ୍ପାଦକ ଅଜୟ କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ନୃସିଂହ ଚରଣ ଜେନା, ସଂଯୋଜକ କୈଳାସ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ୧୨୫ଜଣ ଶିକ୍ଷକ ଓ ୨୦ଜଣ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ ସହ ପୂଜନ କରାଯାଇଥିଲା।